REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ | ସଂଖ୍ୟା ୩୮ } ତା ୧୮ ରିଖ ସେପ୍ତେମ୍ବର ସନ ୧୮୭୫ ମସିହା । ମୂ । ଆଶ୍ୱିନ ୪ ଦିନ ସନ ୧୨୮୩ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪ଟ
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୮
ମଫସଲ ଡାକମାସୁଲ ୪୧/୨

ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଜ୍ୟେଷ୍ଠପୁତ୍ର ପ୍ରିନ୍ସ ଅବ ୱେଲ୍ସ ଭାରତବର୍ଷକୁ ଶୁଭାଗମନ କରିବା ବେଳେ ଦେଶୀୟ ରାଜା ଓ ସରଦାରମାନେ ଉପହାର ଆଦାନପ୍ରଦାନ କରିବାକୁ ଇଚ୍ଛା କରାଇବେ ମାତ୍ର ଏଥିରେ ଅଧିକ ବ୍ୟୟ ହେବା ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ନୁହଇବୋଲି ତହିଁ ସମ୍ବନ୍ଧରେ ନିମ୍ନଲିଖିତ ଆଜ୍ଞା ପ୍ରଚାର କରିଅଛନ୍ତି ।

"କଲିକତା ବୋମ୍ବାଇ ଅଥବା ଅନ୍ୟତ୍ର ଯେ ସମସ୍ତ ଦେଶୀୟ ରାଜାମାନେ ରାଜକୁମାରଙ୍କ ସଙ୍ଗରେ ସାକ୍ଷାତ କରିବାନିମିତ୍ତ ନିମନ୍ତ୍ରିତ ହେବେ, ସେମାନଙ୍କର ବ୍ୟୟ ଯଥାସମ୍ଭବ ସଂକ୍ଷେପ ହେବାର ଗବର୍ଣ୍ଣର ଜେନରଲଙ୍କର ବାସନା ଅଟଇ, ଏଣୁ ହେତୁରୁ ସେ ଦରବାର କରିବେ ନାହିଁ । ଦରବାର କଲେ ତହିଁର ରୀତିଅନୁସାରେ ଉପହାର ଦେବା ନେବା କରିବାର ଆବଶ୍ୟକ ହେବ । ଦରବାର ନ ହେଲେ ତହିଁର ଅବଶ୍ୟକ ହେବ ନାହିଁ । ଗବର୍ଣ୍ଣର ଜେନରଲ ବାହାଦୁର ଅନ୍ୟ ଉପାୟରେ ସେମାନଙ୍କ ସାକ୍ଷାତ କରିବାର ପ୍ରତିଶୋଧ କରିବେ । ଏହା ସମ୍ଭବ ଅଟଇ, ଯେଉଁ ସମସ୍ତ ରାଜାଙ୍କ ରାଜ୍ୟରେ କୌଣସି ବିଶେଷ ଶିଳ୍ପଦ୍ରବ୍ୟ ଉତ୍ପନ୍ନ ହୁଏ ସେମାନେ ତହିଁରେ ନମୁନା ରାଜକୁମାରଙ୍କୁ ଭେଟି ଦେବାକୁ ଅବକାଶ ପାଇବେ ଏବଂ ଅନ୍ୟ ରାଜାମାନଙ୍କର ମଧ୍ୟ ସେମାନଙ୍କୁ କୌଣସିପ୍ରକାର ଦ୍ରବ୍ୟ ଉପହାର ଦେବାକୁ ଇଚ୍ଛା ହେବ । ଗବର୍ଣ୍ଣର ଜେନରଲ ବାହାଦୁର ସେପ୍ରକାର ଉପହାର ଦେବା ବିଷୟରେ ସେମାନଙ୍କୁ ବାଧା ଦେବାକୁ ଇଚ୍ଛା କରନ୍ତି ନାହିଁ କିନ୍ତୁ ରାଜକୁମାରଙ୍କ ଏହି ଇଚ୍ଛା ଯେ ତାହାଙ୍କୁ ଯେଉଁ ଦ୍ରବ୍ୟ ଭେଟି ଦିଆଯିବ ତାହା ଯେପରି ଅତ୍ୟନ୍ତ ଅଧିକ ମୂଲ୍ୟର ନ ହୁଏ । ରାଜକୁମାରଙ୍କୁ ଯେଉଁ ଯେଉଁ ବସ୍ତୁ ଉପଢୌକନ ଦିଆଯିବ ସେମାନଙ୍କର ପ୍ରକୃତି ଏବଂ ମୂଲ୍ୟ ବିଷୟ ପୂର୍ବରୁ ପଲିଟିକେଲ ଏଜେଣ୍ଟଙ୍କୁ ଅଥବା ଯେଉଁ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କ ସହିତ ସେ ବ୍ୟବହାର କରନ୍ତି ତାହାଙ୍କୁ ଜଣାଇବେ । କାରଣ, ତାହାହେଲେ ରାଜକୁମାର କେଉଁ ଜିନିଷ ଗ୍ରହଣ କରିବାକୁ ସ୍ୱୀକାର ତାହା ସ୍ଥିର ହେବ ।"

---

ଓଡ଼ିଶାର କମିଶନରଙ୍କ ପ୍ରେରିତ ସନ ୧୮୭୪।୭୫ ମସିହାର ସାଧାରଣ ରିପୋର୍ଟ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ମନ୍ତବ୍ୟ ଗତମାସର କଲିକତା ଗଜେଟରେ ଛପା ହୋଇଅଛି । ଅମ୍ଭେମାନେ ତହିଁରୁ ଅବଗତ ହେଲୁଁ ଯେ ଉକ୍ତ ବର୍ଷଟିକୁ ଓଡ଼ିଶା ବଡ ସୁଖରେ କଟାଇଅଛି । କୌଣସି ରୋଗ ବା ଅନ୍ୟପ୍ରକାର ଦୁର୍ଘଟନା ଘଟି ନାହିଁ । ଶସ୍ୟର ଅବସ୍ଥା ଉତ୍ତମ ଥିଲା ଓ ଅନେକ ଚାଉଳ ରପ୍ତାନି ହୋଇଥିଲେ ସୁଦ୍ଧା ସ୍ଥାନୀୟ ବ୍ୟବହାର ନିମିତ୍ତ ପ୍ରଚୁର ଶସ୍ୟ ମହଜୁଦ ଥିଲା କେବଳ ତୋଫାନ ହେତୁ ବାଲେଶ୍ୱରର ଉତ୍ତରାଂଶରେ କିଞ୍ଚିତ କଷ୍ଟ ହୋଇଥିଲା । ରୋଗ ମଧ୍ୟରେ ଓଲାଉଠା କିଞ୍ଚିତ ପ୍ରବଳ ଥିଲା ସତ୍ୟ ମାତ୍ର ଏଥିରେ କିଛି ଭୟଙ୍କର ଉତ୍ପାତ ହୋଇ ନାହିଁ ଅନ୍ୟ କୌଣସି ସଂକ୍ରାମକ ରୋଗର ପ୍ରାଦୁର୍ଭାବ ନ ଥିଲା । ଏପରି ଅପରାଧର ସଂଖ୍ୟା ଊଣା ଥିଲା ବୋଲିବାର ବାହୁଲ୍ୟ କାରଣ ଓଡ଼ିଆଲୋକେ ଅତି ଶାନ୍ତ ଓ ଧୈର୍ଯ୍ୟବନ୍ତ ଅଟନ୍ତି କେବଳ ପେଟଲାଗି କାହାରିକୁ ଅପରାଧ କରିବାର ଦେଖାଯାଏ । ଯେବେ କୃଷିର ଅବସ୍ଥା ଭଲ ହେଲା ତେବେ ଅପରାଧ ଅବଶ୍ୟ ଊଣା ପଡିବ । କମିଶନର ସାହେବ ସଂକ୍ଷେପରେ ଏକ ବର୍ଷର ଫଳ ଏହିରୂପେ ବର୍ଣ୍ଣନା କରିଅଛନ୍ତି ଯେ କୃଷି ବାଣିଜ୍ୟ ବିଦ୍ୟା ଓ ବୁଦ୍ଧି ସବୁ ବିଷୟରେ ଓଡ଼ିଶା ଏବର୍ଷ ଉନ୍ନତି ଲଭିଅଛି ଓ ଲେଫ୍ଟେନେଣ୍ଟ ଗବର୍ଣ୍ଣର ତହିଁରେ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି ଯେ କମିଶନର ସାହେବ ଯାହା ଲେଖିଅଛନ୍ତି ତାହା ସେ ସ୍ୱୟଂ ଓଡ଼ିଶା ସନ୍ଦର୍ଶନ କାଳରେ ପ୍ରତ୍ୟକ୍ଷ କରିଅଛନ୍ତି । ଏଥି ଉତ୍ତାରୁ କିଏ କହିବ ଯେ ଓଡ଼ିଶାର ଉନ୍ନତି ହୋଇ ନାହିଁ ? ଫଳତଃ ୮ ବିଷୟରେ ଯେବେ କାହାର ମନେ ସନ୍ଦେହ ଜାତ ହୁଏ ତାହାକୁ ଅମ୍ଭେମାନେ ତଳଲିଖିତ ଦେଖାଇ ଦେଉଅଛୁଁ । କୃଷିର ଉନ୍ନତି ପକ୍ଷରେ ଦେଖ ଏବର୍ଷ ଦୁର୍ଭିକ୍ଷ ପଡି ନାହିଁ । ଲୋକେ ଇଚ୍ଛାମତ ଆହାର କରି କେତେ ଚାଉଳ ସ୍ଥାନାନ୍ତରକୁ ରପ୍ତାନି କରିଅଛନ୍ତି । ବାଣିଜ୍ୟର ଉନ୍ନତି ପକ୍ଷରେ ଦେଖ ଯାହାର ବାଟେ ଅନେକ ଦ୍ରବ୍ୟ ଆମଦାନି ଓ ରପ୍ତାନି ହୋଇଅଛି ଓ ବନ୍ଦବାଲିବନ୍ଦରଦ୍ୱାରେ ଅନେକ

Split by PDF Splitter
Digitized by srujanika@gmail.com

ମନୁଷ୍ୟ କଲିକତାରୁ ଯାତାୟାତ କରୁଅଛନ୍ତି । ଏମାନେ କଲିକତାରେ ମଜୁରି କରି ଟଙ୍କା ଅର୍ଜି ଆଣିଥିବେ । ଘରେ ଖାଇବାକୁ ନ ମିଳିଲା କି ହେଲା । ବିଦ୍ୟାର ଉନ୍ନତି ପକ୍ଷରେ ଦେଶ ଗୋଟିଏ କଲେଜ ଓ ଗୋଟିଏ ମେଡିକେଲ ସ୍କୁଲ ସ୍ଥାପିତ ହେବା ମଞ୍ଜୁର ହୋଇଅଛି ଏବଂ ଜଣେ ଦେଶୀୟ ଲୋକ ସ୍କୁଲ ଇନସ୍ପେକ୍ଟରର ପଦରେ ନିଯୁକ୍ତ ହୋଇଅଛନ୍ତି । ବୁଦ୍ଧିର ଉନ୍ନତି ପକ୍ଷରେ କଣ କୋଲିବାର ପ୍ରୟୋଜନ ନ ରହେ ତାହା ସ୍ପଷ୍ଟସିଦ୍ଧ ଅଟଇ ଓ କେହି ଓଡ଼ିଆଙ୍କୁ କମିଶନରି ସିରସ୍ତାଦାରୀ କର୍ମ ଦେଲେ ଭଲ ହେବ ଏଥିପାଇଁ କମିଶନରସାହେବ ବ୍ୟସ୍ତରେ ପଡ଼ିଥିବାରୁ ପ୍ରତ୍ୟକ୍ଷ ହେଉଅଛି ଯେ ଏଣିକି ବହୁତ ଓଡ଼ିଆ ବୁଦ୍ଧିମାନ୍ ହୋଇଅଛନ୍ତି ।

## କଟକନଗରର ଅବସ୍ଥା ।

ନଗରର ସ୍ୱାସ୍ଥ୍ୟ ରକ୍ଷା ସକାଶେ କୌଣସି ଗବର୍ଣ୍ଣମେଣ୍ଟ କର୍ମଚାରୀ ନାସ୍ତବସ୍ତ ଅଛନ୍ତି କି ନାହିଁ ଓ ଯେବେ କେହି ଅଛନ୍ତି ତେବେ ସେ ବର୍ତ୍ତମାନ ସମୟରେ କଣ କରୁଅଛନ୍ତି ତହିଁର କିଛି ପରିଚୟ ଅମ୍ଭେମାନେ ପାଉ ନାହୁଁ । ଏ ବର୍ଷ ଏ ନଗରରେ ଓଲାଉଠାରୋଗର ଉପଦ୍ରବ ଅତ୍ୟନ୍ତ ଅଧିକ ହୋଇଅଛି ଓ ଗତ ଦୁଇ ସପ୍ତାହରୁ ବାଙ୍ଗାବାଦ ଓ ତେଲଙ୍ଗା ବଜାର ଅଞ୍ଚଳରେ ଯେ ପରିମାଣରେ ଲୋକେ ଏ ରୋଗଗ୍ରସ୍ତ ନଷ୍ଟ ହେଉଅଛନ୍ତି ତାହା ଅତ୍ୟନ୍ତ ଶୋଚନୀୟ ଅଟଇ । ଗବର୍ଣ୍ଣମେଣ୍ଟଙ୍କ ଆଦେଶ କ୍ରମେ ମାଜିଷ୍ଟ୍ରେଟ ପୁଲିସଦ୍ୱାରା ମୃତ୍ୟୁର ତାଲିକା ମାନଙ୍କୁ ମାସ ପ୍ରସ୍ତୁତ କରି ଡାକ୍ତରସାହେବଙ୍କୁ ଦେଉଅଛନ୍ତି ଓ ଡାକ୍ତରସାହେବ ତାହା ଗବର୍ଣ୍ଣମେଣ୍ଟଙ୍କୁ ପଠାଉ ଅଛନ୍ତି ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଡାକ୍ତରସାହେବ ଅଥବା ମାଜିଷ୍ଟ୍ରେଟସାହେବ କେହି ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ପ୍ରତି ଯତ୍ନବାନ୍ ହେବାର ଦେଖାଯାଉ ନାହିଁ । ମୃତ୍ୟୁ ତାଲିକା ସଂଗ୍ରହରେ କି ଫଳ ଅମ୍ଭେମାନେ କହି ନ ପାରୁଁ ହାକିମମାନେ କି ମନେ କରୁଅଛନ୍ତି ଯେ ଯମରାଜା ତାହାଙ୍କର ଅଧୀନ ଅଟନ୍ତି ମୃତ୍ୟୁତାଲିକାଦ୍ୱାରା ତାହାଙ୍କର କାର୍ଯ୍ୟର ତତ୍ତ୍ୱାବଧାରଣ ହେଉଅଛି ଓ ମୃତ୍ୟୁସଂଖ୍ୟା ଅଧିକ ଦେଖାଗଲେ ଯମରାଜା ଭୟ ପାଇ ଲୋକ ହନନରୁ କ୍ଷାନ୍ତ ହେବେ ? ଯେବେ ସେରୂପ ହୋଇଥାଏ ତେବେ ଲୋକଙ୍କୁ ସୁଖ ସ୍ୱଚ୍ଛନ୍ଦରେ ରଖିବା ପାଇଁ କାହିଁକି ହାକିମ ଟାଙ୍ଗି ନେଉ ଅଛନ୍ତି ।

ଅମ୍ଭେମାନେ ଏ ସବୁ ଲେଖିବାର ଉଦ୍ଦେଶ୍ୟ ଏହି ଯେ ସମ୍ପ୍ରତି ଏ ନଗରରେ ଓଲାଉଠା ପ୍ରବଳ ହେବାର କାରଣ କମିଶନର ମାଜିଷ୍ଟ୍ରେଟ କିମ୍ବା ଡାକ୍ତରସାହେବ ଅନୁସନ୍ଧାନ କରି ଜାଣାନ୍ତୁ କିପାଇଁ ଏତେ ଲୋକ ଯେ ଅକାଳରେ ମୃତ୍ୟୁ ଗ୍ରାସରେ ପଡ଼ୁଅଛନ୍ତି ତହିଁରେ କି ହାକିମଙ୍କର ମନ କିଛିମାତ୍ର ସନ୍ତାପିତ ହେଉନାହିଁ । ଅମ୍ଭେମାନେ ଅନେକ ବୁଦ୍ଧିମାନ ଲୋକଙ୍କଠାରୁ ଶୁଣିଅଛୁଁ ଓ ଆପଣା ମନକୁ ସୁଦ୍ଧା ହେଉଅଛି ଯେ ନଗରର ନାଳ ସଫାଇ କାର୍ଯ୍ୟ ଏ ବର୍ଷ ସ୍ଥଗିତ ରହିବାରୁ ବର୍ଷା ପାଣି ନଗର ମଧ୍ୟରେ ଜମା ହୋଇ ଏରୂପ ଉତ୍ପାତ ଜାତ କରୁଅଛି ଏବଂ ଯେଉଁ ଅଞ୍ଚଳରେ ନାଳ ପରିଷ୍କାର ନ ହେବାରୁ ସଡ଼କସବୁ କାଦୁଅରେ ପରିପୂର୍ଣ୍ଣ ଓ ଘରସବୁର କାନ୍ଥ ଅଧେଯାଏ ବର୍ଷାପାଣି ଭେଦ ରହିଅଛି ସେହି ଅଞ୍ଚଳରେ ଏ ରୋଗ ଅଧିକ ପ୍ରବଳ ହେବାରୁ ଉକ୍ତ ଅନୁମାନ ଅଧିକତର ପୁଷ୍ଟ ହେଉଅଛି । ଏସବୁ ସଡ଼କରେ ଚାଲିବାକୁ ଘୃଣା ହେଉଅଛି ଓ ନାନାପ୍ରକାର ଦୁର୍ଗନ୍ଧ ବାୟୁକୁ ଦୂଷିତ କରଇଅଛି । ନଗରର ଏପରି ଦୁରବସ୍ଥା କୌଣସି କାଳରେ ଦେଖାଯାଇ ନ ଥିଲା ଏବଂ ଆଶ୍ଚର୍ଯ୍ୟର ବିଷୟ ଯେ ଯେଉଁମାନେ ସେସବୁ ସ୍ଥାନରେ ବାସ କରୁଅଛନ୍ତି ସେମାନେ ଅଦ୍ୟାପି ବଞ୍ଚି ରହିଅଛନ୍ତି । ବର୍ଷାପାଣି ବାହାରି ନ ଯିବା ସଂକ୍ରାମକ ରୋଗର ପ୍ରଧାନ କାରଣ ବୋଲି ବଙ୍ଗଳାରେ ବହୁତ ଥର ପ୍ରତ୍ୟକ୍ଷ ଉଦାହରଣଦ୍ୱାରା ସ୍ଥିର ହୋଇଅଛି ଓ ଡାକ୍ତରମାନେ ଏକମତ ହୋଇ ବ୍ୟକ୍ତ କରି ଅଛନ୍ତି ମାତ୍ର ଓଡ଼ିଶାର ହାକିମମାନଙ୍କର ସେରୂପ ବିଶ୍ୱାସ ଥିବାର ଜଣାଯାଉ ନାହିଁ ଅଥବା ଏମାନେ ଅଷ୍ଟବୃକ୍ଷ ବାଟଗୁଲନ୍ତି ଯେ କିଛି ଏହାଙ୍କର ନଜର ଗୋଚର ହେଉ ନାହିଁ । ହାକିମମାନେ ଅବା କହିବେ ଯେ ଅମ୍ଭମାନଙ୍କର ମତ ଯଥାର୍ଥ ନୁହଇ ଓ ନାଳ ପରିଷ୍କାର କରିବା ନ କରିବା କେବଳ ହାକିମଙ୍କର ଇଚ୍ଛାଧୀନ ତହିଁରେ ନଗରର ପ୍ରକୃତ କିଛି କ୍ଷତି ଲାଭ ନାହିଁ । ଏପରି ହେଲେ ବଡ ଦୁଃଖର ବିଷୟ ଅଟଇ ମାତ୍ର ଯେତେବେଳେ ଓଲାଉଠାର ପ୍ରତାପ ଦିନେ ବୃଦ୍ଧି ହୋଇଅଛି ଓ ଅନେକଙ୍କୁ ଜ୍ୱରବେଗ ସେହିରୂପ ପ୍ରବଳ ହେବ ବୋଲି ଲୋକେ ଶଙ୍କା କରୁଅଛନ୍ତି ଓ ନାଳ ପରିଷ୍କାର ନ ହେବା ତହିଁର କାରଣ ସ୍ୱରୂପ ଭାବୁଅଛନ୍ତି ସେ ସ୍ଥଳେ ଡାକ୍ତରସାହେବ ଓ ମାଜିଷ୍ଟ୍ରେଟଙ୍କର ଉଚିତ ଯେ ଏଥିର ପ୍ରକୃତ କାରଣ ଅନୁସନ୍ଧାନ କରି ଲୋକଙ୍କ ମନକୁ ସୁସ୍ଥିର କରନ୍ତୁ ଓ ଯେବେ ସାଧାରଣ ଅନୁମାନ ପ୍ରକୃତ କାରଣ ବୋଲି ଜଣାଯାଏ ତେବେ ହାଟବାଟର ଅଡ଼ମ୍ବରରୁ କିଛିକାଳ କ୍ଷାନ୍ତ ରହି ନାଳ ପରିଷ୍କାର କାର୍ଯ୍ୟର ଅନୁଷ୍ଠାନ ସକାଳେ କରନ୍ତୁ ।

## କଟକ ମେଡିକେଲ ସ୍କୁଲ ।

ଏ ବିଦ୍ୟାଳୟଟି ପିଟିବାର ଅଉ ବିଳମ୍ବ ନାହିଁ । ଗତସପ୍ତାହର କଲିକତା ଗଜେଟରେ ଏ ବିଦ୍ୟାଳୟ ସ୍ଥାପନ ବିଷୟରେ ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଅଭିମତ ପ୍ରକାଶିତ ହୋଇଅଛି ଓ ଯେଉଁ ନିୟମରେ ବିଦ୍ୟାଳୟର କାର୍ଯ୍ୟ ଚଳିବ ତାହାମଧ୍ୟ ସ୍ଥିର ହୋଇଅଛି । ଅମ୍ଭେମାନେ ଏ ସମସ୍ତ ପାଠକଙ୍କ ଅବଗତ ଦେଲୁଁ ଯେ ଢାକା ଓ ପାଟନାରେ ଯେମନ୍ତ ଦେଶୀୟ ଭାଷାରେ ଏପ୍ରକାର ସ୍କୁଲରେ ଶିକ୍ଷାଦାନ ହେଉଅଛି ଏଠାରେ ମଧ୍ୟ ସେହିପରି ହେବ ଏବଂ ସେସବୁ ବିଦ୍ୟାଳୟରେ ଯେତେଦୂର ଶିକ୍ଷା ଲାଭ କରିବାର ନିୟମ ହୋଇଅଛି ଏଠାରେ ମଧ୍ୟ ସେତେଦୂର ଶିକ୍ଷା ଛାତ୍ରମାନେ ଲାଭ କରିବେ ଓ ସମାନରୂପ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବେ ପ୍ରଭେଦ ଏତିକି ଯେ ଢାକା ଓ ପାଟନା ବିଦ୍ୟାଳୟର ବ୍ୟୟ ବାର୍ଷିକ ଟ ୧୪୦୦୦୦ କା ମାତ୍ର କଟକ ବିଦ୍ୟାଳୟର କାର୍ଯ୍ୟ ବାର୍ଷିକ ଚଉଦହଜାର ଟଙ୍କାରେ ନିର୍ବାହ ହେବାର ସ୍ଥିର ହୋଇ ଅଛି । ଏତେ ଅଳ୍ପ ବ୍ୟୟରେ ଏଠାର କାର୍ଯ୍ୟ ଚଳିବାର ହେତୁ ଏହି ଯେ ଡାକ୍ତର ଷ୍ଟିୱାର୍ଟସାହେବ ବିନା ବେତନରେ ଶିକ୍ଷା ଦେବା ଓ ବିଦ୍ୟାଳୟର ତତ୍ତ୍ୱାବଧାରଣର ଭାର ଗ୍ରହଣ କରି ଅଛନ୍ତି । ଷ୍ଟିୱାର୍ଟସାହେବଙ୍କର ଏ କାର୍ଯ୍ୟଟି ଅତି ପ୍ରଶଂସନୀୟ ଅଟଇ ଓ ଏହାଙ୍କ ଯୋଗେ ଏ ପରମୋପକାରକ ବିଦ୍ୟାଳୟଟି ସ୍ଥାପିତ ହେଲା ବୋଲିବାକୁ ହେବ ସେ ଯେତେବେଳେ ଏତେ ଉଦାରପଣିଆ ଦେଖାଇ ନ ଥାନ୍ତେ ତେବେ ଏମନ୍ତ ଦିଶନ୍ତା ଯେ ଗବର୍ଣ୍ଣମେଣ୍ଟ ଅଧିକ ବ୍ୟୟହେତୁ ଏ ବିଦ୍ୟାଳୟ ସ୍ଥାପନ ପକ୍ଷରେ ମନୋଯୋଗୀ ହୁଅନ୍ତେ ନାହିଁ । ଶ୍ରୀଯୁକ୍ତ ସ୍ୱେନସନସାହେବଙ୍କର ଉଦ୍ୟୋଗ ମଧ୍ୟ ଗଣା ନୁହଇ ସେ ଗବର୍ଣ୍ଣମେଣ୍ଟଙ୍କୁ ସ୍ୱତଃ ଲେଖି ଏଥିର ମଞ୍ଜୁରି ଆଣାଇ ଅଛନ୍ତି । ଡାକ୍ତର ଷ୍ଟିୱାର୍ଟ ଏ ବିଦ୍ୟାଳୟଟି ଆଗାମୀ ଜୁନମାସରେ ଆରମ୍ଭ କରିବାକୁ କଳ୍ପନା କରିଥିଲେ ମାତ୍ର ଗବର୍ଣ୍ଣମେଣ୍ଟ ଏତେ ବିଳମ୍ବ କରିବାର ପ୍ରୟୋଜନ ନ ଦେଖି ବରଂ ଶବପରୀକ୍ଷା ନିମିତ୍ତ ଶୀତ-

Split by PDF Splitter

Digitized by srujanika@gmail.com

ତାହାଙ୍କୁ ବିଶେଷ ଅନୁକୂଳ ଜ୍ଞାନ କରି ଆଗାମୀ ଅକ୍ଟୋବରମାସ ତା ୧୫ ରିଖଠାରୁ ବିଦ୍ୟାଳୟ ଫିଟାଇବାର ଆଜ୍ଞା ଦେଇ ଅଛନ୍ତି ।

ଏ ବିଦ୍ୟାଳୟରେ ପ୍ରବେଶ ଓ ଶିକ୍ଷା ସମ୍ପର୍କରେ ଏହିପରି ନିୟମ ହୋଇଅଛି କି ଯେଉଁମାନେ ପ୍ରବେଶିକା ମାଇନର ଓ ଓଡ଼ିଆ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ସେହିମାନେ ଏ ବିଦ୍ୟାଳୟରେ ଶିକ୍ଷା କରିପାରିବେ ଏବଂ ପ୍ରଥମ ଦୁଇ ଏକବର୍ଷପାଇଁ ସ୍ୱତନ୍ତ୍ର ପରୀକ୍ଷାଦ୍ୱାରା ଉପଯୁକ୍ତ ଛାତ୍ର ଗୃହୀତ ହୋଇପାରିବ । ଗବର୍ଣ୍ଣମେଣ୍ଟ କେବଳ ୨୦ ଜଣ ଛାତ୍ରଙ୍କୁ ବୃତ୍ତି ଦେବେ ଏମାନେ ପ୍ରଥମବର୍ଷ ଟ ୫ ଙ୍କା ଦ୍ୱିତୀୟ ବର୍ଷ ଟ ୬ ଙ୍କା ଓ ତୃତୀୟବର୍ଷ ଟ ୭ ଙ୍କା ଲେଖାଏ ବୃତ୍ତି ପାଇବେ ମାତ୍ର ଭଲଶିକ୍ଷା ନ କଲେ ବୃତ୍ତି ରହିତ ହେବ । ଏଥି ଉପରେ ଆଉ ଯେତେ ଛାତ୍ର ଆସିବେ ତାହାଙ୍କୁ ବିନା ବେତନରେ ଶିକ୍ଷା ଦିଆଯିବ ଓ ଯେବେ ଛାତ୍ରସଂଖ୍ୟା ବିସ୍ତର ହେବ ତେବେ ତାହାଙ୍କଠାରୁ ବିଦ୍ୟାଳୟର ବ୍ୟୟ ନିର୍ବାହାର୍ଥେ କିଛି ବେତନ ଗୃହୀତ ହେବ । ଛାତ୍ରମାନେ ତିନବର୍ଷ ଏ ବିଦ୍ୟାଳୟରେ ଅଧ୍ୟୟନ କଲା ଉତ୍ତାରୁ ଏହାଙ୍କର ଶେଷପରୀକ୍ଷା ହେବ ଯେ ସେ ପରୀକ୍ଷା ଢାକା ଓ ପାଟନା ବିଦ୍ୟାଳୟର ଶେଷପରୀକ୍ଷାରେ ସମତୁଲ ହେବ କାରଣ ଗବର୍ଣ୍ଣମେଣ୍ଟ ଆଶା କରନ୍ତି ଯେ ଏଠା ସ୍କୁଲର ବ୍ୟୟ ଊଣା ହେଲା ବୋଲି ଯେମନ୍ତ ଯୋଗ୍ୟତା ଊଣା ହେବ ନାହିଁ । ଛାତ୍ରମାନଙ୍କୁ ଶିକ୍ଷା ଦେବାର ଭାର ସିଭିଲସର୍ଜନ, ଅସିଷ୍ଟାଣ୍ଟ ସର୍ଜନ, ହାସପାତାଲ ଅସିଷ୍ଟାଣ୍ଟ ଓ ନେଟିଭ ଡାକ୍ତରଙ୍କୁ ଅର୍ପିତ ହୋଇଅଛି ଏମାନେ ପ୍ରତିଦିନ କେହି ଘଣ୍ଟାଏ କେହି ଦୁଇଘଣ୍ଟା ଶିକ୍ଷା ଦେବେ ଓ ଯାହାକୁ ଯାହା ପଢ଼ାଇବାର ହେବ ତାହା ମଧ୍ୟ ଧାର୍ଯ୍ୟ ହୋଇଅଛି । ବହୁତଦିନ ହେଲା କଟକପାଇଁ କେହି ଅସିଷ୍ଟାଣ୍ଟ ସର୍ଜନ ନିଯୁକ୍ତ ହୋଇ ନାହିଁ କିନ୍ତୁ ବର୍ତ୍ତମାନ ଏ ବିଦ୍ୟାଳୟ ହେତୁ ଶୀଘ୍ର ଜଣେ ଅସିଷ୍ଟାଣ୍ଟ ସର୍ଜନ ନିଯୁକ୍ତ ହୋଇ ଆସିବା ନିମନ୍ତେ ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି । ନୂତନ ବିଦ୍ୟାଳୟ ନ ହେଉଣୁ ତହିଁ ସକାଶେ ଗୋଟିଏ ନଗରବାସିଙ୍କର ଆଶୁ ଉପକାର ହେଲା ସୁଖର ବିଷୟ ଅଟଇ ।

ଏହିରୂପେ ବିଦ୍ୟାଳୟର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବାର ସବୁ ବନ୍ଦୋବସ୍ତ ଗବର୍ଣ୍ଣମେଣ୍ଟ କରି ଦେଇଅଛନ୍ତି । କିନ୍ତୁ କେଉଁ ତାରିଖରେ କାର୍ଯ୍ୟାରମ୍ଭ ହେବ ସେ କଥା ଷ୍ଟିୱାର୍ଟ ସାହେବଙ୍କ ହାତରେ ଏଥର ରହିଲା । କେବଳ ଘର ବିଷୟରେ କିଛି ବନ୍ଦୋବସ୍ତ ନ ହେବାର ଦେଖାଯାଏ । ପୂର୍ବେ ଶୁଣାଯାଉଥିଲା ଯେ କଦମରସୁଲ ଫାଣ୍ଡି ଉଠିଯିବା ସ୍ଥାନରେ ଯେଉଁ ଚିକିତ୍ସାଳୟ ହେବ ତହିଁରେ ଏ ବିଦ୍ୟାଳୟର କାର୍ଯ୍ୟ ହେବ ମାତ୍ର ସେ ଘର ନିର୍ମାଣ ହେବାର ଅନେକ ବିଳମ୍ବ ଅଛି କାରଣ ଅବଧି ତହିଁର ଆରମ୍ଭ ସୁଦ୍ଧା ହୋଇ ନାହିଁ । ଏପରି ଏଠା ଚିକିତ୍ସାଳୟରେ ରୋଗୀ ରହିବେ ନାହିଁ ଯେ ଛାତ୍ରମାନେ ହାସପାତାଲ କାର୍ଯ୍ୟ ଶିକ୍ଷା କରିପାରିବେ । ଅତଏବ ବୋଧ ହୁଅଇ ଯେ ଜେନରଲ ହାସପାତାଲରେ ଏ ବିଦ୍ୟାଳୟ ସ୍ଥାପିତ ହେବ ଓ ତାହା ହେଲେ ସବୁକଥାର ସୁଯୋଗ ହେବ ଓ ବୃତ୍ତିଭୋଗୀ ଛାତ୍ରମାନେ ସେଠାରେ ବସା କରି ରହି ପାରିବେ ।

# ସାପ୍ତାହିକ ସଂବାଦ ।

ଚଳିତମାସ ଶେଷଭାଗରେ ଅମ୍ଭମାନଙ୍କ ଜଜସାହେବ ଦୌରାମକଦମା ବିଚାର ସକାଶେ ବାଲେଶ୍ୱରକୁ ଯିବେ ।

ଦୁର୍ଗାପୂଜା ପର୍ବ ନିମିତ୍ତ ଏଠା ଅଦାଲତ କଚେରୀ ଚଳିତମାସ ତା ୨୯ ରିଖଠାରୁ ଅକ୍ଟୋବରମାସ ଶେଷପର୍ଯ୍ୟନ୍ତ ବନ୍ଦ ହେବ ।

ଗତସପ୍ତାହରୁ ଏ ନଗରରେ ଜନରବ ଉଠି ଅଛି ଯେ ଖୋର୍ଦ୍ଧାର ସିରସ୍ତାଦାର ବାବୁ ରାସବିହାରୀ ନାୟକ କମିଶ୍ନର ସିରସ୍ତାଦାର ହୋଇ ଆସୁଅଛନ୍ତି । ଏହାଙ୍କଠାରୁ ଅଧିକ ଉପଯୁକ୍ତ ଓଡ଼ିଆ ଆଉ କେହି ବି ମିଳୁ ନାହାନ୍ତି ।

ଗତସପ୍ତାହରେ ଏ ନଗରରେ କିଛି ଅଧିକ ବର୍ଷା ହୋଇଥିଲା ତହିଁ ମଧ୍ୟରେ ଗୁରୁବାର ଓ ଶୁକ୍ରବାରଦିନ ଯେରୂପ ବୃଷ୍ଟି ଓ ବତାସ ହେଲା ତହିଁରେ ତୋଫାନ ହେବାର ଅନୁମାନ ହୋଇଥିଲା ଓ ଏମନ୍ତ ଶଙ୍କା ହୁଅଇ ଯେ କୌଣସି ଠାରେ ତୋଫାନ ହୋଇଥିବ । ଏବର୍ଷା ପଛେ ପଛେ ଯେବେ ନଦୀବଢ଼ି ନ ହୁଏ ତେବେ ସବୁ କଥା ଭଲ ହେବ ।

ଗୋଟିଏ ବଡ କୌତୁକ ଓ ଘୃଣିତସମ୍ବାଦ ଜଣେ ବନ୍ଧୁଠାରୁ ଶୁଣିଅଛୁଁ । ଜଣେ ସ୍କୁଲମାଷ୍ଟର କି ସେ ଗୃହୀ ବୈଷ୍ଣବ ଅଟଇ ଭଦ୍ରକ ମୁକାମରେ ତାହାଙ୍କରଘର ଅଟେ ଗୋଟାଏ ୧୫ ବର୍ଷ ବୟସର ଧୋବିଣୀଟୋକି ସେନ ପଳାଇ ଆସି ଆପଣା ବସାରେ ଲୁଗାଇରଖି ତାହାର ପୂଜା କରୁଥିଲା । ସେ ପଲ୍ଲୀରେ ୫୦।୬୦ ଜଣ ସ୍ତ୍ରୀ ପୁରୁଷ ଏକତ୍ରରେ ବସିଥିଲେ । ଧରାପଡିବାରେ ମାଷ୍ଟର ହାଜତରେ ଅଛନ୍ତି ଓ ଟୋକିକୁ ତାହା ଗ୍ରାମକୁ ପଠାଯାଇଅଛି । ଶିକ୍ଷକ ହୋଇ ଏପରି ଆଚରଣ କଲେ ତାହାର ଦଣ୍ଡ କେତେ କଠିନ ହେବାର ଉଚିତ ଅମ୍ଭେମାନେ ତାହା ନିରାକରଣ କରି ପାରୁ ନାହୁଁ ।

ଗତସପ୍ତାହର ଉତ୍କଳଦର୍ପଣରେ ଦେଖିଲୁଁ ଜଣେ ପତ୍ରପ୍ରେରକ ଅଦାଲତରେ ଏକ ମକଦମାରେ ବୋଧ ହୁଅଇ ସାକ୍ଷ ଦେବାକୁ ସୁଯୋଗ ନ ପାଇ ତହିଁ ବିଷୟରେ ଯାହା ସତ୍ୟ ଜାଣନ୍ତି ପ୍ରେରିତପତ୍ରଦ୍ୱାରା ସର୍ବସାଧାରଣଙ୍କୁ ଗୋଚର କରାଇ ଅଛନ୍ତି ପୁଣି ଆଶ୍ଚର୍ଯ୍ୟର ବିଷୟ ଯେ ମକଦମା ନିଷ୍ପତ୍ତି ହେବା ପୂର୍ବେ ସମ୍ପାଦକ ତାହା ପତ୍ରସ୍ଥ କରିଅଛନ୍ତି । ଏରୂପପତ୍ରଦ୍ୱାରା ବିଚାର କାର୍ଯ୍ୟର କି ପରିମାଣରେ କ୍ଷତି ଓ ଅନିଷ୍ଟ ହୁଅଇ ପତ୍ରପ୍ରେରକ ଯେବେ ଜାଣି ନ ଥିଲେ ତାହାଙ୍କୁ ଦେଖାଇଦେବାର ଉଚିତ ।

କୋକନଦାର ସଂବାଦପତ୍ରରେ ଲେଖାଅଛି ଯେ ଗୋଦାବରୀନଦୀ ବଢ଼ିସମୟରେ ଗୋଟାଏ ଅତିପ୍ରକାଣ୍ଡ ବାଘ ଓ ଗୋଟାଏ ଗୋଖରସାପ ଭାସି ଆସିଥିଲା । ବାଘଟି ଏକଗ୍ରାମରେ ପଶି ପଶୁ ମନୁଷ୍ୟାଦି ବଧ କରିଅଛି ଅବଧି ମରିପଡି ନାହିଁ ମାତ୍ର ସାପଟିର ପରମାୟୁ ଲୋକେ ଶୀଘ୍ର ଶେଷ କରିଦେଲେ ଏହା ୨୫।୩୦ ଫୁଟ ଲମ୍ବ ଥିଲା । ଏତେବଡ ସାପ ସଚରାଚର ଦେଖାଯାଏ ନା ।

ମହାମାନ୍ୟ ଗବର୍ଣ୍ଣରଜେନରଲ ସାହେବ ଆଗାମିମାସ ତା ୨୪ ରିଖରେ ସିମଲାପର୍ବତରୁ ଯାତ୍ରା କରିବେ ମାତ୍ର କଲିକତାକୁ ନ ଆସି ରାଜପୁତ୍ରଙ୍କୁ ଅପେକ୍ଷା କରି ବମ୍ବେଇଏଲାକାରେ ରହିବେ ।

କଲିକତାରେ ଯେଉଁ ନୂତନ ଯାଦୁଘର ପ୍ରସ୍ତୁତ ହେଉଅଛି ତହିଁରେ ଦଶଲକ୍ଷ ଟଙ୍କା ବ୍ୟୟ ହୋଇଗଲାଣି ଅବଧି ଶେଷ ହୋଇ ନାହିଁ । ସର୍ବସୁଦ୍ଧା ପ୍ରାୟ ୧୫।୧୬ ଲକ୍ଷ ଟଙ୍କା ଲାଗିବ ।

ଏବର୍ଷର ନୀଳ ପୋଲ୍ତାନକାର୍ଯ୍ୟ ଏକପ୍ରକାର ଶେଷ ହେବାର କୁହାଯାଇପାରେ । ଅନୁମାନ ହୁଅଇ ବଙ୍ଗଲାରେ ସର୍ବସୁଦ୍ଧା ଏକଲକ୍ଷ ଚୌଡଏହଜାର ମହଣ ପୋଲ୍ତାନ ହେବାର ସମ୍ଭାବନା ଅଛି ।

ଗବର୍ଣ୍ଣମେଣ୍ଟଇଣ୍ଡିଆ ସାତଟା ଶିକ୍ଷିତହସ୍ତୀ ମିଶ୍ରଦେଶରେ ଖେଦିବଙ୍କ ନିକଟକୁ ଉପଢୌକନସ୍ୱରୂପ ପଠାଉଅଛନ୍ତି । ଏହାଙ୍କ ପଠାଇବାର

Split by PDF Splitter
Digitized by srujanika@gmail.com

ତାହାଙ୍କ ଦରମା ଟ ୩୫୦୦୦ ଙ୍କା ସ୍ଥିର ହୋଇଅଛି । ଏପରି କେତେଜଣ ମାହୁତ ଓ କୁଲିବାଲଙ୍କ ସଙ୍ଗରେ ଯିବାର ବ୍ୟୟ ଗବର୍ଣ୍ଣମେଣ୍ଟ ଦେବେ ।

କଲିକତାରେ ଗୋଟିଏ ଶିଳ୍ପବିଦ୍ୟାଳୟ ସ୍ଥାପନ କରିବାକାରଣ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଏ ବିଦ୍ୟାଳୟର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ।

କଲିକତା ସଙ୍ଗୀତବିଦ୍ୟାଳୟର ଗୋଟିଏ ଶାଖାବିଦ୍ୟାଳୟ ଭବାନୀପୁରରେ ସ୍ଥାପିତ ହୋଇଅଛି । ସଙ୍ଗୀତବିଦ୍ୟାର ଉନ୍ନତି ବଙ୍ଗଳାରେ ଦେଖି ଆମ୍ଭେମାନେ ବଡ ଆନନ୍ଦିତ ହେଉଅଛୁଁ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ବାବୁ ବ୍ରଜେନ୍ଦ୍ରନାଥ ଦତ୍ତ ସିବିଲସରବିସର ଶେଷପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବଙ୍ଗପ୍ରଦେଶ ସକାଶେ ନିଯୁକ୍ତ ହୋଇଅଛନ୍ତି । ଶୀଘ୍ର ବିଲାତରୁ ଏଦେଶକୁ ଆଗମନ କରିବେ ।

ଉକ୍ତ ପତ୍ରରୁ ଜଣାଯାଏ ଯେ [illegible] ଯମୁନାନଦୀ ଉପରେ ପ୍ରସ୍ତୁତ ହୋଇଥିବା ପୁଲ ଭାଙ୍ଗି ପଡିଅଛି । ସେ ସମୟରେ ତହିଁ ଉପରେଦେଇ ଗୋଟିଏ ମାଲ ବୋଝାଇ ରେଲଗାଡି ଯାଉଥିଲା । ତହିଁ ସଙ୍ଗେ ଥିବା କୁଲିମାନଙ୍କ ମଧ୍ୟରୁ କେତେଜଣ ପାଣିକୁ ଖସିପଡି ସ୍ରୋତରେ ଭାସିଗଲେ । ଦୁଇଜଣ ମରିପଡିବାର ସମ୍ବାଦ ଆସିଅଛି ।

ଡାକ୍ତର ମହେନ୍ଦ୍ରଲାଲ ସରକାରଙ୍କ ବିଜ୍ଞାନ ସଙ୍କଳ୍ପିତ [illegible] ୫୦୦୦ ଙ୍କା ଦାନ କରିଅଛନ୍ତି । ମୁସଲମାନମାନେ ଏପ୍ରକାର ସତ୍କାର୍ଯ୍ୟରେ ଉତ୍ସାହ ଦେବାକୁ ପ୍ରବୃତ୍ତ ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହେଲୁଁ ।

ଛୋଟଅଦାଲତରେ ପ୍ରଚଳିତଥିବା ଆଇନକୁ ଦେଖି ଯେଉଁ ଅଂଶରେ ଦୋଷକୁ [illegible] ହେବାର ଆବଶ୍ୟକ ତହିଁର ପ୍ରସ୍ତାବ କରିବା ନିମିତ୍ତ ବଙ୍ଗାଳ ଗବର୍ଣ୍ଣମେଣ୍ଟ କଲିକତା ଛୋଟଅଦାଲତର ଜଜ [illegible] ଙ୍କୁ ଭାର ଦେଇଅଛନ୍ତି । ଯୋଗ୍ୟ ସାହେବ ଏପ୍ରକାର କାର୍ଯ୍ୟ ସକାଶେ ଅତି ଯୋଗ୍ୟ ଅଟନ୍ତି ।

[illegible]ରେ ମାଲେରିଆଜ୍ୱରର ଦୌରାତ୍ମ୍ୟ ବିଶେଷ ହୋଇଥିବାରୁ [illegible] ଯେ ଗବର୍ଣ୍ଣମେଣ୍ଟ ଏହାଙ୍କୁ ଶୀଘ୍ର ସ୍ଥାନାନ୍ତର କରିବାର ଉପାୟ କରନ୍ତୁ । ପୂର୍ବେ ଗୋଟିଏ ମାଜିଷ୍ଟ୍ରେଟକୁ [illegible] କରିବାପାଇଁ ଗବର୍ଣ୍ଣମେଣ୍ଟ [illegible] ଆଦେଶ ଦେଇଥିଲେ

[illegible] ତାହା ନ ହେବାରୁ ମାନ୍ଦ୍ରାଜଙ୍କର ବଂଶ ରକ୍ଷା ହୋଇଅଛି । ହିନ୍ଦୁମାନେ ଧର୍ମଭୟରୁ ମାରିପାରନ୍ତି ନାହିଁ ବୋଲି ଏହାଙ୍କର ଅଲ୍ପଦିନର ବୃଦ୍ଧିଅତେ ବଢିଅଛି ।

ଯୁବରାଜଙ୍କର ଶୁଭାଗମନ ସମୟରେ କଲିକତାରେ ଯେଉଁ ରୋଷନାଇ ହେବ ତହିଁର ପରୀକ୍ଷା ଏବେଠାରୁ ଆରମ୍ଭ ହେଲାଣି । ଯୋଡାବାଗାନରେ ଜଣେ ଧନାଢ୍ୟ ମହାଜନ ବାଦ୍ୟ ଯନ୍ତ୍ର ଅନେକ ଦେଖାଇଥିଲେ ତାହା ଏମନ୍ତ ପ୍ରଖର ଥିଲା ଯେ ଅର୍ଦ୍ଧମାଇଲ ବାଟ ଦୂରରେ ଅକ୍ଷର ପଢା ଯାଉଥିଲା ।

ଫିଲେଡେଲଫିଆର ପ୍ରଦର୍ଶନରେ ୨୦୦୦୦ ପ୍ରକାର ନବ ପ୍ରଦର୍ଶିତ ହୋଇଥିଲା । ଏତେପ୍ରକାର ନବ ସୃଷ୍ଟି ଦେଖି ହିନ୍ଦୁପେଟ୍ରିଅଟ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏଥିରୁ ତେଲଙ୍ଗଙ୍ଗାଷ ବୋଲନ୍ତି କି ଏତାପ୍ରକାର ଦ୍ରବ୍ୟର ଉନ୍ନତି ହେଲେ ତହିଁରୁ ଅଧିକ ହୋଇ ପାରେ ।

ସିନ୍ଧିଆ ମହାରାଜାଙ୍କର ବାର୍ଷିକ ଆୟ ଏକ କୋଟି ଟଙ୍କା ଅଟଇ ଏବଂ ହୋଲକାର ନେପାଳ ଓ ରେଓ ପ୍ରତ୍ୟେକ ରାଜ୍ୟର ଆୟ ଅର୍ଦ୍ଧକୋଟି ଟଙ୍କା ଲେଖାଏଁ ହେବାର ଜଣାଯାଏ ।

କମ୍ପେଲ ପ୍ରଦେଶରେ କୌଣସି ଧାତୁର ଖଣି ନାହିଁ ବୋଲି ଲୋକଙ୍କର ବିଶ୍ୱାସ ଥିଲା ଓ ସମସ୍ତେ ଜାଣୁଥିଲେ ଯେ କେବଳ ଅଟ୍ଟାଳିକା ନିର୍ମାଣୋପଯୋଗୀ ପଥର ଭିନ୍ନ ଅନ୍ୟ କିଛି ସେଠାରେ ମିଳଇ ନାହିଁ । ସମ୍ପ୍ରତି ସେଠାରେ ଲୁହାର ଖଣି ଗୋଟିଏ ମିଳିଅଛି ଓ ଗବର୍ଣ୍ଣମେଣ୍ଟ ପରୀକ୍ଷା କରିଅଛନ୍ତି ଯେ ଏ ଖଣିରୁ ଯେଉଁ ଧାତୁମୟ ପଥର ବାହାରି ଅଛି ତହିଁରେ ଅଧିକ ପରିମାଣରେ ଲୁହା ଅଛି । ପରନ୍ତୁ ଧାରୱାର କଲେକ୍ଟରୀ ଇଲାକାରେ ଏକ ପ୍ରକାର ଧାତୁମୟ ପଥର ବାହାରି ଅଛି ଯେ ତହିଁରୁ ସୁନା ମିଳିବାର ସମ୍ପୂର୍ଣ୍ଣ ସମ୍ଭାବନା ଦେଖାଯାଏ କ୍ଷୁଦ୍ର ସୁବର୍ଣ୍ଣରେଣୁ ତହିଁରେ ଏତେ ଅଛି ଯେ ପରିଶ୍ରମକରି ତାହା ବାହାର କଲେ ଲାଭକର କାର୍ଯ୍ୟ ହେବ ।

ମାନ୍ଦ୍ରାଜଏଲକାରେ ଏକ ବ୍ୟକ୍ତି ନମ୍ବର ପରସ୍ତାବ ରଖିବାର କାନ୍ଦମର ବହିର୍ଭୂତ କାର୍ଯ୍ୟ କରିଥିବାରୁ ମୋଫସଲର ମାଜିଷ୍ଟ୍ରେଟ ତାହାକୁ ଏକବର୍ଷ କାରାବାସର ଦଣ୍ଡ ଦେଇଥିଲେ । ଏଥିରେ ହାଇକୋର୍ଟ କହିଅଛନ୍ତି ଯେ ଏପରି ଅପରାଧ ପାଇଁ କାରାବାସ ଦଣ୍ଡ ଅବିଧେୟ ଅଟଇ କେବଳ ପୁନଃପୁନଃ ଅପରାଧ କଲା ସ୍ଥଳେ ତାହା ଦିଆଯାଇ ପାରେ ।

### NOTICE.

Wanted a Head Master for the M. C. English School at Jajpur. Salary Rs. 45. at present. None need apply who has not passed the University Entrance Examination. Applications will be received up to 25th, Inst.

The 12th Sept. 1875. } NANDA KISHORE DASS, *Joint Inspector of Schools Orissa Circle.*

### SALE NOTICE TO THE HIGHEST BIDDER.

In consequence of the late Police case I am breaking up Housekeeping and amongst other things for sale is a light strong Poney carriage with hood, equal to new, with Harness complete, also a powerful fast Poney goes well in the above, and a Lady's side saddle and Bridle.

Apply after 6 P. M.
to Mr. PONTING.

*Recently Published,*

AN ORIYA AND ENGLISH DICTIONARY,
designed for the use of European and Native Students and Schools,

BY WILLIAM BROOKS.

PRICE,—Bound in cloth ... Rs. 2 8 0
Extra for Postage, per copy 0 4 0

Applications to be sent, with payment, to *The Superintendent of the Orissa Mission Press, Cuttack.*

ଦେଶୀୟ ଓ ବିଦେଶୀୟ [illegible] ଓଡ଼ିଆ ଓ ଇଂରାଜୀରେ ଗୋଟିଏ ଅଭିଧାନ ସମ୍ପ୍ରତି ମୁଦ୍ରିତ ହୋଇଅଛି ।

ମୂଲ୍ୟ-ଲୁଗାପିଲ୍‌ହବନ୍ଧ ସହିତ ଟ ୨ ୮ ୦
ମୋଫସଲପାଇଁ ଡାକମାସୁଲ ୪୦ ।

ଓଡ଼ିଶାମିସନପ୍ରେସରେ ତତ୍ତ୍ୱକଲେ ପ୍ରାପ୍ତ ହେବ ।

ଆମ୍ଭେ କୁଲରିଚ ଏବଲିଙ୍ଗ କମ୍ପାନିର । ସା । କଲିକତା ଓ ଲଣ୍ଡନର ସଉଦାଗର ଅଟୁ ଜନସାଧାରଣଙ୍କୁ ଜଣାଉଅଛୁଁ ଯେ । ସା । [illegible] ନବାବ [illegible] ଯେଉଁ ଖମଦାପରଂ ଅର୍ଥାତ୍ [illegible] ମୋକ୍ତାରନାମା ଦେଇଥିଲୁଁ ତାହା ସନ [illegible] ମାହ ତା ୧୫ ଦିନରେ ତାଙ୍କଠାରୁ [illegible] ନେଇଅଛୁଁ ।

କୁଲରିଚ ଏବଲିଙ୍ଗ କମ୍ପାନି

[illegible] ଏହି ଉତ୍କଳଦୀପିକା ସହରକଟକ ବାଲୁବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୩ } ତା ୨୮ ରିଖ ସେପ୍ଟେମ୍ବର ସନ ୧୮୭୮ ମସିହା । ମୂ । ଆଶ୍ୱିନ ଦୀ ୧୧ ନ ସନ ୧୨୮୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
୩୯ ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩
ମଫସଲ ପାଇଁ ଡାକମାସୁଲ ୨।୵

ମୋଫସଲ ଅଦାଲତମାନଙ୍କରେ ଓକିଲ ମୋକ୍ତାର ହେବାପାଇଁ ଯେଉଁମାନେ ପରୀକ୍ଷା ଦେବାକୁ ଇଚ୍ଛା କରନ୍ତି ଆଗାମୀ ଜାନୁଆରୀ ମାସର ତା ୨୧ ଓ ୨୨ ରିଖରେ ସେମାନଙ୍କର ପରୀକ୍ଷା ଗୃହୀତ ହେବ ଏରୂପ ବିଜ୍ଞାପନ ପ୍ରଚାରିତ ହୋଇଅଛି ।

---

ରାଜକୁମାରଙ୍କ ଆଗମନ ଉପଲକ୍ଷରେ ନାକାପ୍ତାର ଉତ୍ସବମାନ ହେବାର ବନ୍ଦୋବସ୍ତ ହୁଅନ୍ତେ ଲାଗିଅଛି ଓ ତାହାଙ୍କ ଅଭ୍ୟର୍ଥନା ନିମନ୍ତେ ବସ୍ତ୍ରର ୨ଲକ୍ଷ ଟଙ୍କା ଭେଟ ସ୍ୱରୂପ ସଂଗୃହୀତ ହେଉଅଛି ଏବଂ ଏ ଶୁଭଘଟଣାକୁ ଚିରସ୍ମରଣୀୟ କରିବା ନିମନ୍ତେ ଜେନେରାଲ ହସ୍ପିଟାଲରେ ଗୋଟିଏ ମହତ୍ କାର୍ଯ୍ୟର ଅନୁଷ୍ଠାନ ହେବାର ଦେଖାଯାଏ ସେଠା ଲୋକମାନେ ଏକ ସଭା କରି ସ୍ଥିର କରିଅଛନ୍ତି ଯେ ରାଜକୁମାରଙ୍କ ଆଗମନ ସ୍ମରଣାର୍ଥ ଗୋଟିଏ ଚିକିତ୍ସାଳୟ ପ୍ରତିଷ୍ଠିତ ହେବ । ଏଥିର ନିର୍ମାଣ ନିମିତ୍ତ ଅବଧି ୨୫୦୦୦୦ ଟଙ୍କା ଚେନ୍ଦା ହୋଇଅଛି ଓ ଏହି ମଧ୍ୟରେ ଏକା ଦାଗୀର ମହାରାଜା ୨୧୫୦୦୦ ଟଙ୍କା ସ୍ୱାକ୍ଷର କରି ଅଛନ୍ତି ।

---

ରେଭେନ୍ୟୁ ଏକାଉଣ୍ଟାର କର୍ମଚାରୀମାନେ ଲାଗ୍ୟକ୍ତ ଏ ବର୍ଷ ଦୁର୍ଗୋତ୍ସବ ପର୍ବ ଉପଲକ୍ଷରେ କେତେକ ଅଧିକା ଛୁଟୀ ପାଇ ଅଛନ୍ତି ସୁଖର ବିଷୟ ଅଟଇ । ବଙ୍ଗାଳ ବାଙ୍କ ବିଜ୍ଞାପନ ଦେଇଅଛନ୍ତି ଯେ କଲିକତାସ୍ଥ ଟଙ୍କଶାଳାମାନ ଅକ୍ଟୋବର ମାସ ତା ୪ ରିଖ ସୋମବାରଠାରୁ ତା ୧୨ ରିଖ ଶନିବାରପର୍ଯ୍ୟନ୍ତ ଉକ୍ତପର୍ବ ଉପଲକ୍ଷରେ ବନ୍ଦ ରହିବ ଓ ଉକ୍ତ ତାରିଖ ଦ୍ୱୟର ଦୁଇପାଖରେ ଗୋଟିଏ ଗୋଟିଏ ରବିବାର ପଡିବାରୁ ସର୍ବ-ସୁଦ୍ଧା ଦ ୧୨ ନ ଛୁଟୀ ହୋଇଅଛି ଅଥଚ ଗବ-ର୍ଣ୍ଣମେଣ୍ଟ କେବଳ ଏକଦିନ ଅଧିକା ଦେଇ ଅଛନ୍ତି ।

---

ଆମ୍ଭେମାନେ ଶୁଣିଅଛୁଁ ଯେ କଟକ ମେଡି-କଲ୍ ସ୍କୁଲ ଆଗାମୀ ଅକ୍ଟୋବର ମାସ ତା ୧୫ ରିଖ ରୁ ଫିଟାଇବା ସକାଶେ ଯାହା ଗବର୍ଣ୍ଣମେଣ୍ଟ ଅଜ୍ଞା ଦେଇ ଅଛନ୍ତି ତାହା ହୋଇ ପାରିବ ନାହିଁ । ଡାକ୍ତର ଷ୍ଟିଓ୍ୱାର୍ଟସାହେବ ଏଥିମଧ୍ୟରେ ବନ୍ଦୋବସ୍ତ କରି ପାରିବେ ନାହିଁ ଓ ଜୁନମାସରୁ ସ୍କୁଲ ଫିଟାଇବାର ଯାହା ସେ ପୂର୍ବରୁ ପ୍ରସ୍ତାବ କରିଅଛନ୍ତି ତହିଁ ପୂର୍ବରୁ ସ୍କୁଲ ବସିବାର ସୁଯୋଗ ହେବ ନାହିଁ । ଆମ୍ଭେମାନେ ବୋଧକରୁଁ ଯେ ଡାକ୍ତରସାହେବଙ୍କ ପ୍ରସ୍ତାବ ଅଯୌକ୍ତିକ ନୁହଇ ପୁଣି ଯେରୂପ ପ୍ରସ୍ତାରେ କାର୍ଯ୍ୟ ଚଲାଇବାକୁ ସ୍ଥାନୀୟ କର୍ମଚାରୀମାନେ ଦାବିଗ କରିଅଛନ୍ତି ତହିଁରେ ବିଳମ୍ବ ହେବାର ଅବଶ୍ୟ ସମ୍ଭାବନା ଅଟଇ । ଯାହା ହେଉ ଆମ୍ଭେମାନେ ଭରସା କରୁଁ ଯେ ଗବର୍ଣ୍ଣମେଣ୍ଟ ଅସିଷ୍ଟାଣ୍ଟ ସର୍ଜନ ଶୀଘ୍ର ପଠାଇବାରେ ବିଳମ୍ବ କରିବେ ନାହିଁ ।

---

ଚଟ୍ଟଗ୍ରାମବନ୍ଦରଠାରେ ଜାହାଜସବୁ ନଙ୍ଗର କରି ରହିବା ଏବଂ ଉକ୍ତ ବନ୍ଦରକୁ ଯେ ସବୁ ଜାହାଜ ଆସିବ ସେ ସବୁ ଉପରେ ପୋର୍ଟଡିଉ ଅର୍ଥାତ୍ ବନ୍ଦରର ରସୁମ ଆଦାୟ କରିବା ବିଷ-ୟରେ ବଙ୍ଗାଳ ଗବର୍ଣ୍ଣମେଣ୍ଟ ନୂତନ ନିୟମମାନ ସ୍ଥିରକରି କଲିକତା ଗେଜେଟରେ ପ୍ରକାଶ କରି-ଅଛନ୍ତି ତହିଁରେ ଦେଖାଯାଏ ଯେ ଜାହାଜ-ମାନ ବନ୍ଦରର ତତ୍ତ୍ୱାବଧାରକଙ୍କ ଆଜ୍ଞାନୁସାରେ ନଙ୍ଗର କରି ରହିବ ଓ ଯାହାକୁ ଯେଉଁ ସ୍ଥା-ନରେ ରହିବାର ସେ ଆଜ୍ଞା ଦେବେ ସେହି-ସ୍ଥାନରେ କେବଳ ସେ ଜାହାଜ ରହି ପାରିବ ଓ ତାହାଙ୍କ ଆଜ୍ଞାବିନେ ସ୍ଥାନାନ୍ତର ମଧ୍ୟ ହୋଇ ପାରିବ । ଉକ୍ତକାଳରେ ସବୁ ଜାହାଜର ମାସୁ-ଲରେ ଗୋଟିଏ ଲେଖାଏଁ ଅଲୁଅ ରହିବ ।

ବନ୍ଦର ମାସୁଲ ଆଦାୟ ବିଷୟରେ ଏହି ନିୟମ ହୋଇଅଛି କି ଯେଉଁ ସମସ୍ତ ଜାହାଜ-ରେ ୨୦ ଟନ ବା ତତୋଧିକ ବୋଝାଇ ହୋଇ ପାରେ ସେ ସବୁ ଜାହାଜକୁ ପ୍ରତିଟନ ଜିନିଷ ସଙ୍ଖ୍ୟା ଦୁଇଅଣା ଲେଖାଏଁ ମାସୁଲ ଦେଇ ପଡିବ ପୁଣି ଓ ଦେଶୀୟ ଜାହାଜକୁ ତହିଁର ଅର୍ଦ୍ଧେ ମାସୁଲ ଦେବାକୁ ହେବ । ବାହାରର ଜାହାଜ-ମାନ ପ୍ରବେଶ ହେବାମାତ୍ରକେ ତହିଁଉପରେ ମାସୁଲ ଆଦାୟ ହେବ ଏବଂ ଦେଶୀ ବା ପୁଣି ଜାହାଜ ଉପରେ ଦୁଇମାସରେ ଥରେ ମାସୁଲ ଆଦାୟ ହେବ କେବଳ ଦୈବ ଦୁର୍ଘଟନା ଯୋଗୁଁ କୌ-ଣସି ଜାହାଜ ବନ୍ଦରକୁ ଫେରିଆସିଲେ ତହିଁ

Digitized by srujanika@gmail.com

Split by PDF Splitter



ଉପରେ ମାସୁଲ ଗୃହୀତ ହେବ ନାହିଁ । ବର୍ତ୍ତମାନ ସକାଶେ ବସ୍ତ୍ର ଉପରେ ମାସୁଲ ଆଦାୟ ହେବାର ନିୟମ ହୋଇଅଛି ତାହା ଏହି ଯେ ୨୦ ନମ୍ବର ବା ତହିଁରୁ ଊର୍ଦ୍ଧ୍ବ ବୋଝାଇ କେନାଭାଲ ତାହାଙ୍କ ଉପରେ ପ୍ରତିଶତ ୫ ୦/ ମାସୁଲ ଲାଗିବ ଏବଂ ଧୂତି ଓ ଦେଶୀ ତାହାଙ୍କ ଉପରେ ୧୦୦ ମହଣକୁ ୫ ୦/ ଲେଖାଏଁ ଦରରେ ମାସୁଲ ବସିବ ।

---

### ସଂକ୍ରାମକ ଜ୍ୱର ।

ହିନ୍ଦୁପେଟ୍ରିଅଟରେ ପାଠକଲୁଁ ଯେ ବଙ୍ଗଳାର ସାନିଟରି କମିଶ୍ନର ଗଭର୍ଣ୍ଣର ଯେଉଁ ବିଜ୍ଞାପନୀ ପ୍ରକାଶ କରିଅଛନ୍ତି ତହିଁରେ ବର୍ଦ୍ଧମାନର ଜ୍ୱର ବିଷୟରେ ଡାକ୍ତର ଗାଲକାଟାସାହେବଙ୍କର ଏକ ବହୁମୂଲ୍ୟ କାଗଜ ବାହାରିଅଛି । ଉକ୍ତ କାଗଜରେ ଜ୍ୱର ବିଷୟରେ ଯେସବୁ କଥା ଲେଖାଅଛି ତହିଁରୁ ଉପର ଲିଖିତ ପତ୍ରିକାର ସମ୍ପାଦକ ଭଲ ଲିଖିତ ସଂକ୍ଷିପ୍ତ ବିବରଣ ବାହାର କରିଅଛନ୍ତି ଯଥା—

୧ । ସଂକ୍ରାମକ ରୋଗଗ୍ରସ୍ତ ଜିଲାସବୁରେ ଯେଉଁ ଜ୍ୱର ହୁଅଇ ତାହା ଏ ଦେଶରେ ନୂତନ ନୁହଇ । ମାତ୍ର ପ୍ରତିବର୍ଷ ବର୍ଷାକାଳ ଶେଷ ହେଲାରୁ ସାମାନ୍ୟରୂପେ ଏହିଜ୍ୱର ହୋଇଥାଏ ।

୨ । ଏହିଜ୍ୱରର ସ୍ୱଭାବ ସଂକ୍ରାମକ ଅଟଇ ଓ ମାଟିର ସିକ୍ତତା ହେତୁ ତାହା ଉତ୍ପନ୍ନ ହୁଅଇ ।

୩ । ବାର୍ଷିକବୃଷ୍ଟି ଜଳ ହେତୁ ଏବଂ ଗ୍ରାମମାନଙ୍କରେ ଜଳ ବାହାରିଯିବାର ଯେ ସମସ୍ତ ସ୍ୱାଭାବିକ ବାଟ ଅଛି ତାହା ଅଟକିଯିବା ପ୍ରତିବର୍ଷ ଦେଶର ସ୍ୱଭାବଧର୍ମଦ୍ୱାରା ଯେଉଁ ଜ୍ୱର ଉତ୍ପତ୍ତି ହୁଅଇ କୌଣସିଠାରେ ଜଳ ବାହାରିଯିବାର ବାଟ ରୁଦ୍ଧ ହେଲେ ସେହି ଜ୍ୱର ସଂକ୍ରାମକ ଧର୍ମକୁ ପ୍ରାପ୍ତ ହୁଅଇ ।

୪ । ଶୀତକାଳ ଆରମ୍ଭ ହେଲାରୁ ଯେତେବେଳେ ମାଟି ଶୁଖିବାର ଆରମ୍ଭ ହୁଅଇ ସେହି ସମୟରେ ଜ୍ୱରର ପରାକ୍ରମ ଊଣା ଅଥବା ଏକାବେଳକେ ଅନ୍ତର୍ଦ୍ଧାନ ହୁଅଇ ।

୫ । ମେଟକାଫସାହେବଙ୍କ ପ୍ରମାଣାନୁସାରେ ସଂକ୍ରାମକ ରୋଗ ବର୍ତ୍ତମାନ ଥିବା ଗ୍ରାମମାନଙ୍କରେ ଘର ଭିତରେ ଅଧିକ ଓଦା ରହିବାର କାରଣ କେବଳ ଭିଜାମାଟି ଅଟଇ ।

ଆମ୍ଭେମାନେ ଉପରଲିଖିତ ସାର କଥାମାନ ଏ ଦେଶର ପ୍ରକୃତ ସହିତ ଆଲୋଚନା କରି ଦେଖୁଅଛୁଁ ଯେ ଡାକ୍ତର ଗାଲକାଟାସାହେବ ସଂକ୍ରାମକ ଜ୍ୱର ରୋଗର ପ୍ରକୃତ କାରଣ ନିର୍ଦ୍ଦେଶ କରିଅଛନ୍ତି । ଅନ୍ୟାନ୍ୟ ସ୍ଥାନର କଥା ଆମ୍ଭେମାନେ କହି ପାରୁଁ ବା ନ ପାରୁଁ ଏଠାରେତ ପ୍ରତିବର୍ଷ ଦେଖାଯାଉଅଛି ଯେ କାର୍ତ୍ତିକ ମାସରେ ବର୍ଷା ଶେଷରେ ଜ୍ୱରରୋଗର ପ୍ରାଦୁର୍ଭାବ ହୁଅଇ ଓ ବୃଷ୍ଟିର ନ୍ୟୂନାଧିକତାନୁସାରେ ରୋଗର ପରାକ୍ରମ ପ୍ରକାଶପାଏ ଯେଉଁଠାରେ ବର୍ଷାଜଳ ବାହାରିଯିବାର ସ୍ୱାଭାବିକବାଟ ଅଛି ସେଠାର ଅବସ୍ଥା ଏହିରୂପ ଅଟଇ । ଏଥିରେ ଯେବେ କାରଣ ବିଶେଷରୁ ବର୍ଷାପାଣି ବାହାରିଯିବାର ସାଧାରଣବାଟ ଅବରୋଧ ହୁଅଇ ତେବେ ସେ ଅଞ୍ଚଳର ମାଟିରେ ସବୁ ପାଣି ମରିବାରୁ ତାହା ବିସ୍ତର ଭିଜିଯାଏ ଓ ଶୁଖିବାକୁ ବହୁତଦିନ ଲାଗଇ । ଏହିପରି ସ୍ଥଳରେ ନିୟମିତ କାର୍ତ୍ତିକାଜ୍ୱର ଭୟଙ୍କର ସଂକ୍ରାମକ ରୋଗରେ ପରିଣତ ହୁଅଇ । ଅତଏବ ବର୍ଷାପାଣି ବାହାରିଯିବାର ବାଟ ବନ୍ଦ କରିବା କେତେ ଭୟଙ୍କର କାର୍ଯ୍ୟ ତାହା ପାଠକମାନେ ବୁଝି ପାରିବେ ।

---

### ବଙ୍ଗବାସିଙ୍କର ରାଜଭକ୍ତି ପ୍ରଦର୍ଶନୀସଭା ।

ମହାମାନ୍ୟ ରାଜକୁମାରଙ୍କର କଲିକତାକୁ ଶୁଭାଗମନ କାଳରେ ସେଠାର ଦେଶୀୟ ଲୋକମାନେ କିରୂପେ ତାହାଙ୍କର ଅଭ୍ୟର୍ଥନା କରିବେ ତାହା ସ୍ଥିର କରିବା କାରଣ ଗତମାସ ୧୯ ତାରିଖରେ ଭାରତବର୍ଷୀୟ ସଭା ଗୃହରେ ଏକ ବୃହତ୍ ସଭା ହୋଇଥିଲା ତହିଁରେ କଲିକତାର ପ୍ରଧାନ ୨ ଦେଶୀୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ରାଜା ରମାନାଥ ଠାକୁର ସଭାପତିର ଆସନ ଗ୍ରହଣ କରିଥିଲେ । ସଭାରେ ନିମ୍ନଲିଖିତ ବିଷୟମାନ ସ୍ଥିର ହୋଇଅଛି ଯଥା—

୧ । କଲିକତାନଗର ଓ ତହିଁର ପାର୍ଶ୍ୱବର୍ତ୍ତୀ ସ୍ଥାନସବୁର ଅଧିବାସିମାନେ ରାଜକୁମାରଙ୍କୁ ଭକ୍ତି ଦେଖାଇବାର ଚିହ୍ନସ୍ୱରୂପ ଏକଦିନ ତାହାଙ୍କୁ ନିମନ୍ତ୍ରଣ କରି ଆମୋଦ ପ୍ରମୋଦ କରିବେ ।

୨ । କଲିକତାରେ ଥିବା ସମୟରେ ରାଜକୁମାରଙ୍କ କାର୍ଯ୍ୟାବଳୀ ମଧ୍ୟରେ ଏ ନିମନ୍ତ୍ରଣକୁ ସ୍ଥାନ ଦେବା ଓ ନିମନ୍ତ୍ରଣ ସମ୍ପର୍କରେ ଉପଦେଶ ଲଭିବା ଏବଂ ସେସମୟରେ ସ୍ୱୟଂ ଶୁଭାଗମନ କରିବାପାଇଁ ମହାମାନ୍ୟ ଗବର୍ଣ୍ଣର ଜେନେରାଲଙ୍କ ନିକଟକୁ ଏକ ଆବେଦନପତ୍ର ପ୍ରେରିତ ହେବ ।

୩ । ବଙ୍ଗଦେଶର ମାନ୍ୟବର ଲେଫଟେନେଣ୍ଟ ଗବର୍ଣ୍ଣରଙ୍କୁ ନିମନ୍ତ୍ରଣ କରିବା ବିଷୟରେ ଏକ ପତ୍ର ତାହାଙ୍କ ନିକଟକୁ ଲେଖାଯିବ ଓ ଏଉତ୍ସବ କାର୍ଯ୍ୟ ଉତ୍ତମରୂପେ ନିର୍ବାହ କେବା ପକ୍ଷରେ ତାହାଙ୍କର ସାହାଯ୍ୟ ଓ ପରାମର୍ଶ ପ୍ରାର୍ଥନା କରିବାକୁ ହେବ ।

୪ । ଏ ଉତ୍ସବ ନିର୍ବାହ ଉଦ୍ଦେଶରେ ଦେଶୀୟ ସମାଜଙ୍କ ନିକଟରୁ ଚାନ୍ଦା ସଂଗୃହୀତ ହେବ ଓ ପ୍ରତ୍ୟେକ ବ୍ୟକ୍ତିକୁ ଯେତେ ଚାନ୍ଦା ଦେବାକୁ ହେବ ତହିଁର ନ୍ୟୂନସଂଖ୍ୟା ୫୦୦ଙ୍କା ନିର୍ଦ୍ଧାରିତ ହେବ । ମାତ୍ର ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଅବଶ୍ୟ ଚାନ୍ଦା ଦେବାକୁ ହେବ ଏମନ୍ତ ନୁହଇ ।

୫ । ମଫସଲବାସି ଦେଶୀୟ ଭଦ୍ରଲୋକଙ୍କ ନିକଟକୁ ପତ୍ର ଲେଖାଯିବ ଯେ ସେମାନେ ଏ ରାଜଭକ୍ତି ପ୍ରଦର୍ଶନ କାର୍ଯ୍ୟରେ ସହଯୋଗୀ ହେବେ ।

୬ । ଚାନ୍ଦା ସଂଗ୍ରହ କରିବା ଓ ଉପର ଲିଖିତ ପ୍ରସ୍ତାବସବୁକୁ କାର୍ଯ୍ୟରେ ପରିଣତ କରିବାପାଇଁ ଗୋଟିଏ କମିଟୀ ନିଯୁକ୍ତ ହେଲା ଓ ଯେଉଁମାନେ ବର୍ତ୍ତମାନ ତହିଁର ସଭ୍ୟ ହେଲେ ସେମାନେ ଆପଣା ଇଚ୍ଛାନୁସାରେ ଅପର ଲୋକଙ୍କୁ କମିଟିର ସଭ୍ୟ କରିପାରିବେ ।

ଆମ୍ଭେମାନେ ଦେଖୁଁ ଯେ ଏ ସଭାର କାର୍ଯ୍ୟ ସୁଚାରୁରୂପେ ନିର୍ବାହିତ ହୋଇଅଛି ଓ ଯେ ସମସ୍ତ ଆୟୋଜନ ଏପ୍ରକାର ଉତ୍ସବରେ ସଚରାଚର ହୋଇଥାଏ ସେସବୁର ଯଥାସମ୍ଭବରୂପେ ଅନୁଷ୍ଠାନ ହୋଇଅଛି । କେବଳ ଗୋଟିଏ ନୂଆକଥା ଏସଭାରେ ଧାର୍ଯ୍ୟ ହୋଇଅଛି ଓ ତହିଁପାଇଁ କଲିକତାରେ ଖଣ୍ଡେ ଗଣ୍ଡଗୋଳ ଲାଗିଅଛି । ସେ ବିଷୟଟି ଚତୁର୍ଥ ପ୍ରସ୍ତାବରେ ସନ୍ନିବେଶିତ ହୋଇଅଛି ତହିଁର ମର୍ମ ଏହି ଯେ ୫୦୦ଙ୍କା ଚାନ୍ଦା ଯେଉଁ ବ୍ୟକ୍ତି ନ ଦେବ ସେ ବ୍ୟକ୍ତିକି ଉକ୍ତ ସମାରୋହରେ ଉପସ୍ଥିତ ହେବା କାରଣ ଆମନ୍ତ୍ରଣ ହେବ ନାହିଁ । କେବଳ ପଣ୍ଡିତ ଓ ମୌଲବିଙ୍କ ମଧ୍ୟରୁ ଯେଉଁମାନେ ନିମନ୍ତ୍ରଣ ହେବାର ଯୋଗ୍ୟ ଅଥଚ ଯାହାଙ୍କର ଅବସ୍ଥା ଭଲ ନୁହଇ ତାହାଙ୍କୁ ଛାଡ଼ି ଦିଆ ଯାଉଅଛି । ଏ ପ୍ରସ୍ତାବର ଉଦ୍ଦେଶ୍ୟଟା ବୁଝି ଅନେକେ ଭଲ ମିଶିଅଛନ୍ତି ଓ ତାହାଙ୍କର ମତ ଏହି ଯେ କୌଣସିପ୍ରକାର ଅଟକ ନ ରଖିଲେ ବହୁତ ଲୋକଙ୍କୁ ଆମନ୍ତ୍ରଣ କରିବାକୁ ଆବଶ୍ୟକ ହୁଅନ୍ତା ଓ ତହିଁରେ ବଡ଼ ଗୋଳମାଳ ହୁଅନ୍ତା । ଏରୂପ ଗୋଳମାଳ ବନ୍ଦ କରିବା କାରଣ ଅନ୍ୟ କୌଣସିରୂପ ଉପାୟ ହୋଇ ନ ପାରେ । ଅର୍ଥ ଅହଙ୍କାର ସମସ୍ତ ବିଷୟର ମୂଳ ହେଉଅଛି ଓ

Digitized by srujanika@gmail.com

Split by PDF Splitter



ଟଙ୍କାର ପରିମାଣଦ୍ୱାରା ସଂସାରରେ ସଭ୍ୟତାର ଉନ୍ନତ ଥିବାର ଦେଖାଯାଏ ଅତଏବ ସେହି ଟଙ୍କାର ନ୍ୟୂନସଂଖ୍ୟା ନିର୍ଦ୍ଦିଷ୍ଟ କରିବାଦ୍ୱାରା ସଭ୍ୟତା ସ୍ଥିର କରିବାର ସ୍ଥିର ହୋଇଅଛି ଏଥିରେ ବାସ୍ତବ ଜଟିଳତା ହୋଇପାରିବ ନାହିଁ । ଫଳତଃ ତାର ଅନେକ ଦେଶୀୟ ଓ ବିଦେଶୀୟ ଲୋକ ଏଥିର ପ୍ରତିବାଦ କରୁଅଛନ୍ତି । ମାତ୍ର ଅମ୍ଭେମାନେ ଏ ପଦ୍ଧତିକୁ ତେତେ ଦୋଷଯୁକ୍ତ ଜ୍ଞାନ କରୁ ନାହୁଁ ।

---

### ଗତସପ୍ତାହର ଝଡ ।

ଗତସପ୍ତାହରେ ଯେଉଁରୂପ ଝଡ ହୋଇଥିଲା ତାହା ଅମ୍ଭେମାନେ ଉକ୍ତ ସପ୍ତାହର ପତ୍ରିକାରେ ପାଠକମାନଙ୍କୁ ଜଣାଇଥିଲୁଁ । କିନ୍ତୁ ସେ ସମୟରେ ଏ ଝଡଦ୍ୱାରା କୌଣସି ଉତ୍ପାତଘଟିବାର ଅମ୍ଭେମାନେ ଜାଣି ନ ଥିଲୁଁ । ବର୍ଷା ଏରୂପ ହେଲା ଯେ କେତେବର୍ଷ ହେବ ସେରୂପ ଦେଖା ନାହିଁ । ଏକଦିନରେ ୮।୯ ଇଞ୍ଚ ଜଳ ବର୍ଷିଥିଲା ଓ ତହିଁ ଉତ୍ତାରୁ ପ୍ରତିଦିନ ଦୁଇଇଞ୍ଚ ବା ତହିଁରୁ ଅଧିକ ବର୍ଷିଥିଲା ଏପରି କି ଆଜି ନ ହେଲା କେବଳ ଗତ ମଙ୍ଗଳବାରଠାରୁ ବୃଷ୍ଟି ଛାଡିବାର ଜଣାଗଲା । ଅମ୍ଭେମାନେ ଏ ବର୍ଷାର ଆକୃତି ଦେଖି ଭୟାନକ ହେବାର ଆଶଙ୍କା କରିଥିଲୁଁ କିନ୍ତୁ ସେରୂପ କିଛି ଦୁର୍ଘଟନା ଘଟିବାର ଶୁଣାଯାଇ ନାହିଁ । କେବଳ ବାଲେଶ୍ୱରର ଉତ୍ତର କୌଣସି ସ୍ଥାନରେ ଦୁର୍ଯୋଗ ହେବୁ ଏକଦିନ ଡାକ ବନ୍ଦ ହୋଇଥିଲା । ବର୍ଷା ପର୍ଯ୍ୟନ୍ତ ନଦୀବନ୍ଧି ହୋଇଅଛି । ମହାନଦୀରେ ବଢି ପ୍ରବଳ ହୋଇ ନାହିଁ କିନ୍ତୁ ବ୍ରାହ୍ମଣୀ, ଖରସୁଆ, ବୈତରଣୀ ନଦୀମାନ ପ୍ରବଳରୂପେ ବୃଦ୍ଧି ହୋଇ ଉଚ୍ଛୁଳିପଡିବାର ସମ୍ବାଦ ଆସିଅଛି । ଅମ୍ଭେମାନେ ଶୁଣିଲୁଁ ଯେ କଲସବୁରେ ନୌକା ଦ୍ୱାରା ଯାତାୟାତ ହେଉଥିଲା ଏବଂ ଛଅଇଥାକ କଟା ହୋଇ ଗଭୀରତା ହୋଇ ବିଲରେ ରହିଥିଲା ସେ ସବୁ ଅଧୋଯାଏ ପାଣିରେ ବୁଡି ରହିଥିଲା । ଏଣିକି ଶସ୍ୟଘାତ ହେବାରୁ ଭରସା ନ ଥାଇ ସେ ସବୁସ୍ଥାନରୁ ପାଣି ଶୁଖି ଯାଇଥିବ ମାତ୍ର ପ୍ରକୃତ ଅବସ୍ଥା ଏପରିକି ଜଣା ପଡିବ । ଅଶ୍ୱିନମାସର ଧୋଇରେ ସର୍ବସ୍ୱ ଯାଏ ବୋଲି ପ୍ରବାଦ ଅଛି ଯେବେ ତେତେସବୁ କଥା ଯାଉଥାଏ ତେବେ ସାମାନ୍ୟ ଦୁଃଖର କଥା ହେବ ନାହିଁ ।

ମୋଫସଲର ଅବସ୍ଥା ଏହିରୂପ କିନ୍ତୁ କଟକନଗରର ଅବସ୍ଥା ସର୍ବାପେକ୍ଷା ଅଧିକ ଶୋଚନୀୟ ଅଟଇ । ଏଠାରେ ଏ ଝଡଦ୍ୱାରା ଯେରୂପ କ୍ଷତି ହୋଇଅଛି ଏରୂପ ଅନେକକାଳରୁ ଦେଖା ନ ଥିଲା । ବର୍ଷା ଅଧିକ ହେଲେ ମାଟିଘରର ଦୁର୍ଦ୍ଦଶାପଡଇ ଏହା ସମସ୍ତେ ଜାଣନ୍ତି ଓ ପ୍ରତିବର୍ଷ ବର୍ଷାକାଳରେ କାହାର ଘର ବା ପାଚେରି ଭଙ୍ଗିପଡିବାର ଖବରକର ଶୁଣାଯାଏ କିନ୍ତୁ ଗତ ଝଡରେ ଯେ ପରିମାଣରେ ଘର ଭାଙ୍ଗି ଯାଇ ଲୋକଙ୍କର ସର୍ବନାଶ କରିଅଛି ତାହା ଅତ୍ୟନ୍ତ ଅସାଧାରଣ ଅଟଇ । କିନ୍ତୁ ଲୋକଙ୍କ ଘର ଓ ପାଚେରି ଭାଙ୍ଗିପଡିଅଛି ଓ ଏକ ସ୍ଥାନର ପ୍ରଜାମାନେ ସାଇଗୁଡ ଅନ୍ୟଠିକୁ ପଳାଇଅଛନ୍ତି ବଳକିବଜାର କଟ ଏକ ସ୍ଥାନରେ ଗୋଟାଏ ଘରର କାନ୍ଥ ରାତିକାଳରେ ଭାଙ୍ଗିପଡିଲା ଯେ ସେ ଘରେ ଶୋଇଥିବା ୨ଜଣ ସ୍ତ୍ରୀ ଓ ଗୋଟିଏ ବାଳକ ଚାପାପଡି ମରିଯାଇଅଛନ୍ତି । ଏପ୍ରକାର ଦୁର୍ଘଟନା ଯେ ଅଳ୍ପ ହୋଇ ନାହିଁ ଏହାକ ହେତୁ ଅଟଇ ନୋହିଲେ ନଗରର ଅବସ୍ଥା ଯେରୂପ ହୋଇଅଛି ତହିଁରେ ଯେବେ ଅଧିକ ଲୋକ ମରି ପଡିଥାନ୍ତେ ତେବେ ଆଶ୍ଚର୍ଯ୍ୟ ନ ଥିଲା । ନଗରର ପୁଷ୍କରଣୀ ଟିଲ ପ୍ରଭୃତି ଉଚ୍ଛୁଳିପଡି ସଡକକୁ ବୁଡାଇ ଦେଇଅଛି ଓ କେଉଁଠାରେ ସଡକପାଖରେ କ୍ଷୁଦ୍ର ନଦୀପ୍ରାୟ ପାଣି ବହିଯାଉଅଛି । ଆଜକୁ ଗୁରୁଦିନ ହେଲା ବର୍ଷା ଛାଡିଲାଣି ମାତ୍ର ପାଣି ଗୁରୁଆଡେ ଭର୍ତ୍ତି ହୋଇ ରହିଅଛି ଓ ଏବେମଧ୍ୟ ଖଣ୍ଡେ ଅଧେକାନ୍ତି ପଡିବା ସରଳ ନୁହଇ ଏବଂ ସଡକଉପରେ ଯୋଡା ପିଛିଦିବାର ବାଟ ନାହିଁ ଓ ସରକରୁ ଯେପରି ଜଳ ରହିଅଛି ତହିଁରେ ବାସନ୍ଦିଆ ବସ୍ତ୍ର କେବଳ ଅନ୍ୟଗତି ନ ଦେଖି ଲୋକେ ତହିଁରେ ପଡି ରହିଅଛନ୍ତି । ନଗରଝଡଦ୍ୱାରା ଏତାଦୃଶ ଅନିଷ୍ଟ ଘଟିବାର ମୂଳକାରଣ ଏଠାକାର ମ୍ୟୁନିସିପାଲିଟି ଓ ମାଜିଷ୍ଟ୍ରେଟ ଅଟନ୍ତି । ଗତ ଦୁଇବର୍ଷ ହେଲା ନଗର ନାଳମାନ ପରିଷ୍କାର ହୋଇ ନାହିଁ । ଏବିଷୟ ଅମ୍ଭେମାନେ ଓ ଅମ୍ଭମାନଙ୍କ ସହଯୋଗୀମାନେ ପୁନଃ ୨ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ଣ୍ଣଗୋଚର କରାଇଥିବା ପ୍ରତ୍ୟକ୍ଷେ ମଧ୍ୟ ତହିଁପ୍ରତି କାହାରି ଦୃଷ୍ଟି ପଡି ନାହିଁ । କମିଟିର ସଭ୍ୟମଧ୍ୟରେ ଏ ନଗରବାସୀ କେତେକ ଦେଶୀୟ ସମ୍ଭ୍ରାନ୍ତ ଓ ବୁଦ୍ଧିମାନବ୍ୟକ୍ତି ଅଛନ୍ତି ଏମାନେ ଆପଣାକୁ ସମସ୍ତଙ୍କଠାରୁ ଶ୍ରେଷ୍ଠ ଓ ପ୍ରଶଂସନୀୟ ଜ୍ଞାନ କରନ୍ତି ଓ କେହି ୨ ଦେଶାନୁରାଗୀ ଓ ସାଧାରଣ ହିତକାରୀ ବୋଲି ପରିଚିତ ହେବାକୁ ମନେ ମନେ ଚେଷ୍ଟିତ ହୁଅନ୍ତି । ଏହିବ କାହିଁକି ବାହାରେ ଥିଲାବେଳେ ଲୋକଙ୍କ ଦୁର୍ଦ୍ଦଶା ଦେଖି ଦୁଃଖିତ ହେବାକୁ ମଧ୍ୟ ଏହାଙ୍କୁ ଦେଖାଯାଏ କିନ୍ତୁ ସଭାରେ ଉଚ୍ଚପଦାରୂଢ ସାହେବଙ୍କ ସହିତ ସମକକ୍ଷ ହୋଇ ବସିଲାବେଳେ ଏମାନେ ଆପଣା ମର୍ଯ୍ୟାଦାରେ ମୋହିତ ହୋଇ ଅଭିଭୂତ ହୁଅନ୍ତି । ଯେବେ ତାହା ନୁହେ ତେବେ କାହିଁକି ଏସବୁ କଥାର ଆନ୍ଦୋଳନ ସେମାନେ ସଭାରେ କରନ୍ତି ନାହିଁ । ଦେଶୀୟଲୋକଙ୍କୁ ସଭ୍ୟ କରିବାର ଉଦ୍ଦେଶ୍ୟ ଏହି ଯେ ଏମାନେ ପ୍ରଜାଙ୍କର ଅବସ୍ଥା ଭଲରୂପେ ବୁଝି ପାରି ସେମାନଙ୍କର ଅଭାବସବୁ ସଭାରେ ଜଣାଇ ତହିଁର ପ୍ରତୀକାର ଚେଷ୍ଟା କରିବେ ଯେବେ ତାହା ନ ହେଲା ତେବେ କେଉଁ ନିମିତ୍ତ ଅନୁରୋଧରେ ଏମାନେ ସଭାରେ ବସନ୍ତି ତାହା ଅମ୍ଭେମାନେ କହି ନ ପାରୁଁ । ଟାକ୍ସ ବନ୍ଦୋବସ୍ତ କରିବାବେଳେ ଏମାନେ ବିଶେଷ ପ୍ରଭୁଭକ୍ତି ପ୍ରଦର୍ଶନ କରିଥାନ୍ତି କିନ୍ତୁ ଟାକ୍ସ ଦେଇ ପ୍ରଜାମାନେ ବର୍ତ୍ତମାନ ସମୟରେ ଯେ ଏତାଦୃଶ କ୍ଷତିଗ୍ରସ୍ତ ହେଲେ ତହିଁର କୌଣସି ପ୍ରତୀକାର କି ଏମାନେ କରିବେ ବା କିଛି କ୍ଷତିପୂରଣ କରିବେ ? ମାଜିଷ୍ଟ୍ରେଟ ସାହେବଙ୍କ କଥା କହିଲେ କି ହେବ । ସେ ବାଲେଶ୍ୱରରେ ଥିଲାବେଳେ ଶୁଣା ଯାଉଥିଲା ଯେ ସେଠା ନଗରକୁ ସଫା ପରିଷ୍କାର ରଖୁଥିଲେ ଓ ପ୍ରଜାଙ୍କର ସୁଖ ସ୍ୱଚ୍ଛନ୍ଦତା ପ୍ରତି ବିଶେଷ ମନୋଯୋଗ ଦେଉଥିଲେ । କିନ୍ତୁ କଟକକୁ ଆସି ତାହାଙ୍କର ପ୍ରକୃତି ମଧ୍ୟ ବଦଳି ଯାଇଅଛି । ଗତ ଦୁଇ ବର୍ଷ ହେଲା ନାଳ ପରିଷ୍କାର ହେବାକୁ ସେ କିଛି ଯତ୍ନ କରି ନାହାନ୍ତି ଓ ଥରେ ସ୍ୱୟଂ ଭ୍ରମଣ କରି ନଗରର ଦୁରବସ୍ଥା ଦେଖୁଥିବା ପ୍ରତ୍ୟକ୍ଷେ ତହିଁର କିଛି ମାତ୍ର ଉପାୟ କରି ନାହାନ୍ତି । ତାହାନ୍ତ ଆବଶ୍ୟକୀୟ କର୍ମ ସକାଶେ ଟଙ୍କା ନ ରଖି ହାଟ ବାଟରେ ସବୁ ଖର୍ଚ୍ଚ କରି ଦେଇ ସରକାରଙ୍କୁ ଋଣି ମଧ୍ୟ କରିଅଛନ୍ତି । ଓଡିଶାର ପ୍ରଜାମାନେ ଯେମନ୍ତ ଅଜ୍ଞ ତେମନ୍ତ ଶାନ୍ତ ଅଟନ୍ତି ଓ ଏହାଙ୍କୁ ସହିଷ୍ଣୁତା ଗୁଣରେ କେହି ଜିଣି ପାରିବ ନାହିଁ । ଏପ୍ରକାର ପ୍ରଜାଙ୍କର ଦୁଃଖପ୍ରତି ହାକିମଙ୍କର ଏରୂପ ବୈରାଗ୍ୟ ଆଚରଣ ଦେଖି ଅମ୍ଭେମାନେ ହତାଶ ହୋଇଅଛୁଁ । ଯାହା କ୍ଷତି ହେଲା ତାହାର ଆଉ ଫେରି ଆସିବ ନାହିଁ ଏଥିର ସ୍ଥାନୀୟ କର୍ମଚାରୀମାନେ କି କ୍ଷତିପୂରଣ ଦେବେ ତାହା ଦେଖିବାରେ ଆସିବ ।

---

Digitized by srujanika@gmail.com

# ସାପ୍ତାହିକ ସଂବାଦ ।

ଗତ ରବିବାର ସ୍ନାନରେ ଏ ନଗର ଗୋଶାଳା ଛକଟରେ ଗଣେଶପ୍ରତିମାମାନଙ୍କର ମିଳନ ହୋଇଥିଲା ମାତ୍ର ଏ ବର୍ଷର ସମାରୋହ ଅନେକ ଊଣା ଅଟଇ ଏହାଁର କାରଣ ବୋଧ ହୁଅଇ ସବୁଠାରୁ ଭଲ ଗଣେଶ ଯେଉଁ ବଲଦେବଜିଉ ଭଗତଙ୍କର ହୋଇଥିଲା ମାତ୍ର ବୃଷ୍ଟି ଭୟରୁ ତାହା ମିଳନ ପଡ଼ିଆକୁ ଗଲା ନାହିଁ ।

କଟକର ମୁନସଫ ବାବୁ ହରେକୃଷ୍ଣ ଚଟ୍ଟୋପାଧ୍ୟାୟ ଦୁର୍ଗୋତ୍ସବ ପର୍ବ ସମୟରେ ଘରକୁ ଯିବାର ଛୁଟୀ ପାଇଅଛନ୍ତି ।

ଶ୍ରୀଯୁକ୍ତ ରେଭେନ୍ସ ସାହେବ ପୂର୍ବେ ଏଠାରେ ଅସିଷ୍ଟାଣ୍ଟ ସୁପ୍ରିଣ୍ଟ ଥିଲେ ସମ୍ପ୍ରତି ଏଠାରୁ ପୁରସର ସୁପ୍ରିଣ୍ଟ ନିଯୁକ୍ତ ହୋଇ ଅଛନ୍ତି ।

ଯାଜପୁରର ମୁନସଫ ବାବୁ ଯଦୁନାଥ ଦାସ ଆଗାମୀମାସ ତା ୧ ରଖଠାରୁ ତିନମାସର ଛୁଟୀ ନେଇଅଛନ୍ତି ।

ରାଜକୁମାରଙ୍କ ଅଭ୍ୟର୍ଥନା ସକାଶେ କଲିକତାରେ ପ୍ରାୟ ୭୦ ହଜାର ଟଙ୍କା ଦେବା ହେଲାଣି କିନ୍ତୁ ବମ୍ବେଇରେ ଅଦ୍ୟ ୩୦ ହଜାର ଟଙ୍କା ହୋଇ ନାହିଁ ଅଥଚ ଏଠାଲୋକମାନେ ୮୫ ହଜାର ଟଙ୍କା ବ୍ୟୟ କରିବାକୁ ମନସ୍ଥ କରି ଅଛନ୍ତି ।

ସଟକ୍ଲିଫ ସାହେବ ଛୁଟୀ ନେବାରୁ ଶ୍ରୀଯୁକ୍ତ ଉଡ୍ରୋ ସାହେବ ଶିକ୍ଷା ବିଭାଗର ଏକ୍ଟିଂ ଡାଇରେକ୍ଟର ନିଯୁକ୍ତ ହୋଇ ଅଛନ୍ତି ।

ଗତମାସରେ ଯେଉଁ ଭୂମିକମ୍ପ କାଲେଣ୍ଡୁର ପର୍ଯ୍ୟନ୍ତ ଜଣା ପଡ଼ିଥିଲା ତାହା ଉତ୍ତର ପୂର୍ବ ଅଞ୍ଚଳରେ ଗୌହାଟି ପର୍ଯ୍ୟନ୍ତ ଜଣା ପଡ଼ିଅଛି ।

ଜାମାପଡ଼ା ସ୍କୁଲର ହେଡପଣ୍ଡିତ ଲେଖିଅଛନ୍ତି ଯେ କୋଠଦେଶ ତାଲୁକର ଜମିଦାର ଛତ୍ରିବର ଭଗବାନ୍ ସାମନ୍ତସିଂହ ଉକ୍ତ ସ୍କୁଲପ୍ରତି ବିଶେଷ ମନୋଯୋଗ ଦେଉଅଛନ୍ତି । ଏ ମହାଶୟ ପ୍ରତି ସପ୍ତାହରେ ଏକଥର ସ୍କୁଲ ଦର୍ଶନ କରିବାକୁ ଯାଇ ଛାତ୍ରମାନଙ୍କର ପରୀକ୍ଷା ଗ୍ରହଣ କରନ୍ତି ଓ ସ୍କୁଲର ଅବସ୍ଥା ସବୁ ଦେଖି ଆସନ୍ତି, ସରକାରୀ ସାହାଯ୍ୟ ଟଙ୍କାର ଅପେକ୍ଷା ନ ରଖି ମାସ ଭର୍ତ୍ତି ହେଲା ମାତ୍ରେ ସ୍କୁଲ କର୍ମଚାରୀଙ୍କର ବେତନ ଆପଣା ତହବିଲରୁ ଦିଅନ୍ତି । ଏ କଥା ଅବଶ୍ୟ ପ୍ରଶଂସନୀୟ ଅଟଇ ଓ ଅନ୍ୟାନ୍ୟ ରଜା ଜମିଦାରମାନେ ଯେବେ ଆପଣା ଇଲକାର ସ୍କୁଲର ଏହିରୂପ ତତ୍ତ୍ୱାବଧାରଣ କରନ୍ତି ତାହା ହେଲେ ଶିକ୍ଷାକାର୍ଯ୍ୟର ବିସ୍ତାର ଉନ୍ନତ ହେବ ।

ହିନ୍ଦୁପେଟ୍ରିୟଟ ଶୁଣିଅଛନ୍ତି ଯେ ଅଛାରେ ଏକସ୍ତ୍ରୀ ଗୋଟିଏ ଋଷଭବର୍ଷର ବାଳକ ସେଣ୍ଟ ଜଣେ ଭଣ୍ଡାର ସହିତ ସଙ୍ଗରେ ଟଣ୍ଡର ଘରଠାରୁ ବାପଘରକୁ ଯାଉଥିଲା । ଉକ୍ତ ଦୁଷ୍ଟ ଉଦ୍ଧ ଅବଲମ୍ବନପୂର୍ବକ ବାଟରେ ଉକ୍ତ ସ୍ତ୍ରୀ ଓ ବାଲକଠାରୁ ଅଳଙ୍କାର ସବୁ ଛଡ଼ାଇ ନେଇ ଯମୁନା ନଦୀକୁ ତାହାଙ୍କୁ ପକାଇ ଦେବାର ଉଦ୍ୟମ କଲା । ଅବଲା ସ୍ତ୍ରୀ ଆପଣାକୁ ଅସହାୟ ଦେଖି ଭଣ୍ଡାଇକୁ କହିଲା ତୁ ଏକାର୍ଯ୍ୟ କର ନା ମୋ ପଦ ଇଷି ଉଠିଲେ ତୁ ଧରାପଡ଼ିବୁ । ଯେବେ ମୋତେ ହତ୍ୟା କରିବା ମାରିବାର ଇଚ୍ଛା ଥାଏ ତେବେ ପଥର ଖଣ୍ଡେ ମୋହ ଦେହରେ ବାନ୍ଧି ନଦୀକୁ ପକାଇ ଦେଲେ ଆଉ ତୁ ଧରାପଡ଼ିବୁ ନାହିଁ । ଏକଥା ଭଣ୍ଡାର ମନକୁ ଯୋଗଲରୁ ସେ ସ୍ତ୍ରୀକୁ ବାନ୍ଧି ପକାଇ ପଥର ଆଣିବାକୁ ନିକଟସ୍ଥ ପଡ଼ିଆକୁ ଗଲା ଓ ସେଠାରେ ସୀମାବନ୍ଦୀ ନୂଆ ଶୀଲପାଥରା ପ୍ରସ୍ତୁତ ହୋଇଥିଲା ଯେ ଉହିଁ ଦେଖରୁ ଖଣ୍ଡେ ପଥର ଉଗିଂବାର ଯେମନ୍ତ ଟେଷ୍ଟା କଲା ପଥର ତଳରୁ ଦୁଇ ଗୋଟାଇ ସାପ ଭକ୍ଷଣାର୍ଥ ବାହାର ତାହାର ଦୁଇହାତକୁ ଦାଂଶିଲପ୍ରାୟ ଗୁଡ଼େଇ ଯାଇ ତାହା ଦୃଢ଼ି ଅଛି ଫେଣା ଟେକି ରହିଲେ । ଭଣ୍ଡାର ଅକର୍ମ୍ମଣ୍ୟ ହୋଇ ସେଠାରେ ଛିଡ଼ା ହୋଇ ରହିଲା । ଏଣେ ପଥିକମାନେ ସ୍ତ୍ରୀକୁ ବନ୍ଧନାବସ୍ଥାରେ ଦେଖି ଉହାଁର କାରଣ ଅବଗତ ହୋଇ ଭଣ୍ଡାରକୁ ଖୋଜ ଦେଖିଲେ ଯେ ସେ ପୂର୍ବୋକ୍ତ ବନ୍ଧନରେ ଟଣ୍ଡିଅଛି । ପୁଲିସରେ ଖବର ହେବାରୁ ଥାନାଦାର ଆସି ଭଣ୍ଡାଇକୁ ସେହିପରି ବନ୍ଦିଅବସ୍ଥାରେ ଅଛାର ମାଜିଷ୍ଟ୍ରେଟଙ୍କ କଚେରୀକୁ ଚାଲାନ କଲେ । ଧର୍ମର କଳ ଅତି ସୂକ୍ଷ୍ମ ଅଟଇ !

ଡେଲିନିୟୁସରୁ ଅବଗତ ହେଲୁଁ ଯେ ପାଟନାଠାରୁ ଗୟାକୁ ଗୋଟିଏ ରେଲୱାଟ ନିର୍ମ୍ମାଣ କରିବାକାରଣ ବଙ୍ଗଲାର ଲେଫଟେନେଣ୍ଟ ଗବର୍ଣ୍ଣର ଗବର୍ଣ୍ଣମେଣ୍ଟଇଣ୍ଡିଆକୁ ଅନୁରୋଧ କରିଅଛନ୍ତି । ଏ ବାଟ ନିର୍ମ୍ମାଣ ହେଲେ ହିନ୍ଦୁଯାତ୍ରିମାନଙ୍କର ବଡ ସୁବିଧା ହେବ କିନ୍ତୁ ବାଣିଜ୍ୟର ବିସ୍ତାର ଅଧିକ ହେବାର ସମ୍ଭାବନା ନାହିଁ ।

ମୁସଲମାନଙ୍କ ସବେବରାତ୍ର ପର୍ବ କଲିକତାର ମୁସଲମାନମାନେ ଗତମାସ ତା ୧୯ ରଖ ବୁଧବାରଦିନ ପ୍ରତିପାଳନ କରିଥିଲେ । ଏଠାରେ ମଧ୍ୟ ମୁସଲମାନମାନେ ସେହିଦିନ ଆପଣା ଘରଦ୍ୱାରରେ ପ୍ରଦୀପ ଜାଳିଥିଲେ ମାତ୍ର ଜହମଇସୁଲରେ ଉହିଁ ଅରଦନ ଅର୍ଥାତ୍ ସ୍ତୁତିପାଠ ସମ୍ପାଦନ ହୋଇଥିଲା । ମସଲମାନଙ୍କର ମଧ୍ୟ ସ୍ମାର୍ତ୍ତ ଓ ଗୋସ୍ୱାମୀମତ ପ୍ରଚଳିତ ଅଛି କି ?

କଲିକତାରୁ ତାରତାଡ଼ଯୋଗେ ସଂବାଦ ଆସିଅଛି ଯେ ମହାମାନ୍ୟ ରାଜକୁମାର କାଶ୍ମୀରର ମହାରାଜାଙ୍କର ଆମନ୍ତ୍ରଣ ସ୍ୱୀକାର କରି ଅଛନ୍ତି ।

ଜଗା ଫସଲ ବିଷୟରେ ବାର୍ଷିକ ... ସକାଶେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ... ବଙ୍ଗାଳକୁ ଲେଖିଥିବାରୁ ଲେଫଟେନାଣ୍ଟ ଗବର୍ଣ୍ଣମେଣ୍ଟ ତଦନୁସାରେ କମିସନରମାନଙ୍କଠାରୁ ସଂବାଦ ପ୍ରାର୍ଥନା କରି ଅଛନ୍ତି । ପ୍ରତ୍ୟେକ ଜିଲାରେ କେତେ ଭୂମିରେ କପାସ ବୁଣା ହୁଅଇ କେତେ ଫସଲ ହେଉଅଛି ରପ୍ତାନୀ ହୁଅଇ ଓ ତାହାର ମୂଲ୍ୟ କେତେ ଅନ୍ୟାନ୍ୟ ... ମଧ୍ୟରେ ଗବର୍ଣ୍ଣମେଣ୍ଟ ଏସବୁ ଜାଣିବାକୁ ଚାହାନ୍ତି ।

ଡେଲିନିଉଜରୁ ଅବଗତ ହେଲୁଁ ଯେ ଗତ ମାସର ଦ୍ୱିତୀୟ ସପ୍ତାହରେ ଡଲ୍ଲିରେ ୧୭ ଇଞ୍ଚ ବୃଷ୍ଟି ହୋଇଥିଲା ତହିଁମଧ୍ୟରେ ଏକଦିନ ଓ ରାତ୍ରିରେ ୧୩ ଇଞ୍ଚ ଜଳ ବର୍ଷିଥିଲା । ସେଠାରେ ସହସ୍ର ଘର ଭାଙ୍ଗି ଯାଇଅଛି ଏବଂ ୪୦ ଜଣ ମନୁଷ୍ୟ ମରି ପଡ଼ିଅଛନ୍ତି । ଅମ୍ଭମାନଙ୍କ ଏଠାରେ ମଧ୍ୟ ବହୁ ବୃଷ୍ଟି ହୋଇଅଛି ।

ବର୍ତ୍ତମାନ ସମୟରେ ଉତ୍ତରପଶ୍ଚିମ ଅନେକ ସ୍ଥାନରେ ଓଲାଉଠା ରୋଗର ଉପଦ୍ରବ ଦେଖାଯାଉଅଛି କିନ୍ତୁ ମାନ୍ୟାଜ ଏଲାକାର ବଙ୍ଗାଲୋରରେ ଯେମନ୍ତ ବନ୍ଦୋବସ୍ତ ହୋଇଅଛି ସେହିପରି ଅନ୍ୟ କୌଣସି ଠାରେ ଦେଖାଯାଇ ନାହିଁ । ସେଠାରେ ରୋଗ ଆରମ୍ଭ ହେବା ମାତ୍ରେକେ ସାମୟିକ ଘର ନିର୍ମ୍ମାଣ ହେଲା ଓ ପ୍ରତ୍ୟେକ ଘରେ ଜଣେ ନେଟିଭ ଡାକ୍ତର ନିଯୁକ୍ତ ହେଲେ ଯେ ସେଠାରେ ରୋଗିମାନଙ୍କୁ ରଖି ଚିକିତ୍ସା କରିବାକୁ ହେବ ଏପରି ଔଷଧ ବଟିକା ବନ୍ଧ ସମୟରେ ପ୍ରସ୍ତୁତ ହୋଇ ନଗରବାସିମାନଙ୍କ ପାଖି ... ଦିଆ ଗଲା ଯେ ରୋଗ ଧରିଲା ମାତ୍ରେ ଔଷଧ ପ୍ରୟୋଗ କରିବାରେ ବିଳମ୍ବ ହେବ ନାହିଁ ।

## ମୂଲ୍ୟପ୍ରାପ୍ତି ।

ଶ୍ରୀଗମହନ୍ତମଠଭୁଲବାସୁଳ ବସ୍ତାନୀ ୫ ୮୧
ବାବୁ ହରେକୃଷ୍ଣଦାସ ଯାଜପୁରକଚେରୀ [illegible]
" ଗଣେଶପ୍ରସାଦଙ୍କ ଇନ୍ସପେକ୍ଟର ୫ ୮୧

ଶ୍ରୀଶ୍ରୀ ଏହି ଉତ୍କଳଦୀପିକା ସହର କଟକ ... ସାବକାର ବାଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା୨୨ଗ } ୨୨ଶେ ଅକ୍ଟୋବର ସନ ୧୮୮୭ ମସିହା । ମୁ । ଅଶ୍ୱିନ ୨୮ ନ ସନ ୧୨୯୫ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂ୪୨ଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୲
ମଫସଲ ପାଇଁ ଡାକମାସୁଲ ୧୲

ଶ୍ରୀ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷରେ ଆଜି-ଠାରୁ ସମସ୍ତ ସରକାରିକାର୍ଯ୍ୟାଳୟମାନ ବନ୍ଦ ହେବ ଓ ପ୍ରତିବର୍ଷର ନିୟମକୁ ଅନୁସରଣ କରି ଆମ୍ଭମାନଙ୍କର ଛାପାଖାନା ମଧ୍ୟ ବନ୍ଦ ହେବ [illegible] ଆଗାମୀ ଶନିବାର ଆମ୍ଭେମାନେ ପାଠକ-[illegible] ସହିତ ଭେଟ କରି ପାରିବୁଁ ନାହିଁ । [illegible] ଥରେ ପାଠକମାନେ ଅନୁଗ୍ରହ କରି ଆମ୍ଭମାନଙ୍କୁ ଯେଉଁ ଅବସର ଦଅନ୍ତି ଆମ୍ଭେମାନେ [illegible] ପ୍ରାର୍ଥନା କରୁଅଛୁଁ । ପରନ୍ତୁ ଚଳିତମାସ ୨୭ [illegible] ଆମ୍ଭେମାନେ ପାଠକଙ୍କ ସହିତ ସାକ୍ଷାତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବୁଁ । ଦୈବାତ [illegible] ହୋଇ ନ ପାରିଲେ ପାଠକମାନେ ଅନୁ-ଗ୍ରହ କରି ଆମ୍ଭମାନଙ୍କୁ ସୋମବାର ପର୍ଯ୍ୟନ୍ତ ସମୟ ଦେବେ । ଏଭଳି ପ୍ରାର୍ଥନା କରି ଆମ୍ଭେମାନେ ପାଠକଙ୍କଠାରୁ କିଛିକାଳ ସକାଶେ ମେଲାଣି ନେଉଅଛୁଁ ଭରସା କରୁଁ ଯେ ସେମାନେ [illegible] ଯଥା ଯୋଗ୍ୟରୂପେ ମହା [illegible] ପ୍ରମୋଦ ସହିତ ଅତିବାହିତ କରିବେ ଓ ସମଧିକ ବଳ ଓ ଉତ୍ସାହ ସହିତ ପୁନର୍ବାର [illegible]କ୍ଷେତ୍ରରେ ପ୍ରବେଶ ହେବେ ।

---

ଆମ୍ଭମାନଙ୍କ ଲେଫଟନେଣ୍ଟଗବର୍ଣ୍ଣର ସର୍ ଷ୍ଟୁଆର୍ଟ ବେଲି ସାହେବ ଆଉ ଏକଶ୍ରେଣୀର ଛାତ୍ରବୃ-ତ୍ତିର ସୃଷ୍ଟି କରିଅଛନ୍ତି । ଏ ସବୁ ବୃତ୍ତି ୧୩ ବର୍ଷର ଅନଧିକବୟସ୍କ ବାଳକମାନଙ୍କୁ ମିଳିବ ଓ [illegible]ଶ୍ରେଣୀର ଇଂରାଜୀ ଓ ଭାଷା ବିଦ୍ୟାଳୟରେ ଅଧ୍ୟୟନ କଲେ ପ୍ରାପ୍ତ ହେବ । ଇଂରାଜୀ ନ ଜାଣିବା ବାଳକକୁ ଏ ବୃତ୍ତି ମିଳିବ ନାହିଁ । ଏ ପରୀକ୍ଷା ସକାଶେ ପ୍ରବେଶିକାଫିସ ଟ ୦୲ ଧାର୍ଯ୍ୟ ହୋଇଅଛି । ଏ ବୃତ୍ତିର ସୃଷ୍ଟି ହେବାରେ ପାଠ-ଶାଳା ବୃତ୍ତି ଟ ୩ ଙ୍କାରୁ ଊଣା ହୋଇ ଟ ୨ ଙ୍କା ହୋଇଅଛି ମାତ୍ର ଯେଉଁ ବାଳକମାନେ ବର୍ତ୍ତମାନ ଟ ୩ ଙ୍କା ଲେଖାଏ ପାଉଅଛନ୍ତି ସେମାନେ ସେହି ରୂପ ପାଉଥିବେ ଏ ବୃତ୍ତି ତିନିବର୍ଷ ଲେଖାଏ ମିଳିବ । ବଙ୍ଗାଳ ଗବର୍ଣ୍ଣମେଣ୍ଟ ଏଥିପାଇ ୧୮୦୦୦ ଟଙ୍କା ମଞ୍ଜୁର କରିଅଛନ୍ତି ଯେ ତହିଁ ମଧ୍ୟରୁ ଓଡ଼ିଶା ଭାଗ୍ୟରେ ଟ୧୧୦୦ଙ୍କା ପଡ଼ିଅଛି ଯଥା-କଟକଜିଲ୍ଲା ଟ ୫୦୦ ୲ ପୁରୀ ଓ ବାଲେଶ୍ୱରଜିଲ୍ଲା ପ୍ରତ୍ୟେକ ଟ ୩୦୦ ୲ ଲେଖାଏ । ସାମାନ୍ୟ ପ୍ରକାର ଇଂରାଜୀ ଓ ଦେଶୀୟଭାଷା ଶିକ୍ଷାପକ୍ଷରେ ଏ ଛାତ୍ରବୃତ୍ତି ବଡ ଉପଯୋଗୀ ହେବାର ଜଣା ଯାଏ ।

---

ନମ୍ରେ ସର୍ ଷ୍ଟୁଆର୍ଟ ବେଲି ସାହେବ ଶିକ୍ଷାବିଭାଗର ସମସ୍ତ ପ୍ରକାର ବନ୍ଦୋବସ୍ତ କରି ଦେବାର ଦେଖାଯାଏ । ତାହାଙ୍କର ସମସ୍ତପ୍ରକାର ଶିକ୍ଷା ପ୍ରତି ସମାନ ଦୃଷ୍ଟି ପଡ଼ିବାର ଦେଖାଯାଏ । ନିମ୍ନଶ୍ରେଣୀର ଶିକ୍ଷାବିଷୟକ ତାହାଙ୍କର ବ୍ୟବସ୍ଥା-ମାନ ଆମ୍ଭେମାନେ ସମୟରେ ପ୍ରକାଶ କରିଅଛୁଁ ଏଥର ଉଚ୍ଚଶିକ୍ଷାସମ୍ବନ୍ଧରେ ତାହାଙ୍କର ଯେ ଅଭିମତ ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶ ହୋଇଅଛି ତହିଁର ସଂକ୍ଷେପ ପରିଚୟ ଦେବାରେ ପ୍ରବୃତ୍ତ ହେଲୁଁ ଲେଫ୍ଟନେଣ୍ଟ ଗବର୍ଣ୍ଣର ବୋଲନ୍ତି ଯେ ରାଜଧାନୀ ବର୍ଦ୍ଧମାନ ଓ ଢାକାବିଭାଗମାନଙ୍କରେ ପ୍ର-ୟୋଜନାନୁସାର କଲେଜ ଓ ହାଇସ୍କୁଲମାନ ଅଛି କେବଳ କୃଷ୍ଣନଗର ବାସିମାନେ ଦେବାଦ୍ୱାରା ଟଙ୍କା ସଂଗ୍ରହ କଲେ ଗବର୍ଣ୍ଣମେଣ୍ଟ ସାହାଯ୍ୟ ଦେଇ ସେଠା କଲେଜକୁ ପୁନର୍ବାର ସ୍ଥାପନ କରିବେ । ବ୍ରହ୍ମପୁରର କଲେଜ ପକ୍ଷରେ ମଧ୍ୟ ଏହିପରି ମନ୍ତବ୍ୟ ଅଟଇ ।

ବେହାରବିଭାଗରେ କେବଳ ପାଟନାରେ ଗୋଟିଏ କଲେଜ ଅଛି । ଭାଗଲପୁରରେ ଆଉ ଗୋଟିଏ ହେବାର ଉଚିତ ମାତ୍ର ପାଟନା କଲେ-ଜରେ ଆଶାନୁରୂପ ଛାତ୍ର ଘଟି ନ ଥିବାରୁ ବର୍ତ୍ତ-ମାନ ଆଉ ଗୋଟିଏ କଲେଜ କରିବାର ସମୟ ହୋଇ ନାହିଁ ।

ଓଡ଼ିଶାବିଭାଗରେ ଏପର୍ଯ୍ୟନ୍ତ କଲେଜ ହୋଇ ନାହିଁ ମାତ୍ର ଶ୍ରୀଯୁକ୍ତ ରାବନ୍‌ସା ସାହେବଙ୍କ ଯତ୍ନରୁ ଏଠାରେ କଲେଜ ହେବାର ଆଉ ବିଳମ୍ବ ନାହିଁ ।

ବାକି ରହିଲା ରାଜସାହି କୁଚବେହାର ଛୋଟ ନାଗପୁର ଏବଂ ଚଟ୍ଟଗ୍ରାମ ବିଭାଗ । ଏସବୁ ବିଭାଗ ମାନଙ୍କରେ ଉଚ୍ଚଶିକ୍ଷାର ଉପାୟ ନିତାନ୍ତ ଅଳ୍ପ ଅଟଇ । ଏସବୁସ୍ଥାନରେ କେଉଁଠାରେ କଲେଜ ଓ କେଉଁଠାରେ ହାଇସ୍କୁଲ କରିବାକୁ ଗବର୍ଣ୍ଣ-ମେଣ୍ଟ ମନୋନୀତ କରିଅଛନ୍ତି । ମାତ୍ର ସ୍ଥାନୀୟ ଲୋକଦ୍ୱାରା ନ୍ୟୁନକଳ୍ପରେ ତୃତୀୟାଂଶ ବ୍ୟୟ ନ ଉଠିଲେ କୌଣସିଠାରେ କିଛି ହେବ ନାହିଁ । ଗବର୍ଣ୍ଣମେଣ୍ଟ ଏଭଳି କହୁଅଛନ୍ତି ବ ସ୍ଥାନୀୟ

Digitized by srujanika@gmail.com

Split by PDF Splitter



ଭେଦାଦ୍ଵାରା ଉକ୍ତାଂଶ ବ୍ୟୟ ନିର୍ବାହିତ ହେଲେ ଅବଶିଷ୍ଟାଂଶ ଗବର୍ଣ୍ଣମେଣ୍ଟ ଦେଇ ଉଚ୍ଚଶିକ୍ଷାର ଉପାୟ କରିଦେବେ । ଏରୂପେ ବୋଧ ହୁଅଇ କେତେକ ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହୋଇପାରେ ମାତ୍ର ଆମ୍ଭମାନଙ୍କ ବିବେଚନାରେ ଏସବୁ ଉପାୟ ଚିରସ୍ଥାୟୀ ହେବାର ସମ୍ଭାବନା ଦିଶୁ ନାହିଁ । ସରୁଷ୍ଟର୍ଡ ଟେମ୍ପଲ ସାହେବଙ୍କ ବନ୍ଦୋବସ୍ତମାନ ତାହାଙ୍କରି ସ୍ଵକରର ନ୍ୟୁନ ଘର ଅଚିରସ୍ଥାୟୀ ଜଣାଯାଏ । ବୋଧ ହୁଅଇ ସେ ମନେ କରୁଅଛନ୍ତି ଯେ ତାହାଙ୍କ ସମୟରେ ସେ ଉନ୍ନତିର ଉପାୟ କରି ଦେଇ ପ୍ରଶଂସା ପାଇବ ଯିବେ ତାହାଙ୍କ ପଛରେ ଯେଉଁ ବ୍ୟକ୍ତି ବଙ୍ଗଳାର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ହେବେ ତାହାଙ୍କୁ ଯେମନ୍ତ ଦିଶିବ ସେପରି ବନ୍ଦୋବସ୍ତ କରି ନେବେ ।

---

ଯୁବରାଜଙ୍କର ପରିଭ୍ରମଣ ।

ଇଂଲଣ୍ଡର ଯୁବରାଜ ଅର୍ଥାତ୍ ପ୍ରିନ୍ସଅବ୍‌ୱେଲ୍ସ ଭାରତବର୍ଷର କେଉଁ ସ୍ଥାନରେ କେବେ ପ୍ରବେଶ ଓ କେତେ ଦିନ ଅବସ୍ଥିତ କରିବେ ତହିଁର ଗୋଟିଏ ବିବରଣ ଡେଲିନ୍ୟୁସରେ ପ୍ରକାଶିତ ହୋଇଅଛି ତହିଁରୁ ଉଲ୍ଲିଖିତ କଥା ଆମ୍ଭେମାନେ ଉଦ୍ଧୃତ କଲୁଁ । ଯଥା;—

| | |
|---|---|
| ବମ୍ବେଇରେ ପହୁଞ୍ଚିବେ | ତା୮ରିଖନବେମ୍ବର ସନ ୧୮୭୫ |
| ଏଠାରେ ଥିବାବେଳେ ପୁନା ଓ ଅହମଦାବାଦ ଦେଖିବେ | |
| ବମ୍ବେଇରୁ ପ୍ରସ୍ଥାନ | ତା୧୯ରିଖନବେମ୍ବର |
| କଲିକଟରେ ପହୁଞ୍ଚିବେ | ତା୨୩ରିଖ ,, |
| ଏଠାରୁ କୋଏମ୍ବତୁର, ନୀଳଗିରି, ମଥୁରା ଓ ସେରିଙ୍ଗପଟ୍ଟନକୁ ଯିବେ । | |
| ବଙ୍ଗାଲୋରରେ ପହୁଞ୍ଚିବେ | ତା୨ରିଖ ଡିସେମ୍ବର |
| ମାନ୍ଦ୍ରାଜରେ ପହୁଞ୍ଚିବେ | ତା୭ରିଖ ,, |
| ମାନ୍ଦ୍ରାଜରୁ ପ୍ରସ୍ଥାନ | ତା୮ରିଖ ,, |
| କଲୋମ୍ବୋକୁ ଜାହାଜରେ ଯିବେ | ତା୧୦ରିଖ ,, |
| ସିଂହଳଦ୍ଵୀପର ଟ୍ରିଙ୍କମାଲିଠାରେ ଜାହାଜରେ ଚଢିବେ | ତା୧୭ରିଖ ,, |
| କଲିକତାରେ ପହୁଞ୍ଚିବେ | ତା୨୩ରିଖ ,, |
| କଲିକତାରୁ ପ୍ରସ୍ଥାନ କରିବେ | ତା୩ରିଖ ଜାନୁଆରୀ ସନ ୧୮୭୬ |
| ବାଟରେ ବାଙ୍କିପୁର ଠାରେ ୩।୪ ଘଣ୍ଟା ରହି ବନାରସକୁ ଯିବେ । | |
| ବନାରସରେ ପ୍ରବେଶ | ତା୫ରିଖ ଜାନୁଆରୀ |
| ଫାଏଜାବାଦ ଓ ଲକ୍ଷ୍ନୌକୁ ଯାତ୍ରା | ତା ୭ ରିଖ ,, |
| କାନପୁରରେ ପ୍ରବେଶ | ତା୧୦ରିଖ ,, |
| ଜାନୁଆରୀ ମାସ ତା ୧୨ ରିଖ ଓ ତା ୧୮ ରିଖ ମଧ୍ୟରେ ଦିଲ୍ଲୀରେ ପ୍ରବେଶ ହେବେ ଦିଲ୍ଲୀଠାରୁ ଯୁବରାଜ ଅମୃତସରକୁ ଓ ତହିଁ ଅରବଦନ ଲାହୋରକୁ ଯିବେ, ଲାହୋରରେ ୩ ରାତ୍ର ଅବସ୍ଥିତ କରିବେ ସେଠାରୁ ଯମ୍ମୁରେ ୩ ରାତ୍ର ରହିବେ ଓ ସେଠାରୁ ପୁଣି ଲାହୋରକୁ ଆସି ସେହିଦିନ ସାହାରନପୁର ଓ ତହିଁ ଉତ୍ତାରୁ ଆଗ୍ରାକୁ ଆସିବେ | ତା୧ରିଖଫେବୃଏରୀ |

---

ଅତିବର୍ଷା ଓ ବନ୍ୟା ।

ଆମ୍ଭେମାନେ ଏ ବିଷୟରେ ଗତ ସପ୍ତାହରେ ଲେଖିଥିଲୁଁ ତହିଁଉତ୍ତାରୁ ଉତ୍ତର ଯାଜପୁରଅଞ୍ଚଳ ପ୍ରଭୃତିରୁ କେତେକଣ୍ଡ ପତ୍ର ପାଇଅଛୁଁ ଯହିଁରୁ ଦେଖାଯାଏ ଯେ ନଦୀବଢିଦ୍ଵାରା ବିଶେଷ ଅନିଷ୍ଟ ଉତ୍ତରଅଞ୍ଚଳରେ ହୋଇଅଛି । ଏ ବିଷୟରେ ଆମ୍ଭମାନଙ୍କ ଜଣେ ବନ୍ଧୁଠାରୁ ପାଇଥିବା ପତ୍ର କିଞ୍ଚିତ ଏଠାରେ ପ୍ରକାଶ କରୁଅଛୁଁ ଯଥା—

"ଭୈରବଦନ୍ତଅପକ୍ଷ ଶେଷ ହେବା ଦିନରେ ବଢି ବଢ଼ଲଣ୍ଡ ଦୃଷ୍ଟ କରି ଯାଜପୁରରେ ଲୋକେ ରାତ୍ରରେ ଜାଗରୂକ ଥାଇ, କୋଳାହଳ କରୁଥିବା ଆପଣ ଯେ ଏକ ପତ୍ରିକାରେ ଲେଖିଥିଲେ, କିନ୍ତୁ ଠିକ ସେହି ଭୈରବଦନ୍ତଅପକ୍ଷ ଶେଷ ହେବା ଦିନରେ ନ ହୋଇ, ପରନ୍ତୁ ଗତ ରବିବାର ଦିନରେ ଏ ଅଞ୍ଚଳରେ ଯେ ଭୟାନକ ବନ୍ୟା ହୋଇ ଯାଇ ଅଛି ତାହା କଥନୀୟ ନୁହେ । ସୁଣ୍ଡିତନଦୀଉତ୍ତରର ପଶ୍ଚିମଭାଗ ଅର୍ଥାତ୍ କୁସୁମ୍ପାସ ଗ୍ରାମର ପ୍ରଜାମାନଙ୍କର ପ୍ରାୟ ଶତାବଧିର ଉର୍ଦ୍ଧ୍ଵ ଗୃହମାନ ଭୂମିସାତ୍ ହୋଇ ଯାଇଅଛି । ନୂତନଉତ୍ତରର ଅର୍ଥାତ୍ ଯେଉଁଠାରେ ସାହେବଙ୍କ କଚେରୀପ୍ରଭୃତି ଅଛି, ପ୍ରାୟ ସମସ୍ତ ଭୂମି ଜଳମଗ୍ନ ହୋଇ ଯାଇଥିଲା । ଶ୍ରୀଯୁତ ଅଶିଷ୍ଟାଣ୍ଟ ସାହେବଙ୍କ କୋଠିକୁ ଜଳ ଯାଇ ନାହିଁ ସତ୍ୟ, କିନ୍ତୁ ତତାଙ୍କଭିତରେ ଚୌଠ ରାସ୍ତା ଜଳରେ ଡୁବିଥିଲା । ଥାନାର ଇନ୍‌ସ୍ପେକ୍ଟର ଗୃହ ଭିତରେ ଆଣ୍ଠୁଏ ପାଣି, ଓ ଗ୍ରାମ୍ୟ

ଆନା ସରଟା ପଡ ନ ଗଲା । ତାହା ହୋଇଥିଲେ ଉତ୍ତମସ୍ଥାନରେ ନୂଆଘର ପ୍ରସ୍ତୁତ ହୁଅନ୍ତା ବିଶେଷ ହଜାର ପ୍ରଜାବର୍ଗର ଘର ଭାଙ୍ଗି ବା ଯାହା ଭଲା ତାହା ହେଉ, ସରକାରୀ ଘର ଦୁଇଟା ଗୋଟାଏ ନ ପଡଲେ କର୍ତ୍ତୃପକ୍ଷମାନଙ୍କର ନିଦ୍ରାଭଙ୍ଗ ହେବ ନାହିଁ । ସଦରଖ ସହରର ଏ ଦୁର୍ଗତି, ବର୍ତ୍ତମାନ ମଫସଲର କଥା କହୁ ଲେଖିବୁଁ । ବେତଡା, ତେଙ୍ଗଗଡ଼ିଆ, ଗଡସ୍ୟାମାଳ, ଗୁରପଡିଆ ପ୍ରଭୃତି କେତେକ ସ୍ଥାନରେ ଏମନ୍ତ ଘଟନା ହୋଇଅଛି ଯେ ଲୋକେ ଗଛ ଉପରେ ରହି ଆପଣା୨ ପ୍ରାଣ ରକ୍ଷା କଲେ । ମଫସଲରେ ଅନେକ ସ୍ଥାନରେ ଅନେକ ଗୃହାଦି ଭାସି ଯାଇଅଛି । ଗଡସ୍ୟା ନାମକ ଏକଗ୍ରାମ ଅଛି ଦୁର୍ଭାଗ୍ୟବଶତଃ ତାହା ଇରିଗେସନ ବନ୍ଧର ମଧ୍ୟବର୍ତ୍ତୀରେ ପଡିଅଛି ସେ ଗ୍ରାମ ଏକାବେଳକେ ଛାରଖାର ହୋଇ ଯାଇଅଛି କିନ୍ତୁ ସୁଖରବିଷୟ ଏତିକି ଅଛି ଯେ ଫସଲର ପ୍ରତି କିଛିମାତ୍ର ବ୍ୟାଘାତ ହୋଇ ନାହିଁ ବରଞ୍ଚ ଯେଉଁ୨ କିଲରେ ବଢିପାଣି ମାଡିଅଛି, ପଟୁ ପଡିଥିବାରୁ ତାହାର ଫସଲ ଆହୁରି ଭଲ ହୋଇ ବଢିବ ଓ ଫଳିବ ।

ଏ ବନ୍ୟାର କିଛି କାରଣ ଅଛି କି କେବଳ ବର୍ଷାପାଣିରେ ଏ ବନ୍ୟା ହୋଇଅଛି ? ସୁନର୍ଯ୍ୟା ବୁଧିଦିନ ପର୍ଯ୍ୟନ୍ତ ବର୍ଷା ନ ଥିଲା ତଥାପି ଦିନଠାରୁ ତିନଦିନ ମାତ୍ର ଅବଶ୍ରାନ୍ତ ବର୍ଷା ହେଲା ତହିଁରେ 'ରେନଗଜ' ( ବର୍ଷା ପରିମାପକଯନ୍ତ୍ର ) ଯାହା କି ଏଠା ଅଶିଷ୍ଟାଣ୍ଟସାହେବଙ୍କ ହତାରେ ଅଛି ତହିଁରେ ଦେଖାଗଲା ୮ ଇଞ୍ଚରୁ ଅଧିକପାଣି ବର୍ଷି ନାହିଁ, ଏହି ପାଣିରୁ କି ଏତେବଡ ବନ୍ୟା ହେଲା ? ଏହା କଦାଚ ନୁହେ, କାରଣ ଗତ ୬୫ ସାଲର ବନ୍ୟାରେ ସଦରଘରେ ଯେତେ ଦୂର ପାଣି ଉଠି ନ ଥିଲା । ଆଉ ଯେଉଁ୨ ଗ୍ରାମରେ ଜଳ ପ୍ରବେଶ କରି ନ ଥିଲା ଏ ବନ୍ୟାରେ ସେ ସେ ସ୍ଥାନମାନ ଏକକାଳରେ ଜଳମଗ୍ନ ହୋଇଅଛି ଆଉ ମଫସଲରେ ଅର୍ଥାତ୍ ସେନାଓଡ ଓ ବଡ଼୍ୟାଙ୍ଗ ତରଫରେ ଯେଉଁ ସମସ୍ତ ସ୍ଥାନମାନ କଥିତ ବନ୍ୟାରେ ସମ୍ପୂର୍ଣ୍ଣରେ ଜଳମଗ୍ନ ହୋଇ ଯାଇଥିଲା ଏ ବନ୍ୟାରେ ସେଠାରୁ ଜଳ ଯାଇ ନାହିଁ ସେ ସ୍ଥାନରୁ ଅନେକ ଦୂରରେ ଜଳ ଥିଲା । ଏଥିରୁ କି ବୋଧ ହେଉଅଛି ? ଉତ୍ତର ଅଞ୍ଚଳର ବନ୍ୟା କେବଳ ବର୍ଷା ଯୋଗୁଁ ନୁହେ, ତାହାର ଆହୁରି କିଛି କାରଣ ଅଛି, ତାହା କି ? କର୍ତ୍ତୃପକ୍ଷମାନଙ୍କର ଅନୁସନ୍ଧାନ କରି ତହିଁର ନିବାରଣୋପାୟ ଅବଲମ୍ବ କରିବା ଅବଶ୍ୟକ କାରଣ ତାହା ନ ହେଲେ ଉତ୍ତର-

Digitized by srujanika@gmail.com

Split by PDF Splitter



ତରେ ଅତି ସାମାନ୍ୟ? ବନ୍ୟାରେ ଏହିପରି ଦୁର୍ଦ୍ଦଶା ହେଉଥିବ। ଏମନ୍ତ ସାମାନ୍ୟ ବର୍ଷାରେ ଯଦି ଶୋଚନୀୟ ଘଟନାସବୁ ହେବାର ଆରମ୍ଭ ହେଲା ତେବେ ଆଉ ପ୍ରଜାମାନେ କି ପ୍ରକାର ଘର କରି ରହିବେ ? ଅତଏବ ପୁନର୍ବାର ଲେଖୁଅଛୁଁ ଯେ କର୍ତ୍ତୃପକ୍ଷମାନେ ଏହାର କାରଣ ଅନୁସନ୍ଧାନ କରିବାରେ ପ୍ରବୃତ୍ତ ହେଉନ୍ତୁ ନଚେତ୍ ପଶ୍ଚାତକୁ ଅନେକ କଷ୍ଟ ଭୋଗିବାକୁ ହେବ।"

ସୁଖର ବିଷୟ ଯେ ଆମ୍ଭେମାନେ ଯେତେ ସ୍ଥାନରୁ ସଂବାଦ ପାଉଅଛୁଁ କୌଣସି ଠାରେ ଫସଲପ୍ରତି ବିଶେଷ ଅନିଷ୍ଟ ଘଟିବାର ଶୁଣାଯାଇ ନାହିଁ। ଯାଜପୁରରେ କେବଳ ଓଲଉଠାରୋଗ କିଛି ପ୍ରବଳ ହେବାର ଦେଖାଯାଏ।

---

## ଗୃହହୀନବ୍ୟକ୍ତିଙ୍କ ସାହାଯ୍ୟାର୍ଥ ସଭା ।

ବର୍ଷର ଘୋର ବର୍ଷାରେ ନଗରବାସୀ ଅନେକ ଲୋକଙ୍କର ଘର ଭାଙ୍ଗି ଯାଇଅଛି ଓ ଅନେକ ଦୁଃଖିଲୋକଙ୍କ ଘର ଭାଙ୍ଗିଯିବାରୁ ଅସହାୟ ଅବସ୍ଥାରେ ପଡିଅଛନ୍ତି। ଏଥି ମଧ୍ୟରେ ଏପ୍ରକାର ଲୋକ ଅଛନ୍ତି କି ଯାହାଙ୍କର ଘର ନିର୍ମାଣ କରି ନେବାର କ୍ଷମତା ନାହିଁ। ଏହି ସବୁ ଲୋକଙ୍କ ସାହାଯ୍ୟ ନିମନ୍ତେ କୌଣସି ଉପାୟ କରିବାର ନିତାନ୍ତ କର୍ତ୍ତବ୍ୟ ଜାଣି ତହିଁର ବିଚାର ଓ ସଦୁପାୟ ଅବଲମ୍ବନ ନିମନ୍ତେ ବାବୁ ଜଗନ୍ମୋହନ ରାୟ ଓ ବାବୁ ଅନ୍ନଦାପ୍ରସାଦ ଘୋଷ ମହାଶୟମାନେ ଏ ନଗରବାସୀ ସମସ୍ତ ଶ୍ରେଣୀର ଦେଶୀୟ ବିଦେଶୀୟ ଭଦ୍ରଲୋକଙ୍କର ସଭାର ଅନୁଷ୍ଠାନ କରିଥିଲେ ଗତ ସପ୍ତାହ ଶୁକ୍ରବାର ରାତ୍ରରେ କଟକ ପ୍ରିଣ୍ଟିଙ୍ଗ କମ୍ପାନିଙ୍କ କୋଠାଠାରେ ସଭା ରଚନା ହୋଇଥିଲା। ମାତ୍ର ଆକ୍ଷେପର ବିଷୟ ଯେ କେବଳ ଦଶଜଣ ଦେଶୀୟ ଭଦ୍ରଲୋକ ସଭାକୁ ଆସିଥିଲେ। ଇଉରୋପୀୟ ସଭ୍ୟ କେହି ନ ଆସିବାର ହେତୁ ଏହି ଯେ ରାତ୍ରି ଘ ୮ ଘଣ୍ଟା ସେମାନଙ୍କର ଭୋଜନର ସମୟ ଅଟଇ। ଏଥି ପାଇଁ ସେମାନେ ଏ ସଭାକୁ ଯେମନ୍ତ ଆସି ନାହାନ୍ତି ତେମନ୍ତ ଅନ୍ୟାନ୍ୟ ସଭାକୁ ମଧ୍ୟ ଆସିବାର ଦେଖାଯାଏ ନାହିଁ। ଦିନର ଶେଷଭାଗରେ ସଭା ହୋଇଥିଲେ ଏମାନେ ଆସିପାରନ୍ତେ। ଦେଶୀୟଲୋକ ଅଧିକ ନ ଆସିବାର କାରଣ ଏରୂପ କିଛି ହୋଇ ନ ପାରେ। କାଦୁଅବାଟ ଓ ଅନ୍ଧକାର ରାତ୍ରି ସକାଶେ କେତେ ଲୋକ ଆସିବାକୁ ଅନିଚ୍ଛୁକ ହୋଇଥିବେ ଓ କେତେକ ଲୋକ ବିଜ୍ଞାପନ ମଧ୍ୟ ନ ପାଇବାର ଜଣାଯାଏ। ତଥାପି ଏତେ ଅଳ୍ପ ଲୋକ ଆସିବାର କାରଣ ଆମ୍ଭେମାନେ ଏହିରୂପ ଶଙ୍କା କରୁଁ ଯେ ଚାନ୍ଦା ଦେବାକୁ ପଡିବ ବୋଲି ସେମାନେ ଅନ୍ତରରେ ରହିଲେ ଅଥବା ଏରୂପ କାର୍ଯ୍ୟରେ ଚାନ୍ଦା ଦେବାକୁ ଅଯୌକ୍ତିକ ଜ୍ଞାନ କରିଥିବେ। ଆମ୍ଭେମାନେ ସ୍ୱୀକାର କରୁଁ ଯେ ଶେଷଲିଖିତ ଯୁକ୍ତିଟି ପ୍ରଥମ ଦୃଷ୍ଟିରେ ପ୍ରବଳ ବୋଧ ହୁଅଇ ମାତ୍ର କିଞ୍ଚିତ ଆଲୋଚନା କଲେ ସ୍ପଷ୍ଟ ଦେଖାଯିବ ଯେ ଏଥିରେ ଚାନ୍ଦା ଦେବା ସର୍ବତୋଭାବେ ଯୁକ୍ତିଯୁକ୍ତ ଅଟଇ। ସେକଥା ଆମ୍ଭେମାନେ ଏ ପରେ କହୁଅଛୁଁ।

ଯାହାହେଉ ଏହି ଦଶଜଣ ଲୋକଙ୍କ ସଭାରେ ଧାର୍ଯ୍ୟ ହେଲା ଯେ ଦୁଃଖିମାନଙ୍କ ସାହାଯ୍ୟ ନିମନ୍ତେ ଚାନ୍ଦା କରିବାର ନିତାନ୍ତ ଆବଶ୍ୟକ ଓ ଚାନ୍ଦା ଟଙ୍କା ଉସୁଲ ହେଲେ ତହିଁରୁ କିପ୍ରକାର ସାହାଯ୍ୟ ଦିଆଯିବ ତାହା ସ୍ଥିର ହେବ। ଏ ବିଷୟ ସ୍ଥିର କରିବା ଓ ଚାନ୍ଦା ସଂଗ୍ରହ ଓ ଖର୍ଚ୍ଚ କରିବା ସକାଶେ ଗୋଟିଏ କମିଟୀ ନିଯୁକ୍ତ ହେଲା ଯେ ସେହି କମିଟୀର ସଭ୍ୟମାନେ ସକଳ ବିଷୟର ବ୍ୟବସ୍ଥା କରିବେ। ବାବୁ ଜଗବନ୍ଧୁ ଘୋଷ କମିଟୀର ସମ୍ପାଦକ ଓ କୋଷାଧ୍ୟକ୍ଷ ହୋଇଅଛନ୍ତି ଯେଉଁମାନେ ଯାହା ଚାନ୍ଦା ଦେବେ ତାହା ଏହାଙ୍କ ନିକଟକୁ ପଠାଇ ଦେବେ।

ଏ ବର୍ଷର ବର୍ଷା ହେତୁରୁ ଯେ ଅନେକ ଲୋକଙ୍କର ଘର ଭାଙ୍ଗି ଯାଇଅଛି ସେହିବିଷୟରେ କିଛି ସନ୍ଦେହ ନାହିଁ ଆମ୍ଭେମାନେ ତାହା ପୂର୍ବରୁ ପାଠକଙ୍କୁ ଜଣାଇଅଛୁଁ ସଙ୍ଗତିପନ୍ନ ଓ ଦରିଦ୍ର ଉଭୟପ୍ରକାର ଲୋକଙ୍କ ଘର ଭାଙ୍ଗି ଯାଇଅଛି ତେବେ ନିତାନ୍ତ ଦୁଃଖିଙ୍କର କେତେ ଘର ଭାଙ୍ଗି ଯାଇଅଛି ତହିଁର କିଛି ଅନୁସନ୍ଧାନ ହୋଇ ନାହିଁ ସୁତରାଂ ଚପରମାଣରେ ଚାନ୍ଦା ଉଠିଲେ ଉପଯୁକ୍ତରୂପ ସାହାଯ୍ୟ ହେବ ତାହା ବୋଲାଯାଇ ନ ପାରେ ବୋଧ ହୁଅଇ କମିଟୀ ସେକଥାର ତଦନ୍ତ ଏ ଉତ୍ତାରୁ କରିବେ ଫଳତଃ ଯେସ୍ଥଳେ ଅବଶ୍ୟ କେତେ ଅସହାୟ ଓ ଦୁଃଖିଙ୍କର ଘର ଭାଙ୍ଗି ଯାଇଥିବାର ନିଶ୍ଚୟ ଜଣାଯାଏ ତାହା ଯେକୌଣସି କାରଣରୁ ହେଉ ସେମାନେ ସାହାଯ୍ୟ ଲାଭର ଉପଯୁକ୍ତ ପାତ୍ର ଅଟନ୍ତି। ସର୍ବସାଧାରଣ ଏ ବିଷୟରେ ଯାହା ଦାନ କରିବେ ତଦ୍ଦ୍ୱାରା ସେମାନଙ୍କର ଯେମନ୍ତ ପୁଣ୍ୟ ହେବ ତେମନ୍ତ ଦରିଦ୍ରଙ୍କର ପରମୋପକାର ସାଧନ ହେବ ସନ୍ଦେହ ନାହିଁ। ଏହି ହେତୁରୁ ଆମ୍ଭେମାନେ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ଯେ ଏରୂପ ମହତ୍ ଅନୁଷ୍ଠାନରେ ସମସ୍ତେ ଯୋଗ ଦେଇ ଯେ ଯାହାର ସାଧ୍ୟାନୁସାରେ ଓ ଦୁଃଖର ପରିମାଣ ଦୃଷ୍ଟିରେ ଚାନ୍ଦା ଦେଇ ମାନବଧର୍ମ ରକ୍ଷା କରନ୍ତୁ।

ପରନ୍ତୁ ଆମ୍ଭେମାନେ ବାଧ୍ୟ ହୋଇ କହୁଅଛୁଁ ଯେ ଏ ସଭାର କାର୍ଯ୍ୟ ସର୍ବସାଧାରଣଙ୍କ ମନୋମତ ହୋଇ ନାହିଁ କାରଣ ସଭା ଆହୂତ କର୍ତ୍ତାମାନେ ଆଂଶିକ ପ୍ରତୀକାର ଉଦ୍ଦେଶ୍ୟରେ ତାହା କରିଥିଲେ ସମସ୍ତଶ୍ରେଣୀର ଲୋକଙ୍କପ୍ରତି ସମାନ ଦୃଷ୍ଟି ରଖି ନାହାନ୍ତି। ଆମ୍ଭେମାନେ ପଚାରୁଁ ଯେ ସଙ୍ଗତିପନ୍ନ ବ୍ୟକ୍ତିମାନେତ କ୍ଷତିଗ୍ରସ୍ତ ହୋଇଅଛନ୍ତି ସେମାନେ କି କୌଣସି ପ୍ରତୀକାର ପାଇବାର ଯୋଗ୍ୟ ନୁହନ୍ତି ? ସଭାର ମୁଖ୍ୟବ୍ୟକ୍ତିମାନେ ଅବା ବୋଲିବେ ଯେ ଯୋଡବନ୍ତଲୋକ ଆପଣାକୁ ଆପେ ସାହାଯ୍ୟ କରିବାକୁ ସକ୍ଷମ ସେମାନେ ଆପଣା କ୍ଷତିର ପ୍ରତୀକାର ଆପେ ଲୋଡିବେ ତହିଁପାଇଁ ସଭାକାରଙ୍କୁ ବ୍ୟସ୍ତ ହେବାର କି ପ୍ରୟୋଜନ ? ଦୁଃଖିମାନେ ସବୁକଥାରେ ଅକ୍ଷମ ସୁତରାଂ ତାହାଙ୍କପାଇଁ ସଭା ହେଲା। ଯେବେ ଏଠାର ଯୋଡବନ୍ତ ଲୋକମାନେ ସଭାକାରଙ୍କପରି ବିଦ୍ୱାନ୍ ଓ ବୁଦ୍ଧିବନ୍ତ ଥାଆନ୍ତେ ଓ ଏମାନଙ୍କର ସାହସ ଓ ସ୍ୱାଧୀନତା ଥାନ୍ତା ତାହା ହେଲେ କେତେକ ପରିମାଣରେ ଏ ଯୁକ୍ତି ଭଲ ଜଣାପଡନ୍ତା ଓ ସେମାନେ ଏହି ସଭାରେ ଆସି ଯଥାବିହିତ ଉପାୟ କରିଥାନ୍ତେ। ମାତ୍ର ଏଠାର ଦ୍ରବ୍ୟବନ୍ତ ଲୋକମାନେ ଦୁଃଖିଙ୍କପ୍ରାୟ ଅଜ୍ଞ ଓ ଭୟାତୁର ଓ ସକଳ ବିଷୟରେ ସଭାକାରଙ୍କପରି ବ୍ୟକ୍ତିଙ୍କର ସାହାଯ୍ୟ ଲୋଡନ୍ତି। ଏପରି ଅବସ୍ଥାରେ ଯେବେ ସଭାକାରମାନେ ତାହାଙ୍କ କଥା ନ ବୁଝିଲେ ଓ ତାହାଙ୍କ ନିଜ କ୍ଷତି ଉପରେ ଅନ୍ୟର କ୍ଷତି କି ଚପାଇଲେ ତେବେ ତାହାଙ୍କର ବ୍ୟବସ୍ଥାଟି କିପ୍ରକାର ହେଲା। ଏହାଙ୍କର ରୀତି ଦେଖି ଅନାୟାସରେ ଲୋକେ କହିପାରନ୍ତି ଯେ ଏମାନେ ସାଧାରଣଙ୍କର ଭଲ ମନ୍ଦ ପ୍ରତି ଆସ୍ଥା କରନ୍ତି ନାହିଁ କେବଳ ଆପଣା ପ୍ରୟୋଜନ ଦେଖିଲେ ଧନିଲୋକଙ୍କୁ ଲୋଡନ୍ତି। ସଭାକାରମାନେ ଯେବେ ସମଦର୍ଶୀ ହୋଇଥାନ୍ତେ ତେବେ ଅଗ୍ରେ ସାଧାରଣ ଅନିଷ୍ଟର ପ୍ରତୀକାର ଲୋଡନ୍ତେ ପଶ୍ଚାତ୍ ବିଶେଷ ବ୍ୟକ୍ତିପ୍ରତି ଦୃଷ୍ଟି ନିକ୍ଷେପ କରନ୍ତେ। ଏ ବର୍ଷର ବର୍ଷା କିଛି ଅଧିକ ହେଲେହେଁ କିଏ ନ ଜାଣେ ଯେ ନଗରର ନାଳ ପରିଷ୍କାର ଗତ ଦୁଇବର୍ଷରୁ ନ ହେବାରୁ ବର୍ତ୍ତମାନ ଦୁର୍ଦ୍ଦଶା ଉପସ୍ଥିତ ହୋଇଅଛି ? ଏବ

Digitized by srujanika@gmail.com

Split by PDF Splitter



ଏଥିର ପ୍ରଥମ ପ୍ରତୀକାର ଏହି ହେଉଅଛି ଯେ ଡାଲସବୁ ଖୋଲାଇ ଦେଇ ଅତିରିକ୍ତ ଜଳ ବାହାର କରି ଦେବା କିନ୍ତୁ ଆମ୍ଭମାନଙ୍କର ସାଧାରଣ ହିତକାରୀମାନେ ତହିଁ ପ୍ରତି ଦୃଷ୍ଟି କରିବେ ନାହିଁ । ଲୋକେ କିଁସା ଚାନ୍ଦିଆ ଦେଇ ଟାଉନଷ୍ଟାମ୍ପ ଦେଲେ ଯେ ନଗରରେ ନିର୍ବିଘ୍ନରେ ଘରକରି ରହିବେ ସେ ଟଙ୍କା କେଉଁଆଡେ ଗଲା ତହିଁର ପରସ୍ତାବ ନାହିଁ ଓ ତାହା ଉପଯୁକ୍ତ କାର୍ଯ୍ୟରେ ନ ଲଗିବାରୁ ଏତାଦୃଶ ଅନିଷ୍ଟ ହେଲା ଓ ସେ ଅନିଷ୍ଟ ନିବାରଣ ସକାଶେ ପୁଣି ଟଙ୍କା ହାତରୁ ବ୍ୟୟ କରିବାକୁ ପଡିଲା ! ଆମ୍ଭମାନଙ୍କର ହିତକାରୀମାନେ ଏସବୁ ଦେଖି ଶୁଣି ତହିଁର କିଞ୍ଚିତ ମାତ୍ର ବିବେଚନା କଲେ ନାହିଁ ଓଲଟି ଲୋକଙ୍କୁ କହିଲେ ଯେ ହେବା ଦଅ ଦୁଃଖିଙ୍କର କଷ୍ଟ ନିବାରଣ କରିବାକୁ ହେବ । ହିପନର କଥା ଏରୂପ ହିତକାରଙ୍କୁ ଧନ୍ୟ ବୋଲିବାକୁ ହେବ । ବାସ୍ତବରେ ଯେମନ୍ତ ଆମ୍ଭେମାନେ ତାହାଙ୍କର କାର୍ଯ୍ୟର ଏକାଂଶକୁ ପ୍ରଶଂସା କରୁଅଛୁଁ ସେରୂପ ତାହାଙ୍କର ଅମନୋଯୋଗିତା ଦେଖି ହତାଶ ହେବାକୁ ହେଉଅଛି ।

ପରଶେଷରେ ବକ୍ତବ୍ୟ ଏହି ଯେ ଏ ସଭାଦ୍ୱାରା ଯାହା ଉପକାର ହେବ ତହିଁରୁ ଅଧିକ ଅନିଷ୍ଟ ହେବାର ସମ୍ଭାବନା କାରଣ ଏଥିରେ ବାହାର ଲୋକ ଓ ଗବର୍ଣ୍ଣମେଣ୍ଟ ପ୍ରଭା ଜାଣିବେ ଯେ ବର୍ତ୍ତମାନ ଅନିଷ୍ଟ କେବଳ ଅତିଶୟ ବୃଷ୍ଟି ହେତୁରୁ ହୋଇଅଛି ସୁତରାଂ ନଗରରକ୍ଷକଙ୍କ ପକ୍ଷରୁ କୌଣସି କର୍ତ୍ତବ୍ୟର ତ୍ରୁଟି ହୋଇ ନାହିଁ । ଏ କଥାଟି ସାଧାରଣ ବିଶ୍ୱାସର ନିତାନ୍ତ ବିରୁଦ୍ଧ ଅଟଇ ଏମନ୍ତ ସ୍ଥଳେ ସଭାଦ୍ୱାରା ଅନିଷ୍ଟ ଭିନ୍ନ ମଙ୍ଗଳ ହୋଇ ନାହିଁ ବରଂ ଯେମନ୍ତ ଏଠା ଲୋକେ ଦୁଃଖ ସହି ପ୍ରଭା ଭୁକ୍ତ ହୋଇ ରହିବାକୁ ସୁଖପାତ୍ର ତଦୃଷ୍ଟିରେ ସଭା ହୋଇ ନ ଥିଲେ ଭଲ ଥିଲା କାରଣ ଦୁଃଖିଙ୍କ ସାହାଯ୍ୟ ଆଡ଼ମ୍ବର ବିନା ହୋଇ ପାରନ୍ତା । ଏଥିର ନଗରବାସିମାନଙ୍କ ଉଚିତ ଯେ ଆପଣା କର୍ତ୍ତବ୍ୟ ପ୍ରତି ଦୃଷ୍ଟି କରନ୍ତୁ ଓ ଯେମନ୍ତ ଖାସମହାଲ ବନ୍ଦୋବସ୍ତ ସମ୍ପର୍କରେ ଆପଣା ଦୁଃଖ କମିଶନରସାହେବଙ୍କୁ ଜଣାଇ ଅଛନ୍ତି ତେମନ୍ତ ଟାଉନକମିଟୀଙ୍କ କାର୍ଯ୍ୟରେ ଯେବେ ବାସ୍ତବରେ ତ୍ରୁଟି ହୋଇଥିବାର ବିଶ୍ୱାସ କରନ୍ତି ତେବେ ଆପଣା ଦୁଃଖ କମିଶନର ବା ଗବର୍ଣ୍ଣମେଣ୍ଟଙ୍କୁ ଜଣାଉନ୍ତୁ । ଅବଧି ବର୍ଷା ଛାଡିବା ଓ ପାଣି ଶୁଖିବାକୁ ଏକମାସ ବା ଅଧିକ ବିଳମ୍ବ ଅଛି ଓ ଏଥି ମଧ୍ୟରେ ଆହୁରି ଅନେକ କ୍ଷତି ହେବାର ସମ୍ଭାବନା ।

# ସାପ୍ତାହିକ ସଂବାଦ ।

କଟକର ବଡଗିର୍ଜାର ପାଦ୍ରି ଶ୍ରୀ ବୁଇକାଲ୍ଟନ ସାହେବ ଆଗାମୀ ନବମ୍ବର ମାସ ତା ୧ ରିଖଠାରୁ ଛଅମାସର ଛୁଟି ପାଇଅଛନ୍ତି ।

କଟକଜିଲାରେ ମହାନଦୀର ବଢି ଏ ବର୍ଷ ପ୍ରବଳ ହୋଇ ନାହିଁ କିନ୍ତୁ ଏ ନଗର ପୁଷ୍କରିଣୀ ଝିଲ ପ୍ରଭୃତି ଜଳାଶୟମାନ ଉଚ୍ଛୁଳିପଡି ଅନେକ କ୍ଷତି କରିଅଛି । ଏ ବନ୍ୟାର ହେତୁ ଉପର ବର୍ଷା କିମ୍ବା ତାହା ଟାଉନକମିଟୀଙ୍କ ବୁଦ୍ଧିସାଗରରୁ ଝରି ଆସିଅଛି ।

ଜଣେ ବନ୍ଧୁଠାରୁ ସଂବାଦ ପାଇଅଛୁଁ ଯେ କଟକଠାରୁ ଆଳ ପର୍ଯ୍ୟନ୍ତ ସଡ଼କବାଟ ଉତ୍ତମ ଅବସ୍ଥାରେ ଅଛି । କିନ୍ତୁ ଆଳ ଓ ଶୃଙ୍ଗବାଇ ମଧ୍ୟରେ ତାହା ଭଙ୍ଗିଯାଇଥିବାରୁ ଶୃଙ୍ଗବାଇ ଡାକ ଗତାୟାତରେ ଅସୁବିଧା ଘଟିଅଛି । ଶୃଙ୍ଗବାଇବାଟ ପ୍ରତିବର୍ଷ ବର୍ଷା ସମୟରେ ଏହିପରି ହୁଅଇ ।

ଆମ୍ଭେ କେନ୍ଦ୍ରେକଥର କେହି ଅଙ୍ଗୀକବ୍ୟକ୍ତିଙ୍କଠାରୁ ସମ୍ବାଦ ପାଇଅଛୁଁ ଯେ ଶିକ୍ଷାବିଭାଗର କର୍ମଚାରୀଙ୍କ ମଧ୍ୟରେ କୌଣସି ବ୍ୟକ୍ତିଠାରେ ବଡ଼ରୋଗ ଉଦୟ ହୋଇଅଛି ଓ ଶିକ୍ଷକ ଓ ପିଲାମାନେ ତାହାଙ୍କ ନିକଟସ୍ଥ ହେବାକୁ ଭୟ କରନ୍ତି । ଯେବେ ବାସ୍ତବରେ ଏପରି ହୋଇଥାଏ ତେବେ ତାହାଙ୍କ ଉପର କର୍ମଚାରୀଙ୍କୁ ଉଚିତ କି ତାହାଙ୍କୁ ଛୁଟି ନେବାକୁ ବାଧ କରନ୍ତୁ ସଂକ୍ରାମକ ରୋଗ ଥିଲେ କେହି ପିଲାମାନଙ୍କ ମଧ୍ୟରେ ବସିବା ଉଠିବା ଭଲ ନୁହଇ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଆଜ୍ଞା ଦେଇ ଅଛନ୍ତି କି ମୁନସଫମାନଙ୍କ ମଧ୍ୟରେ ଯେଉଁମାନେ ହିନ୍ଦୁ ତାହାଙ୍କ ନାମ ଉତ୍ତାରୁ ରାୟବାହାଦୁର ଓ ଯେଉଁମାନେ ମୁସଲମାନ ତାହାଙ୍କନାମ ଉତ୍ତାରୁ ଖାନ ବାହାଦୁର ଲେଖାଯିବ ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ବାଲେଶ୍ୱରରେ ମଧ୍ୟ ଭାରୀ ନଦୀବଢି ହୋଇ କେତେକ ଅଞ୍ଚଳର ଘରଦ୍ୱାର ଭସିଯାଇ ଅଛି ମାତ୍ର ଫସଲ ପ୍ରତି କିଛି ଅନିଷ୍ଟ ହୋଇ ନାହିଁ ।

ବଲରାମପୁରର ମହାରାଜା ସର ଦିଗ୍ବିଜୟ ସିଂହ କେ, ସି, ଏସ, ଆଇ ଗବର୍ଣ୍ଣର ଜେନରଲଙ୍କ ସଭାର ଅତିରିକ୍ତ ସଭ୍ୟ ନିଯୁକ୍ତ ହୋଇ ଅଛନ୍ତି ।

ତିସ୍ତିନଗରରେ ଭାରୀ ବୃଷ୍ଟି ହେବାରୁ ବସ୍ତିର ଘର ଭଗ୍ନ ହୋଇଥିଲା ଏଥିରେ ଲୋକଙ୍କର ଭାରୀ କଷ୍ଟ ହୋଇଥିବାରୁ ଦାର୍ଜିଲିଂଙ୍କ

ସାହାଯ୍ୟ ନିମିତ୍ତ ମିଉନିସିପଲ କମିଶନରମାନେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋ ୫ ଟା ବାଉଁଶ ଓ ଏକଯୋଡା ସିରକି ( ଏକପ୍ରକାର ଚଟାଇ ) ଦେଉଅଛନ୍ତି ସେ ତହିଁରେ ସେମାନେ କୌଣସି ପ୍ରକାର କୁଡିଆ କରି ରହିବେ ।

ଗୟାଜିଲାରେ ଦେଓମହାଲର ମହାରାଜା ସରଜୟ ପ୍ରକାଶ ସିଂହ ବାହାଦୁର କେ, ସି, ଏସ୍, ଆଇ ଗତ ବିଦ୍ରୋହ ସମୟରେ ସରକାରଙ୍କର ବିଶେଷ ସାହାଯ୍ୟ କରିଥିବାରୁ ସେହି ହେତୁରୁ ଅନେକ ଟଙ୍କାର ଦେଣଦାର ହୋଇ ଅଛନ୍ତି । ଏଥିରୁ ତାହାଙ୍କୁ ମୁକ୍ତ କରିବା ସକାଶେ ଗବର୍ଣ୍ଣମେଣ୍ଟ ଉକ୍ତ ମହାଲର ଭୂସ୍ୱତ୍ୱ ତହସିଲ ଖାସ କରି ନେବାକୁ ସମ୍ମତ ହୋଇଅଛନ୍ତି ।

ଇଷ୍ଟର୍ଣ୍ଣବଙ୍ଗାଲ ରେଲବାଟର ଏକସ୍ଥାନରୁ କୌଣସି ଲୋକ ଏକଖଣ୍ଡ ରେଲ ବାହାର କରି ନେଇଥିଲା ମାଲ ବୋହାଇ ଗାଡ ସନ୍ଧ୍ୟାରେ ସେ ବାଟରେ ଯିବାବେଳେ କଳ, ... ଯିବାରୁ ୧୪ ଖଣ୍ଡ ଗାଡ ଭଙ୍ଗିଗଲା ମାତ୍ର କେହି ଲୋକ ମରିପଡ ନାହିଁ । ପୁଲିସଦ୍ୱାରା ଏଥିର ଅନୁସନ୍ଧାନ ହେଉଅଛି ।

ଶ୍ୟାମଦେଶର ରାଜା ଆପଣା ରାଜ୍ୟରେ ଲେଖାପଢାର ଚର୍ଚ୍ଚା ବିସ୍ତାର କରିବାକୁ ଯତ୍ନବାନ ହୋଇଅଛନ୍ତି । ଶିକ୍ଷାର ଭାର ବୌଦ୍ଧପୁରୋହିତଙ୍କ ପ୍ରତି ଅର୍ପିତ ହୋଇଅଛି ସେମାନେ ଶିକ୍ଷକ ରୂପରେ ପିଲାମାନଙ୍କୁ ଲେଖିବା ପଢିବା ଓ ଅଙ୍କକଷିବାକୁ ଶିଖାଇବେ । ପ୍ରତିବର୍ଷ ପରୀକ୍ଷା ଗୃହୀତ ହୋଇ ଭଲ ଶିକ୍ଷକ ଓ ଛାତ୍ରମାନଙ୍କୁ ପାରିତୋଷିକ ଦିଆଯିବ ।

ପାଇୟୋନିଅର ଲେଖନ୍ତି ଯେ ଗତ ଅଗଷ୍ଟ ମାସରେ ଲାହୋରରେ ୧୬୦୦୦ ସାପ ଏବଂ ସିଆଲକୋଟ ଜିଲାରେ ୮୦୦୦ ସାପ ମରି ପଡ଼ି ଅଛନ୍ତି । ଏସବୁ ସାପ ନଦୀବଢି ସମୟରେ ଉଚ୍ଚ ଭୂମି ଗଛ ଇତ୍ୟାଦି ଆଶାରେ ରହିଥିଲେ ଓ ଏହାଙ୍କର ଦୌରାତ୍ମ୍ୟ ଏମନ୍ତ ହେଲା ଯେ ବ୍ୟକ୍ତିମାନେ ଗୃହ କରିବାକୁ ପାଇଲେ ନାହିଁ ତେଣୁ ସେମାନେ ମିଶି କେବଳ ସର୍ପଭୂକ ଷଣ୍ଢ ... ବାରେ ମାରିଲେ ।

ବାଏଲା ନଗରରେ ଯେଉଁ ପ୍ରଦର୍ଶନ ହୋଇଥିଲା ତହିଁରେ ବାବୁ କଳାଚାନ୍ଦ ରାୟ ବାହାଦୁରଙ୍କୁ ରୌପ୍ୟ ପଦକ ଓ ତହିଁ ସଙ୍ଗେ ... ବୁଲିଙ୍ଗ୍ରି ପ୍ରଶଂସାପତ୍ର ମିଳିଅଛି ।

☞ ଏହି ଉତ୍କଳଦୀପିକା ସହରକଟକ କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



## ମୃତ୍ୟୁର ତାଲିକା ବାବଦ୍ ମାହେ ଅଗଷ୍ଟ ସନ ୧୮୭୫ ମସିହା ।

| | ଜିଲ୍ଲାକଟକ | ଜିଲ୍ଲାପୁରୀ | ଜିଲ୍ଲା ବାଲେଶ୍ୱର । |
|---|---|---|---|
| ଭୂମିପରିମାଣ | ୩୧୭୮ ବର୍ଗମାଇଲ | ୨୬୭୦ ବର୍ଗମାଇଲ | ୨୦୪୦ ବର୍ଗମାଇଲ |
| ଲୋକସଂଖ୍ୟା | ପୁରୁଷ ୭,୨୫,୩୩୦ ସ୍ତ୍ରୀ ୭୬୯୪୫୪ | ପୁରୁଷ ୩୮୯୪୯ ସ୍ତ୍ରୀ ୩୮୦୨୫ | ପୁରୁଷ ୩,୭୯,୦୭୭ ସ୍ତ୍ରୀ ୩,୯୧,୯୫୫ |

### ଜାତିର ବିବରଣ

| | ଜିଲ୍ଲାକଟକ | ଜିଲ୍ଲାପୁରୀ | ଜିଲ୍ଲା ବାଲେଶ୍ୱର |
|---|---|---|---|
| ଖ୍ରୀଷ୍ଟିୟାନ | ଜ ୨୫୧୪ | ଜ ୫୨୭ | ଜ ୫୩୦ |
| ମୁସଲମାନ | ଜ ୪୦,୦୧୩ | ଜ ୧୧୫୮୭ | ଜ ୧୮,୮୬୮ |
| ହିନ୍ଦୁ | ଜ ୧୪,୩୦,୬୪୦ | ଜ ୭୩୯୬୩୭ | ଜ ୭,୩୮,୩୯୬ |
| ବୌଦ୍ଧ | ଜ ୦ | ଜ ୮ | ଜ ୧ |
| ଅନ୍ୟାନ୍ୟଜାତି | ଜ ୨୨୫୧୭ | ଜ ୧୭୮୬୮ | ଜ ୧୨,୫୨୭ |
| ମୋଟ | ଜ ୧୪,୯୪,୭୮୪ | ଜ ୭୬୯,୬୨୪ | ଜ ୭,୭୦,୨୩୨ |

### କେଉଁ ଜାତିରେ କେତେ ମୃତ୍ୟୁ

| | ଜିଲ୍ଲାକଟକ | ଜିଲ୍ଲାପୁରୀ | ଜିଲ୍ଲା ବାଲେଶ୍ୱର |
|---|---|---|---|
| ଖ୍ରୀଷ୍ଟିୟାନ | ଜ ୪ | ଜ ୧ | ଜ ୦ |
| ମୁସଲମାନ | ଜ ୪୮ | ଜ ୧୪ | ଜ ୧୪ |
| ହିନ୍ଦୁ | ଜ ୧୭୬୦ | ଜ ୧୦୦୫ | ଜ ୭୦୩ |
| ବୌଦ୍ଧ | ଜ ୦ | ଜ ୦ | ଜ ୦ |
| ଅନ୍ୟାନ୍ୟଜାତି | ଜ ୦ | ଜ ୨୭ | ଜ ୧୨ |
| | ଜ ୧୮୧୨ | ଜ ୧୦୪୭ | ଜ ୭୨୯ |

### ରୋଗର ନାମ

| ରୋଗର ନାମ | କଟକ ପୁରୁଷ | କଟକ ସ୍ତ୍ରୀ | ପୁରୀ ପୁରୁଷ | ପୁରୀ ସ୍ତ୍ରୀ | ବାଲେଶ୍ୱର ପୁରୁଷ | ବାଲେଶ୍ୱର ସ୍ତ୍ରୀ |
|---|---|---|---|---|---|---|
| ଦସ୍ତଚଳା | ୧୦୩ | ୧୧୬ | ୧୪୧ | ୧୭୧ | ଜ ୪୩ | ୪୨ |
| ବସନ୍ତ | ୧ | ୨ | ୫ | ୨ | ଜ ୧୦ | ୮ |
| ଜ୍ୱର | ୩୨୭ | ୨୪୯ | ୨୬୫ | ୧୧୧ | ଜ ୧୬୨ | ୭୮ |
| ଉଦରରୋଗ | ୧୩୧ | ୯୭ | ୯୯ | ୮୭ | ଜ ୮୧ | ୭୮ |
| ଅଗ୍ନିହତ୍ୟା | ୨ | ୮ | ୧ | ୨ | ଜ ୭ | ୫ |
| ଅସାଡ଼ | ୦ | ୧ | ୨ | ୦ | ଜ ୦ | ୨ |
| ଦୁର୍ଘଟଣା | ୩୩ | ୫୦ | ୭ | ୧୬ | ଜ ୬ | ୪ |
| ସର୍ପାଘାତ ଓ ହିଂସ୍ର ଜନ୍ତୁଙ୍କ ହତ | ୧୭ | ୨୯ | ୭ | ୮ | ଜ ୧୧ | ୧୭ |
| ଅନ୍ୟକାରଣ | ୩୦୫ | ୨୪୩ | ୧୩୯ | ୧୩୫ | ଜ ୨୬୮ | ୮୭ |
| ମୋଟ | ୯୧୮ | ୭୯୪ | ୫୨୫ | ୫୨୨ | ଜ ୪୧୯ | ୩୧୦ |

### ଯେତେ ବୟସରେ ମୃତ୍ୟୁ

| | କଟକ ପୁରୁଷ | କଟକ ସ୍ତ୍ରୀ | ପୁରୀ ପୁରୁଷ | ପୁରୀ ସ୍ତ୍ରୀ | ବାଲେଶ୍ୱର ପୁରୁଷ | ବାଲେଶ୍ୱର ସ୍ତ୍ରୀ |
|---|---|---|---|---|---|---|
| ମୃତଜାତ | ୨୭ | ୧୮ | ୨୨ | ୧୩ | ଜ ୦ | ୫ |
| ଏକବର୍ଷର ଅନଧିକ | ୧୭୩ | ୧୩୭ | ୬୦ | ୫୫ | ଜ ୫୭ | ୪୫ |
| ଏକଠାରୁ ଛବର୍ଷ | ୧୨୯ | ୧୪୨ | ୮୪ | ୯୨ | ଜ ୯୭ | ୫୨ |
| ୬ ,, ୧୨ | ୫୫ | ୫୧ | ୫୧ | ୩୮ | ଜ ୨୭ | ୧୭ |
| ୧୨ ,, ୨୦ | ୭୨ | ୮୧ | ୩୮ | ୬୩ | ଜ ୨୭ | ୧୭ |
| ୨୦ ,, ୩୦ | ୧୦୫ | ୯୭ | ୬୭ | ୮୮ | ଜ ୫୨ | ୩୮ |
| ୩୦ ,, ୪୦ | ୯୪ | ୭୦ | ୬୧ | ୫୦ | ଜ ୫୨ | ୩୦ |
| ୪୦ ,, ୫୦ | ୫୧ | ୩୫ | ୩୭ | ୪୦ | ଜ ୩୫ | ୨୫ |
| ୫୦ ,, ୬୦ | ୭୧ | ୫୪ | ୬୧ | ୪୫ | ଜ ୪୫ | ୨୧ |
| ୬୦ ବର୍ଷର ଊର୍ଦ୍ଧ୍ୱ | ୧୧୬ | ୧୧୦ | ୩୫ | ୩୮ | ଜ ୨୯ | ୭୦ |
| | ୯୧୮ | ୭୯୪ | ୫୨୫ | ୫୨୨ | ଜ ୪୧୯ | ଜ ୩୧୦ |

Digitized by srujanika@gmail.com

…ISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ | ସଂଖ୍ୟା ୪୩ — ତା° ୨୭ଶ ଅକ୍ଟୋବର ସନ ୧୮୭୭ ମସିହା । ମୂ । କାର୍ତ୍ତିକ ୧୨ ଦିନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪ ଟ
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫ ଟ
ମଫସଲ ପାଇଁ ଡାକମାସୁଲ ୫।୵

ପୁରୁଷୋତ୍ତମକ୍ଷେତ୍ରରେ ଶ୍ରୀଜଗନ୍ନାଥଦେବଙ୍କ ମହାପ୍ରସାଦ ନେଇ ଯେଉଁ ବିବାଦ ଲାଗିଥିଲା ତାହା ମୀମାଂସା ହୋଇ ନାହିଁ । ଅବଶ୍ୟ ସେହିରୂପ ମତଭେଦ ରହିଅଛି କିନ୍ତୁ କେଉଁ ମତ ଯଥାର୍ଥ ତାହା ଜାଣିବା ନିମନ୍ତେ ଗଣ୍ତି ଏ ବ୍ୟବସ୍ଥା ପତ୍ର ମୁଦ୍ରିତ ହୋଇ ନାନାସ୍ଥାନର ପଣ୍ଡିତମାନଙ୍କ ନିକଟକୁ ପ୍ରେରିତ ହୋଇଅଛି ଯେ ସେମାନେ ଉକ୍ତ ବ୍ୟବସ୍ଥାପତ୍ର ପାଠ ଅପଣା ମତାମତ ପ୍ରକାଶ କରିବେ ଓ ସମ୍ମତ ବା ଅସମ୍ମତର ସମ୍ବାଦ ବ୍ୟବସ୍ଥା ପ୍ରଚାରକମାନଙ୍କ ନିକଟକୁ ପଠାଇବେ । ଏ ବ୍ୟବସ୍ଥା ପ୍ରଚାର ଓ ପଣ୍ଡିତଙ୍କ ମତାମତ ସଂଗ୍ରହ ନିମନ୍ତେ ବାବୁ ଲକ୍ଷ୍ମୀନାରାୟଣ ସିଂହ ଚୌଧୁରୀ, ବାବୁ ଗୋପାଳଚନ୍ଦ୍ର ମୂର୍ଦ୍ଧନ୍ୟ, ବାବୁ ରାମଦାସ ଚକ୍ରବର୍ତ୍ତୀ, ବାବୁ କୃଷ୍ଣକୃଷ୍ଣ ସରକାର ଓ ବାବୁ ବଳରାମ ବସୁ ମହାଶୟମାନେ ସମ୍ପାଦକ ହୋଇଅଛନ୍ତି ଅମ୍ଭେମାନେ ତାହାଙ୍କର ପତ୍ର ସହିତ ବ୍ୟବସ୍ଥାପତ୍ର ପ୍ରାପ୍ତ ହୋଇ ସର୍ବସାଧାରଣଙ୍କ ଜାଣିବା ନିମନ୍ତେ ଅବିକଳରୂପେ ତାହା ପ୍ରକାଶ କଲୁଁ । ଦେଖାଯାଏ ଯେ ଏ ବ୍ୟବସ୍ଥାକୁ ଶ୍ରୀ ଶିବରାମ ଦାସ, ଗୋପାଳ ମିଶ୍ର, ଶ୍ରୀଧର ମିଶ୍ର, ଗଦାଧର ମିଶ୍ର, ଅର୍ତ୍ତତ୍ରାଣ ମିଶ୍ର, ମାଧବ ମିଶ୍ର, ଜଗନ୍ନାଥ ଶର୍ମ୍ମା ପ୍ରଭୃତି ପଣ୍ଡିତମାନେ ପ୍ରଣୟନ କରିଅଛନ୍ତି ଓ ଏଥିରେ ଅନେକ ଶାସନବ୍ରାହ୍ମଣ ଓ ପଣ୍ଡିତ ସମ୍ମତି ଦେଇଅଛନ୍ତି । ଅପର ସ୍ଥାନର ପଣ୍ଡିତମାନେ ଯେବେ ଏହି ବ୍ୟବସ୍ଥାକୁ ଅନୁମୋଦନ କରନ୍ତି ତାହା ହେଲେ ଶ୍ରୀ ଜଗନ୍ନାଥଙ୍କର ପ୍ରଧାନ ମନ୍ଦିର ମଧ୍ୟର ସଂସ୍କାରକାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରହିବ ।

---

ଅମ୍ଭମାନଙ୍କ ବ୍ରହ୍ମପୁରସ୍ଥ ସମ୍ବାଦଦାତା ଉକ୍ତ ନଗରର ଅବସ୍ଥା ନିମ୍ନଲିଖିତରୂପେ ବର୍ଣ୍ଣନ କରିଅଛନ୍ତି । ଯଥା—

"ଅମ୍ଭମାନଙ୍କର ଏହି ବ୍ରହ୍ମପୁର ନଗର ସଭ୍ୟତା ଓ ସ୍ୱାସ୍ଥ୍ୟରେ ବର୍ତ୍ତମାନ ଅତି ଉତ୍କୃଷ୍ଟ ଦେଖାଯାଏ । ପୂର୍ବେ ଏରୂପ ନ ଥିଲା । ମାତ୍ର ଆଜିକାଲି ବୁଲିବାକୁ ନାନା ପ୍ରଶସ୍ତରେ ସଡ଼କ ଅଛି । ବର୍ଷାପାଣି ଯେରୂପେ କୌଣସିଠାରେ ଅଟକି ନ ରହେ ଏଣୁ ସଡ଼କ ଦୁଇପାର୍ଶ୍ୱେ ପଥରବନ୍ଧା ଦୁଇ ନାଳ ଅଛି । ପ୍ରତିଦିନ ଦୁଇ ଥର ଝାଡ଼ୁ ହେବାରୁ ଅପରିଷ୍କାର ପ୍ରାୟ ଦୃଷ୍ଟ ନୁହେ ଏବଂ ସଡ଼କପାର୍ଶ୍ୱେ ସୁରମ୍ୟ ବୃକ୍ଷସବୁ ସୁଶୋଭିତ କରଇ । ପୁଣି ସାୟଂକାଳ ଅଗମନେ ଯେତେବେଳେ ସଡ଼କ, ଗଳି ଦୁଇପାଖରେ ଦମ୍ଭୋପର ଦୀପସକଳ ଅଳ୍ପଅଳ୍ପ ଜଳେ ସେତେବେଳେ ଅତି ମନୋହର ଦିଶଇ ଓ ସନ୍ଧ୍ୟାରେ ନାଗରିକଙ୍କର ଯିବା ଆସିବା ଅତି ସୁଗମ ହୁଅଇ । ଏହି ନଗରରେ ୨୦ରୁ ଅଧିକ ଗ୍ରାମ୍ୟପାଠଶାଳା, ଏକ ନର୍ମାଲପାଠଶାଳା ଓ ଏକ ଜିଲ୍ଲାପାଠଶାଳା ଅଛି ଏଥିରେ ବିଦ୍ୟାର ସୁଯତ୍ନ ହୁଏ । ଏହି ଗ୍ରାମ୍ୟ ପାଠଶାଳାର ଶିକ୍ଷକମାନଙ୍କୁ ସାମୟିକ ପାରିତୋଷିକ ଦେଶୀୟଧନ (Local Fund) ରୁ ଦିଆଯାଏ, ନୂତନରେ ଏକ ଛାପାଖାନା ମଧ୍ୟ ସ୍ଥାପିତ ଅଛି ତହିଁରେ ଇଂରାଜୀ, ଓଡ଼ିଆ ଓ ତେଲୁଗୁଭାଷା ଛାପା ହେଉଅଛି । ଆଉ ଜଣା ଯାଉଅଛି ସମାଜରେ ଏକ ନୂତନପତ୍ରିକା ଉତ୍କଳଭାଷାରେ ପ୍ରକାଶିତ ହେବାର ସମ୍ଭାବନା ଅଛି । ପ୍ରାୟ ୧୦ବର୍ଷ ପୂର୍ବେ ଏରୂପ ସ୍ୱାସ୍ଥ୍ୟ ନ ଥିଲା । ମାତ୍ର ଯାହାହେଉ ଏହି ସର୍ବସୁବିଧା ନିମନ୍ତେ ଅମ୍ଭେମାନେ ଏହି ନଗର ମ୍ୟୁନିସିପାଲ ସଭ୍ୟମାନଙ୍କୁ ଧନ୍ୟବାଦ କରିବାର ଉଚିତ" ।

ଏ ବିବରଣ ସହିତ କଟକନଗରର ବର୍ତ୍ତମାନାବସ୍ଥା ମିଶାଇ ଦେଖି ଅମ୍ଭେମାନେ ହତାଶ ହେଉଅଛୁଁ । ଯାଉନ କମିଟୀ ଅପଣା କର୍ତ୍ତବ୍ୟ ପ୍ରତି ଦୃଷ୍ଟିପାତ କଲେ ଏହିପ୍ରକାର ସୁଶୃଙ୍ଖଳ ସାଧନ ହୋଇପାରନ୍ତା ମାତ୍ର ତାହାଙ୍କ କମିଟୀଦ୍ୱାରା କିଛି କାର୍ଯ୍ୟ ହେଉ ନାହିଁ ବୋଲାଯାଇ ନ ପାରେ ।

---

ଆସନ୍ତା କଲିକତାରେ ଯେତେ ଦିନ ରହିବେ ତହିଁ ମଧ୍ୟରେ ଯେଉଁ ଦିନ ଯାହା କରିବେ ତହିଁର ତାଲିକା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି । ଯଥା—

୨୭ତାରିଖ ବୁଧବାର—କଲିକତାରେ ପହଞ୍ଚିବେ ଓ ଗବର୍ଣ୍ଣର ଜେନେରଲ ସାହେବ ଏବଂ ନଗରବାସିଙ୍କ ପ୍ରତିନିଧିଙ୍କଦ୍ୱାରା ତାହାଙ୍କର ଅଭ୍ୟର୍ଥନା ହେବ ।

Split by PDF Splitter

Digitized by srujanika@gmail.com

178



୧୪ତାରିଖ ,,—ସାଧାରଣ ସୋସାଇଟି ଓ ବାଣପୋଡିବା ସନ୍ଧ୍ୟା ୮ ଘଣ୍ଟା ସମୟରେ ଆରମ୍ଭ ହେବ ।

୧୫ତାରିଖ ,,—ନଗରମଧ ଦେଇ ଗାଡିରେ ବସି ବାରକପୁରକୁ ଗମନ କରିବେ ।

୧୬ ତାରିଖ ,,—ବାରକପୁରରେ ଅବସ୍ଥିତ

୧୭ତାରିଖ ,,—ଡାଟିପୁର କାରଖାନାଘର ଦେଖି କଲିକତାକୁ ଫେରି ଆସିବେ । ସେଠା ଏଙ୍ଗ୍ଲିସ୍ମାନଙ୍କ ଘରେ ପ୍ରାତଃକାଳର ଭୋଜନ ହେବ । ସେଠାରୁ ବଜିରେ ବା ଘୋଡାରେ ସରକ୍ୟୁଲାର ରୋଡବାଟେ ଆସିବେ ।

୧୮ତାରିଖ ,,—ବେଲଗାଛିଆ ବାଗାନ-ଠାରେ ଦେଶୀୟ ଲୋକଙ୍କ ଉତ୍ସବ ।

୨୦ତାରିଖ ,,—ଅପରାହ୍ଣ ୪ଘଣ୍ଟା ସମୟରେ କଲିକତା ବିଶ୍ୱବିଦ୍ୟାଳୟ ଦେଖିବେ ।

୧ ତାରିଖ ଜାନୁୟାରି—ଷ୍ଟାର ଅଫ୍ ଇଣ୍ଡିଆ ସଭା ହେବ ।

୩ତାରିଖ ,,—କଲିକତାରୁ ଉତ୍ତର ପଶ୍ଚିମ ପ୍ରଦେଶକୁ ପ୍ରସ୍ଥାନ ରାତ୍ରି ୧ଘଣ୍ଟା ସମୟରେ । ଏହି ସମୟରେ ବୃନ୍ଦାବନ ପୁଲରେ ଭୋଜନ ହେବ ।

—— ——

## ଛାତ୍ରଶାଳା ।

ଉତ୍କଳଶିକ୍ଷାର ବିସ୍ତାର ସକାଶେ ସୁପରିଣ୍ଟେଣ୍ଡେଣ୍ଟ କଟକଠାରେ ଏକ କାଲେଜ ଓ ହାଇସ୍କୁଲ ସ୍ଥାପନର ପ୍ରସ୍ତାବ କରି କ୍ଷାନ୍ତ ହୋଇ ନାହାନ୍ତି । ସେ ଅନ୍ତର୍ଗତ ଏ ମହତ୍କାର୍ଯ୍ୟର ଅନୁଷ୍ଠାନ କରିଅଛନ୍ତି ଯେ ତଦ୍ଦ୍ୱାରା ଉତ୍କଳଶିକ୍ଷାର ବିସ୍ତାର ସୁଯୋଗ ହେବାର ସମ୍ଭାବନା । ପୁଣି ଏରୂପ ଉପାୟ ପୂର୍ବେ ବଙ୍ଗଳାର ଅନ୍ୟ କୌଣସି ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଅବଲମ୍ବନ କରିବାକୁ ପ୍ରସ୍ତାବ କରି ନ ଥିବାରୁ ଏହି ସୁପରିଣ୍ଟେଣ୍ଡେଣ୍ଟଙ୍କର ଉକ୍ତ କଳ୍ପନା ଅତି ଓ ତହିଁ ଯୋଗୁ ସେ ଅଧିକ ପ୍ରଶଂସାର ଭାଜନ ହୋଇଅଛନ୍ତି । ସେ ଉପାୟଟି ଏହିଯେ ଗବର୍ଣ୍ଣମେଣ୍ଟ କଲେଜ ଓ ହାଇସ୍କୁଲ ସମ୍ପର୍କରେ ଛାତ୍ରଶାଳାମାନ ସ୍ଥାପନ କରିବା । ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଏବିଷୟରେ ଯାହା ନିର୍ଦ୍ଧାରଣ କରିଅଛନ୍ତି ତାହା କଲିକତା ଗେଜେଟରେ ଛପା ହୋଇଅଛି ତହିଁରୁ ଦେଖାଯାଏ ଯେ ଏ ବ୍ୟବସ୍ଥାଟି ଅତି ଉତ୍ତମର ଅଟଇ । ଲେଫ୍‌ଟେନେଣ୍ଟ ଗବର୍ଣ୍ଣର କୋଲନ୍ତି କି କାଲେଜ ଓ ହାଇସ୍କୁଲମାନଙ୍କ ସମ୍ପର୍କରେ ଛାତ୍ରଶାଳା ସଂସ୍ଥାପିତ ନ ଥିବାରୁ ଭିନ୍ନସ୍ଥାନର ଛାତ୍ରମାନଙ୍କ ଅଧ୍ୟୟନ ପକ୍ଷରେ ଅନେକ ବ୍ୟାଘାତ ହୁଅଇ । ବିଦ୍ୟାଳୟ ଥିବା ସ୍ଥାନରେ ଯାହାର କେହି ଅଛି ସେଠାକୁ ପିଲା ପଠାଇ ଦେଇ ସେ ବ୍ୟକ୍ତି ନିଶ୍ଚିନ୍ତ ହୋଇଯାଏ । ମାତ୍ର ଅନେକଲୋକଙ୍କର କେହି ଆତ୍ମୀୟ ବନ୍ଧୁ ନ ଥିବାରୁ ସେମାନେ ଆପଣା ପିଲାଙ୍କୁ ପଢାଇବାପାଇଁ ପଠାଇପାରନ୍ତି ନାହିଁ ଓ ପୃଥକ୍ ବସା କରି କେହି ଆପଣା ପିଲାକୁ ରଖାଇଲେ ତାହାର ଚରିତ୍ରରକ୍ଷଣ ଉତ୍ତମରୂପେ ହୁଅଇ ନାହିଁ । ନାନାପ୍ରକାର ଅସ୍ୱାସ୍ଥ୍ୟରେ ତାହାକୁ ପଡି ରହିବାକୁ ହୁଅଇ ଓ କେତେ ସ୍ଥଳରେ ପ୍ରଲୋଭନରେ ପଡି ପିଲାର ଚରିତ୍ର ମନ୍ଦ ହୋଇଯାଏ । ଅତଏବ ବୈଦେଶିକ ଛାତ୍ରଙ୍କର ଉତ୍ତମ ଚରିତ୍ରରକ୍ଷଣ ଓ ସଚ୍ଛନ୍ଦରେ ଥାଇ ଅଧ୍ୟୟନର ସୁଯୋଗ କରି ଦେବା ସକାଶେ ଗବର୍ଣ୍ଣମେଣ୍ଟ ଛାତ୍ରଶାଳା ସଂସ୍ଥାପନର ଉଦ୍ଯୋଗ କରିଅଛନ୍ତି ।

ପ୍ରତ୍ୟେକ ବିଦ୍ୟାଳୟ ଓ ହାଇସ୍କୁଲ ଅଧୀନରେ ଏରୂପ ଛାତ୍ରଶାଳାମାନ ରହିବ ଓ ତହିଁର ତତ୍ତ୍ୱାବଧାରଣର ଭାର ଜଣେ ଶିକ୍ଷକପ୍ରତି ଅର୍ପିତ ହେବ । ଏ କର୍ମ ସକାଶେ ନିଯୁକ୍ତ ହେବା ଶିକ୍ଷକ ଆପଣା ବେତନ ଛଡା ଅଧିକା କିଛି ପାଇବେ ଓ ଗବର୍ଣ୍ଣମେଣ୍ଟ ଛାତ୍ରସଂଖ୍ୟା ଦୃଷ୍ଟିରେ ପ୍ରତ୍ୟେକ ଛାତ୍ର ସକାଶେ ମାସିକ ଗୃହଭଡାଠାରୁ ଅଧିକ ପର୍ଯ୍ୟନ୍ତ ଦେବାକୁ ମଞ୍ଜୁର କରିଅଛନ୍ତି । ଛାତ୍ରଶାଳାର କାର୍ଯ୍ୟ ନିୟମିତରୂପେ ଚଳୁଅଛି କି ନାହିଁ ତାହା ଦେଖିବାର ଭାର ବିଦ୍ୟାଳୟର ପ୍ରିନ୍ସିପଲ ବା ହେଡମାଷ୍ଟର ଏବଂ ସ୍କୁଲର ଡେପୁଟି ଇନ୍ସପେକ୍ଟର ପ୍ରତି ଅର୍ପିତ ହୋଇଅଛି । ଛାତ୍ରଶାଳାର ବ୍ୟୟନିମିତ୍ତ ଗବର୍ଣ୍ଣମେଣ୍ଟ ପରୀକ୍ଷାସ୍ୱରୂପ ୧୫୦୦୦ ଟଙ୍କା ଏବର୍ଷପାଇଁ ମଞ୍ଜୁର କରିଅଛନ୍ତି । ଭବିଷ୍ୟତକୁ କାର୍ଯ୍ୟ ଦେଖିକି ତଦ୍ଧାରୁ ଏଥିର ନ୍ୟୂନାଧିକ ହେବ ।

ଛାତ୍ରଶାଳା ଦୁଇପ୍ରକାର ହେବ । ଏକପ୍ରକାର ଛାତ୍ରଶାଳାରେ ଯେଉଁ ପିଲାମାନେ ରହିବେ ତାହାଙ୍କୁ ବସାଘରର କିଛି ଭଡା ଦେବାକୁ ହେବ ନାହିଁ । ତାହାଙ୍କର ରୋଷେଇ ଓ ଆହାରାଦି ସକଳ ବିଷୟର ତତ୍ତ୍ୱାନୁସନ୍ଧାନ ଛାତ୍ରଶାଳାର ଅଧ୍ୟକ୍ଷମାନେ କରିବେ ଛାତ୍ରମାନେ କେବଳ ପ୍ରତ୍ୟେକଜଣଙ୍କ ବ୍ୟୟାଂଶ ଦେଇ ନିର୍ଭୟରେ ଲେଖା ପଢା କରୁଥିବେ । ଏପ୍ରକାର ଛାତ୍ରଶାଳାରେ କିଛି ଅଧିକ ବ୍ୟୟ ଲାଗିବାର ସମ୍ଭାବନା ।

ଅପରପ୍ରକାର ଛାତ୍ରଶାଳାରେ ଯେଉଁମାନେ ଉପରଲିଖିତପ୍ରକାର ବ୍ୟୟ ଦେବାକୁ ଅସମର୍ଥ ସେରୂପ ଛାତ୍ରମାନେ ରହିବେ । ଏମାନଙ୍କୁ ସାମାନ୍ୟପ୍ରକାର ବସାଘର ଦିଆଯିବ ଓ ଯାହାଙ୍କ ହାତରେ ଏପ୍ରକାର ଛାତ୍ରଶାଳାର ଭାର ରହିବ ସେ କେବଳ ବସାଘର ଠିକ କରି ଦେବେ ଓ ବସାଘରର ଭଡାସ୍ୱରୂପ କିଛି ଛାତ୍ରମାନଙ୍କଠାରୁ ପାଇବେ । ଛାତ୍ରମାନଙ୍କ ଆହାରାଦି କଥା ଏମାନଙ୍କୁ ବୁଝିବାକୁ ପଡିବ ନାହିଁ ସେସବୁ ଛାତ୍ରମାନେ ଆପଣା ସୁବିଧାମତେ ନିର୍ବାହ କରି ନେବେ । ଅଧ୍ୟକ୍ଷମାନେ କେବଳ ତାହାଙ୍କ ଚରିତ୍ରପ୍ରତି ଦୃଷ୍ଟି ରଖିବେ ଓ କୌଣସି ଛାତ୍ରକୁ ଦୁଷ୍ଟସ୍ୱଭାବ ଦେଖିଲେ ତାହାକୁ ଛାତ୍ରଶାଳାରୁ ବାହାର କରି ଦେଇପାରିବେ ।

———

## ଦୁର୍ଗୋତ୍ସବ ।

ଗତ ୨ ଏହି ବାର୍ଷିକ ମହାପର୍ବଟି ହୋଇ ଗଲା ଓ ପାଠକ ଓ ଅପର ସାଧାରଣଙ୍କ ସଙ୍ଗେ ଆମ୍ଭେମାନେ ମଧ୍ୟ ଏ ପର୍ବପଟିତ ସୁଖସମ୍ଭୋଗ କରି ପୁନର୍ବାର କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କଲୁଁ ଏବର୍ଷ ଏ ପର୍ବଟି ଅତି ସୁଖରେ ଅତିବାହିତ ହୋଇ ଅଛି ଏମନ୍ତ ଅନୁଭବ ହୁଅଇ କାରଣ ବୃଷ୍ଟିହେତୁରୁ ଯାତ୍ରିମାନଙ୍କର ଯେପରି କ୍ଲେଶ ହୁଅଇ ତାହା କିଛି ହୋଇ ନାହିଁ ଇନ୍ଦ୍ରଦେବତା ସେପକ୍ଷରେ ବଡ ଅନୁଗ୍ରହ କରି ଅଛନ୍ତି ଆଉ ଅନ୍ୟାନ୍ୟ ବର୍ଷାପେକ୍ଷା ଏଥର ଏକଦିନ ଅଧିକ ଦେବୀଙ୍କର ଅବସ୍ଥିତ ହେବାରୁ ଉତ୍ସବକାରୀଙ୍କୁ ଅଧିକ ଅବସର ମିଳିଲା । ଉତ୍କଳପଞ୍ଜିକାମତରେ ଅଧିକାଦିନଟି ଜଣାପଡେ ନାହିଁ ମାତ୍ର ମୁଣ୍ଡସ୍ୱଦେଶୀଙ୍କର ପୂଜା ବଙ୍ଗଳାପାଞ୍ଜିମତେ ହେଉଥିବାରୁ କାର୍ଯ୍ୟତଃ ଏକଦିନ ଅଧିକା ମିଳିଅଛି । ଏରୂପ ପ୍ରଭେଦ ହେବାର କାରଣ ଏହି ଯେ ଉତ୍କଳମତରେ ଦୁର୍ଗାଙ୍କର ଚତୁର୍ଦ୍ଦିନ ପୂଜା ବଧି କଣାକାଳରେ ଓ ନବମୀ ସନ୍ଧ୍ୟାକାଳରେ ହୁଅଇ ମାତ୍ର ବଙ୍ଗଳାମତରେ ଦିନଦିନର ପୂଜା ଓ ଚତୁର୍ଥ ଦିନରେ ବିସର୍ଜନ କରା ମଧ୍ୟାହ୍ନକାଳ ଉତ୍ତରେ

Digitized by srujanika@gmail.com

ହୁଅଇ ସୁତରାଂ ତିଥିର କ୍ଷୟବୃଦ୍ଧି ଅନୁସାରେ କୌଣସିବର୍ଷ ତନ୍ଦନ ବା କୌଣସିବର୍ଷ ପାଷ୍ଟଦନ କାଳ ଦେବୀଙ୍କର ସ୍ଥିତ ହୁଅଇ । ଶେଷଲିଖିତ ଅବସ୍ଥାଟି ଏବର୍ଷ ଘଟିଥିଲା ।

ଓଡ଼ିଶାର ନାନାସ୍ଥାନରେ ବଙ୍ଗଦେଶୀୟ ବ୍ରାହ୍ମଣ କାୟସ୍ଥଙ୍କର ବସତି ଥିବାରୁ ଦୁର୍ଗୋତ୍ସବ ପର୍ବର ବିଶେଷ ପ୍ରଚୁର ଅଛି ସନ୍ଦେହ ନାହିଁ ଓ ମଫସଲରେ ଏବଂ ବାଲେଶ୍ୱର ସଦରରେ ବିସ୍ତର ଧୂମଧାମରେ ଏ ପର୍ବ ରକ୍ଷା ହେବାର ମଧ୍ୟ ଆମ୍ଭେମାନେ ଶୁଣିଅଛୁଁ କିନ୍ତୁ ଓଡ଼ିଶାର ପ୍ରଧାନନଗର କଟକରେ ଏ ପର୍ବର ଆଡ଼ମ୍ବର ସେତେ ନାହିଁ । ଏଠାରେ ୭।୮ ଖଣ୍ଡ ପ୍ରତିମା ହୁଅଇ ସତ୍ୟ ମାତ୍ର କେବଳ ପ୍ରତିମା ସଜାଇବା ଭିନ୍ନ ଆଉ କୌଣସି ବିଷୟରେ ବିଶେଷ ଆଡ଼ମ୍ବର ଦେଖାଯାଏ ନାହିଁ । ଏ ପର୍ବ ସମ୍ବନ୍ଧୀୟ ସକଳବିଷୟ ବିଚାରକଲେ ବରଂ କୁହାଯାଇ ପାରେ ଯେ ଏଠାରେ ଦୁର୍ଗୋତ୍ସବ ଅପେକ୍ଷା ଗଣେଶପୂଜାର ଧୂମଧାମ ଅଧିକ ଅଟଇ । ଦୁର୍ଗୋତ୍ସବରେ ବିଜୟାଦିନ ସବୁ ପ୍ରତିମା ମେଳ ହୋଇ ନଦୀକୁ ଯିବାବେଳେ କିଛି ଧୂମଧାମ ଦେଖାଯାଏ ଓ ଏ ଦିନ ଯାତ୍ରୀ ମଧ୍ୟ ବିସ୍ତର ହୁଅନ୍ତି ମାତ୍ର ପୂଜା ତିନିଦିନ କୌଣସିଠାରେ ଯଥା ନିୟମରେ ମଜଲିସ ହେବାର ଦେଖାଯାଇ ନାହିଁ । ଇଚ୍ଛାମତେ କେତେବେଳେ କେଉଁ ଦେବୀ ନିକଟରେ ସାମାନ୍ୟ ପ୍ରକାର ନାଚ ହେବାର ଦେଖାଯାଏ ନୋହିଲେ ସାଧାରଣ ନିୟମ ଏହି ଯେ କୌଣସିଠାରେ କିଛି ନାଚ କି ଯାତ୍ରାର ମଜଲିସ ହୁଅଇ ନାହିଁ । ଏପରି ମହାପର୍ବରେ ଯେବେ ସଙ୍ଗୀତର ଚର୍ଚ୍ଚା ନ ହେଲା ତେବେ ଏ ବିଦ୍ୟାର ଉନ୍ନତି କିରୂପେ ସମ୍ଭବ । ମୋଫସଲମାନଙ୍କରେ ପ୍ରାୟ ସବୁଠାରେ ନୃତ୍ୟ ଓ ଯାତ୍ରାର ମଜଲିସ ହୁଅଇ କିନ୍ତୁ ପ୍ରଧାନନଗରଠାରେ ଯେଉଁ ବିଷୟର ଚର୍ଚ୍ଚା ନାହିଁ ସେଥିର ଉନ୍ନତି ହେବା ବଡ଼ କଠିନ, ବୋଧ ହୁଅଇ ଏଠା ସଙ୍ଗୀତବିଦ୍ୟା ଦିନ ଦିନ ହୀନ ଗତିକୁ ଲଭିବାର ପ୍ରଧାନକାରଣ ନଗର ବାସିଙ୍କର ଏହିରୂପ ଅମନୋଯୋଗିତା ଅଟଇ । ଦୁର୍ଗୋତ୍ସବପର୍ବରେ ଏଠାଲୋକେ କିରୂପ ଆମୋଦ କରନ୍ତି ଯେବେ ଏରୂପ ପ୍ରଶ୍ନ କେହି ପାଠକ କରନ୍ତି ତେବେ ତହିଁର ଉତ୍ତର ଏହି ଯେ ଆପଣା ଘରେ ନୂତନ ବସ୍ତ୍ର ପରିଧାନ ଓ ମିଷ୍ଟାନ୍ନ ଭୋଜନ ଛଡ଼ା ଉଚ୍ଚଶ୍ରେଣୀର ଲୋକମାନେ ଆପଣା ବନ୍ଧୁବାନ୍ଧବଙ୍କୁ ଆମନ୍ତ୍ରଣ କରି ଏକତ୍ରେ ଭୋଜନ କରିବାଦ୍ୱାରା ଯେଉଁ ସୁଖ ଲାଭ ହୁଅଇ କେବଳ ତାହା ଅନୁଭବ କରନ୍ତି ଓ ଅପରଶ୍ରେଣୀର ଲୋକମାନେ ଦେଖା ଦେଖି ଦୁଇ ଗୋଡ଼ର ପାଣି ମାରି ପ୍ରତିମା ସାଜ ଦର୍ଶନରେ ନେତ୍ରସୁଖ ଲାଭକରନ୍ତି ଓ ଘରକୁ ଆସି ତହିଁର ଚର୍ଚ୍ଚା କରୁଥାନ୍ତି । ଏଥିରେ ଦୁର୍ଗୋତ୍ସବ ପର୍ବ ଯେମନ୍ତ ସୁଖକର ହୁଅଇ ତାହା ପାଠକମାନେ ଅନୁମାନ କରନ୍ତୁ । ଆମ୍ଭେମାନେ ଆଉ ଅଧିକ କି ପରିଚୟ ଦେବୁଁ । ଆମ୍ଭେମାନେ ନଗରବାସିଙ୍କର ସାଧାରଣ ଭାବ ଦେଖି ମନେ କରୁଅଛୁଁ ଯେ ଏମାନେ ଯେମନ୍ତ ଅଳ୍ପରେ ସନ୍ତୋଷ ହୁଅନ୍ତି ତେମନ୍ତ ପ୍ରାୟ ଅନ୍ୟ କୌଣସି ଠାରେ ଦେଖାଯାଏ ନାହିଁ ଓ ଏହିହେତୁରୁ ଏମାନେ ଅପେକ୍ଷାକୃତ ସୁଖୀ ଅଟନ୍ତି ।

---

# ସାପ୍ତାହିକ ସଂବାଦ ।

ଆମ୍ଭେମାନେ ଆନନ୍ଦର ସହିତ ଗଜେଟରେ ପାଠକଲୁଁ ଯେ ଆମ୍ଭମାନଙ୍କର ଡିଷ୍ଟ୍ରିକ୍ଟ ସୁପ୍ରିଣ୍ଟେଣ୍ଡ ଶ୍ରୀଯୁକ୍ତ ଡେବିଡ ଲେସିସାହେବ ଫରିଦପୁର ଜିଲାର ପୁଲିସ ସୁପ୍ରିଣ୍ଟ ପଦରେ ନିଯୁକ୍ତ ହୋଇ ଅଛନ୍ତି । ଗବର୍ଣ୍ଣମେଣ୍ଟ ତାହାଙ୍କୁ ସସପେଣ୍ଡ କରିଥିଲେ ବୋଧହୁଅଇ ତାହାଙ୍କର ଉତ୍ତରରେ ତାହାଙ୍କର ଦୋଷ ଗୁରୁତର ନ ଥିବାର ପ୍ରକାଶ ହୋଇଥିବ ।

ଦୁର୍ଗାପୂଜା ଶେଷହେବା ସଙ୍ଗେ ଗ୍ରୀଷ୍ମକାଳ ଶେଷ ହେବାର ଜଣାଯାଏ କାରଣ ବିଜୟାଦିନ ରାତିରେ ଅତ୍ୟନ୍ତ ଗ୍ରୀଷ୍ମ ଥିଲା ଓ ତହିଁ ଆରଦିନ ସକାଳୁ ଶୀତକାଳର ସବୁ ଲକ୍ଷଣ ପ୍ରତ୍ୟକ୍ଷ ହେଲା ।

ମହାଳୟାବାସିଦିନଠାରୁ ବର୍ଷା ଏକାବେଳକେ ବନ୍ଦ ହୋଇଅଛି । ଦୁର୍ଗାପୂଜା ସମୟ ଓ ତହିଁ ପୂର୍ବରେ ଯେରୂପ ଗ୍ରୀଷ୍ମ ହୋଇଥିଲା ତହିଁରେ ବୃଷ୍ଟିହେବାର ଆଶାଥିଲା ମାତ୍ର ଶୀତ ପଡ଼ିବାରୁ ସେ ଆଶା ମଳିନ ପଡ଼ିଯାଇଅଛି ଫଳତଃ ଏବର୍ଷ ଭାରି ବୃଷ୍ଟି ହୋଇଥିଲେହେଁ ଯେବେ ଦୀପାବଳୀ ଅମାବାସ୍ୟା ପର୍ଯ୍ୟନ୍ତ ଏକଥର ସୁଦ୍ଧା ଜଳବର୍ଷା ନ ହେବ ତେବେ କେତେକ ପରିମାଣରେ ଧାନ ମରିପଡ଼ିବାର ସମ୍ଭାବନା ଅଛି ଓ ଚଷାମାନେ ମଙ୍କୁଡ଼ିର କଥା ନିଶ୍ଚୟ ରଟାଇବେ ।

କେନ୍ଦ୍ରାପଡ଼ାରୁ ଏକ ବ୍ୟକ୍ତି ଲେଖି ଅଛନ୍ତି କି ଗତମାସ ତା ୨୨ ରିଖରେ ପାଇଲେ ମୌଜାର ଧାନକ୍ଷେତ ମଧ୍ୟରେ ଗୋଟିଏ ମୃତଶବ ପଡ଼ିଥିବାର ଉକ୍ତଗ୍ରାମର ଚୌକିଦାର ଦେଖି ପୁଲିସରେ ସମ୍ବାଦ ଦେଲା । ମୃତଦେହକୁ ଚିହ୍ନାଇବାରେ ଜଣାଗଲା କି ମୃତବ୍ୟକ୍ତି ମହନ୍ତ ଘନଶ୍ୟାମଭାରତି ଥିଲା । ପୁଲିସ ଇନ୍‌ସପେକ୍ଟର ଡେବିଡ ଅନେକ ଅନୁସନ୍ଧାନକରି ବୁଝିଲେ ଯେ ଏହାକୁ ଏକ ବ୍ୟକ୍ତି ବିଷଖୁଆଇ ମାରିପକାଇ ଅଛି । ତହୁଁ ସେ ବ୍ୟକ୍ତିକୁ ଗିରଫ୍ତାର କରିବାରେ ସେ ଏକରାର କରି ମାଲ ବାହାରକରି ଦେଇଅଛି । ଉକ୍ତମାସ ତା ୩୦ ରିଖରେ ଇନ୍‌ସପେକ୍ଟର ଆସାମୀ ଓ ମାଲକୁ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟଙ୍କ ନିକଟକୁ ଚାଲାନ କରିଅଛନ୍ତି । ଏଥିର ସବିଶେଷ ଏପରେ ପ୍ରକାଶିତ ହେବ ।

ବାଲେଶ୍ୱର ଦର୍ପଣରୁ ଅବଗତ ହେଲୁଁ ଯେ ଗତମାସ ତା ୯ ରିଖରେ ଉକ୍ତ ସଦର ମଧ୍ୟରେ ଗୋଟିଏ ହତ୍ୟାକାଣ୍ଡ ହୋଇଯାଇ ଅଛି । ଶ୍ରୀମତୀ ବାଇନାମରେ ଜଣେ ବେଶ୍ୟା ଥିଲା ତାହାକୁ କେହି ହତ୍ୟା କରିବାର ପୁଲିସ ଶୁଣି ତଦାରଖ କରିବାରେ ଦେଖାଗଲା ଯେ ବେଶ୍ୟାଟିର ଗଳା ଅଧେ କଟାହୋଇ ଘରର ଏକପାଖରେ ଲୁସ ପଡ଼ିଅଛି । ଅଳଙ୍କାର ସମୁଦାୟ ତାହା ଦେହରେ ରହିଅଛି । ଖଟଉପର ତକିଆ ଓ ଲୁଗାସବୁ ରକ୍ତରେ ବୁଡ଼ି ରହିଅଛି ଓ ପ୍ରଦୀପ ଗୋଟିଏ ଜଳୁଅଛି । ହତ୍ୟାକାରୀର ଜୋତା, ବାଡ଼ି ଓ ପଗଡ଼ି ସେହିଘରେ ପଡ଼ି ରହିଅଛି । କନଷ୍ଟବଲ ଅଜମ୍ବର ସିଂହକୁ ଆସାମୀ ବୋଲି ପୁଲିସ ଇନ୍‌ସପେକ୍ଟର ସରଦାବାବୁ ଧରିଅଛନ୍ତି ।

ଉକ୍ତ ପତ୍ରିକାରୁ ଆହୁରି ଜଣାଯାଏ ଯେ ସିତାଡିହା ମୌଜାରେ କେତେଗୁଡ଼ିଏ ଗୌଡ଼ଟୋକା ବାଡ଼ପୋତି ତାହାକୁ ଡେଇଁବା ଖେଳ ଖେଳୁଥିଲେ । ଅନ୍ୟାନ୍ୟ ପିଲାମାନେ ଡେଇଁଗଲେ ଏକଜଣପିଲା ଡେଇଁବା ବେଳେ ଆର ପାଖକୁ ଯାଇ ନ ପାରି ବାଡ଼ଉପରେ ଅତ୍ୟନ୍ତ ବଳସହିତ ପଡ଼ିଗଲା ଓ ବାଡ଼ ତାହା ଗୁହ୍ୟଦ୍ୱାରବାଟେ ଭିତରକୁ ପଶିଗଲା । ପିଲାଟିର ତତ୍‌କ୍ଷଣାତ୍ ମୃତ୍ୟୁ ଘଟିଲା କି ଦୁଃଖର ବିଷୟ !

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ କଲିକତାର ବାବୁ ପ୍ୟାରୀଚରଣ ସରକାର ମାନବଲୀଳା ସମ୍ବରଣ କରିଅଛନ୍ତି । ବହୁମୂତ୍ର ରୋଗରୁ ହଠାତ୍ ତାହାଙ୍କର ମୃତ୍ୟୁ ହେଲା ଓ କେ ସମୟରେ ତାହାଙ୍କ ବୟସ କ ୫୨ ବର୍ଷ ମାତ୍ର ହୋଇଥିଲା । ଶିକ୍ଷା ବିଭାଗରେ ବାବୁ ମହାଶୟଙ୍କ ସୁଖ୍ୟାତି ବିଶେଷ ହୋଇଅଛି ଓ ତାହାଙ୍କ ପ୍ରଣୀତ ଗଦ୍ୟ ପଦ୍ୟ ଇଂରାଜି

Split by PDF Splitter

Digitized by srujanika@gmail.com

Split by PDF Splitter



ଛାତ୍ରମାନ ବଙ୍ଗଳାର ସବୁ ବିଦ୍ୟାଳୟରେ ପ୍ରାୟ ପଠିତ ହେଉଅଛୁ। ବାବୁ ମହାଶୟ ଏଥିପୂର୍ବେ କଲିକତା ହେୟାର ସ୍କୁଲ ଓ ହିନ୍ଦୁ ସ୍କୁଲରେ ଶିକ୍ଷକ ଥିଲେ ଓ ତହିଁ ଉତାରୁ ଅନେକ ବର୍ଷରୁ ପ୍ରେସିଡେନ୍ସୀ କଲେଜର ଜଣେ ପ୍ରୋଫେସର ପଦରେ ନିଯୁକ୍ତ ହୋଇଥିଲେ। ଏହାଙ୍କ ସମ୍ମାନ ନିମିତ୍ତ ଉକ୍ତ ବିଦ୍ୟାଳୟମାନ ଦୁଇଦିନ ବନ୍ଦ ହୋଇଥିଲା।

ବଙ୍ଗଳାର ଏକ ସ୍କୁଲରେ ବ୍ୟାୟାମ ଶିକ୍ଷା କରୁ୨ ଜଣେ ଛାତ୍ର ମରି ଯାଇଅଛୁ। ଏ ଲୋକ ଡିଙ୍ଗି ଦୌଡ଼ ଧରି ଝୁଲୁ ଥିଲା ଦୈବାତ୍ ଦୌଡ଼ ଯେଉଁ କାଠ ଅନ୍ତରେ ବନ୍ଧା ଥିଲା ସେ ଅତ ସହିତ ଛଲେ ପଡ଼ିଯାଇ କାଠ ଭାରରେ ତାହାର ମୃତ୍ୟୁ ହେଲା।

ଢାକାର ଦେଶୀୟ ଖ୍ରୀଷ୍ଟିୟାନମାନେ ଗୋଟିଏ ଯାତ୍ରାଦଳ ପ୍ରସ୍ତୁତ କରୁଅଛନ୍ତି। ଅଦମ ଓ ହବାର ସୃଷ୍ଟି ଉକ୍ତ ଯାତ୍ରାର ପ୍ରସଙ୍ଗ ଅଟଇ। ଏମାନେ ଦୁଇ ରାତ୍ରି ଥର ଯାତ୍ରା କଲେଣି ଦେଶୀୟ ଖ୍ରୀଷ୍ଟିୟାନଙ୍କ ମଧ୍ୟରେ ଯାତ୍ରାଦଳ ହେବାର ଏହି ପ୍ରଥମ ଉଦାହରଣ ଅଟଇ।

ଇଂଲିଶମାନ ତାରଡାକ ଯୋଗେ ସଂବାଦ ପାଇଅଛନ୍ତି ଯେ ମାନ୍ଦ୍ରାଜ ପ୍ରଦେଶର ବେଙ୍ଗ୍ଲୋର ନଗରରେ ଓଲାଉଠାରୋଗ ଭାରି ପ୍ରବଳ ହୋଇଅଛୁ। ଏକ ସପ୍ତାହରେ ୨୨୩ ଜଣ ମରି ପଡ଼ିଥିଲେ। ସ୍କୁଲମାନ ବନ୍ଦ ହୋଇଅଛୁ। ପ୍ରତି ସ୍ଥଳରେ ଦୁଇଶତ ହବେଲୀ ବାଣ ମାରିବାକୁ କଲେକ୍ଟରସାହେବ ଆଜ୍ଞା ଦେଇଅଛନ୍ତି। ହବେଲିବାଣ ରୋଗିକୁ ଉଡ଼ଦେବାର ଭଲ ଉପାୟ ଅଟଇ।

ହାଇଦରାବାଦର ବର୍ତ୍ତମାନର ନିଯାମ ଅଳ୍ପ-ବୟସର ବାଳକ ଅଟନ୍ତି ଓ ଅତି ସୁକୁମାର ଶରୀର ହେତୁରୁ ସେ କଲିକତା କିମ୍ବା ବମ୍ବେଇକୁ ଆସି ଯୁବରାଜଙ୍କ ସହିତ ସାକ୍ଷାତ କରିବାକୁ ପାରିବେ ନାହିଁ ବୋଲି ତାହାଙ୍କର ଡାକ୍ତର ଓ ମେଡ଼ର ଗ୍ଲାର୍ଡ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଥିଲେ। ଏଥିରେ ଶୁଣାଗଲା ଯେବେ ନିଯାମ ଯୁବରାଜଙ୍କ ସହିତ ସାକ୍ଷାତ କରିବାକୁ ନ ଆସିବେ ତେବେ ଯୁବରାଜ ତାହାଙ୍କ ରାଜ୍ୟକୁ ଯିବେ ନାହିଁ। ସମ୍ପ୍ରତି କଥିତ ହୁଅଇ ଯେ ନିଯାମ ବମ୍ବେଇକୁ ଯିବାକୁ ସମ୍ମତ ହୋଇଅଛନ୍ତି।

କଲିକତାରୁ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ଗତମାସ ତା ୧୬ ରିଖରେ ମହାମାନ୍ୟ ଯୁବରାଜ ବ୍ରିଣ୍ଡିସିନଗରଠାରେ ଜାହାଜରେ ଚଢ଼ି ଭାରତବର୍ଷକୁ ଯାତ୍ରା କରିବେ।

ବମ୍ବେଇରେ ଲବଣ ବିଷୟକ ଯେଉଁ ନୂତନ ଆଇନ ହୋଇଅଛି ତଦ୍ୱାରା ବିଶେଷ ଦୁଃଖ ଜାତ ହେବାର ଦେଖାଯାଏ। ଏକ ସଂମ୍ବାଦପତ୍ରରୁ ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ କୋଙ୍କାନ ସ୍ଥଳରେ ଲୋକେ ଲବଣ ନ ପାଇ ଲୁଣମାଟି ତହିଁ ବଦଳରେ ଖାଇବାରୁ ସେଠାରେ ଘୋର ଓଲଉଠା ରୋଗ ଜାତ ହୋଇଅଛି। ସେଠା କଲେକ୍ଟରଙ୍କ ଯୋଗେ ଗୋଟିଏ ସଭା ହୋଇଥିଲା। ତହିଁରେ ସଭ୍ୟମାନେ ଧାର୍ଯ୍ୟ କଲେ ଯେ ଦୁଃଖିଲୋକମାନେ ଲୁଣ ନ ପାଇବାରୁ ଏତେ ପ୍ରବଳରୂପେ ରୋଗ ଉଦୟ ହୋଇଅଛି। ଲୁଣ ଯୋଗାଇବା ପାଇଁ ସଭାରେ ଚେଷ୍ଟା ହୋଇଅଛି ଓ ଗବର୍ଣ୍ଣମେଣ୍ଟକୁ ଏ ସବୁ କଥା ଜଣାଇବାର ସ୍ଥିର ହୋଇଅଛି।

ମହୀଶୂରରେ ଏପ୍ରକାର ସ୍ୱର୍ଣ୍ଣମିଶ୍ରିତ ପଥର ବାହାରିଅଛି ତାହାକୁ ପରୀକ୍ଷା କରିବାରେ ଦେଖାଯାଇଅଛି ଯେ ପ୍ରତି ଟନରେ ୧୬ ପେନ-ଟେଏଟ ଓଜନ ସ୍ୱର୍ଣ୍ଣ ପ୍ରାପ୍ତ ହୋଇଅଛି। ଏତେ ପରିମାଣରେ ସ୍ୱର୍ଣ୍ଣ ମିଳିବା ସତ୍ୟ ହେଲେ ବଡ଼ଲାଭର କଥା ଅଟଇ।

ଟାଇମସ୍ ଅଫ୍ ଇଣ୍ଡିଆ ଲେଖନ୍ତି ଯେ ବମ୍ବେଇ ପ୍ରଦେଶରେ ସର୍ବସୁଦ୍ଧା ୨୧ ଖଣ୍ଡ ଛାପାଖାନା ଅଛି। ତହିଁ ମଧ୍ୟରେ କେବଳ ବମ୍ବେଇରେ ୪୫ଟା ଅଛି।

ଭାରତବର୍ଷରେ ପ୍ରଚଳିତଥିବା ପ୍ରବାଦମାନ ଏକତ୍ରରେ ସଂଗ୍ରହ କରିବା ନିମନ୍ତେ ପାଦ୍ରୀ ଲଙ୍ଗ ସାହେବ ଟ ୧୦୦୦୦ ଙ୍କା ଦେବାକୁ ସ୍ୱୀକୃତ ହୋଇଅଛନ୍ତି। ଧନ୍ୟ ଲଙ୍ଗସାହେବ।

ଯୁବରାଜଙ୍କୁ ଦେଖି କଲିକତାର ଦେଶୀୟ ଲୋକମାନେ ଯେଉଁ ଆମୋଦ ପ୍ରମୋଦ କରିବେ ତହିଁପାଇଁ ଟ ୧୦୭୫୦ ଚାନ୍ଦା ଉଠିଅଛି। ଆହୁରି ଅନେକ ଟଙ୍କା ହେବାର ସମ୍ଭାବନା ଅଛି।

ପୁନା ମିଉନିସିପାଲଟିର ୫ ଟିରୁ ୬ ବିଅରସ୍ ସାହେବଙ୍କର ଗୋଟିଏ ଘୋଡ଼ା ଭଙ୍ଗି ଯାଇଅଛି ତହିଁପାଇଁ ସେ ମିଉନିସିପାଲିଟି ନାମରେ ଟ ୪୦୦୦୦ ଙ୍କା ଦାବିରେ ନାଲିସ କରିଅଛନ୍ତି। କଟକନଗରବାସିଙ୍କର ଧାନ କମିଟିଙ୍କ ଭିତ୍ତିରୁ ଘରମାନ ଭଙ୍ଗି ଯାଇଅଛି କେହି ନାଲିସ କରୁ ନାହାନ୍ତି କାହିଁକି?

ଗଞ୍ଜାମ ବ୍ରହ୍ମପୁରର ଜଜ ଶ୍ରୀଯୁକ୍ତ ଯେ, ଜୀ, ଥାମସନ୍ ସାହେବ ମହାଶୟ ଶରୀର ସାସ୍ଥ୍ୟର ଉପଲକ୍ଷେ ବିଳାତକୁ ୨ ବର୍ଷ ଛୁଟି ନେଇ ଯାଇ ଅଛନ୍ତି। ସେହି ମହାଶୟଙ୍କ ଯିବାରେ ଏହି ସ୍ଥଳ ପ୍ରଜାଙ୍କର ଅତି ଦୁଃଖ ହୋଇଅଛି, ସେ ସୁନ୍ୟାୟବାନ୍ ଓ ବିଶେଷରେ ବର୍ତ୍ତମାନ ଗଞ୍ଜାମ ଉତ୍କଳୀୟମାନଙ୍କର ଯେତିକି ମଙ୍ଗଳ ହୋଇଅଛି ଏ ମହାଶୟ ତହିଁର ମୂଳ ଅଟନ୍ତି ଉକ୍ତ ମହାଶୟଙ୍କ ବଦଳରେ ଶ୍ରୀଯୁକ୍ତ ହଡ଼ରଫ୍ ସାହେବ ଆସିଅଛନ୍ତି।

ବର୍ଷାକାଳର ଆରମ୍ଭରେ ଗଞ୍ଜାମ ସ୍ଥଳରେ ଫସଲର ଅବସ୍ଥା ବଡ଼ମନ୍ଦ ଥିଲା କିନ୍ତୁ ଏଣିକି ସୁବୃଷ୍ଟି ହେବାରୁ କୃଷିମାନଙ୍କର ଆନନ୍ଦ ଜାତ ହୋଇଅଛି ଓ ଫସଲ ଉତ୍ତମ ହେବାର ସମ୍ପୂର୍ଣ୍ଣ ଲକ୍ଷଣ ଦେଖାଯାଏ। ନାଲ ହ୍ରିଲମାନ ଜଳରେ ଭର୍ତ୍ତି ହୋଇଅଛି।

ବର୍ଷାପଡ଼ା ଆରମ୍ଭରୁ ଅବଧି ବୃଷ୍ଟି ହୋଇ ନ ଥିବାରୁ ଜିଂକିର ସୁଦ ଓ ବେପାରିମାନେ ଚାଉଳର ଦର ବଢ଼ାଇ ଦେଇ ଅଛନ୍ତି ଓ ଦୁଃଖିମାନେ ତହିଁପାଇଁ କ୍ଳେଶିତ ଅଛନ୍ତି। ମେଘର ଅବସ୍ଥାରୁ ଦେଖାଯାଏ ବୃଷ୍ଟି ହୋଇ ପାରେ।


CERTIFICATED TEACHER WANTED.

Wanted for the Oriya 4th. Class in the Government School at Berhampur Gunjam District, a certificated master with some experience in teaching. He must be a good Oriya scholar and have a fair knowledge of English. Salary Rs. 40 to commence with, to rise in two years to Rs. 50 if the Head master is satisfied with the teacher's work. The appointment will be made on probation for one year.

Applications and copies of testimonials to be sent direct to M. Kenny Esquire Head Master Berhampore, Gunjam.

(Sd) W. R. Vorshaw B. A.
Inspector of Schools.


ମୂଲ୍ୟପ୍ରାପ୍ତି।

ବାବୁ ବ୍ରଜଭୂଷଣ ରଙ୍ଗଦାସ ଅଲଣ୍ଡ୍ରୋ ବର୍ଦ୍ଧମା ୪।୵
ମୁନ୍ସୀ ଗଜନଫର ହୋସେନ କେନ୍ଦ୍ରାପଡ଼ା „ ୫।୵

ଏହି ଉତ୍କଳଦୀପିକା ସହରକଟକ ଚଉ-ଧରୀବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

ଉତ୍କଳଦୀପିକା ତା ୧୬ ଇଙ୍ଗ ମହେ ଅକ୍ଟୁବର ସନ ୧୮୭୫ ମସିହା ।

ଶ୍ରୀ ଜଗନ୍ନାଥାୟ ନମଃ ।

ନୀଲାଦ୍ରୌ ଶଙ୍ଖମଧ୍ୟେ ଶତଦଲକମଲେ ରତ୍ନସିଂହାସନସ୍ଥଂ
ସର୍ବାଲଙ୍କାରଯୁକ୍ତଂ ନବଘନରୁଚିରଂ ସଂଯୁତଂ ଚାଗ୍ରଜେନ ।
ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟଂ
ବେଦାନାଂ ସାରମୀଶଂ ସ୍ୱଜନପରିବୃତଂ ବ୍ରହ୍ମଦାରୁଂ ସ୍ମରାମି ।

ନୀଲାଦ୍ରୌ ଶଙ୍ଖମଧ୍ୟେ ଶତଦଲକମଲେ ନିର୍ମିତ ପ୍ରାସାଦସ୍ୟ ଅଂଶି-କଲଙ୍କାଦ ଦୋଷଦୃଷ୍ଟିତତ୍ୱା ପ୍ରସ୍ତରାଣାଂ ପୁନଃ ପାତଶଙ୍କୟା ଚ ପ୍ରତିଷ୍ଠିତ ପ୍ରାସାଦାନ୍ତର୍ବର୍ତ୍ତି ସିଂହାସନେ ସ୍ଥିତାୟା ଦାରୁବ୍ରହ୍ମମୂର୍ତ୍ତେଃ ସ୍ଥାନାନ୍ତରେ ସ୍ଥିତୌ ସତ୍ୟାଂ ତତ୍ସ୍ଥାନେ ତନ୍ମୂର୍ତ୍ତେଃ ରନ୍ଧନପାକ ନୈବେଦ୍ୟଂ ପୂର୍ବବନ୍ମହାପ୍ର-ସାଦଃ ସ୍ୟାନ୍ନ ବା ।

ଏତତ୍ପ୍ରଶ୍ନସ୍ୟୋତ୍ତରଂ ।

ଦାରୁବ୍ରହ୍ମମୂର୍ତ୍ତେଃ ସ୍ଥାନାନ୍ତରେ ପ୍ରଯୋକ୍ତ ନୈବେଦ୍ୟଂ ମହାପ୍ରସା-ଦୋ ନ ଭବତି । କୁତଃ । ବକ୍ଷ୍ୟମାଣ ପ୍ରାସାଦାନ୍ତର୍ବର୍ତ୍ତିସିଂହାସନଭ୍ରଷ୍ଟତ୍ୱାତ୍ । ତତ୍ର ପ୍ରମାଣଂ ବ୍ରହ୍ମପୁରାଣେ ।

ଜିତ୍ରିତେ ସୃଷ୍ଟିତେ ଦଗ୍ଧେ ଭ୍ରଷ୍ଟେ ମାନକବର୍ଜିତେ
ଯାଗହୀନେ ପଶୁସ୍ପୃଷ୍ଟେ ପତିତେ ଦୁଷ୍ଟଭୂମିଷୁ ।
ଅନ୍ୟମନ୍ତ୍ରାର୍ଚ୍ଚିତେ ଚୈବ ପତିତସ୍ପର୍ଶ ଦୂଷିତେ
ଦଶସ୍ୱେତେଷୁ ନୋ ଚକ୍ରୁଃ ସନ୍ନିଧାନଂ ଦିବୌକସଃ । ଇତି ।

ଭ୍ରଷ୍ଟେ ସ୍ଥାନାଦ୍ଭ୍ରଷ୍ଟେ ଅର୍ଥାତ୍ ସ୍ଥାନାନ୍ତରଗତେ । ନନୁ ଦାରୁବ୍ରହ୍ମ-ମୂର୍ତ୍ତେଃ ଭଗବତୋ ଉଭୟସ୍ଥାନଂ କୁତ୍ର ଇତି ଚେଦୁଚ୍ୟତେ । ଉଭୟସ୍ଥାନଂ ପ୍ରଥମଂ ଚ ପ୍ରାସାଦାନ୍ତର୍ବର୍ତ୍ତି ଶିଶ୍ରୀକାପଦକାରଦ୍ୟଂ ସିଂହାସନଂ ତତ୍ର ପ୍ରମାଣଂ ବ୍ରହ୍ମ-ପୁରାଣେ ଉତ୍କଳଖଣ୍ଡେ ଇନ୍ଦ୍ରଦ୍ୟୁମ୍ନଂ ପ୍ରତି ଶ୍ରୀ ଭଗବଦ୍ବାକ୍ୟଂ । ଯଥା—

ପ୍ରାସାଦଂ କୁରୁ ମେ ଶୀଘ୍ରଂ କଣ୍ଠାଦ୍ୱାସ୍ୟବ୍ୟକୋଣତଃ ।
ନୀଲାଶ୍ୟସ୍ୟୋତ୍ତରେ ସ୍ଥାନେ ଶତପାଦ ପ୍ରମାଣତଃ ।
ବର୍ତ୍ତତେ ଦ୍ୱିଗୁଣଂ ଭଚସ୍ଥାନଂ ତ୍ରିଲୋକେଷୁ ପ୍ରପୂଜିତଂ ।

ନୀଲାଶ୍ୟସ୍ୟ ରୋହିଣୀକୁଣ୍ଡସ୍ୟ, କୁଣ୍ଡଂ ନୀଲାଶ୍ୟ ମାପୁର୍ଯ୍ୟେଭ ବ୍ରହ୍ମ ପୁରାଣବଚନାତ୍ । ପ୍ରମାଣାନ୍ତରଂ ଚ ସ୍କନ୍ଦପୁରାଣେ ସପ୍ତଦଶାଧ୍ୟାୟେ ଇନ୍ଦ୍ରଦ୍ୟୁମ୍ନଂ ପ୍ରତି ଆକାଶବାଣୀ ।

ନୀଲାଦ୍ରୌ କଳ୍ପବୃକ୍ଷସ୍ୟ ବାୟୁବ୍ୟାଂ ଶତହସ୍ତତଃ ।
ପ୍ରଦେଶେ ସୁମହଲ୍ଲକ୍ଷ୍ମେ ପ୍ରାସାଦଂ ସୁଦୃଢ଼ାବୃତଂ ।

ଏବଂ ସ୍କନ୍ଦପୁରାଣେ ପୁରୁଷୋତ୍ତମମାହାତ୍ମ୍ୟେ ଊନବିଂଶାଧ୍ୟାୟେ ଇନ୍ଦ୍ର-ଦ୍ୟୁମ୍ନଂ ପ୍ରତି ପଦ୍ମନାଭବଚନଂ । ଯଥା—

ଇନ୍ଦ୍ରଦ୍ୟୁମ୍ନ ପ୍ରସନ୍ନ ସ୍ତେ ଭକ୍ତ୍ୟା ନିଷ୍କାମକର୍ମଭିଃ ।
ବ୍ରଦନେନ୍ୟନୈନ୍ଦ୍ରୀକାଙ୍କ୍ଷୈଃ ଦେବାପି ପରିବର୍ଜ୍ଜିତା ॥

ବରଂ ବଦାମି ତେ ଭୂପ ମୟି ଭକ୍ତିଃ ସ୍ଥିରସ୍ତୁ ତେ ।
ଉତ୍ସୃଜ୍ୟ କଳ୍ପକୋଟୀସ୍ତୁ ଯନ୍ନମାଦୃତନଂ କୃତଂ ॥
ଉତ୍ସର୍ଗସ୍ୟ ତସ୍ୟ ସ୍ୱକେନ୍ଦ୍ର ସ୍ଥାନଂ ନ ତ୍ୟକ୍ଷ୍ୟତେ ମୟା ।
କାଲାନ୍ତରେଽପିଯୋଽସ୍ୟାନ୍ୟଃ ପ୍ରାସାଦଂ କାରୟିଷ୍ୟତି ॥
ତସ୍ୟୈବ କୀର୍ତ୍ତିଃ ସାନୂନଂ ତ୍ୱତ୍ପ୍ରୀତ୍ୟା ତତ୍ର ମେ ସ୍ଥିତଃ ।
ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ ସତ୍ୟମେବ ବ୍ରବୀମି ତେ ॥
ପ୍ରାସାଦ ଭଙ୍ଗେ ତତ୍ସ୍ଥାନଂ ନ ତ୍ୟଜାମି କଦାଚନ ।
ଅନେକ ଦାରୁବପୁଷା ସ୍ଥାସ୍ୟାମ୍ୟତ୍ର ପରାର୍ଦ୍ଧକଂ ॥
ଦ୍ୱିତୀୟଂ ପଦ୍ମଯୋନେସ୍ତୁ ଯାବତ୍ ପରିସମାପ୍ୟତେ ।

ଅସ୍ୟୈତଦଂ ପ୍ରାସାଦାନ୍ତର୍ବର୍ତ୍ତି ସିଂହାସନ ପରଂ । ପ୍ରମାଣାନ୍ତରଂ ଚ । ମହାପୁରୁଷବଦ୍ୟାସ୍ୱାଂ ବୃଷ୍ଟ୍ରହସ୍ୟେ କ୍ଷେତ୍ରକାଣ୍ଡେ ଅଷ୍ଟମାଧ୍ୟାୟେ ଶ୍ରୀ ଭଗ-ବନ୍ତଂ ପ୍ରତି ମହାମାତ୍ୟବଚନଂ । ଯଥା—

ତାରସିଂହାସନାସୀନଂ ତାରଗମ୍ୟଂ ତମୋନୁଦଂ ।
ବଲଭଦ୍ରାଯୁତଂ ଚକ୍ରସହିତଂ ତ୍ୱାଂ ନମାମ୍ୟହଂ ॥

ତସ୍ମିନ୍ନଧ୍ୟାୟେ ବ୍ରହ୍ମାଣଂ ପ୍ରତି ଶ୍ରୀ ଭଗବଦ୍ବଚନଂ । ଯଥା—

ନୀଲାଚଲ ହୃଦମ୍ଭୋଜସିଂହାସନାନ୍ତରଗଂ ହି ମାଂ ।
ଦୃଷ୍ଟ୍ୱା ଜୀବାତ୍ବଂ ଘୋରଂ ତରନ୍ତି ଚକ୍ରଗ୍ରନ୍ଥ ॥

ଏତଦ୍ୱାକ୍ୟେନ ପ୍ରତିଷ୍ଠିତ ପ୍ରାସାଦାନ୍ତର୍ବର୍ତ୍ତି ସିଂହାସନମେବ ଭଗବତୋ ଉଭୟସ୍ଥାନମିତି ଲଭ୍ୟତେ । ଅପି ନୈନ୍ଦ୍ରପୁରାଣେ ପଞ୍ଚମାଧ୍ୟାୟେ ବ୍ୟାସଦେବଂ ପ୍ରତି ନାରଦ ବଚନଂ । ଯଥା—

ଅଥ ବକ୍ଷ୍ୟାମି ପଦ୍ମସ୍ୟ କର୍ଣ୍ଣିକାଂ ପରମାଦ୍ଭୁତାଂ ।
ଯା ସିଂହାସନରୂପେଣ ହର୍ଯ୍ୟାଢଂ ସ୍ୱେତମାଂ ଗତା ॥
ସର୍ବଦେବେଷୁ ମନ୍ତ୍ରେଷୁ ନାୟକୋ ଯଃ ପରସ୍ମୃତଃ ।
ପ୍ରଣବଃ ପ୍ରଣତାନାଂ ତୁ ଭବାର୍ଣ୍ଣବ ନିଦାରଣଃ ॥
ହିମାଂଶୋର୍ବିମ୍ବମାସନ୍ତ ବନ୍ଦନାଦ ସମନ୍ୱିତଃ ।
ମହାପଦ୍ମସ୍ୟ ମଧ୍ୟେତୁ କର୍ଣ୍ଣିକାରୂପ ତାଂ ଗତଃ ॥
ଅକାରଃ ପ୍ରଥମାମାତ୍ରା କର୍ଣ୍ଣିକୋପରି ସଂସ୍ଥିତା ।
ଉକାରେ ମଧ୍ୟଦେଶେ ତୁ ମକାରେ ମୂଲଦେଶତଃ ॥
ଅର୍ଦ୍ଧମାତ୍ରା ତୁ ଯା ପ୍ରୋକ୍ତା ସାକ୍ଷାଦ୍ବ୍ରହ୍ମସ୍ୱରୂପିଣୀ ।
ଅକାରୋପରି ସା ନିତ୍ୟଂ ସ୍ୱକରେ ବିନ୍ଦୁସଂଯୁତା ॥
ଏବଂଭୂତା ମୟା ପ୍ରୋକ୍ତା ତୁଭ୍ୟଂ ପ୍ରଣବକର୍ଣ୍ଣିକା ।
ଯତ୍ର ସର୍ବେଶ୍ୱରୋ ନିତ୍ୟଂ ସ୍ଥିତ ନୀଲାଚଲେ ମୁଦା ॥
ବ୍ରହ୍ମବିଷ୍ଣ୍ୱାଦି ଦେବାନାମୀଶ୍ୱରୋଽସ୍ୟଂ ଜଗତ୍ପତିଃ ।
ସର୍ବେଷାମପ୍ୟନୁଗ୍ରହେ ତସ୍ମାଦେଷ ନିଗୃହ୍ୟତେ ॥

ଏବଂ ଚ ପ୍ରାସାଦପ୍ରତିମା ଭଙ୍ଗେ ନ ତ୍ୟଜାମି କଦାଚନ । ଇତି ବ୍ରହ୍ମପୁ-

Split by PDF Splitter
Digitized by srujanika@gmail.com

Split by PDF Splitter



ଶୁଣବରନାତ୍, ପୁରୁଷୋତ୍ତମକ୍ଷେତ୍ରେ ଜଗନ୍ନାଥସ୍ୟୈବ ପୂର୍ଣ୍ଣଦେହତ୍ୱଂ ତସ୍ୟୈତଂ ସିଂହାସନପରଂ । ଅତଏବ ତତ୍ସିଂହାସନ ସ୍ଥିତସ୍ୟ ଶ୍ରୀଭଗବତୋଽନ୍ନନୈ-ବେଦ୍ୟଂ ମହାପ୍ରସାଦୋ ଭବତ୍ୟେବ । ଅତ୍ର ପ୍ରମାଣଂ ବରାହସଂହିତାୟାଂ ସମାଖ୍ୟାତେ । ତଦ୍ଯୋଜିତାନଶ୍ରଲଂ ଚ ତତ୍ରୈବ କୁତ୍ସିତରେଖକଂ । ସିଂହାସ-ନାଦଷ୍ଟଚତୁରସ୍ରଂ ପରିକର୍ତ୍ତଯେତ୍ । ସିଂହାସନ ପ୍ରମାଣଂ ତ ତୁର୍ଯ୍ୟାଭାଗଂ ଉମାପତେଃ ।

ଯାବଦର୍ଦ୍ଧୀ ମହାଲକ୍ଷ୍ମୀ ସ୍ତତ୍ର ତୁଙ୍ଗେ ଜନାର୍ଦ୍ଦନଃ ।
ସ୍ୱର୍ଗେ ଯଥାବଦମୃତଂ ନୈବେଦ୍ୟେ ବୋଦ୍ଧବ୍ୟ ଲକ୍ଷଣଂ ॥

ପ୍ରମାଣାନ୍ତରଂ ସ୍କନ୍ଦପୁରାଣେ ଷଟ୍ତ୍ରିଂଶାଧ୍ୟାୟେ ମହାପ୍ରସାଦାନବର୍ତ୍ତନେ ଋଷୀନ୍ ପ୍ରତି ଜୈମିନି ବଚନଂ । ଯଥା—

ଜଗନ୍ନାଥାଽ ଯଦ୍ଭୁକ୍ତଂ ବୈଷ୍ଣବାଗ୍ନୌ ପ୍ରଦଂସ୍ଥିତେ ।
ଲିଂଗମ୍ଭିରନ୍ନଂ ତନ୍ନ୍ୟାଶି ସର୍ବଗମନ୍ତ୍ରନ୍ତୁଗ୍ବକଷ ॥
ସପ୍ତଦ୍ୱୀପାବନୀମଧ୍ୟେ ସାନ୍ନିଧ୍ୟଂ ଦୈବଦୃଶଂ ହରେଃ ।
ନୀଳଗୋଷ୍ଟେ ପଦ୍ମଷେତ୍ରିଷ୍ଣୁ ବ୍ୟାଜ ମାନୁଷଦେହିଭିଂ ॥
ଦାରୁରୂପଂ ପରଂବ୍ରହ୍ମ ସର୍ବଗୃହ୍ୟଗୋଚରଂ ।
ପ୍ରକାଶତେ ହ ମୂନଯୋ ନ ଦୃଷ୍ଟଂ ନ ଶ୍ରୁତଂ କ୍ୱଚିତ୍ ॥
ତସ୍ମୈ ପ୍ରବୃତ୍ତିରୂପାୟ ବ୍ରହ୍ମଣେ ପରମାତ୍ମନେ ।
ପ୍ରବୃତ୍ତିରୂପା ଶକ୍ତିଃ ଶ୍ରୀଃ ପ୍ରବର୍ତ୍ତୟତି ଯଦ୍ବଶଃ ॥
ତଦନ୍ନାଦି ଜଗନ୍ନାଥ ସ୍ତୁକ୍ଷେଷଂ ଦ୍ରବ୍ୟାପହମିତି ।

ବଚନାନ୍ତରମପି ତତ୍ରୈବାଧ୍ୟାୟେ ।

ତସ୍ମିନ୍ନୀଳାଚଲେ ପୁଣ୍ୟେ କ୍ଷେତ୍ରେ କ୍ଷେତ୍ରବର୍ଣ୍ଣିଣି ।
କଳକଲ୍ମଷନାଶାୟ ପ୍ରାପ୍ତୋ ଦସ୍ୟୁଭକ୍ତର୍ମଣାଂ ॥
ଜାବଭୁତଃ ସ ସର୍ବେଷାଂ ଦାରୁ ବ୍ୟାଜ ଶରୀରଭୃତ୍ ।
ଦର୍ଶନ ସ୍ପର୍ଶନୋଚ୍ଛିଷ୍ଟ ଭୋଜନୈର୍ମୁକ୍ତିଦାୟକଃ ॥
ଉଚ୍ଛିଷ୍ଟେନ ସୁରେଶସ୍ୟ ବ୍ୟାପ୍ତଂ ଯସ୍ୟ କଲେବରଂ ।
ଲୟାହାର ସ୍ତ୍ରୀହାଣ୍ଡ ଲପ୍ୟତେ ନ ସ ପାତକୈଃ ॥
ନୈବେଦ୍ୟମୀଶ୍ୱରସ୍ୟାଷ୍ଟ ମୂର୍ତ୍ତିଶ୍ରୀପତେ ବର୍ତ୍ତତେ ।
ଯାବନ୍ନ ତଦପ୍ରୋକ୍ତ ମୁକ୍ତିଶ୍ଚ ହ ବମୋଚନଂ ॥
ଭୁଂକ୍ତେ ଭୁକ୍ତୈବ ଭଗବାନ୍ ପଶ୍ୟତ୍ୟନୟଷ ଉକ୍ଷୁଷା ।

ଅର୍ଥୈକ ପୂର୍ବୋକ୍ତ ପ୍ରାସାଦାନ୍ତର୍ବର୍ତ୍ତି ସିଂହାସନ ଏବ ଉତ ଲଭ୍ୟତେ । ଅତଏବ ପୂର୍ବୋକ୍ତ ବାକ୍ୟାନାଂ ସମନ୍ୱୟାତ୍ ପ୍ରତୀୟତେ ପ୍ରାସାଦାନ୍ତର୍ବର୍ତ୍ତିପି-ଣ୍ଡିକାସ୍କନ୍ଧବାଚ୍ୟ ସିଂହାସନେ ସ୍ଥିତୌ ସତ୍ୟାଂ ତନ୍ନୈବେଦ୍ୟଂ ମହାପ୍ରସାଦୋ ଭବତ୍ୟେବ ନାନ୍ୟସ୍ୟ ।

ପୁନଶ୍ଚ ପ୍ରମାଣାନ୍ତରଂ । ଦାରୁଜାତ ପ୍ରତିମାନାଂ ପ୍ରାସାଦେ ପ୍ରତିଷ୍ଠାଦି-ବିଷ୍ଣୁପଦେଶ, ଭବିଷ୍ୟପୁରାଣେ ପ୍ରତିଷ୍ଠାନନ୍ତରଂ ତସ୍ୟ ପୂଜାଦି ବକ୍ତବ୍ୟମାତ୍ । ନନୁ ପ୍ରାସାଦାଃ କତ୍ୟନ୍ତଃ ତନ୍ମଧ୍ୟେ ଉଦାହୃତଂ ନୀଲଭୂଧରେ ନିର୍ମିତପ୍ରାସାଦଃ କୀଦୃଶ ଇତି ଚେଦୁଚ୍ୟତେ । ପ୍ରାସାଦାଃ ପଞ୍ଚବିଂଶତିଃ । ଅତ୍ର ପ୍ରମାଣଂ ହ-ୟଶୀର୍ଷେ ।

ବୈଶ୍ମାଦ୍ୟ ପୁରସ୍ତ ଦୈଳାସମର୍ଦ୍ଦକୋଽର୍ଥ ସିଦ୍ଧିପ୍ରଦଃ ।
ପଞ୍ଚଶତେ ମେରୁଦ୍ୱିତୀୟ ଚତୁର୍ମେଣୈବ ବ୍ୟବସ୍ଥିତାଃ ॥

ଏତେଷାଂ ପ୍ରତ୍ୟେକଂ ନବପଞ୍ଚାଶ୍ୟା ପଞ୍ଚବିଂଶତୋ ଭବତି । ତନ୍ମଧ୍ୟେ ଉକ୍ତ ପ୍ରାସାଦୋ ମେରୁଃ ଉତ ମେରୋର୍ଦୈର୍ଘ୍ୟଂ ହସ୍ତ ଇତି ଜ୍ୟୟତ ଚେଦୁଚ୍ୟତେ । ଯତଦନ୍ତ୍ୟପରିମିତଂ ଦୈର୍ଘ୍ୟଂ ପଞ୍ଚାଶଦ୍ହସ୍ତପରିମିତଂ ହସ୍ତ ଉଂ

ତତ୍ର ପ୍ରମାଣଂ ହୟଶୀର୍ଷେ । ଯଥା;—ଏବଂତ ମେରୁପ୍ରାସାଦଃ ପଞ୍ଚାଶଦ୍ଧସ୍ତ ଉଃ ଶତହସ୍ତୋଚ୍ଚ ଇତି ।

ଯତ୍ତୁ ଉକ୍ତ ପ୍ରାସାଦାଦଉକ୍ତ ସ୍ନାନମଣ୍ଡପେ ଅନବସର ମିଶ୍ରିକାୟାଂ ଗୁଣ୍ଡି-ଚାମଣ୍ଡପେ ଚ ଶ୍ରୀ ଜଗନ୍ନାଥସ୍ୟାନ୍ନ ନୈବେଦ୍ୟଂ ମହାପ୍ରସାଦୋ ଭବତି । ତତ୍ତତ୍ସ୍ଥାନେଷୁ ପୂର୍ବୋକ୍ତ ପ୍ରାସାଦାଦ ଅଯୁକ୍ତୋଽସ୍ତି । ଅତ୍ର କାରଣ ଉଚ୍ୟତେ ସତ୍ୟଂ । କିନ୍ତୁ ତତ୍ତତ୍ସ୍ଥାନେଷୁ ପୂର୍ବୋକ୍ତ ନିୟମଂ ବିନା ମହାପ୍ରସାଦୋ ଭବତି । ତଦ୍ବିଷୟେ ପ୍ରମାଣମସ୍ତି କୀଦୃଶଂ ପ୍ରମାଣମିତି ଚେଦୁଚ୍ୟତେ । ସ୍କନ୍ଦସଂହିତାୟାଂ ସ୍ନାନୋତ୍ସବ ବର୍ଣ୍ଣନେ ଇନ୍ଦ୍ରଦ୍ୟୁମ୍ନଂ ପ୍ରତି ବ୍ରହ୍ମଣୋ ବାକ୍ୟଂ ।

ଐଶାନ୍ୟ କୋଣଦେଶେଽପି ପ୍ରାସାଦସ୍ୟ ସମୋନ୍ନତେଃ ।
ସୁଧାରସ ସମୁଲ୍ଲାସଂ ମଞ୍ଚଂ କୃତ୍ୱା ମନୋହରଂ ।
କୁର୍ଯ୍ୟାନ୍ନୃହାସ୍ୟଶତଶସ୍ତ୍ରଂ ତଦ୍ବୈନ ସ୍ଥାପୟେଦ୍ବୁଧଃ ।
ତତ୍ତ୍ୱଂ ସ୍ନାନ ଦ୍ୱ୍ୟଂ କୃତ୍ୱା ବସ୍ତ୍ରମାନେଷୁ ସମର୍ପୟେତ୍ ।
ସାଲାଲସ୍ୱାତ ନୈବେଦ୍ୟଂ ଦଦ୍ୟାଂ ବନ୍ଧୁସମାନୟେତ୍ ।
ଭକ୍ଷ୍ୟଂ ଭୋଜ୍ୟଂ ଚ ଚର୍ବ୍ୟଂ ଚ ଲେହ୍ୟଂ ପେୟଂ ଚ ନୈଷ୍ୟକଂ ।
ଇତ୍ଥଂ ଚ ଷଡ୍ରସୈର୍ଯ୍ୟୁକ୍ତଂ ଦିବ୍ୟମନ୍ନଂ ଚତୁର୍ବିଧଂ ।
ନାନା ପୂପ ସମୂହାଢ୍ୟଂ ନାନା ବ୍ୟଞ୍ଜନ ସଂଯୁତଂ ।
ଲୋକତ୍ରୟାଶ୍ଚର୍ଯ୍ୟକରଂ ବଦ୍ଧେ ସ୍ୱଚ୍ଛନ୍ଦ ଉପ୍ସୁକଃ ।
ତାଦୃଶଂ ଦଦ୍ୟ ନୈବେଦ୍ୟଂ ସ୍ଥାପୟେନ୍ମଣ୍ଡଲେଷୁ ଚ ।

ଇତ୍ଥଂ ସ୍ନାନୋତ୍ସବଦିନେ ପ୍ରଥମ ପୂଜାନନ୍ତରଂ ଦେବ ମୂର୍ତ୍ତୀ ଗୃହେଷ୍ଟନ ଗୃହାନ୍ତ-ର୍ବର୍ତ୍ତ୍ୟ ନବସରପିଣ୍ଡିକାୟାଂ ସ୍ଥାପୟିତ୍ୱା କଶାବରଣୈଶ୍ଛାଦ୍ୟ ଭଗବତ୍ସ୍ୱରୂପ ପତ୍ରେଷୁ । ତଦ୍ଦିନେ ପୂର୍ବକଲ୍ପୋକ୍ତ ପୂଜାଂ ଚରେତ୍ । ଏତଯଦମ୍ମୁକ୍ତସପଦ୍ଧତୌ ମନ୍ତ୍ରେଷଣୀୟଂ । ବାଚ୍ୟ ବାହୁଲ୍ୟାନ୍ନଲିଖିତଂ ।

ଅନବସର ପିଣ୍ଡିକାୟାଂ ମହାପ୍ରସାଦବିଷୟେ ପ୍ରମାଣଂ ।

ତତୋମଧ୍ୟାହ୍ନ ପୂଜାଂ ଚ ସଙ୍କଳ୍ପ ପୂର୍ବକଲ୍ପିତଃ ।
କୁର୍ଯ୍ୟାଦ୍ୱିଦନମାରଭ୍ୟ ଦଶପକ୍ଷ ଚ ବାସରାନ୍ ।
ଅଦୃଳସ୍ୟ ଚରେତ୍ପୂଜାଂ ପୂର୍ବକଳ୍ପସମାଚାର ।
ଦାରୁରୂପୀ ଜଗତ୍ସ୍ୱାମୀ ପତ୍ରେ ବଶମସ୍ୟ ଚ ପ୍ରଭୁଃ ।
ଇଷ୍ଟଲଭ୍ୟ ଚ ସଦେହୋଽସ୍ତି ନାସ୍ତି ନଦୋଷନ ।
ତଥା ଚତୁର୍ଥ କାଲାର୍ଚ୍ଚାଃ କୁର୍ଯ୍ୟାଦ୍ୱୈଷ୍ଣବାଗ୍ରେ ବର୍ଦ୍ଧକଃ ।
ତନ୍ନିର୍ମିତଂ ସୁତପସ୍ୟ ବିଶ୍ୱାସଂ ନ କୁର୍ଯ୍ୟାତ କଦାଚନ ।

ଏବଂ ପ୍ରମାଣାନ୍ତରମପି, ନାରଦୀୟ ପଞ୍ଚରାତ୍ରେ ସପ୍ତତ୍ରିଂଶାଧ୍ୟାୟେ ନାରଦଂ ପ୍ରତି ବ୍ରହ୍ମବାକ୍ୟଂ ।

ଦାରୁ ବ୍ରହ୍ମ ସ୍ୱରୂପସ୍ୟ ଜନ୍ମବାସରେ ଏବ ଯା ।
ପୌର୍ଣ୍ଣମୀ ଜ୍ୟେଷ୍ଠମାସସ୍ୟ ତତ୍ସ୍ନାନଂ ବିଧୀୟତେ ।
ଚତୁର୍ବିଂଶୈ ରମ୍ୟ କାଙ୍କ୍ଷିତଃ ଷଡ୍ରସୈର୍ବସ୍ତ୍ରୈର୍ବସ୍ୟୁତୈଃ ।
ପୂଜୟେତ୍ ଦୃଶ୍ୟଦୈସ୍ତୈ ଯଥାବିଧି ମନୀଷୟା ।
ତତୋ ଦେବାନ୍ ମଦନମଦଂ ପ୍ରସ୍ଥାପ୍ୟ ଦୃଢଯନ୍ତ୍ରିତଃ ।
ଗୃହେଷ୍ଟନାଲୟେ ଦେବ୍ୟ ସ୍ଥାପୟେଦଷ୍ଟପତ୍ରିତଃ ।
କଶାବରଣମଧୁରଂ କୃତ୍ୱା ବସ୍ତ୍ରାବୃତଂ ତଦା ।
ସ୍ଥାପୟେଦ୍ଦଶପକ୍ଷେନ ଯଥା କୋଽପି ନ ଲୋକୟେତ୍ ।
ତଦବଶେ ପଞ୍ଚମୂର୍ତ୍ତିଷ୍ଟ ତଦ୍ବଂଶୋଦ୍ଭୂତ ସୂନବେ ।
ସ୍ଥାପୟିତ୍ୱା ତଦା ତାବଦ୍ଧି ଦ୍ୱିଜଶ୍ଚ ନୟେତ୍ସୁଧୀଃ ।
ଅଙ୍ଗଲେଦବକ୍ତା ପୂଜାଂ ଚ କୁର୍ଯ୍ୟାତ୍ତାଦୃଶକାଳତଃ ।

Digitized by srujanika@gmail.com

Split by PDF Splitter



ଦଶପଞ୍ଚ ଦିନାନାହ ଦେବକଂ ଛତଗୁର୍ବିଧଂ ।
ବୃଦ୍ଧିଦାରୁ ସଇଂ ତତ୍ ଦାଯସ୍ୟେଦ୍ବାରସୌରଇଂ ।

ତତ୍ ଅତ୍ରବସରପିଣ୍ଡିକାସ୍ୱାମିତ୍ୟର୍ଥେ କୋଽର୍ଥଃ । ନନୁ ଅନବସର ପିଣ୍ଡିକାୟା ମୂଲ୍ୟବାକ୍ୟାତ୍ତଦାରଭ୍ୟ ପଞ୍ଚଦଶଦିନପର୍ଯ୍ୟନ୍ତଂ ଅନ୍ନାଦିନୈବେଦ୍ୟ ସର୍ଜ୍ଜ ପ୍ରମାଣତୟା ବର୍ତ୍ତତେ, ନାନ୍ୟସ୍ମିନ୍ ଦିବସେ ଇତିଚେଦୁଚ୍ୟତେ । ଅନ୍ୟସ୍ମିନ୍ ଦିବସେ ଉକ୍ତ ପଞ୍ଚଦଶଦିନାତିରିକ୍ତ ଦିନେ ତତ୍ ଅନ୍ନାଦ୍ୟର୍ପଣ ବିଷୟେ ପ୍ରମାଣଂ ନାସ୍ତୀତ୍ୟସ୍ୟ ପଞ୍ଚଗ୍ରନ୍ଥେ ସୂତସଂହିତାୟାଂ ଚ ବର୍ଣ୍ଣିତ ତଦ୍ୟଥା, ତତ୍ର ପଞ୍ଚଗ୍ରନ୍ଥେ ଉତ୍କ୍ରାଧ୍ୟାୟେ ନାରଦଂପ୍ରତି ବ୍ରହ୍ମବାକ୍ୟଂ

ଷୋଡ଼ଶେଽହ୍ନି ପଞ୍ଚଦେବେ ପ୍ରାତଃ ସ୍ନାନଂ ବଧୀୟତେ ।
ଦେହେ କଦେଶସ୍ୟ ତସ୍ମିନ୍ନ୍ଦେବାଂଶ୍ଚୈବ ବିସର୍ଜ୍ଜୟେତ୍ ।
ତତଃଶୁରଭିନକ୍ରେଣ ନୈବେଦ୍ୟାନଂ ସମାଚରେତ୍ ।
ଚତୁର୍ବିଧଂ ବହୁବିଧଂ ସ୍ୱାଦୁ ଷଡ୍ରସସଂଯୁତଂ ।
ନୈବେଦ୍ୟ ମନବଦ୍ୟଂ ଚ ହୃଦ୍ୟଂସମ୍ପାଦ୍ୟ ଯତ୍ନତଃ ।
ପୂଜୟେଦ୍ଦତ ଭକ୍ତ୍ୟା ଚ ବଲଭଦ୍ରାୟୁତଂ ହରିଂ ।
ଏବଂପ୍ରାତଃପୂଜନଂ ଚ କୃପାଭକ୍ତି ସମନ୍ୱିତଃ ।

ଉକ୍ତ ସଂହିତାୟାଂ ଇନ୍ଦ୍ରଦ୍ୟୁମ୍ନଂ ପ୍ରତି ବ୍ରହ୍ମବାକ୍ୟଂ ଯଥା ।

ତତଂ ନେତ୍ରୋତ୍ସବେ ଜାତେ ଷୋଡ଼ଶେଽହ୍ନି ସ୍ଥିରଃ ସତଃ ।
ନେତ୍ରୋତ୍ସବଦିନେ ଦେବାନ୍ସ୍ଥାତେ ବାର ରତ୍ନକେ ।
ନେତ୍ରୋତ୍ସବାଦ୍ ସ୍ନାନାନ୍ତଂ ବଧ୍ୟଂ କୁର୍ଯ୍ୟାତ୍ ପ୍ରଯତ୍ନତଃ ।
ତତୋଦୁଗ୍ଧ ବିକାରେଶ୍ଚ ନାରକେଲ ବିକାରକଂ ।
ନୈବେଦ୍ୟଂ ତତ୍ର ସମ୍ପାଦ୍ୟ ପୂଜୟେଚ୍ଚଯଥାବିଧି ।
ପ୍ରାତଃପୂଜା ବିଧାତବ୍ୟା ବିନାପକ୍ୱନ୍ନମୁତ୍ତମଂ ।
ତଦାପନାଂ ତତଃ କୁର୍ଯ୍ୟାଦାଜ୍ଞମାଲ୍ୟଂ ଚ ଦାପୟେତ୍ ।
ତତ୍ତ୍ୱା ରଥାନ୍ସାମାନ୍ୟ ତତ୍ପ୍ରତିଷ୍ଠାଂ ସମାଚରେତ୍ ।
ମୂର୍ତ୍ତ୍ୟନନ୍ତରତୋଭୂପ ମହାସ୍ନାନବିଧିଂ ତତଃ ।
କୃତ୍ୱା ତତୋର୍ଚ୍ଚୟେତ୍ ବିଦ୍ୱାନ୍ ପୂର୍ବବତ୍ ପାକସମ୍ଭବୈଃ ।
ନୈବେଦ୍ୟୈସ୍ତୋଷୟେଦ୍ଦେବଂ ମାଧବଂ ଦେଶିକୋତ୍ତମ ଇତି ।

ଅନ୍ୟାଦିନାନ୍ତରମପି ସୂତସଂହିତାୟାଂ ଇନ୍ଦ୍ରଦ୍ୟୁମ୍ନଂପ୍ରତି ବ୍ରହ୍ମଣୋବାକ୍ୟଂ ।

ଦ୍ୱିତୀୟାପ୍ରାପ୍ତିକେ କୁର୍ଯ୍ୟାତ୍ ଦ୍ୱାଦଶଂ କରୈଃ ପ୍ରଭୋଃ ।
ତତ୍ସଂସ୍ନାନଂ ତତଃ କୁର୍ଯ୍ୟାତ୍ ପ୍ରାତଃ ପୂଜାଂ ସମାଚରେତ୍ ।
ପୂଜାନ୍ତେ ତତ ତତ୍କୁର୍ଯ୍ୟାନ୍ମଙ୍ଗଲାର୍ତ୍ତ୍ରିକଂ ନୃପ ।
ପର୍ବବତ୍ତେନ୍ନୃପଶ୍ରେଷ୍ଠ ପୂଜକାସ୍ତୁବାଦନଃ ।
କୁର୍ଯ୍ୟାସ୍ତୁପୂଜନଂ ବସ୍ତ୍ରୋର୍ଯଥାବିଧି ତଥା ପୁନଃ ।

ଅନ୍ୟଦିନତ୍ରୟାଣାଂ ଅର୍ପଣ ଶ୍ରୀମନ୍ଦିରେ ସପ୍ତଦିନପର୍ଯ୍ୟନ୍ତମନ୍ନାଦି ନୈବେଦ୍ୟ ବିଧୌପ୍ରମାଣଂ ଯଥା । ପୁରୁଷୋତ୍ତମମହାତ୍ମ୍ୟେ ସ୍କନ୍ଦପୁରାଣେ ତ୍ରିଂଶଦଧ୍ୟାୟେ ପ୍ରତିମାବରଣଂ ।

ଯଥାସ୍ୟଂ ନୀଳଗିରୌ ପ୍ରାସାଦେନ ତବାଧୁନା ।
ଚତୁର୍ମୁଖାନୁଗ୍ରହେଣ ମହାପ୍ରୀତିକରେ ମମ ।
ତଥା ନୃସିଂହକ୍ଷେତ୍ରେ ବୈ ମହାବେଦୀ ତବ ନୃପୋଃ ।
ମନୋଶ୍ୱରେଣ ବଳତ୍ୱଂ ପ୍ରୀତିକୃନ୍ନୃପ ଶାଶ୍ୱତଂ ।
ବିମୁଖାଳିଂ ସ୍ଥିତିସ୍ଥାହଂଇତ୍ସ୍ନାନ୍ ମେ ପ୍ରୀତିରୁତ୍ତମା ।
ଅସ୍ମାମେ ସପ୍ତକ୍ଷେତ୍ରଃ ପ୍ରାସାଦେ ସ୍ଥାପିତୋଽମୁନା ।

ଅସ୍ମାନ୍ପୂର୍ବୋକ୍ତ ଭକ୍ତ୍ୟା ହ୍ୟବତିଷ୍ଠେଽହଂ ତତ୍ୟଦା ।
ଦିନାନି ନବ ଯାସ୍ୟାମି ତଥା ତସ୍ମାଦିହାଗତଃ ।

ପୁନଶ୍ଚ ପ୍ରମାଣାନ୍ତରଂ ମୂଳସଂହିତାୟାଂ, ।

ପାକକର୍ତ୍ତା ତତଃ କୁର୍ଯ୍ୟାତ୍ୟଥାଯୋଗ୍ୟଂ ଚ ରନ୍ଧନଂ ।
ବିବିଧୈର୍ଭୋଗୈଃ ସମଂ ଭୋଗଂ ପୂର୍ଣ୍ଣଂ ଗୁରୁତରଂ ତଥା ।
କୁର୍ଯ୍ୟାତ୍ ପ୍ରତିଦିନଂ ତତ୍ ହ୍ୟେବମାସପ୍ରବାସରଂ ।

ଅତଏବ ପୂର୍ବୋକ୍ତ ବାକ୍ୟାନାଂ ବିବେଚନାତ୍, ଦାରୁବ୍ରହ୍ମଣଃ ଶ୍ରୀ ଭଗବତଃ ପୂର୍ବବାକ୍ୟୋକ୍ତ ସ୍ଥାନେଷୁ ପୂର୍ବ ବାକ୍ୟୋକ୍ତ ଦିନେଷୁ ନିବେଦିତାନ୍ନ ପ୍ରସାଦକଂ, ଅସ୍ପୃଶ୍ୟ ସ୍ପର୍ଶ ଦୋଷ ଦୂଷିତଂ ନ ଭବତି, ଅତଏବ ମହାପ୍ରସାଦ ଇତ୍ୟୁଚ୍ୟତେ ନାନ୍ୟତ୍ରୈବ । ଯତ୍ତୁ ଅନବସରପିଣ୍ଡିକାୟାଃ ପ୍ରମାଣଂ ନାସ୍ତି ଇତିଚେତ୍, ତନ୍ନ ପ୍ରମାଣମସ୍ତି । ଯଦା ପ୍ରାସାଦୋ ନିର୍ମିତସ୍ତଦାରଭ୍ୟ ଯତ୍ସ୍ଥାନଂ ଶିଷ୍ଟୈଃ ପାରଂପର୍ଯ୍ୟେଣାନବସରପିଣ୍ଡିକେତି ବ୍ୟବହ୍ରୀୟତେ ତଦେବା ନବସରପିଣ୍ଡିକା । ତତ୍ ପ୍ରମାଣଂ, ମନୁଯାଜ୍ଞବଲ୍କ୍ୟ ବଚନଂ ଯଥା ।

ଯସ୍ମିନ୍ଦେଶେ ଯ ଆଚାରେ ବ୍ୟବହାରଃ କୁଳସ୍ଥିତିଃ ।-
ତଥୈବ ପରିପାଲ୍ୟୋଽସୌ ଯଦା ବଶମୁପାଗତଃ ।
ଯସ୍ମିନ୍ ଦେଶେ ଯ ଆଚାର ପାରମ୍ପର୍ଯ୍ୟ କ୍ରମାଗତଃ ।
ତଥୈବ ପରିପାଲ୍ୟ ସୌ ଯଦାବଶମୁପାଗତଃ ।

ଏବ ହୟଶୀର୍ଷେ ପ୍ରତିଷ୍ଠାପ୍ରସ୍ତାବେ ।

ପ୍ରତିମା ପରମାତ୍ମା ଚ ପିଣ୍ଡିକା କମଳାଳୟ ।
ଏତୟୋର୍ଯୋଗମାତ୍ରେଣ ଦେବତ୍ ମୁପଜାୟତେ ।
ପିଣ୍ଡିପ୍ରତିମୟୋର୍ଯୋଗେ ଦେବମନ୍ତ୍ରେନ ପୂଜୟେତ୍ ଇତି ।

ଉକ୍ତସ୍ଥାନାଦନ୍ୟତ୍ର ଉକ୍ତଦିବସାଦନ୍ୟତ୍ର ଚ ଶ୍ରୀ ଭଗବତୋଽନ୍ନ ପ୍ରସାଦ ନୈବେଦ୍ୟଂ ନାବଶ୍ୟଂ ଭବତି, କୁତଃ । ଯତୋଦେବାତ୍ ପାକଶାଲାତଃ କଲ୍ପିତାନି ଓଦନାଦିକଂ ସମ୍ପାଦ୍ୟ ନୈବେଦ୍ୟଂ ନ ଭବତି । ସ୍ଥାନାନ୍ତରସ୍ଥିତେ ଭଗବତି ନୂତ, କୈମୁତିକନ୍ୟାୟେ ନ ପ୍ରମାଣଂ । ଯଥା । ଶ୍ରୀ ସଂହିତାୟାଂ ।

ସମୀରଣାଗ୍ନେୟାକବସାତତ୍ପ୍ରୋକ୍ତଃ ପ୍ରଦେଶୋ ଯଦମର୍ଚ୍ୟପୂଜା ।
ତଦୈବ ଶୀଘ୍ରଂ କୁରୁ ପାକଶାଲାଂ ଯତ୍ ସ୍ତୁଲେକେଶ ଇତି ପ୍ରଧାନଂ ।
ତଥାହି ଦେବାନ୍ନ ଦେବେନ୍ଦ୍ରବା ସା ଲଜ୍ଜାଦବେ ନୈବ ତୁ ଭୋଗ ଏବ ।

ଅଲମତି ବିସ୍ତରେଣ

କାଳପ୍ରତାପପୁର ଶାସନସ୍ଥ ସମସ୍ତ ବ୍ରାହ୍ମଣ ପଣ୍ଡିତାନାଂ ସମ୍ମତ୍ୟା
ପଣ୍ଡିତ ଶ୍ରୀ ହରେଶ୍ୱରମିଶ୍ର ଶର୍ମଣଃ ସମ୍ମତେସ୍ତୁଂ ।
„ ନରସିଂହମିଶ୍ରସ୍ୟ „
„ ଗୀନବନ୍ଧୁମିଶ୍ରସ୍ୟ „
„ କଇଷ୍ଣ ହରିମିଶ୍ରସ୍ୟ „

ଶ୍ରୀରାମଚନ୍ଦ୍ରପୁର ଶାସନସ୍ଥ ସମସ୍ତ ବ୍ରାହ୍ମଣ ପଣ୍ଡିତାନାଂ ସମ୍ମତ୍ୟା
ପଣ୍ଡିତ ଶ୍ରୀ ଜଗନ୍ନାଥଦାସ ଶର୍ମ୍ମଣଃ ସମ୍ମତେସ୍ତୁ
„ ଚିଦଗ୍ନିଦାସ ଶର୍ମ୍ମଣଃ „
„ ଲୋକନାଥଦାସ ଶର୍ମ୍ମଣଃ „
„ ଦୀନବନ୍ଧୁଦାସ ଶର୍ମ୍ମଣଃ „

Digitized by srujanika@gmail.com

Split by PDF Splitter NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ମ
ସଂଖ୍ୟା ୪୨

ତା ୨୩ ଏ ଅକ୍ଟୋବର ସନ ୧୮୭୫ ମସିହା । ମୂ । କାର୍ତ୍ତିକ ୮ ଦିନ ସନ ୧୨୮୩ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୫।୵

କଲିକତାନଗର ମଧ୍ୟରେ ଦୁର୍ଗାପୂଜାପର୍ବ ଯେରୂପେ ଏବର୍ଷ ନିର୍ବାହ ହେଲା ତାହାର ସଂକ୍ଷେପ ବିବରଣ ଡେଲିନିୟୁଜ ଲେଖି ଅଛନ୍ତି । ତାହାର ସାର ମର୍ମ୍ମ ଏହି ଜଣାଯାଏ ଯେ ଉକ୍ତ ନଗରରେ ଏ ମହାପର୍ବ ଦୁଇ ପ୍ରକାରରେ ନିର୍ବାହିତ ହୁଅଇ ଅର୍ଥାତ୍ କେଉଁଠାରେ ପରକାଳ ଓ କେଉଁଠାରେ ଇହକାଳପ୍ରତି ଦୃଷ୍ଟି ରଖି କାର୍ଯ୍ୟ ହୋଇଥାଏ । ଯେଉଁମାନେ ପରକାଳପ୍ରତି ଦୃଷ୍ଟି ରଖନ୍ତି ସେମାନେ କେବଳ ଚଣ୍ଡୀମଣ୍ଡପରେ ମୃଣ୍ମୟପ୍ରତିମା ବସାଇ ପୂଜା କରନ୍ତି ତାଙ୍କ ଯାହା ଧୂମଧାମ ତାହା ସେଠାରେ ହୁଅଇ ତାହା ମାତ୍ର ତାହାଙ୍କ ପରବର୍ତ୍ତୀରେ ଗ୍ରାମର ଅନେକ ଦୀନଦୁଃଖିଙ୍କି ଉତ୍ତମ ଆହାର ଓ ତାହାଙ୍କ ଉପରେ ନଗଦ ବା ବସ୍ତ୍ରାଦି ଦ୍ରବ୍ୟଦ୍ୱାରା ଦକ୍ଷିଣା ମଧ୍ୟ ଦିଆଯାଏ । ପୂଜକ କର୍ତ୍ତାମାନେ ଏହି ସ୍ୱର୍ଗ ବର୍ଜନରେ ମୋହିତ ହୋଇଥାନ୍ତି । ରାଜା ଯତୀନ୍ଦ୍ରମୋହନ ଠାକୁର ବାହାଦୁର ବାବୁ ଭାରକନାଥପରମାଣିକ ପ୍ରଭୃତି ଏରୂପ ପୂଜା କରିବାର ସୁଯୋଗ୍ୟ ଉଦାହରଣ ଅଟନ୍ତି । ଯେଉଁମାନେ ଇହକାଳପ୍ରତି ଦୃଷ୍ଟି ରଖନ୍ତି ସେମାନଙ୍କର ଜଙ୍ଗାଇଲୋଭନ ଓ ଦାନ ଇତ୍ୟାଦି ସତ୍କାର୍ଯ୍ୟରେ ଯେତେ ଟଙ୍କା ବ୍ୟୟ ହୁଅଇ ତାହାରୁ ଅଧିକ ପ୍ରତିମା ସଜାଇବା ଓ ନାଚ ରଙ୍ଗ ମହୋତ୍ସବରେ ବ୍ୟୟ ହୁଅଇ । ଶୋଭାବଜାରର ରାଜବାଟୀ ଏଥିର ପ୍ରଧାନ ଉଦାହରଣ ଅଟଇ । ଅଭ୍ୟନ୍ତ ସ୍ଥାନ ଏପରସ୍ଥା ଅଛି ଯେ ସେଠାରେ ଦୁଇପ୍ରକାର କାର୍ଯ୍ୟ ସମାନଭାଗରେ ଅନୁଷ୍ଠିତ ହୁଅଇ ଗତ ସପ୍ତାହରେ ଅମ୍ଭେମାନେ ଜଟକର ପୂଜାର ଯେଉଁ ବିବରଣ ଲେଖିଥିଲୁଁ ତାହା ଉପରଲିଖିତ ଉଭୟ ମତରୁ ଅନ୍ତର ଅଟଇ ।

---

କଲିକତାରେ ଗୋଟିଏ ପଶୁଶାଳା ସ୍ଥାପନ କରିବାନିମିତ୍ତ ଅନେକଦିନରୁ ପ୍ରସ୍ତାବ ହେଉଥିଲା ଦୁଇ ତିନି ଲେପ୍‌ଟନେଣ୍ଟ ଗବର୍ଣ୍ଣର ଅଧିକାର ଭୋଗ କରି ବାହାରିଗଲେ ପରନ୍ତୁ ସର ରିଚର୍ଡ ଟେମ୍ପଲ ଏ ପ୍ରସ୍ତାବଟିକୁ କାର୍ଯ୍ୟରେ ପରିଣତ କରିବାର ଦେଖାଯାଏ । ସେଥିପାଇଁ କଲିକତା ଉତ୍ତର ଟାଲିନାଲର ପଶ୍ଚିମ କୂଳରେ ଗୋଟିଏ ସ୍ଥାନ ବାଛି ରଖି ଅଛନ୍ତି ଏବଂ ସେଠାରେ ଘର ଇତ୍ୟାଦି ନିର୍ମାଣନିମିତ୍ତ ବର୍ତ୍ତମାନ ପାଞ୍ଚ ହଜାର ଟଙ୍କା ଦେବାକୁ ସ୍ୱୀକାର କରି ଅଛନ୍ତି । ଏଥିରେ କର୍ମ ଆରମ୍ଭ ହେବ ଓ ଭବିଷ୍ୟତ୍‌କୁ ଯେମନ୍ତ ଟଙ୍କା ଯୁଟୁଥିବ ସେରୂପ ତାହାର ବିସ୍ତାର ହେଉଥିବ । ଲେପ୍‌ଟନେଣ୍ଟ ଗବର୍ଣ୍ଣର ଏ ବିଷୟରେ ଶୀଘ୍ର ଯତ୍ନଶୀଳ ହେବାର ହେତୁ ଏହି ଯେ ଏକଜଣ ସାହେବ କି ତାହାଙ୍କର ନାମ ସ୍ୱେଣ୍ଡଲର ଅଟଇ ଅନେକପ୍ରକାର ପଶୁ ଅପଣା ନିକଟରେ ସଂଗ୍ରହ କରି ରଖି ଅଛନ୍ତି ଓ ସେ ସମସ୍ତଙ୍କୁ ଅତି ବଦାନ୍ୟତା ସହକାରେ ଗବର୍ଣ୍ଣମେଣ୍ଟ ଦଖଲକୁ ଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ସୁତରାଂ ଏହାଦ୍ୱାରା କାର୍ଯ୍ୟ ଆରମ୍ଭ ହେବ ଓ ତାହା ହେଲାଠାରୁ ଅନ୍ୟ ଲୋକମାନେ ଅନ୍ୟାନ୍ୟ ସ୍ଥାନରୁ ଭିନ୍ନ ପ୍ରକାରର ଜୀବଜନ୍ତୁ ସବୁ ପଠାଇ ପାରିବେ । କଲିକତା ଭାରତବର୍ଷର ମହାନଗର ହେଉଅଛି ତହିଁରେ ଏପ୍ରକାର ଗୋଟିଏ ସ୍ଥାନ ରହିବା ଅତ୍ୟନ୍ତ ପ୍ରୟୋଜନୀୟ ଅଟଇ ସମ୍ପ୍ରତି ରାଜା ରାଜେନ୍ଦ୍ରମଲ୍ଲିକ ବାହାଦୁର ଏବଂ ଲକ୍ଷ୍ନୌ ନବାବଙ୍କ ଘର ନିକଟରେ ଗୋଟିଏ ଲେଖାଏ ପଶୁଶାଳା ଅଛି ମାତ୍ର ତଦ୍ଦ୍ୱାରା ବିଶେଷ ସାଧାରଣ ଉପକାର ହେଉ ନାହିଁ କାରଣ ସେସବୁ ବ୍ୟକ୍ତିବିଶେଷର ସମ୍ପତ୍ତି ଥିବାରୁ ତାହାକୁ ସର୍ବସାଧାରଣ ଇଚ୍ଛାମତେ ବ୍ୟବହାର କରି ନ ପାରନ୍ତି । ଗୋଟିଏ ସାଧାରଣ ପଶୁଶାଳା ହେଲେ ତଦ୍ଦ୍ୱାରା ବିଶେଷ ଉପକାର ସାଧିତ ହେବ ।

---

ମହାଳୟା ବାସିଦିନଠାରୁ ୧୭ କି ୧୮ ଦିନ ବର୍ଷା ନ ହେବାରୁ ଲୋକେ କାତର ହୋଇଥିଲେ, ପାଣି ବୃଷ୍ଟି ଆରମ୍ଭ ହୋଇଥିଲା ଓ ହାଟରେ ଧାନ ଚାଉଳ ଅପ୍ରାପ୍ତ ହୋଇଗଲା । ଦି ଏକ ଦିନ ମେଘାଚ୍ଛନ୍ନ ହୋଇ ସ୍ଥାନେ ୨ କିଛି ୨ ବର୍ଷା ହେବାରୁ ଅଶଙ୍କା ଊଣା ହୋଇଅଛି । ଯେପରିମାଣରେ ବର୍ଷା ହୋଇଅଛି ତାହା ଯଥେଷ୍ଟ ନୁହେ ଆହୁରି ବୃଷ୍ଟି ଆବଶ୍ୟକ ଓ ହେବାର ଆଶା ଦେଖାଯାଏ । କିନ୍ତୁ ଆଉ ବର୍ଷା ନ ହେଲେ ଫସଲ କିଛି ନାଶ ପଡ଼ିବ । ଏବର୍ଷ ମହାଳୟା ପର୍ଯ୍ୟନ୍ତ ଅଜସ୍ର ବର୍ଷା ହେବା ପ୍ରତ୍ୟକ୍ଷେ ଜଳାଭାବରେ ଫସଲ ମରିଯିବା କଥା କେହି କେହି ଅସଙ୍ଗତ ମନେ କରିବେ

Digitized by srujanika@gmail.com

Split by PDF Splitter



ବସ୍ତୁତଃ ତାହା ଅସଙ୍ଗତ ନୁହଇ ତହିଁର ଅନ୍ୟ କାରଣ ଅଛି ତାହା କେବଳ ଲୋକଙ୍କର ଦୋଷ ଅଟଇ । ସେ ଦୋଷଟି ଏହି ଯେ କ୍ଷେତ୍ରରୁ ଅଧିକା ବର୍ଷା ଜଳ ବାହାର ଯିବା ନିମନ୍ତେ ହୁଡ଼ ବନ୍ଧ କରୁ ଯେ କଟା ହୋଇଥିଲା ସେସବୁ ସେହିପରି ରହିଲା ବୃଷ୍ଟି ଛାଡ଼ି ଦେଲା ପ୍ରତ୍ୟକ୍ଷେ କେହି ନ ବନ୍ଧାଇଲେ ସୁତରାଂ କିଆରୀ ଜଳଶୂନ୍ୟ ହୋଇ ଶସ୍ୟ ଶୁଖି ଗଲା । କଥିତ ଅଛି ଯେ "ଚଷାଏ ସୁଖଅଠୁ ପାଣିକୁ ଗଜାପଡ଼ ଲଗନ୍ତି" କିନ୍ତୁ ଏବର୍ଷ ବରଷା ପର୍ଯ୍ୟନ୍ତ କେହି ପାଣି ଅଟକାଇ ନ ରଖିଲେ । ଯେତେବେଳେ ବୃଷ୍ଟି ଛାଡ଼ି ହେଲା ସେତେବେଳେ ହୁଡ଼ ବନ୍ଧ ବନ୍ଧାଇବାର ଉଚିତ ଥିଲା ତାହା ହୋଇଥିଲେ ଅନ୍ୟ ବର୍ଷାର ପ୍ରୟୋଜନ ନ ହୁଅନ୍ତା ଯଦି ବର୍ଷା ହୁଅନ୍ତା ହୁଡ଼ ବନ୍ଧ ପୁନର୍ବାର କାଟି ପାଣି ବାହାର କରିଦେବାର ସ୍ୱଅଧୀନ କଥା ଥିଲା । ଏ ତ୍ରୁଟିର ମୂଳ କାରଣ ଅଜ୍ଞାନ, ଅମନୋଯୋଗ ଓ ଅଦୂରଦର୍ଶିତା ଅଟଇ । ଚଷାମାନେ ସ୍ୱଭାବତଃ ଅଜ୍ଞ ସେମାନେ ବୁଝି ପାରନ୍ତି । ଅତଏବ ଏ ବିଷୟରେ ଜମିଦାରମାନଙ୍କର ଦୃଷ୍ଟି ରଖିବାର ଉଚିତ ଥିଲା । ସମୟାନୁସାରେ ହୁଡ଼ ବନ୍ଧ କାଟିବା ଅଥବା ବନ୍ଧାଇବା ପକ୍ଷରେ ଯତ୍ନ ଓ ଚଷାମାନଙ୍କୁ ସତର୍କ କରିବାର ସେମାନଙ୍କର କର୍ତ୍ତବ୍ୟ କର୍ମ ଅଟଇ ଯହିଁରେ ପ୍ରଜା ଓ ଜମିଦାର ଉଭୟଙ୍କର ମଙ୍ଗଳ ସେଥିରେ ଜମିଦାରର ଆଳସ୍ୟ ଓ ଅମନୋଯୋଗ ଅତି ଦୂଷଣୀୟ ଅଟଇ । ଏଠା ଲୋକେ କେତେ ଅଳସ ଓ ଅମନୋଯୋଗ ପରିଭ୍ୟାଗ କରିବେ । ଏ ଦୁଇ ଦୋଷ ଏ ଦେଶର ମନ୍ଦଭାଗ୍ୟର ପ୍ରଧାନ କାରଣ ଅଟଇ । ଯାହା ହେଉ ଏ ପ୍ରସ୍ତାବ ଲେଖିଲା ଉତ୍ତାରୁ ଏଠାରେ ଯଥେଷ୍ଟ ବୃଷ୍ଟି ହୋଇଅଛି । "ଅଲ-ସୁଅ କପାଳକୁ ଗୋଟାଏ ଭଲେ ଭଲେ" ॥

---

ଜଳକର କାର୍ଯ୍ୟର ନୂତନ ପ୍ରଥା ।

ଜଳକର ସଂଗ୍ରହର ଯେ ପ୍ରଥା ମେଦିନୀପୁରରେ ପ୍ରଚଳ ଅଛି ତାହା ଓଡ଼ିଶାରେ ପ୍ରଚଳ ହେବାର ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି । ସେ ପ୍ରଥା ଏହି ଯେ ଜଳକର ମହଲୁମା ସ୍ୱତନ୍ତ୍ର ନ ରହି ସେ କଲେକ୍ଟରଙ୍କ ଅଧୀନସ୍ଥ ହେବ ଖାଲ ଡେପୁଟୀମାନେ ଜଳକର ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଧୀନ ନ ରହି ଖାଲ ମାଷ୍ଟର ସାହେବଙ୍କ ଅଧୀନ ହେବେ । କଲେକ୍ଟର ସାହେବ ଆପଣା ଅଧୀନସ୍ଥ ଡେପୁଟୀଙ୍କଦ୍ୱାରା ଲୋକଙ୍କୁ ଜଳ ନେବାର ପଟ୍ଟା ଦେବେ ମାତ୍ର ଖାଲରୁ ଜଳ ଦେଇ ନ ପାରିବେ ସେ କାର୍ଯ୍ୟ ଖାଲ ମାଷ୍ଟରଙ୍କ ଅଧୀନ ରହିଲା । ରୟତ କଲେକ୍ଟରଙ୍କଠାରୁ ପଟ୍ଟା ନେଇ ଖାଲ କର୍ମଚାରୀଙ୍କୁ ଦେଖାଇ ଜଳ ନେବାର ପ୍ରାର୍ଥନା କରିବ ମାତ୍ର ସେ କର୍ମଚାରୀଙ୍କର ଅଧିକାର ଅଛି ଯେ ସେ ପଟ୍ଟା ଅଗ୍ରାହ୍ୟ କରି ପାରିବେ ଅର୍ଥାତ୍ ସେ ସୁବିଧାନୁସାରେ ଜଳ ଦେବେ ଓ କିଛି ଅସୁବିଧା ଦେଖିଲେ ଜଳ ନ ଦେବେ । ଜଳକର କଲେକ୍ଟରଙ୍କଦ୍ୱାରା ସଂଗ୍ରହ ହେବ ଓ ଯେଉଁ ପ୍ରଜା ଜଳ ପାଇ ନ ଥିବ ସେ ତହିଁର ଆପତ୍ତି କଲେ ଉଚିତ ବିଚାରରେ ସେ ଜଳକର ଦାୟରୁ ରକ୍ଷା ପାଇବ ।

ଏ ପ୍ରଥା କସ୍ମିନ୍‌କାଳ ପ୍ରଚଳ ହେଲେ ତହିଁର ଫଳାଫଳ ପ୍ରତ୍ୟକ୍ଷ ହେବ, ବର୍ତ୍ତମାନ ତହିଁରେ ଲୋକଙ୍କର କିଛି କଷ୍ଟ ଓ ସୁତରାଂ ଜଳକର ହ୍ରାସ ହେବାର ଆଶଙ୍କା ହେଉଅଛି । ପ୍ରଥମତଃ ଏ ପ୍ରଥା ଭଲ କର ଅଟଇ ଯେହେତୁ କେନାଲ ରେବିନ୍ୟୁ ସୁପରିଣ୍ଟେଣ୍ଡେଣ୍ଟ କର୍ମ ଉଠି ଗଲା ଓ ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ସଂଖ୍ୟା ନ୍ୟୂନ ହେବ ଓ ଅନେକ ବଞ୍ଚୋଇନ ହେବେ । ଏଥିରେ ବ୍ୟୟ ଅନେକ ଲାଘବ ହୋଇ ଲାଭ ଦେଖାଇବ ମାତ୍ର ପ୍ରଜାଙ୍କର କଷ୍ଟ ହେବ । ପୂର୍ବ ପ୍ରଥାନୁସାରେ ପ୍ରଜାମାନେ ଜଳକର ମହଲୁମାରୁ ପଟ୍ଟା ଓ ଜଳ ଉଭୟ ନେଉଥିଲେ ଓ ସେହି ମହଲୁମାରେ କର ଦାଖଲ କରୁଥିଲେ । ଖାଲରୁ ଜଳ ନେବା ସଂକ୍ରାନ୍ତରେ ସେମାନଙ୍କୁ ଅନ୍ୟ କୌଣସିଠାକୁ ଯିବାକୁ ପଡ଼ୁ ନ ଥିଲା । ବର୍ତ୍ତମାନ ସେମାନେ ପଟ୍ଟା ନେବା ସକାଶେ କଲେକ୍ଟରଙ୍କୁ ଆସିବେ ଓ ଜଳ ନେବା ସକାଶେ ଖାଲମାଷ୍ଟରଠାକୁ ଯିବେ । ଏବଂ କର ଦେବା ସକାଶେ ପୁଣି କଲେକ୍ଟରୀକୁ ଆସିବେ । ଏଥିରେ ଯେ ପ୍ରଜାମାନେ କେତେ କଷ୍ଟ ପାଇବେ ଓ କେତେ ଖର୍ଚ୍ଚାନ୍ତ ହେବେ ସହଜରେ ଅନୁମାନ କରାଯାଇ ପାରେ । ଯଦ୍ୟପି କୌଣସି ପଟ୍ଟାଦାରକୁ ଖାଲକର୍ମଚାରୀ ଜଳ ନ ଦିଏ ତେବେ ତାହାର ଉଭୟ ସ୍ଥାନକୁ ଯିବାର କଷ୍ଟ ଓ ଖର୍ଚ୍ଚା ବୃଥା ଯିବ ପୁଣି ଏପରିରେ ତାହାର କଷ୍ଟ ସେଥିରେ ନାହିଁ, କଲେକ୍ଟରୀ ମହଲୁମାରୁ ଜଳକର ଉଠିବ ତହିଁରେ ସେ ସେଠାରେ ଆପତ୍ତି କରି ଜଳ ପାଇ ନ ଥିବାର ପ୍ରମାଣ କରାଇବ ତେବେ ଯାଇଁ ସେ ରକ୍ଷା ପାଇବ । ସେ ଅବେଳୀ ଜଳ ନ ପାଇବ ଅଥବା ଏତେ କଷ୍ଟଭୋଗୀ ଓ ଖର୍ଚ୍ଚାନ୍ତ ହେବ । ଏହା ଲଗା ଅନାବଶ୍ୟ ଅଟେ । ଏଠା ଲୋକେ ଖାଲଜଳର ଉପକାରିତା ଏପର୍ଯ୍ୟନ୍ତ ବୁଝି ପାରି ନାହାନ୍ତି ସେ ଜଳ ନେବାରେ ଯଦି ଏତାଦୃଶ କଷ୍ଟ ଓ ଖର୍ଚ୍ଚା ପଡ଼ିଲା ତେବେ ସେମାନେ ଖାଲଜଳ ନେବାରେ ପଶ୍ଚାତ୍ପଦ ହେବାର ସମ୍ଭାବନା । ତାହା ହେଲେ ଜଳକର ଅବଶ୍ୟ ହ୍ରାସ ହେବ ଏଥିରେ ଯେ ଏକା ଗବର୍ଣ୍ଣମେଣ୍ଟଙ୍କର କ୍ଷତି ହେବ ଏମନ୍ତ ନୁହେଁ ପ୍ରଜାମାନେ ମଧ୍ୟ ଖାଲଜଳର ବ୍ୟବହାର ଓ ଉପକାରରୁ ବଞ୍ଚିତ ହେବେ ।

ଏ ପ୍ରଥା ପ୍ରତି କଲେକ୍ଟର ଓ କମିଶନର ସାହେବ ଆପତ୍ତି କରିବାରୁ ତହିଁର ବିଚାର ନିମନ୍ତେ କମିଟି ବସିଥିଲା ଓ କମିଟି ଏ ପ୍ରଥାର କିଛି ପରିବର୍ତ୍ତ କରିବା ରିପୋର୍ଟ କଲେ ମାତ୍ର ଲେପ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ସମ୍ମତ ନ ହୋଇ ମେଦିନୀପୁର ପ୍ରଥାକୁ ଅବିଚ୍ଛିନ୍ନରୂପେ ଓଡ଼ିଶାରେ ପ୍ରଚଳ କରିବାର ଆଜ୍ଞା ଦେଲେ । ବୋଧ ହୁଏ ସାହେବ ମହୋଦୟଙ୍କ ବିବେଚନାରେ କଲେକ୍ଟର ଓ ଖାଲମାଷ୍ଟର ଏ ଉଭୟଙ୍କର ମନୋଯୋଗ ପୂର୍ବକ କାର୍ଯ୍ୟ କଲେ କିଛି ଅସୁବିଧା ଘଟିବ ନାହିଁ । ଲେପ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ଏ ବିଷୟ ବୃତ୍ତାନ୍ତରୂପେ ବିଶ୍ୱାସ କରୁଅଛନ୍ତି ଓ ଏ ପ୍ରଥା ଅପର ଡିସେମ୍ବରମାସରୁ ପ୍ରଚଳ ହେବାର ସ୍ଥିର ହୋଇଅଛି । ମେଦିନୀପୁର ସଙ୍ଗେ ଓଡ଼ିଶାର ତୁଳନା ହୋଇ ନ ପାରେ ଓ ସେଠାରେ ଏ ପ୍ରଥା କିରୂପ ଚଳୁଅଛି ଅମ୍ଭମାନଙ୍କୁ ଜଣା ନାହିଁ ଅମ୍ଭମାନଙ୍କ ବିବେଚନାରେ ଯଦି ଖାଲ କର୍ମଚାରୀ କେଉଁ ଖାଲରୁ କେଉଁ କେଉଁ ସ୍ଥାନକୁ କେତେ ପରିମାଣ ଭୂମିକୁ କେଉଁ ସମୟରେ ଜଳ ଦିଆଯାଇପାରେ ତହିଁର ସବିଶେଷ ବିବରଣ କଲେକ୍ଟରଙ୍କ ନିକଟକୁ ପୂର୍ବରୁ ଲେଖି ପଠାନ୍ତି ଓ କଲେକ୍ଟର ତହିଁ ଦୃଷ୍ଟିରେ ଜଳର ପଟ୍ଟା ଦିଅନ୍ତି ତେବେ ଲୋକେ ପଟ୍ଟା ନେଇ ଜଳ ନ ପାଇବା ବିପଦରୁ ଅନେକାଂଶ ରକ୍ଷା ପାଇ ପାରନ୍ତି । ଅମ୍ଭେମାନେ ଭରସା କରୁଁ ଯେ କର୍ତ୍ତୃପକ୍ଷମାନେ ଏ ବିଷୟର ସୁବିଚାର କରିବେ ।

---

ପଣ୍ଡିତଅଳଙ୍କ କାର୍ଯ୍ୟର ନିୟମାବଳୀ ।

ବୋର୍ଡ ରେବିନ୍ୟୁ ତରଫ ହଇ ମଇମାସ ତା ୧୧ ରଖର ନମ୍ବର । ।ଏ। ଚଠି ଅନୁସାରେ ପଣ୍ଡିତମାନଙ୍କ କାର୍ଯ୍ୟର ନିୟମାବଳୀ ଓ ତହିଁ ଉପରେ କଲେକ୍ଟର ସାହେବଙ୍କ

Digitized by srujanika@gmail.com

କର୍ତ୍ତବ୍ୟ ବିଷୟରେ ଆଦେଶମାନ ପଠାଇ ଅଛନ୍ତି ଓ ଏସବୁ ଆଦେଶ ଓ ନିୟମ ଗତ ସେପ୍ଟେମ୍ବର ମାସ ତା ୨୩ ରିଖର ଓଡ଼ିଆ ଗେଜେଟରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହୋଇଅଛି । କଲେକ୍ଟରସାହେବଙ୍କ ପ୍ରତି ଯେଉଁ ଆଦେଶ ହୋଇଅଛି ତହିଁର ସାରମର୍ମ ଏହିକି ଯେସମସ୍ତ ଜମିଦାରୀ ସକାଶେ ବନ୍ଦୋବସ୍ତ ବେଳେ ପଟୁଆରି ନିଯୁକ୍ତ ହୋଇ ଅଛନ୍ତି ସେସମସ୍ତ ଜମିଦାରୀର କାର୍ଯ୍ୟ ଉକ୍ତ ପଟୁଆରିମାନେ କରିବେ ଓ ସେସବୁ ଜମିଦାରୀ ବଣ୍ଟୁଆରା କ୍ରମେ ପୃଥକ୍ ମାହାଲ ହୋଇଥିଲେ ସୁଦ୍ଧା ପଟୁଆରିମାନେ ତହିଁର କାର୍ଯ୍ୟ ପୃଥକ୍‌ରୂପେ ନିର୍ବାହ କରିବେ । ଯେସବୁ ଜମିଦାରୀରେ ପଟୁଆରି ନାହିଁ ତହିଁର କାର୍ଯ୍ୟ ସ୍ୱୟଂ ଜମିଦାରମାନେ କରିବେ ଓ ତାହାଙ୍କର ଇଚ୍ଛା ହେଲେ ନୂତନ ପଟୁଆରି ମଧ୍ୟ ନିଯୁକ୍ତ କରି ପାରନ୍ତି । ପଟୁଆରିମାନଙ୍କ ବେତନ ପ୍ରତି ବୋର୍ଡ଼ିରେବିନ୍ୟୁଙ୍କ ସମ୍ପୂର୍ଣ୍ଣ ଦୃଷ୍ଟି ପଡ଼ିଅଛି ଓ ସେଥିପାଇଁ କଲେକ୍ଟରସାହେବଙ୍କ ପ୍ରତି ଆଜ୍ଞା ହୋଇଅଛି କି ଯେସମସ୍ତ ପଟୁଆରି ବନ୍ଦୋବସ୍ତ ବେଳେ ମେହନତନା କାରଣ ଭୂମି ପାଇଅଛନ୍ତି କଲେକ୍ଟରସାହେବ ସେସବୁ ଭୂମିର ତାଲିକା ବନ୍ଦୋବସ୍ତ କାଗଜରୁ ବାହାର କରି ପୃଥକ୍‌ରୂପେ ଏକ ବହିରେ ଲେଖି ରଖିବେ ଏବଂ ପଟୁଆରିମାନେ ତାହା ଯେ ରୂପେ ସମ୍ପୂର୍ଣ୍ଣ ଭୋଗଦଖଲ କରନ୍ତି ତହିଁ ପ୍ରତି ଦୃଷ୍ଟି ରଖିବେ । ଯେ ସ୍ଥଳେ ପଟୁଆରିଙ୍କୁ ଭୂମି ଦିଆ ନ ଯାଇ ନଗଦ ଟଙ୍କା ବେତନ ସ୍ୱରୂପ ଦିଆ ଯିବାର ସ୍ଥିର ହୋଇଅଛି ଓ ତାହା ବନ୍ଦୋବସ୍ତବେଳେ ଜମିଦାରର ଜମାରୁ ମିଛା ଯାଇଅଛି ସେସ୍ଥଳେ କଲେକ୍ଟରସାହେବ ଜମିଦାରଙ୍କୁ ଉକ୍ତ ଟଙ୍କା ସରକାରୀ ସହିତ ଖଜଣାଖାନାରେ ଦାଖଲ କରିବା ସକାଶେ ଆଦେଶ କରିବେ ଓ ଖଜଣାଖାନାରୁ ନିୟମିତରୂପେ ପଟୁଆରିଙ୍କ ବେତନ ଦେବାର ବନ୍ଦୋବସ୍ତ କରିବେ । ଯେଉଁ ମାହାଲରେ ପଟୁଆରି ନିଯୁକ୍ତ ନାହିଁ ସେଠାର ଜମିଦାର ଅର୍ଥାତ୍ ସରକାରରେ ଖଜଣା ଆଦାୟ କାରକ ଉକ୍ତ ମାହାଲରେ ପଟୁଆରିର କାର୍ଯ୍ୟ ନିର୍ବାହ କରିବ । ଖୋରଧା ଓ ନୟାଗଡ଼ ଖାସମାହାଲମାନଙ୍କର ତହସିଲଦାରମାନେ ପଟୁଆରିର କର୍ମ କରିବେ । ସେଟ୍‌ଲ୍‌ଡ଼୍ ମାହାଲ ଅଥବା ଟେମ୍ପୋରାରି ବନ୍ଦୋବସ୍ତି ମାହାଲ କି ଯେଉଁଠାରେ ପଟୁଆରି ନିଯୁକ୍ତ ନାହିଁ ସେଠାର ଜମିଦାରମାନେ ପଟୁଆରି ନିୟମାବଳୀ ଅନୁସାରେ ସମସ୍ତ କାର୍ଯ୍ୟ କରିବା ଉଚିତ କଲେକ୍ଟରସାହେବଙ୍କୁ ଏକରାରନାମା ଲେଖିଦେବେ ନୋହିଲେ ଜଣେ ପଟୁଆରି ନିଯୁକ୍ତ କରାଇ ତାହାର ବେତନ ସରକାରୀ ଖଜଣାଖାନାରେ ଦାଖଲ କରିବେ ।

ପଟୁଆରିଙ୍କ କର୍ମ ବିଷୟରେ ବୋର୍ଡ଼ ଲେଖିଅଛନ୍ତି କି ସନ ୧୮୬୭ ମସିହାର ୮ ଆଇନର ୧୬ ଧାରାରେ ସେମାନଙ୍କୁ ଯାହା କରିବାର ଅଛି ତାହା ବାହୁଲ୍ୟରୂପେ ଲେଖାଅଛି । ତଦନୁସାରେ ବୋର୍ଡ଼ ଆଜ୍ଞା ଦେଇଅଛନ୍ତି କି ସେମାନଙ୍କୁ ତଳ ଲିଖିତ ରେଜିଷ୍ଟରମାନ ରଖିବାକୁ ହେବ ଯଥା;

୧ ମୌଜାର ତଉଜିସନ ଖଜଣାର ଉସୁଲର ହେସାବ ।
୨ ଖଜଣାର ସାଲତମାମି ଓୟାସିଲ୍‌ବାକିଫର୍ଦ୍ଦ
୩ ଥାନି ରୟତମାନଙ୍କର ନିକାନିକି ରେଜିଷ୍ଟରୀ ।
୪ ପାହି ” ” ”
୫ ଯାହା ” ”
୬ ନାହାଲ ଓ ଖରିଦଦାରଙ୍କର ” ”
୭ ଜାଗିରଦାରମାନଙ୍କର ରେଜିଷ୍ଟରୀ

ଏ ସବୁ ରେଜିଷ୍ଟରଫାର୍ମମାନ ବୋର୍ଡ଼ ରେବନ୍ୟୁ ପ୍ରସ୍ତୁତ କରି ଦେଇଅଛନ୍ତି କେବଳ ସେହି ଫାରମରେ ଲେଖିବାକୁ ହେବ ।

ଏସବୁ କାଗଜ ପଟୁଆରିମାନଙ୍କୁ କଲେକ୍ଟର ସାହେବଙ୍କ ନିୟମମତେ ବର୍ଷକୁବର୍ଷ ଦାଖଲ କରିବାକୁ ହେବ । ଏପର କଲେକ୍ଟରସାହେବ ଯେତେବେଳେ ଯେଉଁ ଆଜ୍ଞା ଦେଉଥିବେ ତାହା ପଟୁଆରିମାନଙ୍କୁ ପ୍ରତିପାଳନ କରିବାକୁ ହେବ ଓ ମଫସଲର ଜମି ଜମା ବିଷୟରେ ଯେଉଁ ସବୁ ହିସାବ ତାହାଙ୍କୁ ଜଣାଇବ ହେବ ତାହା ସେମାନେ ଜଣାଇଦେଉଥିବେ । କୌଣସି କ୍ଷମତାପ୍ରାପ୍ତ କର୍ମଚାରୀର ଲିଖିତ ଆଜ୍ଞାକୁ ପଟୁଆରି ଅମାନ୍ୟ କଲେ ସେ କର୍ମରୁ ବହିଷ୍କୃତ ହୋଇ ପାରିବ । ସବୁଠାରୁ ପଟୁଆରିଙ୍କର ଗୁରୁତର କର୍ମ ତଳଲିଖିତ ନିୟମଟି ଅଟଇ ତାହା ପାଠକଙ୍କ ଗୋଚରାର୍ଥେ ଅମ୍ଭେମାନେ ଅବିକଳ ଉଦ୍ଧୃତ କଲୁଁ ଯଥା—

"ରୟତମାନଙ୍କର ଏବଂ ସେମାନେ ଯାହାକୁ ଖଜଣା ଦିଅନ୍ତି ଅର୍ଥାତ୍ ଜମିଦାର କିମ୍ବା ମକଦମ ପ୍ରଭୃତିଙ୍କର ସମ୍ମତି ନେଇ ଏରୂପ ବନ୍ଦୋବସ୍ତ କରିବାକୁ ହେବ କି ଯହିଁରେ ସାଲତମାମି କିମ୍ବା ଷଷମାହିର ହିସାବ ନିକାଶ କିମ୍ବା ରଫା ହୋଇ ପାଉତି ଦିଅଯିବାବେଳେ ପଟୁଆରି ସେ ସ୍ଥାନରେ ଉପସ୍ଥିତ ରହିପାରେ କିମ୍ବା ତାହାଦ୍ୱାରା ସେ ପାଉତିମାନ ସାକ୍ଷରିତ ହୋଇପାରେ ଓ ପଟୁଆରିକୁ ଉଚିତ ହେବ କି ସେ ପାଉତିରେ ସାକ୍ଷର କରିବା ପୂର୍ବେ ସେ ପାଉତିମାନ ସମ୍ପୂର୍ଣ୍ଣ ପରିଷ୍କାର ଓ ଶୁଦ୍ଧ ଅଛି କି ନା ତାହା ତଦାରଖ କରିବ ଓ ସେ ପାଉତି ଲିଖିତ ଟଙ୍କାର ତପସିଲ ଆପଣା ହେସାବରେ ଲେଖି ରଖିବ ।"

ପଟୁଆରିମାନଙ୍କ ବେତନର ପରିମାଣ ତଳ ଲିଖିତରୂପେ ସ୍ଥିର ହୋଇଅଛି ଯଥା—

ଯେଉଁ ମୌଜାରେ ସରକାର ମାଲଗୁଜାରି ଟ୩୦୦୯ ରୁ ଟ୬୦୦୯ ପର୍ଯ୍ୟନ୍ତ ସେ ମୌଜାରେ
ପଟୁଆରିର ବେତନ ଟ ୨॥
ଟ୬୦୦୯ ରୁ ଟ୧୦୦୦୯ ପର୍ଯ୍ୟନ୍ତ ଟ ୩
ଟ୧୦୦୦୯ ରୁ ଅଧିକ ଟ ୩

ଏ ସବୁ ନିୟମାବଳୀଦ୍ୱାରା ଦେଖାଯାଏ ଯେ ପଟୁଆରିମାନେ ଜମିଦାରଙ୍କ ବେତନଭୋଗୀ ହୋଇ ଜମିଦାରଙ୍କ ଉପରେ କର୍ତ୍ତୃତ୍ୱ ପ୍ରକାଶ କରିବାର ଲକ୍ଷଣ ସ୍ପଷ୍ଟ ହୋଇଅଛି ଶ୍ରୀଯୁକ୍ତ ରେଭେନ୍‌ସା ସାହେବଙ୍କ ଓଡ଼ିଶା ପରିଦର୍ଶନ ସମୟରୁ ଜମିଦାରମାନେ ପଟୁଆରିଙ୍କ ହାତରୁ ରକ୍ଷା ପାଇଥିଲେ ପୁନର୍ବାର କି ସକାଶେ ଉକ୍ତ ଯନ୍ତ୍ରଣା ଉଠାଉଛନ୍ତି ବାହାରର ଅମ୍ଭେମାନେ ବିଷ୍ଟ ତତ୍ତ୍ୱ ଜାଣି ନ ଥିବାରୁ ଏ ବିଷୟରେ ପାଠକଙ୍କର ସନ୍ଦେହଚ୍ଛେଦ କରିବାକୁ ଅକ୍ଷମ ହେଲୁଁ ।

# ସାପ୍ତାହିକ ସଂବାଦ ।

ଏକ୍‌ଟିଂ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ଶ୍ରୀ ଭୀବନ୍ ସାହେବ କେନ୍ଦ୍ରାପଡ଼ାରୁ କଟକ ସଦର ମୁକାମକୁ ବଦଳ ହୋଇଅଛନ୍ତି ଓ ବାଲେଶ୍ୱରର ଏକ୍ ଏ ଡି ଫିଲ୍‌ପସ୍ ସାହେବ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ କଲେକ୍ଟର କେନ୍ଦ୍ରାପଡ଼ା ସବ୍‌ଡିଭିଜନର ଭାର ପାଇଅଛନ୍ତି ।

ବାବୁ ବରଦାକାନ୍ତ ମଜୁମଦାର ଡେପୁଟୀ-କଲେକ୍ଟର ବାଲେଶ୍ୱର ଜିଲ୍ଲାରେ ସରକାରଙ୍କ ଜମି ନେବା କର୍ମରେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ଚୁନିଲାଲ ଦାସ ଦ୍ୱିତୀୟଶ୍ରେଣୀର ଅସିଷ୍ଟାଣ୍ଟ ସର୍ଜନ କଟକ ହାସପାତାଲ ଓ ମେଡ଼ିକଲ ସ୍କୁଲ ସକାଶେ ନିଯୁକ୍ତ ହୋଇ ଅଛନ୍ତି ।

କଟକ ନଗର ଦାତବ୍ୟଚିକିତ୍ସାଳୟ ସକାଶେ ନୂତନଘର ନିର୍ମାଣ ହେବା ପର୍ଯ୍ୟନ୍ତ ଉକ୍ତ ଚିକିତ୍ସାଳୟ ଡବଲରସ୍କୁଲ ହତା ମଧ୍ୟରେ ହେବ । ତହିଁପାଇଁ ଘର ଭଡ଼ା ନିଆ ଯାଇଅଛି । ମେଡ଼ିକଲସ୍କୁଲ ମଧ୍ୟ ଆଗାମୀ ଜାନୁଏରି ମାସରୁ ଫିଟିବାର ସମ୍ଭାବନା ଦେଖାଯାଏ ।

Split by PDF Splitter
Digitized by srujanika@gmail.com

Split by PDF Splitter



ଚଳନ୍ତମାସ ତା ୧୮ ରିଖରେ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଗୋଟିଏ ନରହତ୍ୟା ଘଟଣା ହୋଇଅଛି । କାର୍ତ୍ତିକମାସ ବାଇଗ୍ରେଗ ସମୟରେ ଅନେକ ଲୋକ ସମାଗତ ହେଉଥିବାରୁ ସେମାନଙ୍କୁ ଦେଉଳ ଭିତରକୁ ଛାଡିବାର ନିଷେଧ ହୋଇଅଛି । ସେଦିନ ଉତ୍ତରପାର୍ଶ୍ବ ମଠର ଜଣେ ବୈଷ୍ଣବ ବାଲଭୋଗ ବେଳେ ଭିତରକୁ ଯିବାକୁ ଉଦ୍ୟତ ହେବାରୁ ପଶ୍ଚିମସିଂହଦ୍ୱାରନ୍ତ ବରକନ୍ଦାଜ ତାକୁ ଦ୍ୱାରରେ ଅଟକାଇଲା ବରୁ ବୈଷ୍ଣବ ତାହାର କାରଣ ନ ମାନିବାରୁ ଦୁହିଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ମାରପିଟ ଲାଗିଲା ଓ ବରକନ୍ଦାଜ ଦୁଇତିନ ଗଣ୍ଡା ବାଧା ବୈଷ୍ଣବର ଦକ୍ଷିଣ ଚକ୍ଷୁ ଉପରସ୍ଥ ଶିରୋଭାଗରେ ମାରିବାରୁ ସେ ତତ୍କ୍ଷଣାତ୍ ଅଚେତନ ହୋଇ ପଡିଗଲା ଓ ମଧ୍ୟ ମଲ ଭର୍ଚ୍ଛେ କଲା । ଲୋକେ ତାକୁ ସେହିକ୍ଷଣି ଉଠାଇ ନେଇଗଲେ ମାତ୍ର ମନ୍ଦିର ମଧ୍ୟରେ ତାହାର ପ୍ରାଣ ତ୍ୟାଗ ହେଲା । ଡାକ୍ତର ଶବ ପରୀକ୍ଷା କରି କହନ୍ତି ଯେ ମୃତବ୍ୟକ୍ତି ବାମକର ମାଡ଼ ତଳେ ପଡ଼ିଯିବାରେ ତାହାର ପିଳୋହ ଫାଟିଯିବାରୁ ହଠାତ୍ ମୃତ୍ୟୁ ଘଟିଲା । ବରକନ୍ଦାଜ ମାରପିଟ ଦୋଷରେ ମାସେ କଏଦଦଣ୍ଡ ପାଇଲା ।

ହାଣ୍ଟ୍ଲେ ସାହେବ ଅଫିଷ୍ଟ୍ୟୋ ମେଜଷ୍ଟର ଏଠାରୁ ବଦଳୀ ହୋଇ ଅସୁଅଛନ୍ତି ।

ବୃଷ୍ଟି ରୁଦ୍ଧ ଦେଖି ଶ୍ରୀ କମିସନର ସାହେବ ମାଲମାନଙ୍କରେ ପୂର୍ତ୍ତିକଳ ରଖିବା ସକାଶେ କାଉନମାଷ୍ଟରମାନଙ୍କୁ ଅଦେଶ କରଅଛନ୍ତି । ଭାଗ୍ୟବଶତଃ ବୃଷ୍ଟି ହେଲା ନଦେଲେ ମାଲକଳ ନେବାରୁ ଲୋକେ ଧସ୍ଥପସ୍ଥ ହୁଅନ୍ତେ ।

ଜଣେ ବଣିକ ସାହେବର ଯେଉଁ ବହୁ ହଜିବା ଯୋଗୁଁ ରଘୁନାଥ ବାବୁଙ୍କ ଲେଖିକ ଅନନ୍ତ ଓ କମିଶନରୀ ଜମାଦାର ସସ୍‌ପେଣ୍ଡ ହେବାର ପୂର୍ବେ ଲେଖାଯାଇଥିଲା ସେ ବହୁ ଜଣେ ଦଲାଲ ପଠାଣଠାରୁ ମିଳିଅଛି । ସେ ଓ ଜମାଦାରର ପୁଣି ହାଜତରେ ଥିଲେ ବର୍ତ୍ତମାନ ଜାମିନରେ ଖଲାସ ହୋଇଅଛନ୍ତି ମେଜଷ୍ଟର ସାହେବ ଏଥିର ବିଶେଷ ତଦନ୍ତ କରୁଅଛନ୍ତି ପଶ୍ଚାତ ସବିଶେଷ ବୃତ୍ତାନ୍ତ ଲେଖିବାକୁ ମାନସ ରହିଲା ।

ବାବୁ ରାମପ୍ରସାଦ ସିଂହ କମିଶ୍ନରୀ ସିରସ୍ତାଦାରରେ ନିଯୁକ୍ତ ହେବାର ଶୁଣି ଅନନ୍ଦିତ ହେଲୁଁ ।

ଢାକାରେ ଦେଶୀୟ ଲୁଗା ପ୍ରସ୍ତୁତ କରିବା କାରଣ ଗୋଟିଏ କମ୍ପାନି ହେବାର ପ୍ରସ୍ତାବ ହୋଇଅଛି । ଏହିର ମୂଳଧନ ୫ ୧୦୦୦୦ ଟଙ୍କା ଓ ପ୍ରତ୍ୟେକ ଅଂଶର ମୂଲ୍ୟ ୫ ୧୦ ଟଙ୍କା ଲେଖାଁଏ ଅଟଇ । କମ୍ପାନୀର ଅଭିପ୍ରାୟ ଏହି ଯେ ଦେଶୀୟ ଲୁଗା ପ୍ରସ୍ତୁତ କରାଇ ବିକ୍ରୟ କରିବେ ଆଉ ବିଲାତିଲୁଗାର ବ୍ୟବହାର ଯେମନ୍ତ ଅଧିକ ପରିମାଣରେ ହେବ ନାହିଁ ତହିଁର ଯତ୍ନ କରିବେ ।

ବଙ୍ଗଳାର ହାଇକୋର୍ଟ ଏକ ସରକୁଲର ଅର୍ଡରଦ୍ୱାରା ଅଜ୍ଞାପତ୍ର କରିଅଛନ୍ତି କି ବେହାରର ସମସ୍ତ ଦେଓ୍ୱାନୀ କଚେରୀରେ ନାଗରୀ ଅକ୍ଷରରେ ଲେଖା ଦରଖାସ୍ତ ଅବ ଗୃହୀତ ହେବ ଓ ଏଥିପାଇଁ ସମସ୍ତ ଆମଲାଙ୍କୁ ନାଗରୀ ଅକ୍ଷର ଶିଖିବାପାଇଁ ଅଜ୍ଞା ହୋଇଅଛି । ଜଜ ସବ୍‌ଜଜ ଓ ମୁନସଫଙ୍କୁ ଅଜ୍ଞା ହୋଇଅଛି ଯେ ଅମଲାମାନେ କେପର୍ଯ୍ୟନ୍ତ ନାଗରୀ ଲେଖାପଢ଼ି ଶିକ୍ଷା କଲେ ତହିଁର ବୃତ୍ତାନ୍ତ ବାର୍ଷିକ ବର୍ଣ୍ଣନାରେ ଲେଖିବେ ।

ରାଜକୁମାରଙ୍କ ଅଭ୍ୟର୍ଥନା ନିମିତ୍ତ କଲିକତାର ଦେଶୀୟ ଲୋକମାନେ ଯେଉଁ ଚେନ୍ଦା ଉଠାଇଅଛନ୍ତି ତହିଁରେ ଗତମାସ ପର୍ଯ୍ୟନ୍ତ ୫ ୬୮୭୦ ଟଙ୍କା ସ୍ୱାକ୍ଷରିତ ହୋଇଥିଲା ।

ମୁରଶିଦାବାଦ ବ୍ରହ୍ମପୁରର ଲୋକମାନେ ରାଜକୁମାରଙ୍କ ଶୁଭାଗମନ ଉପଲକ୍ଷରେ ତାହାଙ୍କ ଅଭ୍ୟର୍ଥନା ନିମିତ୍ତ ଉଚ୍ଚକର୍ତ୍ତୃବର୍ଗ ଦ୍ୱାରା ଗୋଟିଏ ସଭା କରିଥିଲେ ତହିଁରେ ସ୍ଥିର ହେଲା ଯେ ରାଜକୁମାରଙ୍କର ଅବସର ଅତି ଅଳ୍ପ ଥିବାରୁ ତାହାଙ୍କୁ ଉକ୍ତ ନଗରକୁ ଆଣିବା ସକାଶେ ପ୍ରାର୍ଥନା କଲେ କିଛି ଫଳ ହେବ ନାହିଁ ସୁତରାଂ କଲିକତାର ଦେଶୀୟ ଲୋକମାନେ ଯେଉଁ ସଭା କରିଅଛନ୍ତି ତହିଁରେ ଯୋଗ ଦେବାର ଉଚିତ । ଏଥିପାଇଁ ସେମାନେ ଚେଦାରୂପ ଯେତେ ଟଙ୍କା ଉଠାଇବେ ତାହା କଲିକତାକୁ ପଠାଇ ଦେବେ ।

ଶୁଣିଲୁ ହୁଅଇ ଯେ ସର ମାଧବ ରାଓ ବରୋଦାରେ ଗୋଟିଏ କଲେଜ ସ୍ଥାପନ କରିବେ ଯେ ତହିଁର ନାମ ପ୍ରିନ୍ସ ଅବ ୱେଲ୍ସ କାଲେଜ ହେବ । ରାଜକୁମାରଙ୍କ ଆଗମନର ସ୍ମରଣାର୍ଥ ଏପରି କାର୍ଯ୍ୟ ଯେତେ ହେବ ସେତେ ସୁଖର ବିଷୟ ଅଟଇ ।

ବର୍ତ୍ତମାନ ମାସ ଓ ଏକ ମାସରେ ଜଣେ ଇଂରାଜ ସନ୍ତରଣ ଗୋଟିଏ ଅତି ଚମତ୍କାର କାର୍ଯ୍ୟ ସମ୍ପନ୍ନ କରି ଇଉରୋପର ଅନେକ ଦେଶର ଲୋକଙ୍କୁ ଅଭିମିତ କରିଅଛନ୍ତି । ସେ କାର୍ଯ୍ୟଟି ଏହି ଯେ ଇଂଲଣ୍ଡର ଡୋବର ନଗରଠାରୁ ଫ୍ରାନ୍ସ ଦେଶର କାଲେଇ ନଗର ପର୍ଯ୍ୟନ୍ତ ସମୁଦ୍ର ଜଳକୁ ଏ ବ୍ୟକ୍ତି ସନ୍ତରଣଦ୍ୱାରା ପାର ହୋଇଅଛନ୍ତି । ଏ ଜଳଭାଗର ନାମ ଡୋବର ଷ୍ଟ୍ରେଟ ଅଟଇ ଓ ଏହାର ଓସାର ପ୍ରାୟ ମା ୨୦।୦ ଇଲ ହେବ । ମଙ୍ଗଳବାର ଦେଇ ଗୋଟାକ ସମୟରେ ଡୋବରଠାରେ ଜଳରେ ପଡି ବୁଧବାର ସକାଳ ଘ ୧୧ ଟା ମଧ୍ୟରେ କେଲେ ନଗର ଅନ୍ତଃପାତୀ ସମୁଦ୍ର ବାଲୁକାରେ ଦଣ୍ଡାୟମାନ ହେଲେ । ଏରୂପେ ସେ ପ୍ରାୟ ଘ ୨୨ ଟା ଅବିଶ୍ରାନ୍ତରୂପେ ଜଳରେ ପହଁରୁ ଥିଲେ । ଏ କାଳ ମଧ୍ୟରେ କୌଣସି ଭୋଜନ କରି ନାହାନ୍ତି କେବଳ ତିନିଏ କାପି ଓ ଏଲ୍‌ସ ପାନ କରୁଥିଲେ । ଏହାଙ୍କ ସାହାଯ୍ୟ ନିମିତ୍ତ ଗୋଟିଏ ସାନ ଜାହାଜ ଓ ଦୁଇ ଖଣ୍ଡ ଡଙ୍ଗା ଯାଇଥିଲା ଓ ସମୁଦ୍ରରେ ଅକସ୍ମାତ୍ ମଲେ ସାହାଯ୍ୟ କରିବା ନିମିତ୍ତ ଲୋକମାନେ ତହିଁରେ ଥିଲେ । ଏ ସବୁ ଅନ୍ତରରେ ଥାଇ ତାହାଙ୍କର ଅସାଧାରଣ କ୍ଷମତା ଦେଖୁଥାନ୍ତି ମାତ୍ର ସେ କାହାର ଅନୁଗ୍ରହ ନ ନେଇ ବାହୁବଳରେ କାର୍ଯ୍ୟ ସମାପନ କଲେ । ଫ୍ରାନ୍ସର ଉପକୂଳରେ ପହଞ୍ଚିଲାମାତ୍ରକେ ଲୋକମାନେ ଧନ୍ୟବାଦ ଧ୍ୱନି କରି ତାହାଙ୍କୁ ଅତିଥିଶାଳାକୁ ନେଇ ଯାଇ ଉତ୍ତମରୂପେ ଅହାର କରାଇଲେ ଓ କେତେକ ଘଣ୍ଟା ଉତ୍ତମରୂପେ ନିଦ୍ରା ହେବାରୁ ଏହାଙ୍କର ସମସ୍ତ କ୍ଳାନ୍ତି ଦୂର ହେଲା । ଏଥି ଉତ୍ତାରୁ ସେ ଜଳଯାନ ବାଷ୍ପରେ ଇଂଲଣ୍ଡକୁ ଫେରି ଆସିଲେ । ସେ କହୁଥିଲେ କି ଲବଣଜଳ ଲାଗିବାରୁ ତାହାଙ୍କର କେବଳ ପାଦରେ କିଞ୍ଚିତ ବ୍ୟଥା ହୋଇଥିଲା ନୋହିଲେ ଶରୀରର ଅପର କୌଣସି ଅଂଶରେ କିଛି ପୀଡ଼ା ହୋଇ ନାହିଁ । ଏଥିରୁ ଦଳ କରି ଇଂରାଜମାନଙ୍କର ଅସାଧାରଣ ସାହସର ଅନୁଭବ ପରିଚୟ ମିଳିଯାଇ ପାରେ ।

ବିଜ୍ଞାପନ ।

ବଗଂଧର ଦେବ ଉପେନ୍ଦ୍ରଭଞ୍ଜଙ୍କ ବିରଚିତ ସୁଭଦ୍ରାପରିଣୟ ନାମକ ପ୍ରସିଦ୍ଧ ପୁସ୍ତକ ମୁଦ୍ରିତ ହୋଇ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି ମୂଲ୍ୟ ୫ ୦ ୫ ମୋଫସଲ ଗ୍ରାହକମାନଙ୍କୁ ମଲିଇଡ଼ା ଡାକମାସୁଲ ଦେବାକୁ ପଡିବ ।

ଗ୍ରାହକଗଣ କଟକ ପ୍ରିଣ୍ଟିଂକମ୍ପାନିଙ୍କ ମୁଦ୍ରାଳୟରେ ତତ୍ତ୍ୱ କଲେ ଅନାୟାସେ ପ୍ରାପ୍ତ ହୋଇ ପାରିବେ ।

☞ ଏହି ଉତ୍କଳଦୀପିକା ସହର କଟକ ଚଉଧାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୧୦ ଭାଗ
୪୪ ସଂଖ୍ୟା
ତାଂ ୨୩ ଅକ୍ଟୋବର ସନ ୧୮୭୫ ମସିହା । ମୁ । କାର୍ତ୍ତିକ ୭ ଦିନ ସନ ୧୨୮୩ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୪ଂ
ବର୍ଷାନ୍ତେ ମୂଲ୍ୟ ଦେଲେ ଟଙ୍କା ୫
ମଫସଲ ଯାଇ ଡାକମାସୁଲ ୫୷୶

ଗତ ପ୍ରକାଶିତ ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ବାବୁ ଶ୍ୟାମାନନ୍ଦ ଦେ. ଗୃହବାକାରର ବାଲେଶ୍ୱରବାସିଙ୍କୁ ବଡ ହରବରରେ ପକାଇଅଛନ୍ତି । ଉକ୍ତ ମହାଶୟ ଦେଶସ୍ଥ ସର୍ବସାଧାରଣଙ୍କ ହିତକର କାର୍ଯ୍ୟ ନିମନ୍ତେ ୫୦୦୦୦ ଟଙ୍କା ଦାନ କରିଥିଲେ ସେ ଟଙ୍କା ଗବର୍ଣ୍ଣମେଣ୍ଟ ଟ୍ରେଜରିରେ ପଡିରହିଅଛି ଅଥଚ କିରୂପେ ତାହା ବ୍ୟୟ ହେଲେ ଦାତାଙ୍କର ମାନସ ପୂର୍ଣ୍ଣ ହେବ ତାହା ସ୍ଥିର ହୋଇପାରୁ ନାହିଁ । ନାନାପ୍ରକାର ଲୋକ ନାନା ପ୍ରସ୍ତାବ କରୁଅଛନ୍ତି । ଅମ୍ଭମାନଙ୍କ ମତରେ ଦାତା ମହାଶୟଙ୍କୁ ଏଥିର ଉତ୍ତର ଦେବାର ଉଚିତ । ଲୋକେ ଅଭାବ ଦେଖିଲେ ଦାନ କରନ୍ତି ସେ ଯେବେ କୌଣସି ପ୍ରୟୋଜନ ପ୍ରତ୍ୟକ୍ଷ କରି ନ ଥିଲେ ତେବେ କାହିଁକି ଦାନ କଲେ ? ସେ ଟଙ୍କା ଘରେ ରଖି ପ୍ରୟୋଜନ ସମୟରେ ବାହାର କରିଥିଲେ ଭଲ ହୁଅନ୍ତା । ଯେବେ ଲୋକେ ଦାନ କରନ୍ତି ବୋଲି ସେ ଦାନ କରିଅଛନ୍ତି ତେବେ ଉଚିତ ଯେ କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କୁ ସେ ଟଙ୍କାର ବ୍ୟୟର ଭାର ଦେଉନ୍ତୁ । ସେମାନେ ଯେମନ୍ତ ଭଲ ବିବେଚନା କରିବେ ସେରୂପେ ବ୍ୟୟ କରିବେ । ଓଡିଶାର ଅଭାବର ସଂଖ୍ୟା ନାହିଁ ଓ ଏକ ଏକ ସମ୍ପ୍ରଦାୟର ଲୋକେ ଏକ ଏକ ପ୍ରକାର ଅଭାବକୁ ଅଧିକ କରି ଦେଖନ୍ତି ଏସ୍ଥଳେ ସର୍ବସାଧାରଣଙ୍କୁ ସନ୍ତୋଷ କରିବା ବଡ କଠିନ ବ୍ୟାପାର । ତେବେ ଦାତାଙ୍କୁ ଯେଉଁ ଅଭାବ ଅଧିକ ବୋଧ ହୁଅଇ ତାହା ପୂର୍ଣ୍ଣ କରିବା ସକାଶେ ଦାନ କଲେ ତହିଁରେ ଅନ୍ୟ କାହାର କିଛି କହିବାର ଅଧିକାର ନାହିଁ ।

---

ରାଜକୁମାରଙ୍କୁ କଲିକତା ମୁକାମରେ ଭେଟିବା କାରଣ ଓଡିଶାରୁ କେଉଁ ରାଜାମାନଙ୍କୁ ପଠାଇବାର ଉପଯୁକ୍ତ ଗବର୍ଣ୍ଣମେଣ୍ଟ ଓଡିଶାର କମିଶନରଙ୍କୁ ଏରୂପ ପ୍ରଶ୍ନ କରିବାରୁ କମିଶନର ସାହେବ ତହିଁର ଉତ୍ତରରେ ଲେଖିବାର ଶୁଣାଯାଏ ଯେ ଢେଙ୍କାନାଳ ମୟୂରଭଞ୍ଜ ଓ ପୁରୀର ରାଜାମାନଙ୍କୁ ମନୋନୀତ କରୁଅଛନ୍ତି । ନୟାଗଡ଼ର ରାଜା ମଧ୍ୟ ଉପଯୁକ୍ତ ଥିଲେ କିନ୍ତୁ ଅଳ୍ପ ବୟସ୍କ ବିବେଚନାରେ କମିଶନର ସାହେବ ତାହାଙ୍କୁ ମନୋନୀତ କଲେ ନାହିଁ । ଢେଙ୍କାନାଳ ମହାରାଜଙ୍କ ବିଷୟରେ ମଧ୍ୟ କିଛି ସନ୍ଦେହ ଅଛି କାରଣ କମିଶନର ସାହେବ ତାହାଙ୍କର ଶାରୀରିକ ଅସୁବିଧା ବିବେଚନାରେ ତାହାଙ୍କୁ କ୍ଷମା ଦେବାକୁ ଅନୁରୋଧ କରିଅଛନ୍ତି ଯେବେ ଗବର୍ଣ୍ଣମେଣ୍ଟ କ୍ଷମା ନ ଦିଅନ୍ତି ତେବେ ତାହାଙ୍କୁ ଯିବାକୁ ପଡିବ । ପୁରୀ ରାଜାଙ୍କର ଯିବା ବିଷୟରେ ମଧ୍ୟ କେତେକ ଗୋଲଯୋଗ ଶୁଣାଯାଏ । ଯେବେ ଏ ରାଜା କଲିକତାକୁ ଯିବେ ତେବେ ତାହାଙ୍କର ମର୍ଯ୍ୟାଦାର ଖର୍ବତା ହୋଇପାରେ । ପୁରୀ ରାଜା ଆପଣାକୁ ଦେବରାଜ ଓ ଶ୍ରୀ ଜଗନ୍ନାଥଙ୍କର ପ୍ରତିନିଧି ଜ୍ଞାନ କରନ୍ତି ଓ ଭାରତବର୍ଷର ସମସ୍ତ ହିନ୍ଦୁମାନେ ତାହାଙ୍କୁ ସେହିରୂପେ ମାନ୍ୟ କରନ୍ତି । କଲିକତାକୁ ଗଲେ ତାହାଙ୍କର ସେମାନ୍ୟ ରହିବ ନାହିଁ ସୁତରାଂ କ୍ଷେତ୍ରରୁ ଅନ୍ତର ହେବା ତାହାଙ୍କ ପକ୍ଷରେ ବିଧେୟ ନୁହେ । ପରନ୍ତୁ କମିଶନର ସାହେବ କେଉଁ ବିବେଚନାରେ ତାହାଙ୍କୁ ମନୋନୀତ କଲେ ? ପୁରୀ ରାଜାଙ୍କୁ ଯେବେ ଅନ୍ୟାନ୍ୟ ରାଜାଙ୍କ ସହିତ ସମତୁଲ୍ୟ କରିବାକୁ କମିଶନର ସାହେବଙ୍କର ଇଚ୍ଛା ମାନସ ଥାଇଅଛି ତେବେ ଅମ୍ଭେମାନେ ତାହାଙ୍କୁ ଏହିକି ଅନୁରୋଧ କରୁଁ ଯେ ଖୋର୍ଦ୍ଧା ରାଜ୍ୟଟି ତାହାଙ୍କୁ ଫେରାଇ ଦେବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ଦେଉନ୍ତୁ ଓ ଉକ୍ତ ରାଜ୍ୟରେ ଗଡଜାତରାଜାଙ୍କ ପରି ତାହାଙ୍କୁ ଅଧିକାରମାନ ଦେଉନ୍ତୁ । ରାଜ୍ୟଶୂନ୍ୟ ରାଜା ବିଡମ୍ବନା ମାତ୍ର । କମିଶନର ସାହେବ ପୁରୀ ରାଜାଙ୍କୁ ପ୍ରକୃତ ରାଜା କରିଦେଲେ ସବୁ ଉତ୍ତମ ହେବ ।

---

ଶ୍ରୀ ଜଗନ୍ନାଥଙ୍କର ମନ୍ଦିର ସଂସ୍କାର ଅଦ୍ୟାପି ଆରମ୍ଭ ହୋଇ ନାହିଁ । ଅଳ୍ପଦିନ ହେଲା ପୁରୀ ରାଜା ମନ୍ଦିରର ଭଗ୍ନସ୍ଥାନମାନ ସ୍ୱୟଂ ଦେଖିଥିଲେ । ତାହାଙ୍କର ମତ ଏହି ଯେ ସମୁଦାୟ ସ୍ଥଳ ନୂଆ ନିର୍ମାଣ ନ ହେଲେ ଅନ୍ୟ କୌଣସିରୂପେ ଜୀର୍ଣ୍ଣସଂସ୍କାର ହୋଇ ନ ପାରେ । ଇଞ୍ଜିନିୟରର ସାହେବଙ୍କ ନିକଟକୁ ଲେଖିଅଛନ୍ତି ଯେ ବାଇକମାସ୍ତ୍ରୀ କର୍ମରେ ଅଭିଜ୍ଞ ନିର୍ମାଣକାର୍ଯ୍ୟ ହେଲେ ଭଲ ହେବ ଅନ୍ୟ କୌଣସି କାରିଗରଦ୍ୱାରା ହେବାର ସମ୍ଭାବନା ନାହିଁ । ଜୀର୍ଣ୍ଣସଂ-

Digitized by srujanika@gmail.com

ସ୍ଥାନର ବ୍ୟୟ ବିଷୟରେ ସ୍ୱଜା ଲେଖିଅଛନ୍ତି ଯେ ମନ୍ଦିରର ଅସ୍ୱ ସମସ୍ତ ନିଯୁମିତ ବ୍ୟୟରେ ଖର୍ଚ୍ଚ ହୋଇଯାଏ କିନ୍ତୁ ଟଙ୍କା ବଞ୍ଚଇ ନାହିଁ ଯେ ତହିଁରୁ ଏପ୍ରକାର ଅସାଧାରଣ ଖର୍ଚ୍ଚ ନିର୍ବାହ ହୋଇ ପାରିବ। ବନ୍ଦିଗଣର ଖାଟେହେବ ମନ୍ଦିରର ଅସ୍ୱ ବ୍ୟୟର ହିସାବ ସ୍ୱଜାଙ୍କ ଉପରେ ଛାଡ଼ିଥିଲେ ତହିଁରେ ସ୍ୱଜା କମା ଖର୍ଚ୍ଚ ଭୁଲ କରି ହିସାବ ଦେଇଅଛନ୍ତି ଓ ତହିଁରୁ ବାର୍ଷିକ ଅସ୍ୱରୁ ବ୍ୟୟ ଯାଇ କିଛି ଟଙ୍କା ବଞ୍ଚିବାର ଦେଖାଯାଉ ନାହିଁ। ଏଥିପାଇଁ ସ୍ୱଜା ପ୍ରସ୍ତାବ କରିଅଛନ୍ତି କି ଯାତ୍ରୀ ଘରଭଡ଼ା ଟାକ୍ସରୁ ମନ୍ଦିରସଂସ୍କାର କାର୍ଯ୍ୟ ନିର୍ବାହ ହେଉ ଏ ଭିନ୍ନ ଆଉ କିଛି ଉପାୟ ଦିଶୁ ନାହିଁ। ଅମ୍ଭେମାନେ ଶୁଣିଅଛୁଁ ଯେ ଉକ୍ତ ଫଣ୍ଡରେ ବହୁତ ଟଙ୍କା ଅଛି ତାହା ଖର୍ଚ୍ଚ କରିବାର କୌଣସି ବ୍ୟବସ୍ଥା ସ୍ଥାନୀୟ କମିଟି କରି ନାହାନ୍ତି ଏତେ ଟଙ୍କା ଥାଉଁ ମନ୍ଦିର ଜୀର୍ଣ୍ଣାବସ୍ଥାରେ ରହିବାର ଉଚିତ ନୁହଇ କାରଣ ମନ୍ଦିର ହେତୁରୁ ଯାତ୍ରୀ ଓ ଯାତ୍ରୀ ହେତୁରୁ ଉକ୍ତ ଟାକ୍ସର ଅମଦାନି ସୁତରାଂ ମନ୍ଦିରରେ ଟଙ୍କା ଖର୍ଚ୍ଚ ହେବା ନ୍ୟାୟସଙ୍ଗତ ନୁହଇ। ଅମ୍ଭେମାନେ ବୋଧକରୁଁ ଏ ଉତ୍ତାରୁ ଯାତ୍ରୀ ଘରଭଡ଼ା ଟାକ୍ସ ସମୁଦାୟ ପୁରୀ ସ୍ୱଜାଙ୍କୁ ଦିଆଯିବାର ପ୍ରସ୍ତାବ ହେବ ଓ ସ୍ୱଜା ଅପଣା ଇଚ୍ଛାମତେ ସେ ଟଙ୍କାର ବ୍ୟବହାର କରିବେ।

ନୂତନ ମହାପ୍ରସାଦ ବିଷୟରେ ଯେଉଁ ଅପରିମାଣ ହୋଇଅଛି ତାହା ଖଣ୍ଡନନିମନ୍ତେ ପଣ୍ଡିତ ତାରାନାଥ ବିଦ୍ୟାସାଗର ଲେଖକ ଥାର-ଏ କର ଅପତ୍ତିକାରକ ବ୍ୟବସ୍ଥା ଉତ୍ତରରେ ଏକଖଣ୍ଡ ବ୍ୟବସ୍ଥାପତ୍ର ଛପାଇ ପ୍ରଶ୍ନର କରୁଅଛନ୍ତି ଦେଖାଯିବ ନବଦ୍ୱୀପ ପଣ୍ଡିତମାନେ ବଙ୍ଗାଳପଣ୍ଡିତଙ୍କ ମତ ବିରୁଦ୍ଧରେ ଅପଣା ମତ ସ୍ଥାପନ କରି ପାରିବେ କି ନାହିଁ।

---

## ଚନ୍ଦ୍ରବିଧବା।

ଗତଭାଦ୍ରମାସ ତା ୧୯ ରଖର ଡେଲିନ୍ୟୁଜରେ ଗୋଟିଏ ଅନ୍ତଃକରଣସ୍ପର୍ଶୀ ଆତ୍ମହତ୍ୟାର ସମାଚାର ଛପା ହୋଇଅଛି। ଖାମଟୀବାସୀ ଗ୍ରାମରେ ଜଣେ ଚନ୍ଦ୍ରବିଧବା ବୈଧବ୍ୟାବସ୍ଥାର ଯାତନା ସହ୍ୟ କରି ନ ପାରି ଅଫିମ ନିଜହସ୍ତରେ ଆପଣାକୁ ନାଶ କରିଥିଲା। ପ୍ରଥମସାକ୍ଷୀ ମୃତ ବିଧବାର ଘର ଅର୍ଦ୍ଧ ସେ କହିଲା କି ସୋମ-ବାର ରାତ୍ରି ଶେଷ ଘଣ୍ଟାବେଳେ ମୃତବ୍ୟକ୍ତିକୁ ଅଚେତନାବସ୍ଥାରେ ପଡ଼ି ରହି ଗଁ ଗଁ ଶବ୍ଦ କରୁ-ବାର ଦେଖି ଘରର ଅନ୍ୟ ଲୋକଙ୍କ ତାହା ଜଣାଇ ଡାକ୍ତରଙ୍କୁ ଡାକି ଅଣିବାକୁ ଗଲି। ଏଥି ମଧ୍ୟରେ ପୁଲିସ ସୁସ୍ବାଦ ପାଇ ତାହାର ଘରକୁ ଆସି ଉକ୍ତ ସ୍ତ୍ରୀକୁ ମରଣାବସ୍ଥାରେ ଦେଖିଲେ। ସେ ଘର ଖୋଜିବାରେ ପୁଲିସ ଦେଖିଲେ ଯେ ସେ ସ୍ତ୍ରୀର ମୁଣ୍ଡ ବାଲିସ ତଳେ ଗୋଟିଏ ଗ୍ଲାସରେ କିଛି ଅଫିମ ଓ ଦୁଇଖଣ୍ଡ ବଙ୍ଗଳା ଅକ୍ଷରରେ ଲେଖା ଚିଠି ଅଛି। ତତ୍କ୍ଷଣ ତହାରୁ ତାହାର ଘର ଡାକ୍ତରଙ୍କୁ ସଙ୍ଗେ ନେଇ ଅବିଳମ୍ବ ଭେଲେ-ଦେଲଯାଏ ତାହାର ଜଗ୍ନୀ ଜୀବତ ଥିଲା। ତାକୁ ମେଡ଼ିକଲ କଲେଜ ହାସପାତାଲକୁ ପଠାଇ ଦିଆଗଲା ଓ ସେଠାରେ ପ୍ରବେଶ ହେବାର କିଛିକାଳ ଉତ୍ତାରୁ ତାହାର ପ୍ରାଣ ବାହାରି ଗଲା। ଉକ୍ତ ସ୍ତ୍ରୀ ବଙ୍ଗଳା ଲେଖିବାକୁ ଓ ପଢ଼ିବାକୁ ଉତ୍ତମରୂପେ ଜାଣିଥିଲା। ପୁଲିସ ଯେଉଁ ଦୁଇଖଣ୍ଡ ଚିଠି ପାଇଥିଲେ ତାହା ଉକ୍ତ ସ୍ତ୍ରୀର ହସ୍ତାକ୍ଷରରେ ଥିଲା ଓ ତହିଁରେ ତାହାର ସ୍ୱାକ୍ଷର ହୋଇଥିଲା। ବିଧବା ହେବା ସମୟରେ ଏହାର ବୟସ କି ୧୪ ବର୍ଷ ଥିଲା ଓ ଗତ ଦୁଇବର୍ଷରୁ ବୈଧବ୍ୟାବସ୍ଥାରେ ଅପଣା ମାତା ନିକଟରେ ଥିଲା। କାହାରସଙ୍ଗେ ତାହାର କିଛି ବିବାଦ ନ ଥିଲା। ଚିଠିମାନଙ୍କରେ ଇଲଙ୍ଗିତ କଥାସବୁ ଲେଖାଥିଲା ଯଥା—" ଅମ୍ଭେ ଶ୍ରୀମତୀ କୁସୁମ-କୁମାରୀ ୫ ୬୦୦ଙ୍କା ଲେଖାଏ ମୂଲ୍ୟର ଦୁଇଖଣ୍ଡ ପ୍ରମିସରିନୋଟର ଅଧିକାରୀ ଅଟୁ ସେ ସବୁକୁ ଅପଣାର ଭଗ୍ନୀ କଦମ୍ବକୁ ଦାନ କଲୁଁ ଯେ ତାହାକୁ ଯାହା ଇଚ୍ଛା ହେବ ସେରୂପ ବ୍ୟବହାର କରିପାରିବ। ଅମ୍ଭେ ଅପଣା ଅଳଙ୍କାର ସବୁ ବିକ୍ରୟ କରି ଏ ନୋଟମାନ ଖରିଦ କରିଅଛୁଁ ଓ ଅମ୍ଭେ ସ୍ୱେଚ୍ଛାକ୍ରମେ ସେସବୁ ତାହାକୁ ଦେଲୁଁ। ଅମ୍ଭୁଜଳା ସୁନାଲକେଟରକୁ ଅମ୍ଭର ଜାଇର ସ୍ତ୍ରୀକୁ ଦେଲୁଁ ଓ ଅମ୍ଭର ଆଉ ସବୁପଦାର୍ଥ ଘର ଇତ୍ୟାଦି ଅମ୍ଭର ମାତାଙ୍କୁ ଦେଲୁଁ। ଅମ୍ଭପରେ ୫ ୬୦୦ଙ୍କା ଅଛି ତହିଁମଧ୍ୟରୁ ଅମ୍ଭର ଶବ ସଂସ୍କାରର ବ୍ୟୟସବୁ ନିର୍ବାହ କରି ଅବଶିଷ୍ଟ ଅମ୍ଭର ମାତାଙ୍କୁ ଦେବ। ଅମ୍ଭେ ଅଣ୍ ହେତେବେ ଅଳଙ୍କାର ବନ୍ଧକ ଦେଇ ୫ ୧୬୦ ଟଙ୍କା ଅଣି-ଅଛୁଁ। ଲୋକଙ୍କୁ ଅମ୍ଭେ କଅଣ କହିବୁଁ ଯେଉଁଠାରେ ଅମ୍ଭର ମନ ନେହୁଡ଼ାକୁ ଅମ୍ଭେ ଯାଉଅଛୁଁ (ଏଠାରେ ଅପଣା ସ୍ୱାମୀ ବିଦ୍ୟୋଗ ସକାଶେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଅଛି) ଅମ୍ଭର ବଞ୍ଚିବାର ଫଳ କି? କୁମାର୍ଗରେ ଯିବାକୁ ଅମ୍ଭର ଇଚ୍ଛା ନୁହଇ ତେବେ ଅମ୍ଭର ଜୀବନର ପ୍ରୟୋଜନ କି? ହିନ୍ଦୁଧର୍ମରେ ଯାହା ଅଳ୍ପବୟସରେ ବିବାହ ଦିଅନ୍ତି ଅଧମଜ ଅଟଇ। (ଏଠାରେ ସେ ଅପଣା ମାତାଠାରୁ ବିଦାୟ ଗ୍ରହଣ କରି-ଅଛି) ମାତଃ! ଅମ୍ଭେ ତୁମ୍ଭଙ୍କୁ ଦୁଃଖ ଦେଇ ଗଲୁଁ ଅମ୍ଭର ଦୋଷମାନ କ୍ଷମା କର। ଉପଯୁକ୍ତ ସମୟର ଦୀର୍ଘକାଳ ପୂର୍ବେ ଅମ୍ଭେ ପ୍ରସ୍ଥାନ କରୁଅଛୁଁ। ସାକ୍ଷାତରେ କ୍ଷମା ପ୍ରାର୍ଥନା କରିବାକୁ ନ ପାଇବାରୁ ଅମ୍ଭେ ପତ୍ରଦ୍ୱାରା ତାହା କରୁଅଛୁଁ। ଏହିରୂପେ ମରିବାକୁ ଅମ୍ଭ କପାଳରେ ଥିଲା ଓ ତାହା ଘଟିବ। ଏଥିରେ କାହାର ଦୋଷ ନାହିଁ ଓ କେହି ଅମ୍ଭପାଇଁ ଦୁଃଖ ନ କରନ୍ତୁ। ମାତଃ! ଅମ୍ଭପାଇଁ ତୁମ୍ଭଙ୍କୁ କେହି ସୁଖ ଦେଇ ନ ଥିଲେ ଏବେ ସମସ୍ତେ ତୁମ୍ଭର ପୂଜା କରିବେ। ଅମ୍ଭର ଗୁରୁ ଅମ୍ଭକୁ ନଷ୍ଟ କରିଅଛନ୍ତି ଓ ସେଥିପାଇ ସେ ଅମ୍ଭକୁ ଅମୂଲ୍ୟ ଅଟନ୍ତି ତାହାଙ୍କୁ ତୁମ୍ଭେ ଯତ୍ନ କରିବ। ଅମ୍ଭର ଦୁର୍ଭାଗ୍ୟ ଏମନ୍ତ ଯେ ଅମ୍ଭେ ତାହାଙ୍କଠାରୁ ସମ୍ମତିରେ ବିଦାୟ ହୋଇ ପାରିଲୁ ନାହିଁ। (ଏଠାରେ ସେ ଅପଣାର ପାପକୁ କ୍ଷମା କରିବା ଏବଂ ନର୍କରୁ ଅତ୍ମାକୁ ରକ୍ଷା କରିବା ସକାଶେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିଅଛି ଓ ପାଠକମାନଙ୍କ ମନୋଯୋଗପୂର୍ବକ ପତ୍ର ପାଠ କରିବା ଓ ଦୋଷ କ୍ଷମା କରିବାକୁ ଅନୁରୋଧ କରି-ଅଛି)। ଅମ୍ଭର ମନ ସ୍ଥିର ନାହିଁ। ଅମ୍ଭେ ଅଫିମ ଖାଇଅଛୁଁ ହିନ୍ଦୁବିଧବାଠାରୁ ଅଧିକ ଦୁଃଖ କୌଣସି ଲୋକ ଭୋଗ କରଇ ନାହିଁ। କି ୧୦ ବର୍ଷ ୪ ମାସ ବୟସରେ ଅମ୍ଭେ ବିବାହ ହୋଇଥିଲୁଁ ବର୍ତ୍ତମାନ ଅମ୍ଭର ବୟସ କି ୧୮ ବର୍ଷ। ଅଧିକକାଳ ମନୁଷ୍ୟ ସହ୍ୟ କରିବାର କୌଣସି ହେତୁ ଦେଖୁ ନାହିଁ। ପରମେଶ୍ୱର ଜାଣନ୍ତି ମୋତେ ସ୍ତ୍ରୀ କଲେ ଓ କାହିଁକି ଏବା ମୁଁ ଏତେ ଦୁଃଖ ସହିବି? ଏଥିଉତ୍ତାରୁ ମୋହୋର ଯେଉଁ ଲଜ୍ଜା ହୋଇ ପାରେ ତହିଁପାଇଁ ମୁଁ ଅବଶ୍ୟ ଅପଣା ପ୍ରାଣ ଦେଉଅଛି। ମୁଁ ଗୋପନରୂପେ ପାନ ଖାଇ ପିଲାଙ୍କ ହାତରେ ଅରକେ ପଠାଏ ଚଉପଇସା ଲେଖାଏଁ ଅଫିମ କିଣି ଅଣି ଏକଟଳା ଇହାର ଅଫିମ ଏକାଠି କରି ସେସବୁ ଖାଉଅଛି। ଜଣାପଡ଼ିବା ଡରରେ ଏକାଠି କିଣି ନ ଥିଲି। ଆଉ କିଛି ମୁଁ ଲେଖି ପାରୁ ନାହିଁ। ମୋହୋର ସମସ୍ତ ବନ୍ଧୁଙ୍କୁ ଏ ପତ୍ର ଦେଖାଇବ"। ଚିଠି ଉପରେ ଲେଖାଥିଲା କି " ମୁଁ କାହାକୁ... କେହି ଏହାକୁ ଫିଟାଇବ ନାହିଁ ମାନ ମୁଁ

Digitized by srujanika@gmail.com

Split by PDF Splitter



ମନ୍ଦ ଲୋକଙ୍କୁ ପଡିବ"। ଏଥିଉତ୍ତାରୁ ଅଭ ଭଦ୍ର ଏକ ଜଣ ଗୃହାର ଯୋବାନବନ୍ଦୀ ହେଲା ଓ କୁଳମାନେ ଅଫୀମ ଖାଇବାଦ୍ୱାରା ଅଭ୍ୟନ୍ତ ଛାର ମାଡ଼ ଦେଲେ ।

ଉକ୍ତ ବାଳୀ ବଧବାର୍ତ୍ତିର ମୃତ୍ୟୁସମାଚ୍ଛର ଉପରେ ଦେଉଁ । ଏଥିରେ ଦେଖିବାର ଉଚିତ ଯେ ଅସ୍ମଦେଶୀୟ ସଭ୍ୟ ଭବ୍ୟ ବଦ୍ୟାବନ୍ତ ଦେଶହିତୈଷିମାନେ ଏଥିରୁ କି ମର୍ମ୍ମ ବାହାର କରୁଅଛନ୍ତି । ହିନ୍ଦୁପେଟ୍ରିଅଟର ସମ୍ପାଦକ ବଡ଼ ଖେଦରେ ଏ ଗୁରୁତର ବ୍ୟାପାରଟିକୁ ବର୍ଣ୍ଣନା କରିଅଛନ୍ତି । ସେ ଏତିକି ମାତ୍ର ମତ ପ୍ରକାଶ କରିଅଛନ୍ତି ଯେ 'ଅଜ୍ଞାନ ଓ ଅଳ୍ପ ଏବୟସରେ ବିବାହ ନାହିଁ ଓ ଉକ୍ତ ସ୍ତ୍ରୀର ଶିକ୍ଷା ତାହାର ନାଶ ହେଲା' । ଅମ୍ଭେମାନେ ଦୁଃଖିତ ହୋଇ କହୁଅଛୁ କି ଏ କଥାର ମର୍ମ୍ମ ଅମ୍ଭେମାନେ ଠିକ ବୁଝି ପାରୁ ନାହୁଁ । ସ୍ତ୍ରୀ ଶିକ୍ଷିତା ହୋଇ ଥିଲେ କି ବୈଧବ୍ୟଦଶା ତାହାକୁ ଦୁଃଖ ଦଅନ୍ତା ନାହିଁ ? ବାଲା ବା ସ୍ୱଳ୍ପ ବୟସ୍କା ବିଧବା ଦେବୀ କି ଶୋଚନୀୟ ନୁହଇ ଓ ମୂର୍ଖ ହେଲେ କି ସେ ଯନ୍ତ୍ରଣା ସହଜ ହୋଇଯାଏ ? ହିନ୍ଦୁପେଟ୍ରିଅଟଙ୍କ ମତଟି କେବଳ ଅସାର ନୁହଇ ମାତ୍ର ଅନିଷ୍ଟରେ କୁଟ୍ଟ ଅଟଇ ଅଜକାଲି କଲିକତାର ଲୋକମାନେ ଶ୍ରୀମତୀ ମହାରାଣୀଙ୍କର ଜ୍ୟେଷ୍ଠ ପୁତ୍ରଙ୍କ ଅଭ୍ୟର୍ଥନା ନିମନ୍ତେ ବଡ଼ ବ୍ୟସ୍ତ ଅଛନ୍ତି ହୋଇ ବୋଧ ହୁଅଇ କେହି ଏ ଦୁର୍ଘଟନାପ୍ରତି ଯଥାର୍ଥରୂପେ ଦୃଷ୍ଟି କରି ତହିଁର ପ୍ରତୀକାର କରିବାକୁ ସକ୍ଷମ ହେଉ ନାହାନ୍ତି । ଏମାନଙ୍କର ରାଜଭକ୍ତି ଓ ଦେଶାନୁରାଗକୁ ବିଶେଷ ପ୍ରଶଂସା କରିବାକୁ ହେବ କାରଣ ଉକ୍ତ ଯୁବରାଜ ଦେଖାଇବା ନିମନ୍ତେ ସହସ୍ର ୨ ଟଙ୍କା ଦେବା ଦେଇ ଅନର୍ଥକ ଆଡମ୍ବର କାର୍ଯ୍ୟର ଅନୁଷ୍ଠାନରେ ମାତିଅଛନ୍ତି ଅଥଚ ଘରମଧ୍ୟରେ ବିଧବା ଭଗ୍ନୀ ବା କନ୍ୟାର ଅଫୀମ ଖାଇବା ପ୍ରତି ଦୃଷ୍ଟିପାତ ନ କରୁ ନାହାନ୍ତି ଇଂରାଜୀରେ ଏକ ପ୍ରବାଦ ଅଛି ଯେ ବଦାନ୍ୟତା ଘରେ ଆରମ୍ଭ ହୁଅଇ ମାତ୍ର ଅମ୍ଭେମାନେ ସେପରି ହୋନ୍ତି । ଅମ୍ଭେମାନେ ପର ନିମନ୍ତେ ଆପଣାକୁ ପାସୋର ଯାଉଁ । ଘରର ଦୁଃଖ ଭେଡ଼େ ବାଧଇ ନାହିଁ ପରସଙ୍ଗରେ ମିଶି ଦେଶର ଗୌରବ ରକ୍ଷା କରିବାରେ ଅମ୍ଭମାନଙ୍କର ଦିନ ଯାଏ । ଏପରି ଅବସ୍ଥା ଦେଶର କୁସଂସ୍କାର କିରୂପେ ରକ୍ଷା ହେବ ଅମ୍ଭେମାନେ କହି ନ ପାରୁଁ । ପଣ୍ଡିତବର ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବିଧବା ବିବାହର ବ୍ୟବସ୍ଥା ପ୍ରଚଳିତ କଲେ ଓ କଲିକତାରେ ତାହାକୁ କେତେକ ସ୍ଥଳରେ ଚଳାଇଲେ ମାତ୍ର ସେ ଏକା କିଅଣ କରିବେ । ଦେଶୀୟ ବିଦ୍ୱାନ୍‌ମଣ୍ଡଳୀ ଯେବେ ତାହାଙ୍କ ସହିତ ଯୋଗ ଦିଅନ୍ତେ ତେବେ ଅବଶ୍ୟ ସେ ନିୟମ ବିସ୍ତର ପରିମାଣରେ ପ୍ରଚଳିତ ହୋଇଥାନ୍ତା ଓ ଅନେକ ଗୃହ ଏ କିଅବା ସ୍ୱର୍ଗରେ କାଳ ହରଣ କରୁଥାନ୍ତେ ।

# ସାପ୍ତାହିକ ସଂବାଦ ।

ଏ ବର୍ଷ ଦୀପାବଳି ଅମାବାସ୍ୟା ପର୍ବ ଉତ୍ତମରୂପେ ନିର୍ବାହିତ ହେଲା ବର୍ଷା ତୋଫାନ କିଛି ହୋଇ ନାହିଁ । କେବଳ ପୁଲିସ ଜ ୨୦।୨୫ ଣ ଜୁଆରୀଙ୍କୁ ଗିରଫ୍ତାର କରିଅଛନ୍ତି । ଫେର୍ଣ୍ଣାଣ୍ଡ୍‌ ବନ୍ଦିତଲୋକ ଜୁଆ ଖେଳନ୍ତି ବୋଲି ପୁଲିସ ସହଜରେ ଗିରଫ୍ତାର କଲେ । ଅପର ବର୍ଷ ଯାକ ଯେ ସହରର ନାନାସ୍ଥାନରେ ଜୁଆଖେଳ ହେଉଥାଏ ଓ ପୁଲିସ କର୍ମଚାରୀ ସୁଦ୍ଧା ତହିଁରୁ ବର୍ଜିତ ନ ଥାନ୍ତି ତହିଁ ପ୍ରତି ପୁଲିସର ଦୃଷ୍ଟି ପଡ଼ଇ ନାହିଁ କାହିଁକି ?

ପୁରୀର ନୂତନ ମୁନସଫ ଭିକ୍ରୁ ନବରଙ୍ଗୁ ଅଜକାଲି ଆସିବାର ସଂବାଦ ଅଛି ଓ ବାବୁ ଯୋଗେଶ୍ୱର ରତ୍ନ କଟକକୁ ଫେରି ଆସୁଅଛନ୍ତି ।

ଶୁଣାଯାଏ ଯେ ଷ୍ଟାମ୍ବୁକ୍ସ ଶ୍ମିଥ୍ ସାହେବ ବହୁତ ଦିନ ପୁରୀରେ ରହିବେ ନାହିଁ ସେଠାକୁ ଅନ୍ୟ କେହି କଲେକ୍ଟର ଆସିବେ । ପୁରୀବାସିମାନେ ଶ୍ମିଥ୍ ସାହେବଙ୍କୁ ପାଇ ବଡ଼ ଆନନ୍ଦିତ ଥିଲେ ।

ପୁରୀରେ ଜଣେ ବୈରାଗିକୁ ମାରିପକାଇବା ଅପରାଧରେ ନହରର ଯେଉଁ ବରକନ୍ଦାଜ ଚାଲାନ ହୋଇଥିଲା ମାଜିଷ୍ଟ୍ରେଟ ସାହେବ ତାହାକୁ ଏକମାସ ଦାମ୍ବାସ ଦଣ୍ଡ ଦେଇଅଛନ୍ତି ହତ୍ୟାକରିବା ଅପରାଧ ତାହା ଉପରେ ପ୍ରମାଣ ହେଲା ନାହିଁ । ବୈରାଗୀ ଆଗେ ବରକନ୍ଦାଜକୁ ମାରିଥିଲା ଓ ବରକନ୍ଦାଜର ମାଡ଼ ତାହା ପିଠିରେ ବାଜିବା ଓ ସେ ସ୍ଥାନ ପୂର୍ବରୁ ପାଚିଥିବାରୁ ତାହାର ମୃତ୍ୟୁ ହେଲା । ସୁତରାଂ ଦୈବଘଟନା କ୍ରମେ ବୈରାଗିର ପ୍ରାଣ ଗଲା ।

ଅସିଷ୍ଟାଣ୍ଟ ସର୍ଜନ ଭୁବନଲାଲ ଦାସ ଗତ ମଙ୍ଗଳବାର ଏ ନଗରରେ ପ୍ରବେଶ ହୋଇ କାର୍ଯ୍ୟ ଭାର ଗ୍ରହଣ କଲେଣି ।

ପୃଥିବୀରେ କେଉଁ ଧର୍ମାବଲମ୍ବୀ କେତେ ଅଛନ୍ତି ତହିଁର ତାଲିକାସ୍ୱରୂପ ଅନୁମାନ ହୋଇଅଛି ଯଥା—

| | |
|---|---|
| ବୌଦ୍ଧ | ୪୦୫୬୦୦୦୦୦ |
| ଖ୍ରୀଷ୍ଟିୟାନ | ୩୯୯୨୦୦୦୦୦ |
| ମୁସଲମାନ | ୨୦୪୨୦୦୦୦୦ |
| ହିନ୍ଦୁ | ୧୭୪୨୦୦୦୦୦ |
| ଇହୁଦୀ | ୬୦୦୦୦୦୦ |
| ପୌତ୍ତଳିକ ବା ନାସ୍ତିକ | ୧୧୧୦୫୦୦୦୦ |

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ସନ ୧୮୭୯ ମସିହା ଜାନୁଆରୀ ମାସ ତା ୧ ରଖଠାରୁ ଗବର୍ଣ୍ଣମେଣ୍ଟ ଇଷ୍ଟଇଣ୍ଡିଆ ରେଲୱେ କମ୍ପାନୀର କାର୍ଯ୍ୟଭାର ଗ୍ରହଣ କରିବେ । ଏଥିପାଇଁ କମ୍ପାନୀ ନୂଆ କାର୍ଯ୍ୟ କିଛି ଆରମ୍ଭ କରୁ ନାହାନ୍ତି ।

ବାଲେଶ୍ୱରରୁ ଜଣେ ଲେଖି ପଠାଇଅଛନ୍ତି ଯେ ଦେଲଙ୍ଗ ଦେଶରେ ମୂଷା ମାରିବାର ଗୋଟିଏ ସଭା ହୋଇଅଛି । ଏରୂପ ସଭା ଭାରତବର୍ଷରେ ହେଲେ ଉପକାର ହେବାର ସମ୍ଭାବନା କାରଣ ମୂଷାଙ୍କ ହେତୁ ଧାନକୋଠିମାନଙ୍କରେ ବହୁ କ୍ଷତି ହୁଅଇ ।

କଥିତ ହୁଅଇ ଯେ ଯୁବରାଜଙ୍କ ଅଭ୍ୟର୍ଥନା ନିମନ୍ତେ ହାଇଦ୍ରାବାଦର ନିଜାମଙ୍କର ୫ ୨୫ ଲକ୍ଷ ଟଙ୍କା ସିନ୍ଧିଆଙ୍କର କୋଡିଏଲକ୍ଷ ଟଙ୍କା ଏବଂ ହୋଲକାରଙ୍କର ଛଅଲକ୍ଷ ଟଙ୍କା ବ୍ୟୟ ହେବ । ଏତେ ଟଙ୍କା ଖର୍ଚ୍ଚ କରିବାର ଆଉ କୌଣସି ବାଟ କି ଏମାନଙ୍କୁ ଦିଶୁ ନ ଥିଲା । ଯେବେ ଏ ଟଙ୍କା ଦେଶର ଉନ୍ନତି ନିମନ୍ତେ ଖର୍ଚ୍ଚ ହୁଅନ୍ତା ତେବେ ଭାରତର କେତେ ଶ୍ରୀବୃଦ୍ଧି ହୁଅନ୍ତା ।

ଇନ୍ଦୁପ୍ରକାଶ ଲେଖନ୍ତି ଯେ ଜଣେ ହେଡକନଷ୍ଟବଲ ଚେଷ୍ଟା କରିବା ମାନସରେ ଏକଜଣ ଧନୀ ତେଲିଙ୍କ ଦୋକାନଦାର ଅଗଣାରେ ପଶିଥିଲା ଓ ଆପଣା ଅଧୀନସ୍ଥ କନଷ୍ଟବଲଙ୍କୁ ଦ୍ୱାରରେ ଜଗାଇ ଯାଇଥିଲା । ଦୈବାତ୍‌କ୍ରମେ ଘରର ଦାସୀ ସେ ସମୟରେ ଜାଗ୍ରତ ଥିବାରୁ ଡାକ ପକାଇଲା ଓ ହେଡକନଷ୍ଟବଲ ଧରା ପଡ଼ିଗଲା । ବୋଧ ହୁଅଇ ଏ ହେଡ କନଷ୍ଟବଲ ଆପଣା କାର୍ଯ୍ୟରେ ବଡ଼ ପାରଗ ନ ଥିଲା କାରଣ ଯେ ନଜର ଧରାପଡେ ସେ ଅନ୍ୟ ଚୋରକୁ କାହିଁ ଧରି ପାରନ୍ତା ।

ଅନେକ ଲୋକଙ୍କୁ ଦୃଷ୍ଟରେ ନିଦ ହୁଅଇ ନାହିଁ ବୋଲି ସୁହାଇ କହିବାର ଶୁଣାଯାଏ ।

Digitized by srujanika@gmail.com

Split by PDF Splitter



ଏକ ସମ୍ବାଦପତ୍ରରେ ନିଦ ଅସିବାର ଗୋଟିଏ ଉପାୟ ଲେଖାଅଛି । ତାହା ଏହି ଯେ ବଡ଼ଶାଳରେ ଘଡ଼ ଗମ୍ଭୀର ଅଥଚ ଧୀରରୂପେ ଉଚ୍ଛ୍ୱାସ ଭାଗ କରିବ ଓ ପ୍ରତିଥର ଉଚ୍ଛ୍ୱାସ ଭାଗ ସଙ୍ଗେ ଏକ ଦୁଇ ତିନି ଇତ୍ୟାଦି ଏକଶତ ପର୍ଯ୍ୟନ୍ତ ଗଣିବ । ଅଟେ ଗଣା ନ ହେଉଣୁ ନିଦ ଅସିବ । ଅନେକ ଲୋକ କୋଡ଼ିଏ ତିରିଶ ପର୍ଯ୍ୟନ୍ତ ଗଣି ଶୋଇ ପଡ଼ିବାର ଦେଖା ଯାଇଅଛି ଯେବେ ଏକଶତ ପର୍ଯ୍ୟନ୍ତ ଗଣି ସୁଦ୍ଧା ନିଦ ନ ଅସେ ତେବେ ଆଉ ଏକଶତ ଗଣିବ । ଶୋଇବାର ଉପାୟ ଅଲସୁଆମାନେ ଲୋଡ଼ନ୍ତି ନୋହିଲେ ଯେ ଉଦ୍ୟମିଭାବରେ ପରିଶ୍ରମ କରେ ତାହାକୁ ନିଦ ପାଇଁ ଚିନ୍ତା କରିବାକୁ ହୁଅଇ ନାହିଁ ।

ଲାହୋର ସମ୍ବାଦପତ୍ରର ପେସବାର ସମ୍ବାଦଦାତା ଶୁଣିଅଛନ୍ତି ଯେ ସମ୍ପ୍ରତି ଜଣେ ରୁଷୀୟ ଉକିଲ କାବୁଲରେ ଅଛନ୍ତି । କଥିତ ହୁଅଇ ଯେ ସେ ତୁରସ୍କ ଦେଶର ଲୋକ । ରୁଷୀୟ ଗବର୍ଣ୍ଣର ତାହାଙ୍କୁ ଅମିରଙ୍କ ନିକଟରେ କେତେକ ପ୍ରସ୍ତାବ କରିବା ପାଇଁ ପଠାଇଅଛନ୍ତି । ତହିଁ ମଧ୍ୟରେ ଏକ ପ୍ରସ୍ତାବ ଏହି ଯେ ରୁଷିଆର ସମ୍ରାଟ କାବୁଲ ମଧ୍ୟ ଦେଇ ଭାରତବର୍ଷକୁ ଗୋଟିଏ ବାଟ ପ୍ରାର୍ଥନା କରୁଅଛନ୍ତି । ଉକ୍ତ ଉକିଲ କାବୁଲରେ ବସିଅଛନ୍ତି ଓ ତାହାଙ୍କ ପ୍ରସ୍ତାବ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ଗୋଚର ନିମିତ୍ତ ପ୍ରେରିତ ହୋଇଅଛି ।

କାଲିଫର୍ଣ୍ଣିଆରେ ଏକ ପର୍ବତ ଗୁହାରୁ ବହୁତ ଜଙ୍ଗଲି ମହୁ ପ୍ରାପ୍ତ ହୋଇଅଛି । ପାହାଡ଼ରେ କୁଲିମାନେ କର୍ମ କରୁଁ ଏ ମହୁଭଣ୍ଡାରକୁ ଦେଖିଲେ ଓ କେତେ ଗଭୀର ପର୍ଯ୍ୟନ୍ତ ମହୁ ଅଛି ବୋଲି ଜାଣିବାଲାଗି ଗର୍ତ୍ତେ ବାଡ଼ ପକାଇଲେ ମାଷ ବାଡ଼ ବୁଡ଼ିଗଲା । ସେମାନେ ବଡ଼ ପିପାମାନ ଅଣାଇ ମହୁ ଭରତି କଲେ ଗୁହାର ମୁହଁ ପଥର ଭାଙ୍ଗି ବଡ଼ ମୁହଁ କରି ମଣ ମହୁ ବାହାର କଲେ ଓ ଅନୁସନ୍ଧାନ କରି ଦେଖିଲେ ମହୁମାଛି ଯେଉଁ ବାଟରେ ଯିବା ଅସିବା କରୁଅଛନ୍ତି ସେଠାରୁ ଅଧପାଏ ବାଟ ଯାଏ ପର୍ବତର ଖୋଲ ମଧ୍ୟରେ ମହୁଭଣ୍ଡାର ପୂର୍ଣ୍ଣ ରହିଅଛି ।

କୁମ୍ଭୀରର ଚର୍ମକୁ ମସଲନ୍ଦ ପ୍ରସ୍ତୁତ କରିବାର ବ୍ୟବସାୟ ଅନେକକାଳରୁ ଅରମ୍ଭ ହୋଇଅଛି । ପ୍ରତିବର୍ଷ ପ୍ରାୟ କୋଡ଼ିଏହଜାର ଚର୍ମ ପ୍ରସ୍ତୁତ ହୁଅଇ । ଏ ବ୍ୟବସାୟିମାନେ ଏ ଦେଶକୁ ଅସିଲେ ଭବିଷ୍ୟତ କୁମ୍ଭୀରଙ୍କ ବଂଶ ନାଶ ହେବ ଅଥଚ ତାହାଙ୍କର ବିଶେଷ ଲାଭ ହେବ ।

ହିନ୍ଦୁପେଟ୍ରିଅଟ ଲେଖନ୍ତି କି ବମ୍ବେଇ ଗବର୍ଣ୍ଣମେଣ୍ଟ ଭ୍ରମକ୍ରମେ ସନ ୧୮୬୪ ମସିହାରୁ ରସୁମ ଆଦାୟ କରୁଥିଲେ ସମ୍ପ୍ରତି ବ୍ୟବସ୍ଥାପକ ସଭା ତାହା ସଂଶୋଧନ କରିବା ସକାଶେ ସଂକଳ୍ପ କରୁଅଛନ୍ତି । ଭ୍ରମରେ ଟଙ୍କା ନେଲେ ତାହା ସଂଶୋଧନ କରିବାର ଯଥାର୍ଥ ଉପାୟ ଉକ୍ତ ଟଙ୍କା ଫେରି ଦେବା ଅଟଇ । ମାତ୍ର ବ୍ୟବସ୍ଥାପକ ସଭାର ନ୍ୟାୟ ଭିନ୍ନ ପ୍ରକାର । ଉକ୍ତ ସଭା ଏବେ ଅଇନ କରି ଭୋଗ ହୋଇ ଯାଇ ଥିବା କାଳ ଉପରେ ତାହା ଜାରି କରିଅଛନ୍ତି ।

ଅମ୍ଭମାନଙ୍କ ଲେପ୍ଟନେଣ୍ଟଗବର୍ଣ୍ଣର ସମ୍ପ୍ରତି ପାରିତୋଷିକ ଦାନରେ କିଛି ମୁକ୍ତହସ୍ତ ହୋଇଥିବାର ଦେଖାଯାଏ । ତାହାରେ ଏକବ୍ୟକ୍ତି ସାହସପ୍ରଦର୍ଶନପୂର୍ବକ ଜଣେ ନଦୀସ୍ରୋତରେ ଭସିଯାଇଥିବା ସ୍ତ୍ରୀକୁ ଜୀବତାବସ୍ଥାରେ ଉଦ୍ଧାର କରିବାରୁ ତାହାକୁ ଟ ୨୫ ଙ୍କା ପାରିତୋଷିକ ଦିଆଗଲା । ରାଜସାହିରେ ଜଣେ ଜମିଦାର ପୁଲିସକୁ ସାହାଯ୍ୟ କରି ଜଣେ ଖୁନିଅସାମିକୁ ଧରାଇ ଦେବାରୁ ତାହାକୁ ଗୋଟିଏ ରୂପାରପଦକ ପାରିତୋଷିକ ଦିଆଯାଇଅଛି । ବର୍ଦ୍ଧମାନର ପୁଲିସ ଅତିଶୟ ବିଚକ୍ଷଣତାପୂର୍ବକ ବରବାଣ ମନିଅର୍ଡ଼ରର ଜାଲ କରିଥିବା ଓ ତହିଁରେ ଲିପ୍ତଥିବା ବ୍ୟକ୍ତିମାନଙ୍କୁ ଗିରଫ୍ତାର କରି ଦଣ୍ଡ ଦିଆଇବାରୁ ପୁଲସ ଇନସ୍‌ପେକ୍ଟରଙ୍କୁ ଟ ୨୦୦ ଙ୍କା ଡେପୁଟି ସୁପ୍ରିଣ୍ଟଙ୍କୁ ଟ ୧୦୦ ଙ୍କା ଓ କେତେଜଣ କନଷ୍ଟବଲଙ୍କୁ କିଛି ପୁରସ୍କାର ମିଳିଅଛି ।

ରାଜକୁମାରଙ୍କ ଅଭ୍ୟର୍ଥନାସକାଶେ ଭାରତବର୍ଷର ନାନାସ୍ଥାନରେ ଯେ ସବୁ ଆୟୋଜନମାନ ହେଉଅଛି ତାହା ଅଦ୍ୟକାଳର ପ୍ରଧାନବିଷୟ ହୋଇଅଛି । [illegible] ସଂବାଦପତ୍ରମାନଙ୍କରେ ଲେଖିଲେକଥା ବାହାରୁଅଛି ତହିଁର ସୀମା ନାହିଁ । ଲୋକଙ୍କର ଯେରୂପ ରାଜଭକ୍ତି ଉଦ୍ରେକ ହୋଇଅଛି ତହିଁରେ ଅନୁମାନ ହୁଅଇ ଅନ୍ୟୂନ ଅଧକୋଟିଏଙ୍କା ଦେଶୀୟଲୋକଙ୍କର ଏ ବିଷୟରେ ବ୍ୟୟ ହେବ ।

ମାନ୍ଦ୍ରାଜଷ୍ଟାଣ୍ଡାର୍ଡ ଲେଖନ୍ତି କି ରାଜକୁମାର ବେଲବାଟରେ ଶିକାର କରିବାବେଳେ ଯେଉଁ ଟେଣ୍ଟରେ ଥିବେ ତହିଁରେ ୧୬ ଖଣ୍ଡ ଘର ରହିବ । ତହିଁ ମଧ୍ୟରେ ଚଉଗଣ୍ଡ ଘରଟି ଅତି ସୁସଜ୍ଜିତ ହୋଇଅଛି । ଏହାଙ୍କ ସମରବ୍ୟାପାର ମୁସାହେବପ୍ରଭୃତଙ୍କ ସଂଖ୍ୟା ନ ୩୦ ଣ ଓ ଇଉରୋପୀୟ ଚାକରଙ୍କ ସଂଖ୍ୟା ନ ୩୬ ଣ ଦେଶୀୟ ଚାକରପ୍ରଭୃତଙ୍କ ମଧ୍ୟରେ ନ ୪୦ ଣ ଜମାଦାର ଓ ଖିଦମତଗାର ନ ୧୦୦ ଣ ଚାକର ରହିବେ । ଏପରି ୧୦୦ ଟା ଘୋଡ଼ା ଓ ୯ ଗୋ ହାତୀ ନ ୧୫୦ ଣ ଘୋଡ଼ାର ସହିସ ଏବ ଓ ୫୨ ଣ କୋଚମାନ ରହିବେ । ଏପରି ସ୍ଥାନୀୟହାକିମ ଓ ଫୌଜ ଓ ଦେଶୀୟସିପାହି ଓ ପୁଲିସ ସଙ୍ଗରେ ରହିବେ । ଦେଶୀୟ ରାଜାଙ୍କଠାରୁ ଏହାଙ୍କର ସମାରୋହ ଅଉ କେଉଁ ଅଂଶରେ ନ୍ୟୂନ ପଡ଼ିବ । ବହୁଦେଶର ବଡ଼ଲୋକଙ୍କର କଥା ସ୍ମରିବ୍ୟ ଅଟଇ ।

ଖାବରମତୀ ନଦୀକୂଳରେ ଅହମଦାବାଦ ନଗର ଉପରେ ଫୁ ୧୪ ଟ ପାଣି ଛିଡ଼ା ହୋଇଥିଲା ଏଥିରେ ୨୦ ହଜାର ଲୋକଙ୍କ ଘର ଜଳମଗ୍ନ ହୋଇ ଧୋଇ ଯାଇଅଛି । ସୁଖର ବିଷୟ ଏତିକି ଯେ ତାଦୃଶ ମନୁଷ୍ୟ ମରି ନାହାନ୍ତି । ଏମାନଙ୍କ ସାହାଯ୍ୟ ସକାଶେ ଚାନ୍ଦା ସଂଗୃହୀତ ହେଉଅଛି ଯେ ତହିଁ ପାଇଁ ମହାମାନ୍ୟ ଗବର୍ଣ୍ଣରଜେନେରଲ ସାହେବ ଏକସହସ୍ର ଟଙ୍କା ଦେଇଅଛନ୍ତି ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ବାବୁ ପାର୍ବତୀଚରଣ ସରକାରଙ୍କର ମୃତ୍ୟୁ ହେବାରେ ତାହାଙ୍କ କର୍ମରେ ହୁଗ୍‌ଲିର ହେଡମାଷ୍ଟର ବାବୁ ଗୋପୀନାଥ ପାଲ ଏମ, ଏ, ଙ୍କୁ ନିଯୁକ୍ତ କରିବା ସକାଶେ ପ୍ରେସିଡେନ୍‌ସି କଲେଜର ପ୍ରିନ୍‌ସିପାଲ ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି ।

ଟେଲିଗ୍ରାଫରୁ ଅମ୍ଭେମାନେ ଅବଗତ ହେଲୁଁ ଯେ ରୁଷୀୟମାନେ ଖୋକନ୍ଦ ଦେଶକୁ ଜୟ କରିଅଛନ୍ତି । ଖୋକନ୍ଦର ଖାଁ ୫୦ହଜାର ସୈନ୍ୟ ନେଇ ଯୁଦ୍ଧ କରୁଥିଲେ ମାତ୍ର ରୁଷୀୟ ସହିତ ସମକକ୍ଷ ହୋଇପାରିଲେ ନାହିଁ । ରୁଷୀୟ ସେନାମାନେ ତାହାଙ୍କୁ ପରାଜୟ କରି ୫୦ କୋଶ ଭୂମି ଛଡ଼ାଇ ନେଲେ ଓ ଅନ୍ଦେଶରେ ପ୍ରବେଶ କଲେ । ଏଥିଉତ୍ତାରୁ ରୁଷୀୟମାନେ କାଶଗରକୁ ଆକ୍ରମଣ କରିବାର ସମ୍ଭାବନା ଅଛି ଓ ତାହା ହେଲେ ଏମାନେ ଇଂରାଜଙ୍କ ରାଜ୍ୟର ସୀମା ପର୍ଯ୍ୟନ୍ତ ଅପଣା ଅଧିକାର ବିସ୍ତାର କରିବେ ।

---

[illegible] ଏହି ଉତ୍କଳଦୀପିକା ସହରକଟକ ଦରଘାଟବାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ | କଟକ ୧୫ ଜାନୁଆରୀ ସନ ୧୮୭୬ ମସିହା । ମ । ମାଘ ୧୨ ସନ ୧୨୮୩ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂଖ୍ୟା ୨ | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
| | ମଫସଲ ଡାକମାସୁଲ ୧୦

ଭ୍ରମ ସଂଶୋଧନ ।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ବିଷୟରେ ଯେଉଁ ବ୍ୟବସ୍ଥା ଅନୁକ୍ରମରୂପେ ଗତ ମାସ ତା ୧୬ ରିଖର ପତ୍ରିକା ସହିତ ମୁଦ୍ରିତ ହୋଇଅଛି ତହିଁରେ ଅନ୍ୟାନ୍ୟ ଭ୍ରମ ମଧ୍ୟରେ ଗୋଟିଏ ଗୁରୁ ଭ୍ରମ ଥିବାରୁ ତାହା ଇହ୍ନେ ସଂଶୋଧିତ ହେଲା ।

ବ୍ୟବସ୍ଥା ପତ୍ରର ପ୍ରଥମ ପୃଷ୍ଠାର ପ୍ରଥମ ସ୍ତମ୍ଭର ଶେଷ ଆଡ଼ରେ "ଭୁବନେଶ୍ୱରେନେଦ୍ରଗାଙ୍କରିଃ କେନାପି ପରବର୍ଜିତା" ପରିବର୍ତ୍ତରେ "ଭୁବନେଶ୍ୱର ଦୁର୍ଗା ସନ୍ନିଧ ଦେବାଦ୍ୟ ବର୍ଜିତା" ହେବ ।

---

ଆମ୍ଭେମାନେ ଗତ ସପ୍ତାହରେ ପୃଥ୍ୱୀରାଜାଙ୍କର କଲିକତା ଯିବା ବିଷୟରେ ସନ୍ଦେହ କରିଥିଲୁଁ କିନ୍ତୁ ସମ୍ପ୍ରତି ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛୁଁ ଯେ ରାଜା କଲିକତା ଯିବାକୁ ନିଶ୍ଚୟ କରି ତହିଁର ବନ୍ଦୋବସ୍ତ କରୁ ଅଛନ୍ତି । ରାଜା ସମୁଦ୍ରପଥରେ ଜାହାଜରେ ଯିବେ ନାହିଁ ସ୍ଥଳପଥରେ ଯିବେ ଓ ଏହାଙ୍କ ସଙ୍ଗେ ଦୁଇଶ ବା ଅଢ଼େଇଶ ଲୋକ ଯିବେ । ପୃଥ୍ୱୀରାଜା ଭାରତବର୍ଷ କଟକକୁ ଆସିବାରୁ ସମ୍ମତ ହୋଇ ଏ ବର୍ଷ କଲିକତା ପର୍ଯ୍ୟନ୍ତ ଯିବାକୁ ମନ ବଳାଇଲେ ଏଥିରେ ଆମ୍ଭେମାନେ ଅତ୍ୟନ୍ତ ହୃଷ୍ଟ ଅଛୁଁ ଓ ବିଶେଷ ସୁଖର କାରଣ ଏହି ଯେ ଏ ଭ୍ରମଣରେ ତାହାଙ୍କର ଅନେକ କୁସଂସ୍କାର ଭଙ୍ଗିଯିବ ଓ ସଭ୍ୟତା ଶିକ୍ଷା କରି ଆସିବେ । ଆମ୍ଭେମାନେ ବୋଧକରୁଁ ଯେ ପୃଥ୍ୱୀରାଜାଙ୍କ ଦର୍ଶନ ସଙ୍ଗେ କଲିକତାର ଅନେକ ଧନୀ ଓ ଭଦ୍ରଲୋକମାନେ ତାଙ୍କ ବସାକୁ ଆସି ପାରନ୍ତି ମାତ୍ର ରାଜା ଯେବେ ଏଠାପରି ସମସ୍ତଙ୍କୁ ଭଲେ ଛାଡ଼ା କରି ନ ରଖି ଯାହାର ଯେମନ୍ତ ମର୍ଯ୍ୟାଦା ତାହାଙ୍କୁ ତେମନ୍ତ ସମ୍ମାନ ଦେଇ ଶିଷ୍ଟସମ୍ଭାଷଣ କରିବେ ତାହା ହେଲେ ରାଜା ସମସ୍ତଙ୍କର ଭକ୍ତିଭାଜନ ହେବେ ନୋହିଲେ ରାଜକୁମାରଙ୍କୁ ଦେଖି ଫେରି ଆସିବେ ଆଉ କୌଣସି ଉପକାର ହେବ ନାହିଁ ।

---

ମହାମାନ୍ୟ ରାଜକୁମାର ଉତ୍ତର ପଶ୍ଚିମକୁ ଯିବା ସମୟରେ ବାଙ୍କିପୁରଠାରେ କିଛି କାଳ ଅବସ୍ଥିତି କରିବେ । ସେଠାରେ ତାହାଙ୍କର ଅଭ୍ୟର୍ଥନା ନିମିତ୍ତ ବେହାରର ମହାରାଜା ଓ ରାଜାମାନେ ସଜ କରି ଭେଟି ସଂଗ୍ରହ କରୁ ଅଛନ୍ତି । ଏମାନେ ଯେପ୍ରକାର ଭେଟି ଦେବାକୁ ପ୍ରସ୍ତୁତ ଥିବାର ବାଙ୍କିପୁରର ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି ତହିଁରୁ ଦେଖାଯାଏ ଯେ ଯୁବରାଜଙ୍କର ଅଭ୍ୟର୍ଥନା ନିମିତ୍ତ ଲୋକଙ୍କର ଯେମନ୍ତ ଅନୁରାଗ ଜନ୍ମି ଅଛି ତେମନ୍ତ ଆଉ କୌଣସି କର୍ମରେ (ଧର୍ମକର୍ମରେ ସୁଦ୍ଧା) ମନ ହେବାର ପ୍ରତ୍ୟକ୍ଷ ହୋଇ ନାହିଁ । ରାଜଭକ୍ତି ପ୍ରଦର୍ଶନ ମହତ୍ କାର୍ଯ୍ୟ ଅଟଇ ସନ୍ଦେହ ନାହିଁ ମାତ୍ର ସତ୍ତ୍ୱ ଭକ୍ତି ଅପେକ୍ଷା ଏଥିରେ ଅଧିକ ବ୍ୟୟ କରିବାରେ ତ ସାର ଅଛି ଆମ୍ଭେମାନେ ବୁଝି ପାରୁ ନାହୁଁ । ଆମ୍ଭମାନଙ୍କ ବୋଧ ହୁଅଇ ଯେ ଭାରତବର୍ଷବାସିମାନେ ସ୍ୱଭାବତଃ ଉତ୍ସବପ୍ରିୟ ଓ ରାଜକୁମାରଙ୍କ ଶୁଭଗମନରେ ଗୋଟିଏ ମହୋତ୍ସବର ସୁଯୋଗ ପାଇବାରୁ ଏତାଦୃଶ ମାତି ଅଛନ୍ତି । ପତ୍ରପ୍ରେରକ ଲେଖି ଅଛନ୍ତି ଯେ ସଭାରେ ଏକଲକ୍ଷ ତେଇଶହଜାର ଟଙ୍କା ଚାନ୍ଦା ସ୍ୱାକ୍ଷରିତ ହେଲା । ତହିଁ ମଧ୍ୟରେ ଡୋମରାଓର ରାଜା ପଚାଶହଜାର ଟଙ୍କା, ହଥୁଆର ମହାରାଜା ପଚିଶ ହଜାର ଟଙ୍କା ଓ ଆଉମାନେ ଏଥିରୁ ଊଣା ଟେଙ୍କା ସ୍ୱାକ୍ଷର କଲେ ଟିକାରିର ରାଜା ଦଶହଜାର ଟଙ୍କା ଓ ଦରଭଙ୍ଗା ରାଜା ଅଧଲକ୍ଷ ଟଙ୍କାରୁ ଊଣା ଦେବେ ନାହିଁ । ପ୍ରଜାମାନେ କଷ୍ଟରେ ଅର୍ଜିବା ଧନ କେମନ୍ତ ସହଜରେ ବ୍ୟୟ ହେଉ ଅଛି ?

---

ଆଗାମୀ ସୋମବାର ମହାମାନ୍ୟ ରାଜକୁମାର ଭାରତବର୍ଷରେ ପଦାର୍ପଣ କରିବେ । ଉକ୍ତ ଦିନ ବମ୍ବେଇ ପହଞ୍ଚିବାର ସମ୍ବାଦ ଅଛି ଯେତେବେଳେ ପହଞ୍ଚିବେ ସେତେବେଳେ ସମସ୍ତ ନଗରମାନଙ୍କରେ (ଯେଉଁଠାରେ ସଲାମୀ ତୋପ ଦିଆ ଯିବାର ନିୟମ ଅଛି) ସଲାମୀ ତୋପଧ୍ୱନି ଦ୍ୱାରା ଉକ୍ତ ବିଷୟର ଘୋଷଣା କରିବାକୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏରୂପ ଆଜ୍ଞା ଦେଇଅଛନ୍ତି ବମ୍ବେଇରେ ଅତ୍ୟନ୍ତ ମହାଧୁମଧାମ ଲାଗିଗଲାଣି ସରକାରୀ କର୍ମଚାରୀ ଓ ସର୍ବସାଧାରଣ ଅତ୍ୟାଗ୍ରହରୂପେ ରାଜକୁମାରଙ୍କ ଦର୍ଶନଲାଭ କରିବେ ଅଥବା ତାହାଙ୍କ ଅଭ୍ୟର୍ଥନା ସମାରୋହରେ

Digitized by srujanika@gmail.com

ଯୋଗ ହେବେ ଏଥିପାଇଁ ବମ୍ବେଇ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି ଯେ ବମ୍ବେଇ ଏଲକାର ସମସ୍ତ ସରକାରୀ କାର୍ଯ୍ୟାଳୟମାନ ତିନଦିନ ବନ୍ଦ ହେବ ମାତ୍ର ନଗରର କାର୍ଯ୍ୟାଳୟମାନ ଏକ ସପ୍ତାହ ବନ୍ଦ ହେବ କାରଣ ରାଜକୁମାର ଏକ ସପ୍ତାହ ସେଠାରେ ରହିବେ । ଏଥିରୁ ଆଶା ହୁଅଇ ଯେ ଡିସେମ୍ବର ମାସରେ ବଙ୍ଗପ୍ରଦେଶର କାର୍ଯ୍ୟାଳୟମାନ ମଧ୍ୟ ଏହିରୂପେ ବନ୍ଦ ହେବ କିନ୍ତୁ ଦୁଃଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ମଫସଲବାସିଙ୍କ ସକାଶେ ଉତ୍ତମ ସୁଯୋଗ କରି ଦେଇ ନାହାନ୍ତି । ସଦର ମୁକାମର ଲୋକମାନେ ରାଜକୁମାରଙ୍କ ସ୍ଥିତିକାଳ ପର୍ଯ୍ୟନ୍ତ ଅବସର ପାଇବେ ମାତ୍ର ମଫସଲ କାର୍ଯ୍ୟାଳୟମାନ ତିନି ଚାରିଦିନ ବନ୍ଦ ହେଲେ କିଛି ଫଳ ହେବ ନାହିଁ କାରଣ ଏତେ ଅଳ୍ପ ସମୟରେ ମଫସଲବାସିମାନେତ କେହି ସଦର ସ୍ଥାନକୁ ଯାଇ ରାଜକୁମାରଙ୍କୁ ଦେଖି ପାରିବେ ନାହିଁ । ଅମ୍ଭେମାନେ ନିଶ୍ଚୟ ଅନୁମାନ କରୁଅଛୁଁ ଯେ ମଫସଲର ଅନେକ ଅନେକ କର୍ମଚାରୀ ସେ ସମୟରେ ରାଜକୁମାରଙ୍କ ସନ୍ଦର୍ଶନ ସକାଶେ ସଦର ମୁକାମକୁ ଯିବାକୁ ଇଚ୍ଛା କରିବେ ଓ ସେମାନଙ୍କୁ ଯେବେ ଏପରି ରାଜଭକ୍ତି ପ୍ରଦର୍ଶନ ସକାଶେ ସୁଯୋଗ ଦିଆ ନ ଯାଏ ତାହା ହେଲେ ତାହାଙ୍କର ବିଶେଷ ମନଃପୀଡ଼ା ହେବ ସନ୍ଦେହ ନାହିଁ । ମନ ବସ୍ତୁର ନ କହିଲେ ଦେହ ଦାଉରୁ ବ୍ୟସ୍ତ କରି କପେପ ଜମହର କ୍ଳେଶ ସ୍ୱୀକାର କରିବାକୁ ପ୍ରବୃତ୍ତ ହୁଅଇ ନାହିଁ । ଯେ ଯେବେ ଧନ ପ୍ରାଣକୁ ନ ଚାହିଁ ରାଜଭକ୍ତି ପ୍ରଦର୍ଶନ ସକାଶେ ଦୃଢ଼ଚିତ୍ତ ହେବେ ତାହାଙ୍କୁ ଗବର୍ଣ୍ଣମେଣ୍ଟଙ୍କର ସମ୍ୟକ୍‌ରୂପେ ଉତ୍ସାହ ଦେବାର ଉଚିତ । ଏଥିପାଇଁ ଅମ୍ଭେମାନେ ଗବର୍ଣ୍ଣମେଣ୍ଟରେ ଅନୁରୋଧ କରୁଁ ଯେ ମଫସଲର କର୍ମଚାରୀମାନଙ୍କ ମଧ୍ୟରୁ ଯେଉଁମାନେ କଲିକତାକୁ ଯିବାକୁ ମାନସ କରିବେ ସେମାନଙ୍କୁ କଲିକତାର ଦୂରତା ବିବେଚନାରେ ତିନିସପ୍ତାହ ବା ଚାରିସପ୍ତାହ ବିଶେଷ ଅନୁଗ୍ରହ ଛୁଟୀ ଦେବାର ନିୟମ କରନ୍ତୁ ତାହା ହେଲେ ମଫସଲ କର୍ମଚାରୀଙ୍କର ପ୍ରକୃତ ଉପକାର ହେବ ଓ ଜମିଦାର ଓ ଭଦ୍ରଲୋକଙ୍କ ସୁବିଧା ସକାଶେ ଖଜଣାଖାନା ଓ ଫଉଜଦାରୀ ଛଡ଼ା ରେଭିନ୍ୟୁ ଓ ଦେଓ୍ୱାନୀ ପ୍ରଭୃତି କଚେରୀମାନ ତିନି ସପ୍ତାହ ବନ୍ଦ ରହିଲେ କିଛି କ୍ଷତି ହେବ ନାହିଁ । ଏପରି ବନ୍ଦ ଛଡ଼ି ବର୍ଷକୁ ବର୍ଷ ଘଟେ ନାହିଁ ଯେ ତହିଁରେ ସର୍ବସାଧାରଣଙ୍କର ଅସନ୍ତୋଷ ହେବ ବରଂ ଯୁବରାଜଙ୍କୁ ଦେଖିବା ସକାଶେ ସର୍ବସାଧାରଣଙ୍କର ଆନନ୍ଦ ଯେମନ୍ତ ଉଦ୍ବେଳ ହୋଇଅଛି ତହିଁରେ ନିୟମିତ କାର୍ଯ୍ୟର ବିଳମ୍ବକୁ କେହି ମନରେ ଧରିବେ ନାହିଁ ।

---

### ନେଟିବ ସିଭିଲ୍ ସରବିସ ପରୀକ୍ଷା ।

ଡେପୁଟୀ କଲେକ୍ଟର ଓ ସବ୍ ଡେପୁଟୀ କାନୁନଗୋଇ ଇତ୍ୟାଦି ପଦ ସକାଶେ ଯୋଗ୍ୟ ଲୋକ ଲୋଡ଼ି ନେବା ଆଶାରେ ଅମ୍ଭମାନଙ୍କର ପୂର୍ବ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସର ଜର୍ଜ କାମ୍ବେଲସାହେବ ଉପର ଲିଖିତ ନାମଧେୟରେ ଗୋଟିଏ ପରୀକ୍ଷାର ସୃଷ୍ଟି କରିଥିଲେ ଓ ସେ ପରୀକ୍ଷାର ପ୍ରୟୋଜନୀୟ ବିଷୟସବୁର ଶିକ୍ଷା ନିମିତ୍ତ କେତେକ ସ୍ଥାନରେ ବିଦ୍ୟାଳୟମାନ ମଧ୍ୟ ସ୍ଥାପନ କରିଥିଲେ । ଗତ ତିନିବର୍ଷରେ ଉକ୍ତ ପରୀକ୍ଷାମାନ ଗୃହୀତ ହୋଇଥିଲା ମାତ୍ର ତହିଁରେ ଦେଖାଗଲା ଯେ ଅନେକ ଶୁଦ୍ଧ ଏ ଲୋକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଓ ତାହାଙ୍କ ସକାଶେ ଉପଯୁକ୍ତ କର୍ମ ନ ପାଇବାରୁ ଅମ୍ଭମାନଙ୍କର ବର୍ତ୍ତମାନ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସର ରିଚର୍ଡ ଟେମ୍ପଲ ସାହେବ ଗତବର୍ଷ ଭାରି ବ୍ୟସ୍ତ ହୋଇଥିଲେ ଓ ଆଗାମି ବର୍ଷରେ ଆଉ ପରୀକ୍ଷା ନେବେ ନାହିଁ ଏରୂପ ମଧ୍ୟ ଚିନ୍ତା କରୁଥିଲେ ସମ୍ପ୍ରତି ବୋଧ ହୁଅଇ ଯେ ପରୀକ୍ଷାରେ ବହୁତ ଲୋକ ଉତ୍ତୀର୍ଣ୍ଣ ହେବାରେ ଅସୁବିଧା ହେଲେହେଁ ପରୀକ୍ଷାର ଉପଯୋଗିତା ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ସନ୍ତୋଷ ଜାତ ହୋଇଅଛି ଓ ଏଥିପାଇଁ ସର ରିଚର୍ଡ ଟେମ୍ପଲ ପୂର୍ବ ନିୟମର କେତେକ ପରିବର୍ତ୍ତନ କରି ଏ ପରୀକ୍ଷାକୁ ଚିରସ୍ଥାୟୀ କରିବାକୁ ମନସ୍ଥ କରିଅଛନ୍ତି । ଏ ବିଷୟରେ ତାହାଙ୍କ ମନ୍ତବ୍ୟ ଗତ ମାସର ତା ୧୯ ରିଖର ବଙ୍ଗଳା ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶ ହୋଇଅଛି । ତହିଁରୁ ଦେଖାଯାଏ ଯେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମତରେ ଦେଶରେ ଉଚ୍ଚଶିକ୍ଷାର ଉନ୍ନତି ଯେମନ୍ତ ବର୍ଷକୁବର୍ଷ ହେଉଅଛି ତେମନ୍ତ ସରକାରୀ ଉଚ୍ଚପଦାକାଂକ୍ଷିମାନଙ୍କୁ ଉଚିତ ଯେ ଉଚ୍ଚଶିକ୍ଷାରେ ଉତ୍ତମରୂପେ ଯୋଗ୍ୟତା ଦେଖାଇବେ । ଅତଏବ ନିୟମ ହୋଇଅଛି ଯେ ବିଶ୍ୱବିଦ୍ୟାଳୟର ଉପାଧି ନ ପାଇଲେ କୌଣସି ବ୍ୟକ୍ତି ଟ ୧୦୦ ଟଙ୍କାରୁ ଅଧିକ ବେତନର କର୍ମ ସକାଶେ ଉପଯୁକ୍ତ ହୋଇ ପାରିବେ ନାହିଁ ଓ ଏହିଁରୁ ଊଣା ବେତନ ସକାଶେ ମଧ୍ୟ ଫାଷ୍ଟ ଆର୍ଟସ ପରୀକ୍ଷା ଉତ୍ତୀର୍ଣ୍ଣ ପ୍ରୟୋଜନ । ଏ ଅଂଶରେ ପୂର୍ବ ଗବର୍ଣ୍ଣମେଣ୍ଟ ଅପେକ୍ଷା ବର୍ତ୍ତମାନ ଗବର୍ଣ୍ଣମେଣ୍ଟର ନିୟମକୁ ଉତ୍କୃଷ୍ଟତର କହିବାକୁ ହେବ । ବାସ୍ତବରେ ସର ଜର୍ଜ କାମ୍ବେଲଙ୍କ ସମସ୍ତ ନିୟମ ଉଚ୍ଚ ଶିକ୍ଷାର ପ୍ରତିକୂଳରେ ଥିଲା ମାତ୍ର ସର ରିଚର୍ଡ ଟେମ୍ପଲ ଉଚ୍ଚ ଶିକ୍ଷାର ଯଥାର୍ଥ ମର୍ଯ୍ୟାଦା ବୁଝି ଏ ଦେଶୀୟ ଲୋକଙ୍କ ଉନ୍ନତିର ସମଧିକ ବଳରେ ଉଚ୍ଚ ଶିକ୍ଷା ଦେବାକୁ ଚାହିଁଅଛନ୍ତି । ନୂତନ ସିଭିଲ ସରବିସ ପରୀକ୍ଷାର ଗୋଟିଏ ପ୍ରଧାନ ପରିବର୍ତ୍ତନ ଉପର ଲିଖିତ ନିୟମ ଅଟଇ । ଆଉ ଗୋଟିଏ ପ୍ରଧାନ ପରିବର୍ତ୍ତନ ଏହି ଯେ ପ୍ରତିବର୍ଷ କେତେ ଜଣ ପ୍ରାର୍ଥୀର ପ୍ରୟୋଜନ ତାହା ପୂର୍ବରୁ ସ୍ଥିର ହୋଇ ଘୋଷଣା ଦିଆଯିବ ଓ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ସର୍ବାପେକ୍ଷା ଭଲ ପରୀକ୍ଷା ଦେଇଥିବା ସେତିକ ଲୋକଙ୍କୁ ବାଛି ନିଆଯିବ ଓ ଅଉ ସମସ୍ତେ ନିଷ୍ଫଳ ହେବେ । ପୂର୍ବେ ଯେତେ ପରୀକ୍ଷାର୍ଥୀ ନିୟମିତ ସଂଖ୍ୟା ଲାଭ କରୁଥିଲେ ସେମାନେ ସମସ୍ତେ ଉତ୍ତୀର୍ଣ୍ଣ ହେଉଥିଲେ ତହିଁରେ ପଦାକାଂକ୍ଷୀଙ୍କର ସଂଖ୍ୟା ବୃଦ୍ଧି ହେଉଥିଲା ଅଥଚ ଗବର୍ଣ୍ଣମେଣ୍ଟ ତାହାଙ୍କୁ କର୍ମ ଦେଇ ନ ପାରିବାରୁ ତାହାଙ୍କର ମନଃପୀଡ଼ା ଓ ଉଦ୍ବେଗ ଜାତ ହେଉଥିଲା । ଯଦ୍ୟପି ବ ଗବର୍ଣ୍ଣମେଣ୍ଟ ନିଶ୍ଚୟ କରି କହୁଅଛନ୍ତି କି କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଦ୍ୱାରା କେହୁ କର୍ମ ପାଇବାର ଆଶା କରନ୍ତୁ ନାହିଁ ତଥାଚ ଯେଉଁମାନେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ସେମାନଙ୍କର ଏପ୍ରକାର ଆଶା ଅନିବାର୍ଯ୍ୟରୂପେ ମନରେ ଉଦୟ ହେଉଅଛି । ଯେତେଜଣ କର୍ମଚାରୀର ପ୍ରୟୋଜନ ପୂର୍ବରୁ ତହିଁର ସଂଖ୍ୟା ପ୍ରକାଶ କରି କେବଳ ସେତିକ ଲୋକଙ୍କୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ସ୍ଥିର କଲେ ଅନ୍ୟ କାହାର ମନରେ ବୃଥା ଆଶା ଜାତ ହେବ ନାହିଁ ଓ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କର କାର୍ଯ୍ୟ ଲାଭ ହେବାର ପ୍ରକୃତ ଆଶା ଚରିତାର୍ଥ ହେବ । ଅଥଚ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଯେଉଁମାନେ ସର୍ବାପେକ୍ଷା ଯୋଗ୍ୟ କେବଳ ସେହିମାନେ କର୍ମ ପାଇବେ ।

ଉପର ଲିଖିତ ବିଷୟମାନ ଅବଲୋକନ କଲେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ସର ରିଚର୍ଡ ଟେମ୍ପଲ ସର୍ବ ଉର୍ଦ୍ଧ୍ୱ ସିଭିଲ ପରୀକ୍ଷାର ନିୟମକୁ ଯଥାସାଧ୍ୟ ସୁମାର୍ଜିତ ଓ ଦୃଢ଼ତର କରି ଅଛନ୍ତି ।

---

Split by PDF Splitter
Digitized by srujanika@gmail.com

Split by PDF Splitter



## ଶାସନହାଲ ବନ୍ଦୋବସ୍ତ ।

ଅମ୍ଭେମାନେ ଶୁଣୁଅଛୁଁ ଯେ ଶାସନହାଲ ବନ୍ଦୋବସ୍ତ ବିରୁଦ୍ଧରେ ନଗରବାସିମାନେ ଯେଉଁ ଦରଖାସ୍ତ ଦେଇଥିଲେ କମିସନର ସାହେବ ତାହାକୁ ଅଗ୍ରାହ୍ୟ କରି କଲେକ୍ଟର ସାହେବଙ୍କ ସମସ୍ତ କାର୍ଯ୍ୟକୁ ବାହାଲ ରଖିଅଛନ୍ତି । ନଗରବାସିଙ୍କ ଦରଖାସ୍ତ କଲେକ୍ଟରଙ୍କ ନିକଟକୁ ଅର୍ପିଲା ଉତ୍ତାରେ ବନ୍ଦୋବସ୍ତ କର୍ତ୍ତା ଡେପୁଟୀ କଲେକ୍ଟର ଓ ସ୍ୱୟଂ କଲେକ୍ଟର ସାହେବ ଏରୂପ ମତ ପ୍ରକାଶ କଲେ ଯେ ସନ ୧୮୬୬ ମସିହାର ୧୦ ଆଇନ କି ଯାହାଦ୍ୱାରା ଓଡ଼ିଶାର ବନ୍ଦୋବସ୍ତ ଆଉ ବି ୩୦ ବର୍ଷ ସକାଶେ ବାହାଲ ରହିଅଛି ଶାସନହାଲ ପକ୍ଷରେ ଖଟଇ ନାହିଁ ଓ ଗବର୍ଣ୍ଣମେଣ୍ଟ ଓ ବୋର୍ଡ଼ରୁ ଏ ବନ୍ଦୋବସ୍ତ ଉଚିତ ମଞ୍ଜୁର ହୋଇଥିବା ପ୍ରଯୁକ୍ତେ ଅଉ ସେବିଷୟରେ ସନ୍ଦେହ କରିବାର ଆବଶ୍ୟକ ନ ରହେ ଓ ନୂଆ ବନ୍ଦୋବସ୍ତର ଯେଉଁ ହାରଣ ହୋଇଅଛି ତାହା ସ୍ଥାନବିଶେଷର ଅବସ୍ଥା ଦୃଷ୍ଟିରେ ସ୍ଥିର ହୋଇଅଛି ଓ ତାହା ଜମିଦାରମାନଙ୍କ ନେବା ହାରରୁ ଅଧିକ ନୁହଇ । କମିସନର ସାହେବ ଏହି ସମସ୍ତ ମତରେ ଐକ୍ୟ ହୋଇଅଛନ୍ତି ଓ ଯଦ୍ୟପି କି ଦରଖାସ୍ତକାରମାନେ ସରକାରୀ ଓ ଜମିଦାରୀ ହାରର ତାରତମ୍ୟ ପ୍ରକୃତ ଉଦାହରଣଦ୍ୱାରା ଦେଖାଇ ନ ଥିଲେ ତଥାପି ସେମାନେ ସ୍ପଷ୍ଟରୂପେ ଆପତ୍ତି କରିଥିଲେ କି ଜମିଦାରମାନଙ୍କ ନେବା ହାରରୁ ସରକାରୀ ହାର ଅତ୍ୟନ୍ତ ଅଧିକ ଅଟଇ ମାତ୍ର କମିସନର ସାହେବ ତହିଁର କୌଣସି ତଦନ୍ତ ନ କରି କିମ୍ବା ଦରଖାସ୍ତକାରମାନଙ୍କୁ କୌଣସି ପ୍ରମାଣ ଦେଖାଇବାର ଆଜ୍ଞା ନ ଦେଇ ତାହାଙ୍କ ଅସା[illegible]ର ଦରଖାସ୍ତ ଶୀଘ୍ରକୁ ଅଗ୍ରାହ୍ୟ କଲେ । ସ୍ଥାନୀୟ କର୍ମଚାରୀମାନେ ଲୋକଙ୍କ କଥାକୁ କେତେ ଅଗ୍ରାହ୍ୟ କରନ୍ତି ଓ ତାହାଙ୍କ ମନୋବେଦନା ପ୍ରତି କେମନ୍ତ ସ୍ୱଦୃଷ୍ଟି ରଖନ୍ତି ଏଥିରୁ ପାଠକମାନେ ଜାଣିପାରିବେ । ପ୍ରଜାମାନେ ହାକିମଙ୍କୁ ଯେତେ ଭକ୍ତି ଓ ମାନ୍ୟ କରନ୍ତି ହାକିମମାନେ ସେତେ ତାହାଙ୍କୁ ଅନାଦର କରନ୍ତି ବଡ ଦୁଃଖର ବିଷୟ ଅଟଇ । ଯେବେ ଦୁଇ ଚାରିଜଣ ଦରଖାସ୍ତକାରଙ୍କୁ କମିସନର ସାହେବ ଡକାଇ ତାହାଙ୍କୁ ଆପଣା ମନ୍ତବ୍ୟ ବୁଝାଇ ଦେଇ ଦରଖାସ୍ତକୁ ଅଗ୍ରାହ୍ୟ କରିଥାନ୍ତେ ତେବେ କେତେ ସୁଖର ବିଷୟ ହୋଇଥାନ୍ତା ଓ ପ୍ରଜାମାନେ ମଧ୍ୟ ଜାଣନ୍ତେ ଯେ ହାକିମ ତାହାଙ୍କୁ [illegible] ହେୟଜ୍ଞାନ କରନ୍ତି ନାହିଁ । ଜମିଦାରୀ ଏଲାକା ପ୍ରଜାମାନେ ଜମିଦାର ନିକଟରେ ଗୁହାରି କରି ଆପଣା ମନୋଦୁଃଖ ପାସୋରନ୍ତି ମାତ୍ର ଶାସନହାଲର ପ୍ରଜାମାନେ ସ୍ୱୟଂ ମହାରାଣୀଙ୍କ ସାକ୍ଷାତ ପ୍ରଜା ବୋଲି ଅଧିକ ଆଦରର ପାତ୍ର ହୁଅନ୍ତେ ସ୍ଥାନୀୟ ହାକିମଙ୍କ ଯୋଗେ ତାହାଙ୍କ ଦୁର୍ଦ୍ଦଶା ଅବଗତ ହୋଇଲା । ଏଥର ପ୍ରଜାମାନେ ଏହିକି ଭାଳିବେ ଯେ ଜମିଦାରୀ ମହାଲରେ ତାହାଙ୍କର ଘର ଥିଲେ ସେମାନେ ଅଧିକ ସୁଖ ସ୍ୱଚ୍ଛନ୍ଦରେ ରହିଥାନ୍ତେ ଓ ଯେଉଁ ଜମିଦାରଙ୍କୁ ହାକିମମାନେ ପ୍ରଜାକଣ୍ଟକ ଓ ପ୍ରଜା ପୀଡ଼କ ବୋଲି ବର୍ଣ୍ଣନ କରିବାରେ ଏକାଏ ସଙ୍ଗତ କାଗଜ ଲେଖି ଗବର୍ଣ୍ଣମେଣ୍ଟ ଇଣ୍ଡିଆ ପର୍ଯ୍ୟନ୍ତ ରାଜପୁରୁଷଙ୍କ ମନରେ ସନ୍ଦେହ ପକାଇ ଦେଇଅଛନ୍ତି ବର୍ତ୍ତମାନ ସେ ଜମିଦାରମାନେ ପ୍ରଜାଙ୍କ ବୁଝିବାରେ ଭଲ ହେବ ଓ ହାକିମମାନେ ତାହାଙ୍କ ଉପାଧିମାନ ଧାରଣ କରିବେ । ଅମ୍ଭେମାନେ କହୁ ଅଛୁଁ ଯେ ସ୍ଥାନୀୟ ହାକିମଙ୍କ ମତରେ ଅମ୍ଭେମାନେ ଐକ୍ୟ ହୋଇ ପାରୁ ନାହୁଁ ଓ ତହିଁର ଯୁକ୍ତି ଅମ୍ଭେମାନେ ଆବଶ୍ୟକ ବିବେଚନା କଲେ ଏ ପତ୍ରେ ଦେଖାଇବୁଁ କିନ୍ତୁ ସେ ସବୁ ଯୁକ୍ତି ଛଡ଼ା ଅମ୍ଭମାନଙ୍କୁ ଏ କଥା ବଡ଼ କଠିନ ବୋଧ ହେଉଅଛି ଯେ ଜମିଦାରୀ ଏଲାକାର ପ୍ରଜା ଅପେକ୍ଷା ଶାସନହାଲ ପ୍ରଜାଙ୍କର ଅଧିକ ଦୁର୍ଗତି ହେବ । ଏହି କଟକ ସହର ମଧ୍ୟରେ ବାଙ୍ଗ୍‌ବାଦ ପ୍ରଭୃତି ଅନେକ ଜମିଦାରୀ ସଂକ୍ରାନ୍ତ ଭୂମି ଅଛି ଓ ତହିଁରେ ଥାନି ପ୍ରଜାମାନେ ରହିଅଛନ୍ତି । ସେମାନଙ୍କର ଖଜଣା ବୃଦ୍ଧି ହୋଇ ପାରିବ ନାହିଁ କିନ୍ତୁ ତାହାଙ୍କ ନିକଟରେ ଥିବା ଶାସନହାଲର ପ୍ରଜାମାନେ ଅତ୍ୟନ୍ତ ଅଧିକ ଖଜଣା ଦେବାକୁ ବାଧ୍ୟ ହେବେ, ଏ କ୍ରିୟା କେମନ୍ତ ଦୃଷ୍ଟିକଟୁ ଓ ଦୁଃଖଜନକ ହେବ ତାହା ଯେଉଁମାନେ କିଞ୍ଚିତ୍ ମନରେ ବିଚାର କରିବେ ଅବଶ୍ୟ ବୁଝି ପାରିବେ । ଅମ୍ଭେମାନେ ଅନୁମାନ କରୁଁ ଯେ ପ୍ରଜାମାନେ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ନ ଯାଇ କ୍ଷାନ୍ତ ରହିବେ ନାହିଁ ଓ ନ ଗଲେ ସୁଦ୍ଧା ମନ ବୁଝିବ ନାହିଁ । କିନ୍ତୁ ଯେବେ କେହି ନ ବୁଝନ୍ତି ତଥାପି କେଉଁ ଯୁକ୍ତିଦ୍ୱାରା ଉପରଲିଖିତ ଅପକୀର୍ତ୍ତି ପ୍ରଜାଙ୍କ ମନରୁ ପାସୋରି ଯିବ ଓ କେଉଁମାନେ ସନ୍ତୋଷପୂର୍ବକ ନୂତନ ବନ୍ଦୋବସ୍ତକୁ ଶିରୋଧାର୍ଯ୍ୟ କରିବେ ଅମ୍ଭେମାନେ [illegible] ପାରୁ ନାହିଁ ଓ ସ୍ଥାନୀୟ ହାକିମମାନେ ସେ ଯୁକ୍ତି ଜାଣିଥିଲେ ସୁଦ୍ଧା ପ୍ରଜାଙ୍କୁ ବୁଝାଇ ଦେଉ ନାହାନ୍ତି ।

---

## ସାପ୍ତାହିକ ସଂବାଦ ।

ବାବୁ ରାମପ୍ରସାଦ ସିଂହ କମିସନରୀ କଚେରିକୁ ଆସିବାରେ ତାହାଙ୍କ ସ୍ଥାନରେ ବାବୁ ବଳରାମ ଘୋଷ ପୁରୀର କଲେକ୍ଟରୀ ସିରସ୍ତାଦାର ହୋଇଅଛନ୍ତି ଓ ସେଠାକାର ଜେଲର କ୍ଷେତ୍ରମୋହନ ବଳରାମ ବାବୁଙ୍କ କର୍ମରେ ନିଯୁକ୍ତ ହୋଇଅଛନ୍ତି ।

ଖୁର୍ଦ୍ଧାର ନୂତନ ମୁନସଫ ବାବୁ ଜଗତଦୁର୍ଲଭ ମଙ୍ଗଳବାର ଗତ ମାସ ପ୍ରଥମ ତାରିଖରେ ପୁରୀରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କଲେ ।

ଚଳିତମାସ ତା ୧୭ ରଖଠାରୁ କଟକ ଓ ପୁରୀର ଦୌରାମକଦ୍ଦମାମାନଙ୍କ ବିଚାର ନିମନ୍ତେ ଏଠା ଅଦାଲତରେ ସେସନ ବସିବ ।

ଗତ ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଶ୍ରୀଯୁକ୍ତ କମିସନର ସାହେବ କଟକ କଲେକ୍ଟରୀ ଓ ଫଉଜଦାରୀ ମହକୁମାମାନଙ୍କର ବାର୍ଷିକ ସରସ୍ତା ତଦାରଖ କରିବାରେ ନିଯୁକ୍ତ ଥିଲେ । କି ଫଳ ହେଲା ଅମ୍ଭେମାନେ ଜାଣି ନ ପାରୁଁ । ଅମ୍ଭେମାନେ ଭରସା କରୁଁ ଯେ ଲୋକାଲଫଣ୍ଡ ଓ ଶାସନହାଲ ବନ୍ଦୋବସ୍ତକାର୍ଯ୍ୟ ଭଲରୂପେ ତଦାରଖ କରିଥିବେ ।

ଶୀତକାଳ ଉତ୍ତମରୂପେ ଆରମ୍ଭ ହେଲାଣି ତଥାପି ଦୁଃଖର ବିଷୟ ଯେ ଓଲାଉଠା ରୋଗ ଏ ନଗରକୁ ପାସୋରୁ ନାହିଁ ଅଦ୍ୟାବଧି ସ୍ଥାନେ ସ୍ଥାନେ ଲାଗି ରହିଅଛି ଓ ଜ୍ୱରରୋଗରେ ମଧ୍ୟ ମନୁଷ୍ୟ ମରି ପଡ଼ୁଅଛନ୍ତି ।

ଯାଜପୁରର ସମ୍ବାଦଦାତା ଲେଖିଅଛନ୍ତି ଯେ ସେଠାରେ ସବୁ ଫସଲର ଅବସ୍ଥା ଅତ୍ୟୁତ୍ତମ ଦେଖାଯାଏ । ମୋଟ ଚାଉଳ ବର୍ତ୍ତମାନ ଟଙ୍କାକୁ ସେ ୨୮ ର ଲେଖାଏଁ ବଜାରରେ ମିଳୁଅଛି ଓ ଭବିଷ୍ୟତକୁ ଏକ ମହଣ ହୋଇ ପାରେ ।

ଉକ୍ତ ନଗରରେ ଓଲାଉଠା ରୋଗ ବର୍ତ୍ତମାନ ବଡ ପ୍ରବଳ ହୋଇଅଛି ଓ ପ୍ରାୟ ପ୍ରତିଦିନ ମନୁଷ୍ୟ ନାଶ ହେଉଅଛନ୍ତି ।

ବାବୁ କାଳୀପ୍ରସାଦ ବାନର୍ଜ୍ଜୀ ଆପଣା ଜମିଦାରୀର କାର୍ଯ୍ୟ ବୁଝିବାକୁ ଯାଜପୁରକୁ ଯାଇଅଛନ୍ତି ସେଠାରେ ଦୀପାବଳୀ ଅମାବାସ୍ୟା ଦିନ ବୈତରଣୀ ନଦୀ ମଧ୍ୟରେ କାଳୀପୂଜା କରି ବ୍ରାହ୍ମଣ

Digitized by srujanika@gmail.com

Split by PDF Splitter



ଓ ଅନେକ ପ୍ରଭୃତି ଭଦ୍ରଲୋକଙ୍କୁ ଉତ୍ତମ ଭୋଜନ ଦେଇଥିଲେ ।

ବେହାରରେ ଅତ୍ୟନ୍ତ ବୃଷ୍ଟିର ଅଭାବ ଥି-ବାର ଶୁଣାଯାଏ । ଅନ୍ତବନ୍ତ ଭଲେ ବର୍ଷୁଥିବ ଜଳ ପଡ଼ିଥିଲେ ଯେ ଭହିଁରେ ବହୁ ଫଳ ହୋଇ ନାହିଁ । ଗୟା ଓ ଅନ୍ୟ ସ୍ଥଳରେ ବିଶେଷ ଜ-ଳକଷ୍ଟ ହୋଇଅଛି । ଚୋର ଚାଲରୁ ଜଳ ଦେବା କାରଣ ଆଦେଶ ହୋଇଅଛି ଓ ଏକର ପ୍ରତି ୪ ୨୪ ଙ୍କା ଜଳକର ଧାର୍ଯ୍ୟ ହୋଇଅଛି ।

ବମ୍ବେବାର ଜଣେ ଧନାଢ୍ୟ ବଣିକ ନାମ ଗୋପାଲ ଗୁଣ୍ଡ ମଇଗଲ ଅହମଦାବାଦର ଯା ବନ୍ତ ଦୁଃସ୍ଥିମାନଙ୍କୁ ଏକମାସ କାଳ ଭୋଜନ ଦେବାକୁ ଇଚ୍ଛା କରିଅଛନ୍ତି । ଏ ସବୁ ଦାନକୁ ପ୍ରକୃତ ଦାନ କୁହାଯାଏ ।

ମାନ୍ଦ୍ରାଜ ପ୍ରେସିଡେନ୍‌ସିରେ ଦେଶୀୟ ସର-କାରି କର୍ମଚାରୀଙ୍କର ଗୋଟିଏ ତାଲିକା ପ୍ରସ୍ତୁତ ହୋଇ ଅଛି । ଭହିଁରେ ଦେଖାଯାଏ ଯେ ମାଲ ଓ ଦେୱାନୀ ଏକଜା କର୍ମଚାରୀଙ୍କ ମଧ୍ୟରେ ବ୍ରାହ୍ମଣଙ୍କ ସଂଖ୍ୟା ସର୍ବାପେକ୍ଷା ଅଧିକ । ଡେପୁ-ଟୀକଲେକ୍ଟର ଇତ୍ୟାଦିଙ୍କ ତିନିଶହ ବେଢ଼ ବସିଲା ପ୍ରଭୃତି କର୍ମଚାରୀଙ୍କ ସଂଖ୍ୟା ୬୦୯ ଜଣ ଭହିଁ ମଧ୍ୟରେ କେବଳ ବ୍ରାହ୍ମଣ ୩୭୨ ଜଣ ଅନ୍ୟାନ୍ୟ ହିନ୍ଦୁଜାତି ୧୬୨ ଜଣ, ଇଉରୋପୀୟ ଓ ଫିରିଙ୍ଗି ୪୬ ଜଣ ଓ ମୁସଲମାନ ୧୪ ଜଣ ଅଛନ୍ତି । ମୁସଲମାନଙ୍କ ସଂଖ୍ୟା ଅଳ୍ପରେ ଜଣା ମାତ୍ର ତାହା ଗବର୍ଣ୍ଣମେଣ୍ଟଙ୍କ ଦୋଷରୁ ନୁହଇ । ଏମାନଙ୍କ ଭଲ ଅଳସପଣିଆରୁ ଅଟଇ ।

ଯୁବରାଜଙ୍କ ଅଭ୍ୟର୍ଥନା ନିମିତ୍ତ ଯମୁନା ଘାଟ ସମାରୋହ ରହିଲ ଅଯୋଜନମାନ ହେଉ ଅଛି । ଯୁବରାଜଙ୍କ ନିମିତ୍ତ ଗୋଟିଏ ନୂତନ ଗୃହ ନିର୍ମାଣ ହେଉଅଛି ଓ ପ୍ରଚଣ୍ଡ ବଡ଼ ବଜାର ଟଙ୍କା ମୂଲ୍ୟର ବେଲେ ସଜ୍ଜା ପ୍ରସ୍ତୁତ ହେଉ ଅଛି । ବିଜୟ ବଜାର ଟଙ୍କାର ମୂଲ୍ୟରେ ଏକ-ଖଣ୍ଡ ରତ୍ନଖଚିତ ହାରବାର ଏକ ସୁବର୍ଣ୍ଣ ମଣ୍ଡିତ ହୌଦ ଓ ମେଳ ନିର୍ମାଣ ହେଉଅଛି । ଏ ସବୁ ରାଜପୁତ୍ରଙ୍କୁ ଉପଢୌକନ ଦିଆଯିବ । ଏ ସବୁର ମୂଲ୍ୟ ୩ ଲକ୍ଷ ହେବାର ଜଣାଯାଏ । ଏଥର ରେପଲାଇ ଓ ବାଣ ପୋଡ଼ିବାରେ ଏକଲକ୍ଷ ଟଙ୍କା ବ୍ୟୟ ହେବ । ଯୁବରାଜ୍ଞି ବର୍ତ୍ତମାନ ସମ-ୟରେ ବହୁ ଜଣ୍ଡିଆରୁ ଯାଣ ହୋଇଅଛି ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଲୁଧିଆନାଶହରରୁ ଏକଜଣ ସାହେବ ଅଭି ପ୍ରା-

ଚୀନକାଳର ଅବସ୍ଥା ବର୍ଣ୍ଣନ କରୁଥିଲେ । ଏକ-ଜଣ ତାହାଙ୍କୁ ପଚାରିଲା କି ବ ୬୦୦୦ ବର୍ଷ ପୂର୍ବରୁ ମନୁଷ୍ୟର ସୃଷ୍ଟି ହୋଇଥିଲା ଏମନ୍ତ ବହୁ ପ୍ରମାଣ ଭହିଁରୁ ମିଳିଅଛି କି ନାହିଁ ଲହିଁକି ସେ ଉତ୍ତର ଦେଲେ କି ୬୦୦୦ ଉପରେ ଅଛି ଲକ୍ଷ ସଂଖ୍ୟା ଉଚ୍ଚ ଦେଲେ ସୁଦ୍ଧା ଅସମ୍ଭବ ହେବ ନାହିଁ । ଏଥିରୁ ଜଣାଯାଏ ମନୁଷ୍ୟ ସୃଷ୍ଟି ଅତୀବ କାଳରୁ ହୋଇଅଛି ଓ ହିନ୍ଦୁମାନଙ୍କର ଗଣନା ଅସମ୍ଭବ ବୋଧ ହେଉ ନାହିଁ ।

ଲକ୍ଷ୍ନୌରେ ଗୋଟିଏ ନବୀନ ଧର୍ମ ସମ୍ପର୍କୀୟ ସମାଜ ସ୍ଥାପନ ହୋଇଅଛି । ଏଠାରେ ହିନ୍ଦୁ ଧର୍ମ ସମ୍ବନ୍ଧୀୟ ପ୍ରଧାନ ଶାସ୍ତ୍ରସବୁର ଆଲୋଚନା ହେବ ।

ଅମ୍ଭମାନଙ୍କ ଲେଫ୍‌ଟେନାଣ୍ଟଗବର୍ଣ୍ଣର ଦାର୍ଜିଲିଂ ବାଇବା ବଙ୍ଗାଳୀୟ ସଭର ସମୟରେ ସେହି ନଗରର ଉନ୍ନତି ବିଷୟରେ ଅନେକ ପ୍ରଶଂସା କରିଥିଲେ । ବଙ୍ଗଳାରେ ସ୍ୱାସ୍ଥ୍ୟରକ୍ଷାର ଏକମାତ୍ର ସ୍ଥାନ ଦାର୍ଜିଲିଂ ଅଟଇ ପୁଣି ଏଠାରୁ ରେଲ୍‌ବାଟ ପ୍ରସ୍ତୁତ ହେଉଅଛି । ଏ ସ୍ଥଳେ ଏହାର ଶ୍ରୀବୃଦ୍ଧି ହୋଇ ପାରିବ ବୋଲି ଯାଇପାରେ ।

ଇଣ୍ଡିଆନଗେଜେଟରୁ ଜଣାଯାଏ ଯେ କୃଷ୍ଣିବିଭାଗ ବୃଷ୍ଟିଦେଶରେ ନାନାପ୍ରକାର ନୂତନ ଫଳ ପ୍ରସ୍ତୁତ କରିବାର ଉଦ୍ୟମ କରୁଅଛନ୍ତି । ଇମ୍ଫାଲ୍ ମଣି ପୁରୀ ଏବଂ ଅନ୍ୟାନ୍ୟ ସ୍ଥାନ ଓ କ୍ଷେତ୍ରର ଯେଉଁ ପରୀକ୍ଷା ସ୍ୱରୂପ ହେଉଅଛି ଭହିଁ ମଧ୍ୟରେ କେବ-ଳ ଇମ୍ଫାଲ୍ ଫଳପ୍ରଦ ହେବାର ଦେଖାଯାଏ ଓ ଭୂମି ଗଭୀର ଥିବାରୁ ନଷ୍ଟ ହେବାର କୌଣସି ଆଶା ନାହିଁ ।

ଗଞ୍ଜାମନଗର ବିଟଲ ନାମରେ ସ୍କୁଲ ଇନ୍‌ସ୍ପେ-କ୍ଟର ବରଦାର ପୂର୍ବ ଗଭଣ୍ଡରଙ୍କ ଛିଣ୍ଡର ସମୟରେ ପ୍ରଶଂସନୀୟ କାର୍ଯ୍ୟ କରିଥିବାରୁ ସର୍ ରଚର୍ଡ ମିଡ଼ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ କରିଥିଲେ କି ବରୋଦା ରାଜ୍ୟ ମଧ୍ୟରୁ ଏହାଙ୍କୁ ବାର୍ଷିକ ୨ ୨୦ ଟଙ୍କା ଅଧିକ ଦେବା ଉଚିତ ଉଣିଏ ଆତ୍ମ ପାରଲୌକିକ ଦୟାଗାଡ଼ି । ସର୍ ମାଧବ ରାଓ ତାହା ଦେବାକୁ ଚାହିଁ କର ଭହିଁର ଉତ୍ତର ଏହିରୂପ ଦେଲେ ଯେ ରାଜାଙ୍କର ସରକାରୀ ମୂଲ୍ୟ ନକର ଅଟେ । ଗଭଣ୍ଡରଙ୍କ କୌଣସି କାର୍ଯ୍ୟ କରିନାହିଁ ଯେ ଭହିଁ ପାଇ ବରୋଦା ରାଜ୍ୟରୁ ତାହାଙ୍କୁ ପୁରସ୍କାର ଦିଆଯିବ ଯେବେ ସେ ସରକାରଙ୍କର କାର୍ଯ୍ୟ କରିଥାଏ ତେବେ ଗବର୍ଣ୍ଣମେଣ୍ଟ ଆପଣା ରାଜ୍ୟରୁ ତାହାଙ୍କୁ ପୁରସ୍କାର ଦେଉନ୍ତୁ । [illegible] ଗବର୍ଣ୍ଣର

ଜେନରଲ ଏ ମତରେ ଐକ୍ୟ ହୋଇ ପାର-ତୋଷିକ ଦେବାକୁ ନାସ୍ତି କଲେ ।

ଅଚ୍ଚାର ପ୍ରଧାନ ଜେଲଖାନାର ସୁପରିଣ୍ଟ ଲେଖିଅଛନ୍ତି ଯେ ବେଥ୍ରାଘାତ ଦଣ୍ଡଦ୍ୱାରା ଅପ-ରାଧୀଙ୍କର ବିଶେଷ ଶାସନ ହେଉ ନାହିଁ ଓ ଅନେକ ଅପରାଧୀ କାରାଗାର ବଦଳରେ ବେ-ତ୍ରାଘାତ ଦଣ୍ଡ ପାଇବାକୁ ପ୍ରାର୍ଥୀ ହୁଅନ୍ତି । ବେ-ତ୍ରାଘାତ ଦଣ୍ଡର ଯାତନା ବନ୍ଦରେ ଶେଷ ହୁଅଇ । ଯାହାର ଅନ୍ତର୍ମର୍ଯ୍ୟାଦା ନାହିଁ ସେ କାହିଁକି ସେ ଦଣ୍ଡକୁ ଭୟ କରିବ ?

ବିଜ୍ଞାପନ ।

ଉଭଇ ସନ ୧୮୭୫–୭୬ ମସିହା ନିମିତ୍ତ ମୁସଲମାନ ବାଳକଙ୍କ ଶିକ୍ଷାର୍ଥେ ମୋହିସିନ ଫଣ୍ଡରୁ ଏ ଡିଭିଜନ ମଞ୍ଜୁର ହୋଇଥିବା ଟଙ୍କା ମଧ୍ୟରୁ କେତେକ ବାକି ଥିବା ଟଙ୍କା ଉଲଭ ସନରେ ଖରଚ କରିବାକୁ ଡିଷ୍ଟ୍ରିକ୍ଟ କମିଟୀ-ଙ୍କଦ୍ୱାରା ସ୍ଥିର ହୋଇଅଛି ଓ ମଧ୍ୟ ଆଗାମୀ ସନ ୧୮୭୬–୭୭ ସାଲ ନିମିତ୍ତ ଯେଉଁ ଟଙ୍କା ଖରଚ ହେବ ତାହା ମଧ୍ୟ ଆସନ୍ତା ଅପ୍ରେଲମାସ-ରେ ବନ୍ଦୋବସ୍ତ ହେବ ଏହି ଫଣ୍ଡର ଉଦ୍ଦେଶ୍ୟ ଏହି ଯେ ଯେଉଁ ମୁସଲମାନ ବାଳକମାନେ ଦୁଃଖାବସ୍ଥା ହେତୁ ଏଡ଼ ଭଲ ହାଇ ସ୍କୁଲରେ ପଢ଼ିବାକୁ ଯଥାର୍ଥରୂପେ ଅକ୍ଷମ ହେବେ ସେ-ମାନେ ଉକ୍ତ ସ୍କୁଲରେ ପ୍ରବେଶ ହୋଇ ଫି ଦେବାର କେବଳ ଉତ୍ସାହ ଦେଇ ପଢ଼ି ପାରିବେ ଅତଏବ ସମସ୍ତ ମୁସଲମାନ ବାଳକମାନଙ୍କୁ ଏତଦ୍ୱାରା ଜ୍ଞାତ କରା ଯାଉଅଛି ଯେ ଯେଉଁମା-ନେ ମୋସିନ ବୃତ୍ତି ନେବାକୁ ଇଚ୍ଛୁକ ଥିବ ସେମାନେ ଅମ୍ଭଙ୍କଠାରୁ ଆପଣାର ଅବସ୍ଥା ଲେଖି ଆଗାମୀ ଡିସେମ୍ବରମାସ ତା ୩୧ ରଖେ କିମ୍ବା ତାହାର ପୂର୍ବରୁ ଦରଖାସ୍ତ କରିବେ ଇତି । ତା ୧ ଋଣ ନବେମ୍ବର ସନ ୧୮୭୫ ଇତି ।

Obinash Chundra Chatterjee.

ସମ୍ପାଦକ ଡିଷ୍ଟ୍ରିକ୍ଟ କମିଟୀ କଟକ ।

ସୁପ୍ରସିଦ୍ଧ କବି ଉପେନ୍ଦ୍ରଭଞ୍ଜଙ୍କ କୃତ ସୁଲ-କ୍ଷଣାବତୀ ନାମକ ନାନାବିଧ ଉପମାପୂର୍ଣ୍ଣ ପଦ୍ୟ ଗ୍ରନ୍ଥ ମୁଦ୍ରିତ ହୋଇ କଟକପ୍ରିଣ୍ଟିଂକମ୍ପାନିଙ୍କ ଛାପା-ଖାନାରେ ବିକ୍ରୟ ହେଉଅଛି । ମୂଲ୍ୟ ୨ ୦ । ମୋଫସଲ ଗ୍ରାହକମାନଙ୍କୁ ମୂଲ୍ୟ ସହିତ ଏକ ଅଣାରେ ୨ ୦ / ଡାକମାସୁଲ ପଠାଇବ ।

ସୂଚନା ଏହି ଉତ୍କଳଦୀପିକା ସହରକଟକ ଦର-ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା୧୦ଗ ସଂ୪୪ଖ୍ୟା } ଇଂରେଜୀ ନବମ୍ବର ସନ ୧୮୭୫ ମସିହା । ମୁ । କାର୍ତ୍ତିକ ବ ୨୯ ନ ସନ ୧୨୮୩ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨॥ ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨୭ ମଫସଲ ଥାଇ ଡାକମାସୁଲ ୨।୵

ଗତସପ୍ତାହର ହରପେନ୍ତି ପତ୍ରରୁ ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବେହାର ପ୍ରଦେଶରେ ବିଶେଷରେ ପାଟନା, ସାହାବାଦ, ଦରଭଙ୍ଗା, ମୋଜଫରପୁର ସାରଣ, ଚମ୍ପାରଣ ଓ ମୁଙ୍ଗେରଜିଲ୍ଲାର ଫସଲର ଅବସ୍ଥା ଅତି ମନ୍ଦ ଦେଖାଯାଏ ଓ ଯଦ୍ୟପି ବି ଏତେବେଳେ ସୁଦ୍ଧା ବୃଷ୍ଟି ହେଲେ କେତେକ ରକ୍ଷା ହୋଇପାରେ ତଥାଚ ବର୍ତ୍ତମାନାବସ୍ଥା ଦେଖି ଲୋକେ ହତାଶ ହୋଇ ପଡ଼ିଅଛନ୍ତି ଓ ଏଣିକି ବୃଷ୍ଟି ହେବାର କେତେ ସମ୍ଭାବନା ନାହିଁ ? ବଙ୍ଗଳାର ଅନେକ ସ୍ଥଳରେ ଜଣା ଅଞ୍ଚଳରେ ଫସଲ ଭଲ ହୋଇଅଛି ଅର୍ଥାତ ଯେମନ୍ତ କେତେକ ସ୍ଥଳରେ ବାର୍ଷିକ ହାରହାର ପରିମାଣରୁ ବଳକି ଜଣା ହୋଇଅଛି ତେମନ୍ତ ଅନ୍ୟାନ୍ୟ ସ୍ଥାନରେ ଅଧିକ ହୋଇଅଛି ।

---

ବାବୁ ଶ୍ୟାମାନନ୍ଦ ଦେ ରାୟ ବାହାଦୁରଙ୍କ ୨୫୦୦୦ଟଙ୍କା ଦାନ ଯେଉଁ ବାଲେଶ୍ୱରବାସିମାନେ ଯେମନ୍ତ ଖବରରେ ପଢିଥିଲେ ତାହା ଅମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ । ସମ୍ପ୍ରତି ସେଠାର ସମ୍ବାଦପତ୍ର ସବୁରୁ ଜଣାଗଲା ଯେ ବାଲେଶ୍ୱରବାସିମାନେ କଲେକ୍ଟର ସାହେବଙ୍କ ଅନୁରୋଧରୁ ତହିଁରୁ ମୁକ୍ତ ପାଇଅଛନ୍ତି । ସାହେବ ପ୍ରଶଂସିତ ବାବୁଙ୍କ ମତ ନେଇ ଉକ୍ତ ଟଙ୍କାକୁ ପ୍ରିନ୍ସଅଫ୍ ୱେଲସଙ୍କ ନାମରେ ଉତ୍ସର୍ଗ କରି ତହିଁରୁ ଛାତ୍ରବୃତ୍ତି ଦେବାପାଇଁ ସ୍ଥିର କରିଅଛନ୍ତି । ଏଟଙ୍କାରେ ୨୪ଙ୍କିଯ୍ସା ସୁଧର କାଗଜ ଖରିଦ ହେବ ଯେ ତଦ୍ୱାରା ମାସକୁ ୨୧୬ ଙ୍କା ଅୟ ହେବ । ଏହି ୫୧୬ଟଙ୍କାରେ ଦୟୋଚିତ ଛାତ୍ରବୃତ୍ତି କଟକ ହାଇସ୍କୁଲରେ ସ୍ଥାପିତ। ବାଲେଶ୍ୱରରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଛାତ୍ରମାନଙ୍କ ମଧ୍ୟରୁ ଯେଉଁ ପିଲା ଗବର୍ଣ୍ଣମେଣ୍ଟ ବୃତ୍ତି ପାଇବ ନାହିଁ ଅଥଚ ଦୁଃଖୀ ଥିବ ସେହି ଏକା ଏ ବୃତ୍ତି ପାଇବ । ପ୍ରତିବର୍ଷ ଏକଜଣ ଛାତ୍ର ଏରୂପ ବୃତ୍ତି ପାଇବ ଯେ ସେ ତାହା ଦୁଇବର୍ଷପର୍ଯ୍ୟନ୍ତ ଭୋଗ କରିପାରିବ ଓ କଟକ ହାଇସ୍କୁଲରେ ସର୍ବଦା ବାଲେଶ୍ୱରର ଏରୂପ ଦୁଇଜଣ ଛାତ୍ର ପାଠ କରୁଥିବେ । ବିଦ୍ୟା ସବୁ ଦାନଠାରୁ ଶ୍ରେଷ୍ଠ ଅଟଇ ଓ ଶମ୍ଭୁବାହାଦୁରଙ୍କ ଟଙ୍କାରୁ ଚିରକାଳ ଉକ୍ତ ଦାନ ହେଉଥିବାର ବନ୍ଦୋବସ୍ତ ହୋଇଅଛି ବଡ ସୁଖର ବିଷୟ ଅଟଇ ।

---

ଗତ ଏଡୁକେଶନ ଗେଜେଟରେ ସ୍ୱାସ୍ଥ୍ୟରକ୍ଷା ପର୍ବ ଉପଲକ୍ଷରେ ଲେଖିଅଛନ୍ତି ଯେ କାର୍ତ୍ତିକ ମାସ ଏପ୍ରଦେଶରେ ବଡ କଠିନ ସମୟ ଅଟଇ । ଏକାଳରେ ନାନାବିଧ ରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ହୁଅଇ ଓ ସେସବୁ ଅରୋଗ୍ୟ ହେବା ଅଧିକ କଷ୍ଟସାଧ୍ୟ । ବୈଦ୍ୟକ ଗ୍ରନ୍ଥକାରମାନେ କହିଅଛନ୍ତି ଯେ ବର୍ଷାକାଳରେ ଔଷଧିସବୁ ତରୁଣ ଓ ଅଳ୍ପବୀର୍ଯ୍ୟ ଥାଏ ଓ ଜଳ କଲୁଷିତ ହୁଅଇ । ସୁତରାଂ ବର୍ଷାକାଳରେ ଜାତ ହେବା ଦ୍ରବ୍ୟ ଓ ଅସ୍ୱଚ୍ଛ ଜଳ ସେବନରେ ଦେହ ଦୂଷିତ ହୋଇ ରହିଥାଏ ବର୍ଷା ଶେଷ କାର୍ତ୍ତିକମାସରେ ରୋଗୋତ୍ପାଦନ କରଇ । ଏ ରୋଗ ଭଲ ହେବାକୁ ଅତି କଷ୍ଟକର ପୁଣି ବହୁଲୋକ ଏକାଳରେ ରୋଗଗ୍ରସ୍ତ ହୁଅନ୍ତି ବୋଲି ଅତି ପ୍ରାଚୀନକାଳରୁ ଶାସ୍ତ୍ରକାରମାନେ କାର୍ତ୍ତିକମାସରେ ଶରୀର ରକ୍ଷାର ଉପାୟସ୍ୱରୂପ ହବିଷ୍ୟ ଓ ବ୍ରହ୍ମଚର୍ଯ୍ୟ ଅବଲମ୍ବନ ଏବଂ ଦ୍ୱିର୍ଭୋଜନ ଓ ପର୍ଯ୍ୟୁଷିତଭୋଜନ ପରିହାର କରିବାକୁ ଆଦେଶ ଦେଇ ଅଛନ୍ତି ।

ଯଥା—

ହବିଷ୍ୟଂ ବ୍ରହ୍ମଚର୍ଯ୍ୟଂଶ୍ଚ ମହାପାତକ ନାଶନଂ
ଅମିଷଂ ମୈଥୁନଞ୍ଚୈବ କାର୍ତ୍ତିକେ ଯସ୍ତୁ ନ ତ୍ୟଜେତ୍
ଜନ୍ମଜନ୍ମନି ବିପ୍ରେନ୍ଦ୍ର ସଭବେତ୍ ଗ୍ରାମଶୂକରଃ ।
ଦ୍ୱିର୍ଭୋଜନଂ ପର୍ଯ୍ୟୁଷିତଂ ତୈଲଞ୍ଚ ବୈତ୍ର କାଞ୍ଜିକଂ ।
ଅସ୍ୱାତେ କାର୍ତ୍ତିକେମାସି ଯତ୍ନାଦପି ପରିତ୍ୟଜେତ୍ ।

ଏ ଶ୍ଲୋକରେ ଯେସମସ୍ତ କାର୍ଯ୍ୟ କରିବା ଓ ଯାହା ନ କରିବାର ବିଧାନ ହୋଇଅଛି ସେସମସ୍ତକୁ ଆଲୋଚନା କରି ଦେଖିଲେ ସ୍ପଷ୍ଟ ଜଣାଯିବ ଯେ ଏକା ଶରୀର ରକ୍ଷା କେବଳ ଉଦ୍ଦେଶ୍ୟ ଅଟଇ ଓ ତଦ୍ୱାରା ଶରୀର ରକ୍ଷା ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ପରର ଅନ୍ନଭୋଜନ କରିବାକୁ ସୁଦ୍ଧା ନିଷେଧ ହୋଇଅଛି ତହିଁର କାରଣ ଏହି ଯେ ଅପଣାଘରେ ନିୟମିତ ସମୟ ଓ ପରିମାଣରେ ଭୋଜନ କରିବାର ଯେମନ୍ତ ସୁଯୋଗ ହୁଅଇ ପରଘରେ ଭୋଜନ କଲାବେଳେ ତାହା କଦାଚ ହୋଇ ନ ପାରେ । ଫଳତଃ ଶାସ୍ତ୍ରକାରଙ୍କର ମତ ଏହି ଯେ ଏକାଳ-

Digitized by srujanika@gmail.com

Split by PDF Splitter



ରେ ଲୋକମାନେ ଅତ୍ୟନ୍ତ ଇନ୍ଦ୍ରିୟାଧୀନ ହୋଇ ଗଲେକେ ଓ ଶରୀରରୁ ଦୂଷିତରସ ବାହାର କରି ଦେବାସକାଶେ ଅତ୍ୟଳ୍ପ ମାତ୍ର ସାମାନ୍ୟ ଚିକିତ୍ସକଦ୍ୱାରା ପ୍ରାଣ ରକ୍ଷା କରନ୍ତେ ତାହା ହେଲେ ଆଉ ରୋଗ ଭୋଗ କରିବାକୁ ହେବ ନାହିଁ ।

ଆମ୍ଭେମାନେ ଏସବୁ ମତ ସର୍ବସାଧାରଣଙ୍କୁ ଜଣାଇ ଆଶା କରୁଁ ଯେ ଶରୀର ରକ୍ଷାକୁ ଯେଉଁମାନେ ଜୀବନର ସର୍ବପ୍ରଧାନ କାର୍ଯ୍ୟ ବୋଲି ଜ୍ଞାନ କରନ୍ତି ( ଶରୀର ଭଲ ନ ଥିଲେ କୌଣସି କାର୍ଯ୍ୟ ହୋଇ ନ ପାରେ ) ସେମାନେ ଏ ବିଷୟମାନଙ୍କର ଆଲୋଚନା କରିବେ । ଏଥିରେ ଯେ ଫଳ ଅଛି ତହିଁର ପ୍ରତ୍ୟକ୍ଷ ପ୍ରମାଣ ବିଧବା ସ୍ତ୍ରୀ ଓ ନୈଷ୍ଠିକବ୍ରାହ୍ମଣ ବୈଷ୍ଣବ ଅଟନ୍ତି ସେମାନଙ୍କ ଶାରୀରିକ ଉତ୍କୃଷ୍ଟତାକୁ କିଏ ଲୋଭ ନ କରେ ?

---

### ଯୁବରାଜଙ୍କ ଶୁଭାଗମନ ।

ବମ୍ବେଇରୁ ତାରଯୋଗେ ସମ୍ବାଦ ଆସିଅଛି, ଗତମାସ ତା ୮ ରିଖ ସକାଳ ସାତ ଘଣ୍ଟା ସମୟରେ ସିରାପିସ ଜାହାଜ ବମ୍ବେଇବନ୍ଦରର କିଛି ଅନ୍ତରରେ ଲଙ୍ଗର କରି ତୋପ ଧ୍ୱନିଦ୍ୱାରା ଆଗମନସୂଚକ ସମ୍ବାଦ ଜଣାଇଲା ତାହାଶୁଣି ବନ୍ଦରରେ ଥିବା ସମସ୍ତ ଜାହାଜରୁ ସଲାମୀ ତୋପଧ୍ୱନି ହେଲା । ତୋପର ଘୋର ଗର୍ଜନରେ ଚତୁର୍ଦ୍ଦିଗ ପୂର୍ଣ୍ଣ ହୋଇଗଲା ଓ କେହିର ପାଖରେ ବହୁକାଳ ପର୍ଯ୍ୟନ୍ତ କେହି କଥାବାର୍ତ୍ତା ଶୁଣି ପାରିଲେ ନାହିଁ । ଜାହାଜସବୁ ଅତିସୁନ୍ଦର ରୂପେ ସୁସଜ୍ଜିତ ହୋଇଥିଲା । ତଦ୍ରୂପେ ନଗରବାସିମାନେ ବନ୍ଦର ଦିଗକୁ ଧାବମାନ ହେଲେ ଓ ସେଠାରେ ଜନାରଣ୍ୟର ଆଉ ସୀମା ରହିଲା ନାହିଁ । ମହାମାନ୍ୟ ଗବର୍ଣ୍ଣରଜେନରଲ ଯୁବରାଜଙ୍କୁ ନେବା ସକାଶେ ଜାହାଜରେ ଯିବେକଲେ ବମ୍ବେଇର ଗବର୍ଣ୍ଣର ଓ ଅନ୍ୟାନ୍ୟ କର୍ମ୍ମଚାରୀମାନେ ତାହାଙ୍କ ପଶ୍ଚାଦ୍‌ଗାମୀ ହେଲେ ଅପରାହ୍ନ ସ ୪ ଘ ସମୟରେ ଯୁବରାଜ ଜାହାଜରୁ ଓହ୍ଲାଇ ଭାରତବର୍ଷର ମୃତ୍ତିକାରେ ପଦାର୍ପଣ କଲେ । ବନ୍ଦରଠାରୁ ଜାହାଜଘାଟ ରେଶମୀଲୁଗା ଓ ଫୁଲଫଳରେ ସୁଶୋଭିତ ହୋଇଥିଲା ଓ ସରକାରୀ କର୍ମ୍ମଚାରୀଏ ଓ ନଗରବାସୀ ପ୍ରଧାନଲୋକଙ୍କଦ୍ୱାରା ନ ୭୦ ଜଣ ସଭା ଓ ସୁରବାର ଉପସ୍ଥିତ ହୋଇଥିଲେ । ମଫସଲରୁ ପ୍ରାୟ ଦୁଇଲକ୍ଷଲୋକ ସମାରୋହ ଦେଖିବାକୁ ଆସିଥିଲେ ତିନିଘୋଡ଼ା ଓ ସୁନ୍ଦର ନାଟର ଦୃଶ୍ୟ ଘାଟରେ ଖାଇ ହୋଇ ଛୁଟି ହୋଇଥିଲେ ସଉଦାଗରଙ୍କ ଘରରୁ ଜେମସ୍ତଲ ଜୀମନ୍ତଲ ହୋଟା ଉପର ପର୍ଯ୍ୟନ୍ତ ଲୋକରେ ପରିପୂର୍ଣ୍ଣ ହୋଇ ଥିଲା ଓ ଚତୁର୍ଦ୍ଦିଗରୁ ଆନନ୍ଦଧ୍ୱନି ବାହାରୁଥିଲା ପାରସୀ ସ୍ତ୍ରୀଲୋକମାନେ ଯୁବରାଜଙ୍କ ବଡ଼ େ ହେବା କାଳରେ ଉଚ୍ଚ ପ୍ରାସାଦରୁ ପୁଷ୍ପବୃଷ୍ଟି କରୁଥିଲେ । ଘାଟଠାରେ ମିଉନିସିପଲ କମିଟୀ ସର୍ବସାଧାରଣଙ୍କ ପକ୍ଷରୁ ଅଭିନନ୍ଦନପତ୍ର ପାଠ କଲେ ଓ ଯୁବରାଜ ସଂକ୍ଷେପରେ ତହିଁର ଉତ୍ତର ପ୍ରଦାନ କରି ଅଭ୍ୟର୍ଥନାରସମାରୋହରେ ଆନନ୍ଦ ପ୍ରକାଶ କଲେ । ତହିଁଉତ୍ତାରୁ ଦୁଇ ଘଣ୍ଟା ପ୍ରଧାନ ଦେଶୀୟ ରାଜାଙ୍କ ସହିତ ସମ୍ଭାଷଣ କରି ସମସ୍ତଙ୍କ ସମଭିବ୍ୟାହାରରେ ଆପଣା ବସାକୁ ଚାଲି ଗଲେ । ତହିଁ ଆରଦିନ ସନ୍ଧ୍ୟାରେ ବମ୍ବେଇ ନଗରରେ ଭାରି ରୋଷନାଇ ହୋଇଥିଲା ।

ଆମ୍ଭେମାନେ ଆନନ୍ଦର ସହିତ ଅବଗତ ହୋଇଅଛୁଁ ଯେ ଏତେ ବଡ଼ ସମାରୋହ ହୋଇଥିଲେହେଁ କୌଣସି ପ୍ରକାର ଦୁର୍ଘଟନା ଘଟି ନାହିଁ ଓ ସମସ୍ତ କାର୍ଯ୍ୟ ଅତି ଉତ୍ତମ ଓ ଆନନ୍ଦରୂପେ ନିର୍ବାହିତ ହେଲା । କେବେ ଯୁବରାଜଙ୍କ ଆଗମନ ଉପଲକ୍ଷରେ ଗୋଟିଏ ଶୋଚନୀୟ ଘଟନା ଅନ୍ୟପ୍ରକାରରେ ଘଟିଥିବାର ଆମ୍ଭେମାନେ ସମ୍ବାଦପତ୍ରରେ ପାଠ କରି ଅଛୁଁ । ତାହା ଏହି ଯେ ରୋଷନାଇ ଓ ଅଭ୍ୟର୍ଥନା ସକାଶେ ଏକ ବାରୁଦ କାରଖାନାରେ ବହୁତ ପରିମାଣରେ ବାଣ ଇତ୍ୟାଦି ପ୍ରସ୍ତୁତ ହେଉଥିଲା, ଅକସ୍ମାତ୍ ବାରୁଦ ଜ୍ୱଳିଉଠିବାରୁ ନିକଟରେ କର୍ମ କରୁଥିବା ଜ ୭ ଣ ମନୁଷ୍ୟ ପୋଡ଼ିଯାଇ ତତ୍କ୍ଷଣାତ୍ ପ୍ରାଣରେ ମରି ଯିଇଲେ ।

---

### କଟକ ଲୋକଲଫଣ୍ଡର ଅବସ୍ଥା ।

ପାଠକମାନଙ୍କର ସ୍ମରଣଥିବ ଯେ କମିଶ୍ନର ସାହେବଙ୍କ ଆଦେଶ ମତେ ଲୋକଲଫଣ୍ଡର ହିସାବ ଉତ୍ତମ କରିବା ନିମିତ୍ତ ଶ୍ରୀଯୁକ୍ତ ମୈତ୍ରନ୍ କଣ୍ଡ ଓ ବାବୁ କାଳୀପଦ ବାନର୍ଜ୍ଜୀ ଟାଉନକମିଟୀଦ୍ୱାରା ନିଯୁକ୍ତ ହୋଇଥିଲେ । ସେମାନେ ସକଳ ବିଷୟ ଅନୁସନ୍ଧାନ କରି ଦେଖିଲେ ଯେ ଲୋକଲଫଣ୍ଡର ଅଙ୍କ ଅପେକ୍ଷା ସର୍ବଦୁଷ୍ଟ ପ୍ରାୟ ହଜାର ଟଙ୍କା ଅଧିକା ବ୍ୟୟ ହୋଇଅଛି ଓ ହେମନ୍ତ-ମାନ ତାହାକୁ ବନ୍ଦୋବସ୍ତରୂପେ ଲେଖାଯାଇଥିବାରୁ ଅଧିକା ବ୍ୟୟ କଥା ଧରି ପଡ଼ ନାହିଁ । ଏସବୁ ଟଙ୍କା ଅଥବା ଏଥିର ଅଧିକାଂଶ ହାଟ ଓ ଆଉ କେତେକ କାର୍ଯ୍ୟରେ ଖର୍ଚ୍ଚ ହୋଇ ଯାଇଅଛି । ଏଥିପାଇଁ କମିଟୀଙ୍କ କାର୍ଯ୍ୟପ୍ରତି ସେମାନେ ଦୋଷାରୋପ କରିଥିଲେ ଏବଂ କେତେକଜଣ କାର୍ଯ୍ୟକାରୀଙ୍କର ଅଯୋଗ୍ୟତା ଇତ୍ୟାଦି ଦେଖାଇ ଆପଣା କାର୍ଯ୍ୟଶେଷ କରିଥିଲେ । ତାହାଙ୍କ ରିପୋର୍ଟ ଟାଉନକମିଟୀଙ୍କ ସଭାରେ ଆଗତ ହୋଇ ସେଠାରେ ସ୍ଥିର୍ଯ୍ୟ ହେଲା ଯେ ଲୋକଲଫଣ୍ଡର ଟଙ୍କା ଉପଯୁକ୍ତ କାର୍ଯ୍ୟରେ ବ୍ୟୟ ହୋଇ ଅଛି ଓ ଆଗାମୀ ଦୁଇ ତିନିବର୍ଷରେ ଯାହା ଜମୁଲ ହେବ ତାହା ଅନ୍ୟ କୌଣସି କାର୍ଯ୍ୟରେ ଖର୍ଚ୍ଚ ନ କରି ଅଗ୍ରେ ଅଧିକା ବ୍ୟୟ ହୋଇଥିବା ଟଙ୍କାକୁ ପରିଶୋଧ କରିଦେଲେ କୌଣସିପ୍ରକାର ଅସୁବିଧା ହେବ ନାହିଁ । ଏ ବିଷୟରେ ଦେଶୀୟ କାଳିମ ଓ ଭଦ୍ରଲୋକ ସଭ୍ୟମାନେ ଏକମତ ହେଲେ ଓ ଇଂରେଜ ସଭ୍ୟମାନେ ବିଶେଷରେ କଣ୍ଡ ଓ ମାକ୍‌ମିଲନ ସାହେବ ବିପକ୍ଷର ମତାବଲମ୍ବୀ ହୋଇଥିଲେହେଁ ତାହାଙ୍କ ସଂଖ୍ୟା ନ୍ୟୂନ ହେବାରୁ ମତ ପ୍ରବଳ ହୋଇ ନ ପାରିଲା ।

ଏହିରୂପେ ଲୋକଲଫଣ୍ଡର ଗଣ୍ଡଗୋଲମାନ ଗୋଟିଏ ସମାଧା ହୋଇଗଲା । ଏଥିରେ ମାକମିଲ୍ଟସାହେବ ଦେଶୀୟ ସଭ୍ୟଙ୍କ ସହାୟରେ କମୁଲାର କଲେ ଏବଂ ଇଂରେଜସଭ୍ୟଙ୍କର ସ୍ଥାଧୀନ ମତ ରହି ପାରିଲା ନାହିଁ । ଦେଶୀୟ ସଭ୍ୟମାନେ କମୁଲାର କରି ମହା ଆନନ୍ଦରେ ନିମଗ୍ନ ହେଲେ ଏଣେ ନଗରବାସିଙ୍କର ଆଶା ଭରସା ନିଧି ନୈରାଶ୍ୟ ସାଗରରେ ନିମଗ୍ନ ହେଲା । ଲୋକମାନେ ଆଶା କରିଥିଲେ କି ନାଳପଥାଦି ଇତ୍ୟାଦି ବିଭାଗ ଅବଶ୍ୟକୀୟ କାର୍ଯ୍ୟ ମାକ୍‌ମିଲ୍ଟସାହେବ ଗତ ଦୁଇବର୍ଷ ହେଲା କରି ନ ଥିବାରୁ କଟକର ପରମ୍ପରା ତାହାପରି ଯଥେଷ୍ଟ ନାସ୍ତି ହେଉ ଓ କମିଟୀ କମ୍ପା ଓରସ୍ୱ କାଳମାନେ ଦେଖୁଛି ଏଥିର ପ୍ରତିକାର କଲେ ନାହିଁ କମ୍ପା ମାକମିଲ୍ଟସାହେବଙ୍କୁ ପଚାରି ପୁଚ୍ଛା କରିଲେ ନାହିଁ ଏଥର ହିସାବ ଉତ୍ତମ ସକେଟ ଉପଲକ୍ଷେ ସେ କଥା ବକାଳିକ ଓ ମାକମିଲ୍ଟସାହେବ ଅଭ୍ୟାବଶ୍ୟକୀୟ କାର୍ଯ୍ୟରେ ସେ ଟଙ୍କା ବ୍ୟୟ ନ କରି ଅନାବଶ୍ୟକ କାର୍ଯ୍ୟରେ ଅଧିକ ଅଧିକା ବ୍ୟୟ କରିବାରୁ ତାହାଙ୍କୁ ଭର୍ତ୍ସନା କରି ଦେଲେ ସଭାରେ ବରଂ ସିଦ୍ଧ କରି ଦିଅନ୍ତି ଯେ ଯାହା କରାଗଲା ପ୍ରୟୋଜନୀୟ ଅଟେ ତହିଁରେ ଟଙ୍କା ବ୍ୟୟ କରି ଅବଶିଷ୍ଟ ଟଙ୍କାରୁ ଆବଶ୍ୟକ କାର୍ଯ୍ୟ

Digitized by srujanika@gmail.com

ରେ ଲୁଗ୍ନାଉଛେ ! ମାତ୍ର ଅନ୍ୟ ଦେଶୀୟ ଜନଙ୍କୁ ଉତ୍ସର୍ଗ ଭକ୍ତି ! ପ୍ରଭୁ ଯାହା କରନ୍ତି ତାହା ସମସ୍ତ ଉତ୍ତମ ତହିଁରେ କ ଜବାବ ଦୋଷ ଉଦ୍ଧାରରେ ? ନଗର ମଧ୍ୟରେ ବର୍ଷାପାଣି ଛାଡ଼ି ଦେଲେ କ ହେଲା ନାଲ ପରିଷ୍କାର ନ ହେଲାଟି କି ହେଲା ରାସ୍ତାମାନଙ୍କୁ ସବୁ ଫାଟିଗଲାଣି କ ହେଲା ଘରପ୍ରାଚୀର ଭାଙ୍ଗିଯାଉ ରାସ୍ତାରେ ଲୋକଙ୍କ ଗୋଡ଼ ଭାଙ୍ଗିଯାଉ କି ଗାଡ଼ି ଉଲଟିପଡ଼ୁ ଏ [illegible] କହିବା କଥା ନୁହଇ ଏଥିରେ ଟଙ୍କା ଖର୍ଚ୍ଚ ହେଲେ ଲୋକଙ୍କ ଉପକାର ହେବାର କଥା ନାହିଁ ତାହେଲେ ଏଥିରେ ଖର୍ଚ୍ଚ ହେବା ଟଙ୍କା ବୃଥା ବ୍ୟୟ ଅଟଇ ମାତ୍ର ହାଟରେ କେମନ୍ତ ଟାଣ ପଥର ଗୋଟା ହୋଇ ଅଛି କେମନ୍ତ ଗୋଲ ଉଣିପ୍ରାଚୀର ମାନ ନିର୍ମାଣ ହୋଇ ଭଲ ପକା ହୋଇଅଛି କେମନ୍ତ ପୁଷ୍କରିଣୀର ପଥର ପାହାଚ ଓ ଘାଟ ନିର୍ମାଣ ହୋଇଅଛି ! ଏଥିରେ ଖର୍ଚ୍ଚ ହୋଇଥିବା ଟଙ୍କାକୁ ଯେବେ ଉପଯୁକ୍ତ ବ୍ୟୟ ବୋଲି ନ କହ ତେବେ ସେ ବ୍ୟୟ ଆଉ କି ପ୍ରକାର ଅଟଇ ? ହାଟରେ ଲୋକ ନ ବସିଲେଟି କି ହେଲା ଘର ସବୁକୁ କେହି ଭଡ଼ା ନ ନେଲାଟି କି [illegible] ଶୂନ୍ୟ ରହିଗଲା ଅବଶ୍ୟ ଏକ ଦିନରେ ସେଠାରେ ଦୋକାନମାନେ ବସିବେ ଘର ସବୁ ଭଡ଼ା ନେବେ ତେତେବେଳେ କହିବ ଯେ ହାଟରେ ଖର୍ଚ୍ଚ ହୋଇଥିବା ଟଙ୍କା ସାର୍ଥକ ହେଲା କି ନାହିଁ । ଗତ ୨ ମାର୍ଚ୍ଚର [illegible] କଡ଼ାକଥା ନହଇ ପଥରକୋଠା ଓ [illegible] ପୁଷ୍କରିଣୀ ମିଳେ କେତେବେ ? ଏହି [illegible] ବଳରେ ବୋଧ ହୁଅଇ ଦେଶୀୟ [illegible]ମାନେ ଲୋକଲଫଣ୍ଡର ଟଙ୍କା ଯଥାର୍ଥ ଓ ଉପଯୁକ୍ତ କାର୍ଯ୍ୟରେ ବ୍ୟୟ ହୋଇ ଥିବାର କହୁଅଛନ୍ତି ଓ ଏଥିକି ଉତ୍ତର ନାହିଁ ।

ପାଠକେ! ଏଥିରୁ ମନେ କରନ୍ତୁ ଯେ ନଗର ବାସୀଙ୍କର ଶୁଭଦଶା ପଡ଼ିବାକୁ ଅଦ୍ୟାପି ଅନେକ ବିଳମ୍ବ ଅଛି ଯାହା ହୋଇଗଲା ଏତେକରେ ତାହାଙ୍କର ଦଶା ପାକ ପାଇ ନାହିଁ । ଟାଉନ କମିଟିରେ ସ୍ଥିର ହୋଇଅଛି ଯେ [illegible] ଖର୍ଚ୍ଚ [illegible] ଟଙ୍କା ଆଦାୟ ନ ହେବା ପର୍ଯ୍ୟନ୍ତ ଅନ୍ୟ କିଛି ବ୍ୟୟ ହେବ ନାହିଁ ନଗରବାସିମାନେ କେବଳ ଟାକ୍ସ ଦେଉଥିବେ ଓ ତାହା ଆଦାୟ କରିବାକୁ ବୃଦ୍ଧି କରିବେ ବୋଲି [illegible] ଅଥବା [illegible] ଟାକ୍ସଦାତାଙ୍କ ସାହାଯ୍ୟରେ ରହିଲେଣି । ଏଥର ସମସ୍ତ ଟାଉନକମିଟୀଙ୍କର ଯଶ ଘୋଷଣା କର ତାହାହେଲେ ଅବା କିଞ୍ଚିତ୍ ପୀଡ଼ା ଲାଘବ ହେବ ।

# ସାପ୍ତାହିକ ସଂବାଦ ।

ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ଷ୍ଟିମସ୍ ସାହେବ ଆଗାମି ଡିସମ୍ବରମାସରେ ତିନସପ୍ତାହର ଛୁଟିନେଇ କଲିକତାକୁ ଯିବେବୋଲ ଜନରବ ଶୁଣାଯାଏ ।

ଏଥର ଲାଟବନ୍ଦ କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହୋଇଅଛି । ଡେପୁଟିକଲେକ୍ଟର ବାବୁ ଅନ୍ନଦାପ୍ରସାଦ ଘୋଷ ବିଶେଷ ସତର୍କତାସହିତ କାର୍ଯ୍ୟ କରିଅଛନ୍ତି । ଟଙ୍କା ଦାଖଲ ହେଉ୨ ସନ୍ଧ୍ୟା ହୋଇଗଲା ଏଥି ପାଇଁ ଅନେକଟଙ୍କା ଅମାନତରେ ରହିଲା ।

କମିଶ୍ନରର ନୂତନ ସିରସ୍ତାଦାର ବାବୁ ରାମପ୍ରସାଦ ସିଂହ ଗତ ସୋମବାର ଆପଣା କର୍ମଭାର ଗ୍ରହଣ କଲେ ।

ବାବୁ ଯୋଗେଶ୍ୱର ଚନ୍ଦ୍ର ଛଅମାସ ନିମନ୍ତେ ଯାଜପୁରର ଏକ୍ଟିଂ ମୁନସଫ ନିଯୁକ୍ତ ହୋଇ ଗତ ସପ୍ତାହରେ ସେଠାକୁ ଯାଇଅଛନ୍ତି । ଏ ବାବୁ ପୂର୍ବରେ ମୁନସଫ ଥିଲାବେଳେ ସେଠା ଲୋକେ ତାହାଙ୍କ ବିଚାର କାର୍ଯ୍ୟରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥିଲେ ।

ବଡ଼ମାଲର ତହସିଲଦାର ବାବୁ ସାନବନ୍ଧୁ ପଟ୍ଟନାୟକ ଉତ୍କୃଷ୍ଟ ସରକାରୀ କାର୍ଯ୍ୟ କରିଥିବାରୁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତାହାଙ୍କୁ ରାୟବାହାଦୂର ପଦ ଦେଇଅଛନ୍ତି ।

ଶଜକୁମାରଙ୍କ ଶୁଭାଗମନ ଉପଲକ୍ଷରେ ଗତ ସୋମବାର ଅପରାହ୍ନ ପାଞ୍ଚଘଣ୍ଟା ସମୟରେ ଏନଗରରେ ସଲାମୀ ତୋପଧ୍ୱନି ହୋଇଥିଲା ଏବଂ କମିଶ୍ନରଙ୍କରେଣ୍ଟ ହତାରେ ପୁଲିସ ସିପାହିମାନେ ସଲାମୀ ଦେଇଥିଲେ । ଏଦିନ ସନ୍ଧ୍ୟା ଉତ୍ତାରୁ କମିଶ୍ନର ସାହେବଙ୍କ କୋଠିଠାରେ ନଗରବାସି ଇଂରାଜମାନଙ୍କର ନାଚଖାନା ହୋଇଥିଲା । ତହିଁ ଆରଦିନ ଅର୍ଥାତ୍ ଗତ ମଙ୍ଗଳବାର ଉକ୍ତ ଶୁଭଘଟନା ହେତୁରୁ ସରକାରୀ କାର୍ଯ୍ୟାଳୟମାନ ବନ୍ଦ ହୋଇଥିଲା ।

ଯୁବରାଜଙ୍କ ଆଗମନ ଉପଲକ୍ଷରେ ବମ୍ବେଇରେ ଏମନ୍ତ ସମାରୋହ ହୋଇଅଛି ଯେ ଉଦାହରଣ ମିଳୁ ନାହିଁ । ଜଣେ ମୁସଲମାନ ଏକ ସମୁଦ୍ର ଭଣ୍ଡାରେ ଗଣେଶ ପଡ଼ିଆ କବୁଲିସ୍କାର କରି ସେଠାରେ ଅନେକ ନେଟ୍ ଛିଡ଼ା କରିଅଛି ଓ ତହିଁରେ ଲୋକ କଷ୍ଟ ଓ ଅତ୍ୟାଚାର ଯୋଗାଇ ଭଡ଼ା ଆଦାୟ କରୁଅଛି ବ୍ୟବସାୟିଙ୍କ ପକ୍ଷରେ ଏସମସ୍ତ ବଡ ଫଳପ୍ରଦ ହୋଇଅଛି ।

ଗବର୍ଣ୍ଣମେଣ୍ଟ ସେଣ୍ଟ୍ରାଲ ପ୍ରେସର ଗଡାକ୍ଷି ବାବୁ କାଳୀକୁମାର ଦେ ମହାମାନ୍ୟ ରାଜକୁମାରଙ୍କ ଗଡାକ୍ଷି ନିଯୁକ୍ତ ହୋଇଅଛନ୍ତି । ଯେତେଦିନ ରାଜକୁମାର ଭାରତବର୍ଷରେ ଥିବେ ତେତେଦିନ ସେ ଏ କର୍ମ କରିବେ । ଏ ଗଣ୍ଡି ବଡ଼ ସୁଖର ଖବର ଅଟଇ ।

ରାଜକୁମାରଙ୍କ ସମ୍ଭାଷଣ କରିବା ନିମନ୍ତେ ବ୍ରହ୍ମଦେଶର ରାଜା କଲିକତାକୁ ଦୂତ ପଠାଇବାର ସ୍ଥିର କରିଅଛନ୍ତି ରାଜାଙ୍କର ଯୁବରାଜ ସ୍ୱୟଂ ଦୂତଙ୍କର ସର୍ଦ୍ଦାର ହୋଇ ଆସିବେ ।

ଡେଲିନ୍ୟୁସ ଲେଖନ୍ତି କି ଓଡ଼ିଶାରେ ଯେଉଁ ଟେକ୍ନିକାଲ ବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ବନ୍ଦୋବସ୍ତ କରିଥିଲେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତାହା ଅନୁମୋଦନ କରିଅଛନ୍ତି ।

କଲିକତାରେ ଗୋଟିଏ ମକଦ୍ଦମା ଚାଲିଛି ଅଦ୍ଭୁତ ହେବାର ଜଣାଯାଏ । ଗତ ଦେଡ଼ମାସ ମଧ୍ୟରେ ଆମ୍ଭେମାନେ କେତେଗୁଡ଼ିଏ ହତ୍ୟାକାଣ୍ଡର ପୁଲିସ ସଂବାଦ ପାଠ କରିଅଛୁଁ ପୁଣି ଆଶ୍ଚର୍ଯ୍ୟର ବିଷୟ ଯେ ପ୍ରାୟ ସମସ୍ତ ହତ୍ୟାରେ ବେଶ୍ୟାମାନେ ମରି ପଡ଼ି ଅଛନ୍ତି । କଲିକତାର ନଗର ରକ୍ଷକମାନେ ଏଥିକୁ କି ବିଚାର କରୁଅଛନ୍ତି ?

କଲିକତା ଏତେବଡ଼ ସହର ହେଲେହେଁ ସେଠାରେ ମଧ୍ୟ ଚୋରର ଦୌରାତ୍ମ୍ୟ ହେବାର ଦେଖାଯାଏ । ଡେଲିନ୍ୟୁସ ଲେଖନ୍ତି ଯେ ଟଂକ୍ଷାଳାରେ ଥିବା ଏକ ଘରେ ଚୋର ଉତ୍ପାତ କରୁଥିଲା ସମ୍ପ୍ରତି ସେ ଘର ଛାଡ଼ି ଆଉ ଏକ ଘରେ ସେହି ପର ଦୌରାତ୍ମ୍ୟ ଆରମ୍ଭ କରିଅଛି ବଡ଼ ୨ ପଟାମାନ କାନ୍ଥପରେ କାଟିବା ଘରର କାଗଜ ଓ ଅନ୍ୟାନ୍ୟ ଦ୍ରବ୍ୟସବୁ ଭାଙ୍ଗିବା ଇତ୍ୟାଦି ଚୋରର ପ୍ରଧାନ କାର୍ଯ୍ୟ ଅଟଇ । ଏ କୌତୁକ ଦେଖିବା ପାଇଁ ବହୁତ ମନୁଷ୍ୟ ସେଠାକୁ ଯାଉଅଛନ୍ତି । ସମ୍ପାଦକ ବୋଲନ୍ତି କି ପୁଲିସ ଯେବେ କଠିନ ଦୃଷ୍ଟି ରଖିବ ତେବେ ଚୋରର ସବିଶେଷ ଜାଣି ପାରିବ ।

ଆଗ୍ରାରେ ଥିବା ବାଙ୍କ ବଙ୍ଗାଳର ଏକଜଣ ଆପଣା ମୁଣ୍ଡରେ ପିସ୍ତୋଲ୍ ଗୁଳି ମାରି ଆତ୍ମହତ୍ୟା କରିଅଛି । ମାହଟେ୍ର୍ଟ ସାହେବ ଅନୁସନ୍ଧାନ କରି ଜାଣିଲେ ଯେ ତାହାର ମନ ସ୍ଥିର ନ ଥିବାରୁ ଏପରି କରିଥିଲା ।

Split by PDF Splitter

Digitized by srujanika@gmail.com

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ନିବେଦନମିଦଂ ।

ଏହି ଯେ ଗତ ସପ୍ତାହ ଦୀପିକା ପାଠ କରିବାରେ ଦେଖାଗଲା ଯେ ବ୍ୟବସ୍ଥା ବିଷୟକ ବାକ୍ୟର ଭ୍ରମ ସଂଶୋଧନ ନାମରେ ଦୁଇଗୋଟି ବାକ୍ୟ ଲେଖାଅଛି । ତାହା ପାଠ କରିବାରେ ଭ୍ରମର ସଂଶୋଧନ ନ ହୋଇ ଅଧିକରେ ଭ୍ରମ ଜନ୍ମିବାରୁ ପ୍ରାର୍ଥନା କରୁଅଛୁଁ ଯେ ଲେଖକ ମହାଶୟ ଅନୁଗ୍ରହ ପୂର୍ବକ ଆମ୍ଭର ଏହି ଭ୍ରମକୁ ସଂଶୋଧନ କରି ବାଧିତ କରିବେ ।

ଯଥା । ତ୍ୱଦନ୍ୟେନ ଦୃଶୀ କୀର୍ତ୍ତିଃ କେନାପି ସନ୍ଦର୍ଶିତା । ଏହା ପରବର୍ତ୍ତିରେ "ତ୍ୱଦନ୍ୟେନ ଦୃଶୀ ସମ୍ପନ୍ନକେନାପ୍ୟପ ବର୍ଜ୍ଜିତା" ଏପରି ହୋଇଅଛି ।

ଉକ୍ତ ବାକ୍ୟ ଦୁଇରୁ ପ୍ରଥମ ବାକ୍ୟର ଅଶୁଦ୍ଧ କେଉଁଠାରେ ଥିଲା ଓ ଦ୍ୱିତୀୟ ବାକ୍ୟରେ ତାହାର ସଂଶୋଧନ କଣ ହେଲା ଏଥିର ତାତ୍ପର୍ଯ୍ୟ ମର୍ମ କିଛି ଜଣା ନ ଯିବାରୁ ଅତିଶୟ ଭ୍ରମ ଜନ୍ମିଅଛି । ଅତଏବ ଏ ଭ୍ରମର ସଂଶୋଧନ କରିବା ଅବଶ୍ୟ ଜାଣି ଏ ବିଷୟରେ ପ୍ରାର୍ଥନା କରୁଗଲା ଉଦ୍ଦେଶ୍ୟରେ ଜାଣିବାର ଏହି ଯେ ଉକ୍ତ ଦୁଇ ବାକ୍ୟକୁ ବକ୍ତି ବିଚ୍ଛେଦରୂପେ ପଦମାନଙ୍କୁ ପୃଥକ୍ ପ୍ରକାଶ କଲେ ପାଠକମାନଙ୍କର ଯାହା କିଛି ଭ୍ରମ ଥିବ ତାହା ଅନାୟାସରେ ଖଣ୍ଡନ ହୋଇଯିବ । ଇତି ।

୧୧।୧୧।୭୪ । କ । କେହି ପାଠକ ।

---

### ଗଞ୍ଜାମଜିଲ୍ଲା ଚିକିଟିଗଡଜାତ ନରହତ୍ୟା ।

ଏହତ୍ୟା ସମ୍ପର୍କେ ଗତ ମେ ମାସଠାରୁ ବଡ ଧୁମଧାମ ଲାଗି ପ୍ରାୟ ଟ ୬୦,୦୦୦ ଙ୍କା ଖର୍ଚ୍ଚ ହୋଇ ମକଦମାର ଶେଷ ନବମ୍ବରମାସ ତା ୪ ଦିନରେ ହୋଇଲା । ଗଞ୍ଜାମଜିଲ୍ଲାରେ ଅଦ୍ୟାବଧି ପ୍ରାୟ ସବୁଲୋକର କଥାବାର୍ତ୍ତାରେ ଏବିଷୟ ମୁଖ୍ୟପ୍ରସଙ୍ଗ ହୋଇଅଛି । ନରହତ୍ୟା ଅଭିଯୋଗରେ ସେଶନ୍ସ କୋର୍ଟରେ ବିଚାରିତ ହୋଇ ଚିକିଟିରାଜାଙ୍କ ଭାଇ ଶ୍ରୀ ଗୋପୀନାଥଦେବ ଆଟ ରାଜା, ଏ ଆଟ ରାଜାଙ୍କ ପ୍ରଧାନ ସେବକ ଲିଙ୍ଗମନ ଖରସୋଦା ପଟ୍ଟନାୟକ ଏ ଦୁଇଜଣ ଫାଶିପାଇବା ଦଣ୍ଡ ପାଇଅଛନ୍ତି, ଏବଂ ଅନ୍ୟ ଆଟରାଜାଙ୍କ ସାଧାରଣ ଭୃତ୍ୟ ଦୁଇଜଣ ଯାବଜ୍ଜୀବନ ଦ୍ୱୀପାନ୍ତରବାସ ଦଣ୍ଡ ପାଇଅଛନ୍ତି ।

ଉକ୍ତ ନରହତ୍ୟା ମକଦ୍ଦମା ବିଫଳ କରିବାକୁ ଯତ୍ନ କଲେ ଏମନ୍ତ ଅଭିଯୋଗରେ ଚିକିଟି ରାଜାଙ୍କ ଦେୱାନ୍ କାମରାଜ ପଣ୍ଡିତ ଆଉ କଗ କାସୁଲୁନ୍ ନାମେ ଜଣେ ପୋଲିସ ଇନ୍ସପେକ୍ଟର ଉକ୍ତ କୋର୍ଟରେ ବିଚାରିତ ହୋଇ, ଏ ଦୁଇଜଣ ଛ ଛ ବରଷ କାରାଦଣ୍ଡ ପାଇଅଛନ୍ତି; ଏବାହାରେ ଦେୱାନ ଟ ୫୦୦୦ ଙ୍କା ଇନ୍ସପେକ୍ଟର ଟ ୨୦୦୦ ଙ୍କା ଜରିମାନା ଦଣ୍ଡ ମଧ୍ୟ ପାଇଅଛନ୍ତି ! ଏ ଜରିମାନା ଟଙ୍କା ଅସୁଲ ହେବା ନିମନ୍ତେ ସେମାନଙ୍କ ସମ୍ପତ୍ତି ସବୁ ଯପ୍ତ ହୋଇଅଛି ।

ପାଠକେ ! ଏତେଜନ ମକଦ୍ଦମାରେ ମୂଳ ଯେବେ ଜାଣିବାକୁ ଇଚ୍ଛାକର ତେବେ ଇଂରାଜୀମାନଙ୍କର ପଦଟିକୁ ମନରେ ରଖ ଅର୍ଥାତ୍ " Woman is at the bottom of every thing " "ସବୁବିଷୟର ତଳେ ସ୍ତ୍ରୀବ୍ୟକ୍ତି ଥାଏ" । ଆଟରାଜାଙ୍କର ଉପପତ୍ନୀ ସଙ୍ଗେ କାରଣ ନାମେ ରାଜାଙ୍କର ପାଇକଜଣେ ଜୋଡ ସ୍ନେହ ଲାଭ କରିବାରୁ ଆଟରାଜା କାରଣକୁ ଇହକାଳରୁ ପରକାଳାନ୍ତର କରାଇ ଆପେ ଫରଫାଶ ଦୌଡି ହାର ଲାଭ କରିବାକୁ ଯୋଗ୍ୟପାତ୍ର ହୋଇଲେ ! ଆହା କି ଦୁଃଖର ବିଷୟ ! "ଆପେ ଥିଲେ ଜଗତ ଅଛି" ଏହାର ମର୍ମ ଯେବେ କେତେକ ବୁଝି ଥାଆନ୍ତେ ତେବେ ଆମ୍ଭମାନଙ୍କ ଦେଶରେ ଅନେକଲୋକ ଆପଣା ଗଳା ଫାଶିରଜ୍ଜୁକୁ ସମର୍ପଣ ନ କରି ସ୍ୱାଭାବିକ ମରଣ ପର୍ଯ୍ୟନ୍ତ ବଞ୍ଚିଥାଆନ୍ତେ । ନରହତ୍ୟା ଦୋଷ ଦଣ୍ଡରୁ ରକ୍ଷା ପାଇବାର ଇଂରାଜୀବାହାଦୁରଙ୍କ ଅମଳରେ ପ୍ରାୟ ଅସାଧ୍ୟବିଷୟ । ଦେଖ ଆଟରାଜାଙ୍କ ସପକ୍ଷେ ମାନ୍ଦ୍ରାଜ ହାଇକୋର୍ଟରୁ ଦେଶୀୟ ଓକିଲ ଜଣେ, ରାଜାଙ୍କ ଉପରକୁ ଯେମନ୍ତ କଥା ନ ଯିବ ଏଥିପାଇଁ ତାଙ୍କ ସପକ୍ଷେ ବାରିଷ୍ଟର ଜଣେ ଦେୱାନ ସପକ୍ଷେ ବାରିଷ୍ଟର ଜଣେ ଏମାନେ ନିଜ ନିଜ ଶକ୍ତି ପର୍ଯ୍ୟନ୍ତେ ଲଢିଲେ ତଥାପି ଧନ୍ୟ ଗବର୍ଣ୍ଣମେଣ୍ଟ ଯେ ଜଣେ ପାଇକର ପ୍ରାଣକୁ ବହୁମୂଲ୍ୟ ଜ୍ଞାନ କରି ଆପଣାର Crown Prosecutor ଜଣେ ବାରିଷ୍ଟରଙ୍କୁ ପଠାଇ ମକଦମାକୁ ସଫଳ କରାଇଅଛନ୍ତି, ଏ ମକଦମା ଅପିଲ୍ ହୋଇ ହାଇକୋର୍ଟପର୍ଯ୍ୟନ୍ତେ ଯିବାର ସମ୍ଭବ ହୋଇଅଛି, ଫଳ କ ହେବ ଦେଖିବାରେ ଅଛିବ ।

ସନ ୧୮୭୪ ସମ୍ବତ୍ସର ନବମ୍ବର ମାସ ତା ୭ ଦିନ ବୁଧବାର }


## JUST PUBLISHED.

### A PRACTICAL HAND-BOOK OF THE URIYA OR ODIYA LANGUAGE, BY T. J. MALTBY, Esq., MADRAS C. S.

THE Book is intended to illustrate the URIYA language in the order of its importance, viz., in its colloquial, epistolary, and literary styles, and although primarily intend for foreigners learning URIYA, it is hoped that it will at the same time prove of assistance to URIYAS learning ENGLISH.

The Book consists of the following parts:—

PART I.—Containing INTRODUCTION, the URIYA alphabet clearly explained, and a short grammar of the language.

PART II.—DIALOGUES in ENGLISH, URIYA, and ROMAN upon the subjects of CULTIVATION, CUTCHERY, READING, and WRITING, RIDING, SHOOTING, TRAVELLING, and MISCELLANEOUS.

PART III.—URIYA DEPOSITIONS in ENGLISH and ROMANIZED URIYA.

PART IV.—URIYA official letters in ENGLISH and ROMANIZED URIYA.

PART V.—Containing the NITI KOTHA, a short collection of MORAL FABLES in ROMANIZED URIYA, together with English translation; also useful official terms, and the URIYA NUMERALS.

The whole is made as easy as possible, and the two first parts of the book (Introduction excepted) are in ENGLISH URIYA, and ROMANIZED URIYA, so as to assist the learner as much as possible in mastering the language, and removing any difficulties that he might otherwise meet with.

——o——

Price Bound in full cloth Rs. 5
Postage As. 8

„ For schools and students ordering 6 copies or more at a time. Bound in paper covers @ Rs. 2—8 post free.

WYMAN & Co. PUBLISHERS
*Hare street Calcutta.*


---

☞ ଏହି ଉତ୍କଳଦୀପିକା କଟକସହର ଦରଘାଟସାହିର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter
REGISTERED NO. 18


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଢ୧୦ଗ } ତା ୨୦ ରଖ ନବମ୍ବର ସନ ୧୮୭୫ ମସିହା । ମୁ । ମାର୍ଗଶିର ୬ ଦିନ ସନ ୧୨୮୩ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସ୪୭ଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୬
ମଫସଲ ପାଇଁ ଡାକମାସୁଲ ୪।୵

ବଡ ଆଶ୍ଚର୍ଯ୍ୟର ବିଷୟ ଯେ ଏବର୍ଷ ଏପର୍ଯ୍ୟନ୍ତ ଓଲାଉଠାରୋଗ ଏ ନଗରକୁ ପଦାର୍ପଣ କରି ନାହିଁ । ଶୀତକାଳରେ ଓଲାଉଠା ହେବା ଅନ୍ୟ କୌଣସି ବର୍ଷରେ ଦେଖା ନ ଥିଲା ତେବେ ବିଶେଷ ଏହିକି ଯେ ଅଦ୍ୟାପି ଶୀତ ପ୍ରାରମ୍ଭ ପଡ଼ି ନାହିଁ । ଶୀତ ଅଧିକ ହେଲେ ଏ ରୋଗ ଶାନ୍ତ ହେବାର ସମ୍ଭାବନା ଅଛି । ଏଣେ କାର୍ତ୍ତିକାନ୍ତ୍ୟର ଓ ଶରତ ଋତୁ ଅନ୍ତେ ପୋଡ଼ି ଗଲାଣି । ଅଧିକାଂଶ ଲୋକ ଜ୍ୱର, କାଶ ଇତ୍ୟାଦି ଭୋଗ କରୁଅଛନ୍ତି । ଏଥିରୁ ନଗରର ଅବସ୍ଥା ଯେରୂପ ମନ୍ଦ ହୋଇଅଛି ତାହା କହିବାର ନୁହଇ ବର୍ଷାପାଣି ଅଦ୍ୟାପି ନୀଚସ୍ଥାନରେ ଶୁଖି ନାହିଁ ଓ ଠାବରେ ଘରକାନ୍ଥ ଅଧେ ଯାଏ ଓଦା ରହିଅଛି । ଗଙ୍ଗାମନ୍ଦିର ପୋଖରୀରେ ଏକପ୍ରକାର ନୀଳ ଜାତ ହୋଇ ପଚି ଯିବାରୁ ତହିଁରୁ ଏମନ୍ତ ଦୁର୍ଗନ୍ଧ ବାହାରୁ ଅଛି ଯେ ସେ ବାଟଦେଇ ଚାଲିବା କଠିନ ଯେଉଁମାନେ ସେ ଅଞ୍ଚଳରେ ବାସ କରୁଅଛନ୍ତି ସେମାନେ ତ ବଡ଼ା ବଡ଼ ଭୋଗ କରୁ ଅଛନ୍ତି । ଏପରି ଅବସ୍ଥାରେ ଲୋକଙ୍କର ସ୍ୱାସ୍ଥ୍ୟରକ୍ଷା ହେବା କେବଳ ଦୈବୀ ବଳଉପରେ ନିର୍ଭର କରଇ । ହାକିମମାନେତ ଏସବୁ ପ୍ରତି ଦୃଷ୍ଟି ରଖୁନେ ନାହିଁ ଯେବେ ଜେଲଖାନା ଭିତରେ ଏ ଦୁର୍ଗନ୍ଧ ପ୍ରବେଶ କରିବ ତେବେ ଏହା ସେମାନଙ୍କର ନିଦ ଭାଙ୍ଗିପାରେ ।

---

ଆମ୍ଭେମାନେ ଶୁଣିଅଛୁଁ ଯେ ଖାସମହାଲ ବନ୍ଦୋବସ୍ତ ସମ୍ପର୍କରେ କମିଶ୍ୱରସାହେବ ଏ ନଗର ପ୍ରଜାଙ୍କ ଦରଖାସ୍ତ ଅଗ୍ରାହ୍ୟ କଲେ ହେଁ ବୋର୍ଡରେବନ୍ୟୁ ତହିଁରେ ସମ୍ପୂର୍ଣ୍ଣରୂପେ ସନ୍ତୁଷ୍ଟ ହୋଇ ନାହାନ୍ତି । ବୋର୍ଡ ଛୋଟ ହାକିମଙ୍କ ପରି ତରତରସ୍ପା ଓ ସ୍ୱମତର ପକ୍ଷପାତି ନୁହନ୍ତି । ସେଠାରେ ଯେତେ ହେଲେ ବହୁଦର୍ଶି ଓ ପରିପକ୍ୱ ହାକିମମାନେ ଅଛନ୍ତି । ସେମାନେ ଧୀରଭାବରେ ଚତୁର୍ଦ୍ଦିଗକୁ ଦୃଷ୍ଟି ରଖି ସର୍ବଦା ବିଚାର କରିବାକୁ ଯତ୍ନବାନ୍ ଏହି ହେତୁରୁ ପ୍ରଜାଙ୍କର ଆବେଦନ କରିବାର ଦେଖି ସେମାନେ ଅସନ୍ତୁଷ୍ଟ ଥିବାର ବୁଝିଅଛନ୍ତି ଓ ତହିଁର କାରଣ ଜାଣିବା ସକାଶେ କେତେକ ବିଷୟରେ ଛୋଟହାକିମଙ୍କଠାରୁ କୈଫିୟତ ତଲବ କରି ଅଛନ୍ତି ଓ ପ୍ରଜାମାନଙ୍କଠାରେ ଯେପରି ପଟ୍ଟା ଅଛି ତହିଁର ଆଦର୍ଶ ପଠାଇବା ସକାଶେ ଲେଖିଅଛନ୍ତି । ଏ ସଂବାଦଟି ନଗରବାସିଙ୍କ ପକ୍ଷରେ ଅତ୍ୟନ୍ତ ଶୁଭ ଅଟଇ ଓ ଏଥିରୁ ବୋଧ ହୁଅଇ ଯେ ବୋର୍ଡ ରେବନ୍ୟୁ କେବଳ ଛୋଟହାକିମଙ୍କର ଭ୍ରମାତ୍ମକ ଓ ସ୍ୱାର୍ଥସାଧକ ରିପୋର୍ଟରେ ନିର୍ଭର ନ ରହି ସ୍ୱୟଂ ସୁବିଚାର କରିବାକୁ ପ୍ରସ୍ତୁତ ଅଛନ୍ତି । ନଗରବାସିମାନଙ୍କର ଏଥର ଆଉ ବିଳମ୍ବ କରିବାର ସମୟ ନାହିଁ । ଶୀଘ୍ର ଆପଣା ଦୁଃଖ ବୋର୍ଡରେ ଜଣାଇଲେ ଏକାବେଳକେ ବିଚାର ହୋଇଯିବ ।

---

କମ୍ପେଇ ଗବର୍ଣ୍ଣମେଣ୍ଟ ଯୁବରାଜଙ୍କ ଆଗମନ ଉପଲକ୍ଷରେ ସରକାରୀ କଚେରିମାନ ବନ୍ଦକରିବା ବିଷୟରେ ଯେମନ୍ତ ଭ୍ରମ କରିଥିଲେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ସେପରି ଭ୍ରମରେ ନ ପଡ଼ିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ଆମ୍ଭମାନଙ୍କ ଲେପ୍‌ଟେନାଣ୍ଟ ଗବର୍ଣ୍ଣର ଆଜ୍ଞା ଦେଇଅଛନ୍ତି କି ଯୁବରାଜଙ୍କର କଲିକତାକୁ ଶୁଭାଗମନ କରିବା ସମ୍ମାନ ନିମନ୍ତେ ଏବ ସରକାରୀ କର୍ମକାରକଙ୍କୁ ସେ ସମୟରେ ସେଠାରେ ଉପସ୍ଥିତ ହେବାର ସୁଯୋଗ ନିମିତ୍ତ ବଙ୍ଗଳାରେ ଥିବା ସମସ୍ତ କଚେରୀ ଓ କାର୍ଯ୍ୟାଳୟମାନ ଆଗାମୀ ଡିସେମ୍ବରମାସ ତା ୨୩ ରିଖ ଗୁରୁବାରଠାରୁ ଜାନୁଆରିମାସ ତା ୩ ରିଖ ସୋମବାର ପର୍ଯ୍ୟନ୍ତ ବନ୍ଦ ରହିବ । ସମସ୍ତ ମହକୁମାର ସିବିଲ କର୍ମଚାରୀମାନେ ଯେଉଁମାନେ ଆପଣା ସଦର ମୁକାମରୁ ଅନ୍ତର ହେବାକୁ ବାଞ୍ଛା କରିବେ ଓ ଯାହାଙ୍କର କ୍ଷଣକାଳ ଅନୁପସ୍ଥିତରେ ସରକାରୀ କାର୍ଯ୍ୟର କୌଣସି ବ୍ୟାଘାତ ହୋଇ ନ ପାରିବ ଆପଣା ଉପରସ୍ଥ ହାକିମଙ୍କ ଲେଖା ଅନୁମତି ଘେନି ସେରୂପ କରି ପାରିବେ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଛୁଟିଦରଖାସ୍ତ ପଠାଇବାର କୌଣସି ପ୍ରୟୋଜନ ନାହିଁ । ଲେପ୍ଟେନାଣ୍ଟ ଗବର୍ଣ୍ଣର ଖୋଲିକରି ବୁଝାଇ ଦେଇ ଅଛନ୍ତି ଯେ ଏରୂପ ଛୁଟୀ ପାଇଲା ଉତ୍ତାରୁ କଲିକତାକୁ ଆସିବା ଅଥବା ଅନ୍ୟ ପ୍ରକାରରେ ଛୁଟୀର ବ୍ୟବହାର କରିବା ସମ୍ପୂର୍ଣ୍ଣରୂପେ ତାହା-

Digitized by srujanika@gmail.com

Split by PDF Splitter



ଙ୍କର ସ୍ୱେଚ୍ଛାଧୀନ ଅଟଇ । ସରୁ ଉଗଭର୍ଣ୍ଣମେଣ୍ଟ-ଲଙ୍କର ଏ ବିବେଚନାଟି ଯେ ଯଥାର୍ଥରୂପେ ବାଲୋଚିତ ହୋଇଅଛି ତହିଁରେ କିଛି ସନ୍ଦେହ ନାହିଁ ଓ ବୋଧ ହୁଅଇ କେବଳ ପୁରୀ ଓ କଟକହୁଡା ବଙ୍ଗଳାର ଅନ୍ୟ କୌଣସି ସ୍ଥଳର କର୍ମଚାରୀମାନେ ଏ ଛୁଟୀମଧ୍ୟରେ କଲିକତାକୁ ଆସି ଏ ଉତ୍ସବକାଳରେ ଯୋଗ ଦେବାକୁ ଅକ୍ଷମ ହେବେ ନାହିଁ କାରଣ ସେ ଅଞ୍ଚଳରେ ରେଲଗାଡି ଧୂଆଁକଳଜାହାଜ ଇତ୍ୟାଦିଦ୍ୱାରା କଲିକତା ସବୁ ସ୍ଥଳକୁ ନିକଟ ହୋଇଅଛି । ପୁରୀ ଓ କଟକ ତହିଁରୁ ବର୍ଜିତ । ପୂର୍ବରୁ ଜାହାଜ-ଘାଟେ କଲିକତା ଦୁଇଦିନର ଅନ୍ତର ହେଲେ ହେଁ ସେଠାକୁ ନିୟମିତରୂପେ ଜାହାଜ ଅସଇ ନାହିଁ ଓ କଟକ ଗଡବାଲିଠାରୁ ଛଅଦିନର ଅନ୍ତର ହେବାରୁ କଲିକତାରୁ ପାଞ୍ଚଦିନ ଛଡା-ରେ ପଡିଅଛି । ଏ ଦୁଇଜିଲା ସକାଶେ କିଛି ଅଧିକ ଛୁଟୀ ଦେଲେ ଅଥବା ଯେଉଁ କର୍ମଚାରୀ କଲିକତା ଯିବ ତାହାକୁ ଅଧିକା ଛୁଟୀ ଦେବାର ନିୟମ ହେଲେ ବଡ ଭଲ ହୁଅନ୍ତା । ସ୍ଥାନୀୟ ହାକିମମାନେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ଅମ୍ଭ-ମାନଙ୍କ ନିଃସନ୍ଦେହ ଜଣାଯାଏ ତାହା ଗ୍ରାହ୍ୟ ହୁଅନ୍ତା ।

---

ରାଜକୁମାରଙ୍କ ପରିଭ୍ରମଣ ।

ମହାମାନ୍ୟ ରାଜକୁମାର ଗତଭମାସ ତା ୮-ରିଖ ପର୍ଯ୍ୟନ୍ତ ବମ୍ବେଇ ନଗରରେ ରହି ନାନା-ପ୍ରକାର ଉତ୍ସବରେ ଯୋଗ ଦେଇଥିଲେ । ନାଚ-ତାମସା ଇତ୍ୟାଦି ନାନା ଆମୋଦ ପ୍ରମୋଦରେ ସମୟ ବ୍ୟୟ କଲେ । କୌଣସି ପ୍ରକାର ଶାରୀ-ରିକ ବା ମାନସିକ କ୍ଲେଶ ପାଇ ନାହାନ୍ତି । ଲୋକେ ଏହାଙ୍କୁ ସର୍ବଦା ସବଳ କାୟ ଓ ହୃଷ୍ଟ-ମନା ଦେଖି ଆନନ୍ଦିତ ହୋଇଥିଲେ । ବମ୍ବେଇ ବିଶ୍ୱବିଦ୍ୟାଳୟ ମେସନିକ ଲଜ ପ୍ରଭୃତିରୁ ଅଭି-ନନ୍ଦନପତ୍ରମାନ ଅର୍ପିତ ହୋଇଥିଲା ଓ ରାଜକୁ-ମାର ସେସବୁର ଯଥାଯୋଗ୍ୟ ଉତ୍ତର ପ୍ରଦାନ କରିଅଛନ୍ତି । ଦେଶୀୟ ରାଜାଙ୍କ ମଧ୍ୟରୁ ଯେଉଁ-ମାନେ ଅଧିକ ସମ୍ମାନର ପାତ୍ର ଅର୍ଥାତ୍ ଯାହାଙ୍କୁ ୧୭ତୋପ ବା ଅଧିକ ସଲାମି ଦିଆଯାଏ ରାଜକୁମାର ତାହାଙ୍କ ବସାକୁ ଯାଇ ସମ୍ଭାଷଣ କରିଥିଲେ ଓ ଅନ୍ୟାନ୍ୟ ରାଜାଙ୍କୁ ବମ୍ବେଇ ସେକ୍ରେଟରିଏଟ କା-ର୍ଯ୍ୟାଳୟକୁ ଆଣାଇ ସେହିଠାରେ ତାହାଙ୍କ ସହିତ ଆଳାପ କରିଥିଲେ । ପ୍ରଥମ ୨ ରାଜା-ମାନଙ୍କ ସହିତ ରାଜକୁମାରଙ୍କର ଭେଟି ଅଦାନ ପ୍ରଦାନ ହୋଇଥିଲା । ରାଜକୁମାରଙ୍କ ଦେବା ଭେଟି ମଧ୍ୟରେ ଛଇବାର ଗୁରୁକ ଦୂରବିନ ନସ୍ୟଦାନୀ ପୁସ୍ତକ ତଗମା ରାଜପରିବାରଙ୍କ ପ୍ରତି-ମୂର୍ତ୍ତି ପ୍ରଭୃତି ଥିଲା ଓ ରାଜାମାନେ ଯେଉଁ ଭେଟି ଦେଇଥିଲେ ତହିଁରେ ସୁବର୍ଣ୍ଣପାତ୍ର ବହୁଥରତ୍ନ-ଯଡିତ ଅଳଙ୍କାର ଅତର୍ଦାନ ପାନଦାନ ରୂପାର ବାସନ ଗଣ୍ଡାର ଚର୍ମର ଢାଲ ପ୍ରଭୃତି ଦ୍ରବ୍ୟମାନ ଥିଲା । ବମ୍ବେଇରେ ଉପସ୍ଥିତ ଥିବା ରାଜାଙ୍କ ମଧ୍ୟରେ ବରୋଦାର ଗୁଇକୁଆଁରଙ୍କ ସମ୍ମାନ ସବୁଠାରୁ ଅଧିକ ହୋଇଥିଲା ଓ ତହିଁ-ରେ ଯୋଧପୁରର ରାଜା କିଛି ବିରକ୍ତ ହେବାର ଜଣାଯାଇ ଥିଲା । ଅନ୍ୟାନ୍ୟ ଶ୍ରେଣୀର ଲୋକଙ୍କ ମଧ୍ୟରେ ମଧ୍ୟ ମର୍ଯ୍ୟାଦାର ନ୍ୟୂନାଧିକ ବିଷୟରେ କେତେକ ମନସ୍ତାପ ଜାତ ହୋଇ ଥିଲା । ଫଳତଃ ବୃହତ୍ ସମାରୋହରେ ଏପ୍ରକାର ଗଣ୍ଡ ଗୋଳ ଲଗିବାର ସାଧାରଣ ବିଧି ବୋଲି ଆମ୍ଭମାନଙ୍କୁ ଅନୁଭବ ହୁଅଇ ।

ବମ୍ବେଇରେ ରାଜକୁମାର ପାଞ୍ଚଦିନ ଅବସ୍ଥିତ କରି ଷଷ୍ଠଦିନ ଅର୍ଥାତ୍ ଗତଭମାସ ତା ୧୩ ରିଖ ଶନିବାର ପୁନା ନଗରକୁ ଯାତ୍ରା କଲେ ଓ ସେଠାରେ ସେହିଦିନ ଅପରାହ୍ନକାଳରେ ପ୍ରବେଶ ହେଲେ । ଏ ନଗରରେ ମଧ୍ୟ ଏହାଙ୍କ ଅ-ଭ୍ୟର୍ଥନା ନିମିତ୍ତ ଅନେକ ଆୟୋଜନ ହୋଇ ଥିଲା ଓ ଅଭିନନ୍ଦନପତ୍ର ଅର୍ପଣ କରି ତହିଁର ଉତ୍ତର ପ୍ରଦାନପୂର୍ବକ ଓ ସମାରୋହ ପୂର୍ବକ କୋଠିକୁ ପ୍ରସ୍ଥାନ କଲେ ।

---

ଓଡିଶାରେ ଯାତ୍ରାର ଅନୁଷ୍ଠାନ ।

ଗତ ପ୍ରକାଶିତ ବାଲେଶ୍ୱରସମ୍ବାଦବାହିକାରେ ଆମ୍ଭେମାନେ ନିମ୍ନଲିଖିତ ସମ୍ବାଦଟି ପାଠ କରି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଶାରଦୀୟ ଦୁର୍ଗାପୂଜା ଏ ବର୍ଷ ବାଲେଶ୍ୱରରେ କିରୂପେ ନିର୍ବାହିତ ହେଲା ତହିଁର ବିବରଣ ମଧ୍ୟରେ ସମ୍ପାଦକ ଲେଖିଅଛନ୍ତି ଯେ "ଏ ବର୍ଷ ମେଦିନୀପୁର ଅଞ୍ଚଳରୁ ୩୪ ଦଳ ଯାତ୍ରାବାଲା ଆସିଥିଲେ ମାତ୍ର ବାଲେଶ୍ୱରୀ ଓଡିଆମାନେ ନୂଆ ଶିଖି ଯେଉଁ ବଙ୍ଗଯାତ୍ରା କରିଥିଲେ ତାହା ସର୍ବୋତ୍କୃଷ୍ଟ ହୋଇ ଥିଲା । ସେମାନେ ଯେରୂପ ଉତ୍ସାହର ସହିତ ଯାତ୍ରା ଶିଖିଥିଲେ ସେହିପରି ଭଲ ମଧ୍ୟ କରିଅ-ଛନ୍ତି । ଏମାନେ ଚାରିଦିନରେ ପଞ୍ଚ ପ୍ରଧାନ ଜାଗାରୁ ଶତାଧିକ ଟଙ୍କା ଉପାର୍ଜନ କରିଅଛନ୍ତି ଏମାନେ ବଙ୍ଗଯାତ୍ରା ଯେପରି ଉତ୍ସାହର ସହିତ ଶିଖିଅଛନ୍ତି ସେହିପରି ନୂଆଅକ୍ଷରଣରେ ଓଡିଆ ଯାତ୍ରା ଶିଖିଥିଲେ ବଡ ଶୁଭ ହୁଅନ୍ତା ।"

ଆମ୍ଭେମାନେ ଏଥି ପୂର୍ବେ ଲେଖିଥିଲୁଁ ଯେ ଓଡିଶାରେ ବାଲେଶ୍ୱରବାସିମାନେ କିଛି ଅଧିକ ଆମୋଦପ୍ରିୟ ଓ ସେଠାରେ ନୃତ୍ୟ ଗାନର ମଜଲିସ ସବୁଠାରୁ ଭଲ ହୁଅଇ ମାତ୍ର ଉପର ଲିଖିତ ସମ୍ବାଦ ପାଠ କରି ସର୍ବସାଧାରଣ ଜାଣି ପାରିବେ ସଙ୍ଗୀତବିଦ୍ୟାର ଯଥାର୍ଥ ଉନ୍ନତି ସାଧନ କରି ବାଲେଶ୍ୱର ଲୋକମାନେ ଏବି-ଷୟରେ ଓଡିଶାରେ ଅଗ୍ରଗଣ୍ୟ ହୋଇଅଛନ୍ତି । ସେଠା ଓଡିଆମାନେ ସଂପ୍ରତି ବଙ୍ଗଯାତ୍ରାର ଅନୁଷ୍ଠାନ କରିବାଦ୍ୱାରା ଯଦ୍ୟପି କ ପ୍ରକୃତ ଉଦ୍ଦେଶ୍ୟ ସାଧନ କରିବାକୁ ସକ୍ଷମ ହୋଇ ନାହାନ୍ତି ତଥାପି ଉନ୍ନତପ୍ରଣାଳୀରେ ଯାତ୍ରା କରିବା ବ୍ୟବସାୟ ଆରମ୍ଭ କରି ତହିଁରେ ଫଳ ପ୍ରାପ୍ତ ହେବାରୁ ଅମ୍ଭମାନଙ୍କର ଆଶା ହେଉଅଛି ଯେ ଏଣିକି ତାହାଙ୍କର ଉତ୍ସାହ ବଢିବ ଓ ଏ ବ୍ୟବସାୟକୁ ଲାଭକର ଜାଣି ପାରି ଓଡିଶାବାସିଙ୍କ ମନୋର-ଞ୍ଜନ ନିମନ୍ତେ ଓଡିଆଭାଷାରେ ଯାତ୍ରା କରିବାକୁ ମଧ୍ୟ ପ୍ରବୃତ୍ତ ହେବେ । ସଂପ୍ରତି ଓଡିଶାରେ ଯାହା ଯାତ୍ରା ନାମରେ ବିଖ୍ୟାତ ହୋଇଅଛି ଓ ଯାହାକୁ ନିରୁପାୟ ହୋଇ ଭଦ୍ରଲୋକମାନେ ପର୍ବବିଶେଷରେ ଦେଖିବାକୁ ବାଧ୍ୟ ହୁଅନ୍ତି ତାହା ଅତ୍ୟନ୍ତ ଘୃଣିତ ଓ ତହିଁରୁ ଓଡିଆର ରୁଚିର ନିତାନ୍ତ କୁତ୍ସିତ ପରିଚୟ ପ୍ରାପ୍ତ ହୁଅଇ । ବଙ୍ଗଭାଷାରେ ହେଉ ପଛକେ ବାଲେଶ୍ୱରର ଓଡିଆମାନେ ଯେ ଏ ବ୍ୟବସାୟରେ ପ୍ରବୃତ୍ତ ହୋଇଅଛନ୍ତି ଏହାକୁ ଅମ୍ଭେମାନେ ଗୋଟିଏ ଶୁଭଲକ୍ଷଣ ବୋଲି ଅତ୍ୟନ୍ତ ଆଦର କରୁଅଛୁଁ । ଅମ୍ଭେମାନେ ଭରସା କରୁଁ ଯେ ଓଡିଶାବାସି-ମାନେ ଏହାଙ୍କୁ ପ୍ରଚୁରପରିମାଣରେ ଉତ୍ସାହିତ କରିବେ ଓ ସ୍ୱଦେଶାନୁରାଗୀ ମହାଶୟମାନେ ଏହାଙ୍କୁ ପରାମର୍ଶ ଦେଇ ଓଡିଆଯାତ୍ରା କରିବାକୁ ପ୍ରବୃତ୍ତ କରାଇବେ । ଶିକ୍ଷିତ ଓ ବୁଦ୍ଧିମାନ ଲୋକଙ୍କ ସାହାଯ୍ୟ ବିନା ଏସବୁ ବ୍ୟାପାର ସାଧିତ ହୋଇ ନ ପାରେ ଯାତ୍ରାକାରମାନେ ଯେରୂପ ଉପଯୋ-ଗିତା ଦେଖାଇଅଛନ୍ତି ତହିଁରେ ଅବଶ୍ୟ ପ୍ରତୀତ ହେଉଅଛି ଯେ ଏମାନେ ଯେମନ୍ତ ଶିକ୍ଷା ପାଇବେ ତଦନୁସାରେ କାର୍ଯ୍ୟ କରିବାକୁ ତ୍ରୁଟି କରିବେ ନାହିଁ କିନ୍ତୁ ଓଡିଆଭାଷାରେ କୌଣସି ଯାତ୍ରା ରଚନା କରିବା ଭଳି ବିଦ୍ୟା ଏମାନଙ୍କ ମଧ୍ୟରେ କାହାର ଅଛି କି ନାହିଁ ତାହା ଅମ୍ଭେ-ମାନେ ଜାଣି ନ ପାରୁଁ ଯେବେ ନ ଥାଏ ତେ-ବେ ସଙ୍ଗୀତପ୍ରିୟ ବିଦ୍ୱାନ୍ଲୋକଙ୍କ ସାହାଯ୍ୟ ବିନା କିପରି ଏମାନେ ଓଡିଆଯାତ୍ରା କରିପାରିବେ

Digitized by srujanika@gmail.com

Split by PDF Splitter



ଏଥିପାଇଁ ଆମ୍ଭେମାନେ କହୁଅଛୁଁ ଯେ ଶିକ୍ଷିତ ଲୋକଙ୍କ ଯତ୍ନ ଓ ଶ୍ରମ ଉପରେ ଏକଥା ନିର୍ଭର କରଇ ଓ ଯେ କେହି ନୂତନ ଓଡ଼ିଆ-ଯାହା ଏଠାରେ ଆରମ୍ଭ କରି ଦେବ ସେ ବ୍ୟକ୍ତି ଧନ୍ୟବାଦର ପାତ୍ର ହେବ ସନ୍ଦେହ ନାହିଁ ।

---

## ଓଡ଼ିଶାର କାରିଗର ।

ଗତବର୍ଷ ବାବତ୍ ଓଡ଼ିଶାର ସାଧାରଣ ଶାସନ ସମ୍ପର୍କୀୟ ବିଜ୍ଞାପନୀ ଉପରେ ଗବର୍ଣ୍ଣମେଣ୍ଟ ବଙ୍ଗାଲ ଯେଉଁ ମନ୍ତବ୍ୟ କଲିକତା ଗେଜେଟରେ ଛପାଇଥିଲେ ତହିଁର ଏକସ୍ଥାନରେ ଆମ୍ଭେମାନେ ଦେଖିଲୁଁ ଯେ ବିଦେଶରୁ ନାନାପ୍ରକାର ଶିଳ୍ପଜାତ ଦ୍ରବ୍ୟ ଆମଦାନୀ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେବାରୁ ଓଡ଼ିଶା କାରିଗରଙ୍କର ବିଶେଷ ଦୁରବସ୍ଥା ଘଟିଥିବାର କୌଣସି କଲେକ୍ଟର ଆପଣା ବିଜ୍ଞାପନାରେ ଲେଖିଥିଲେ ଓ ଗବର୍ଣ୍ଣମେଣ୍ଟ ତହିଁର ବିସ୍ତାରିତ ଅବସ୍ଥା ବୁଝିବା ପାଇଁ ମନ କଲାଇଥିଲେ । ମାତ୍ର ଆମ୍ଭମାନଙ୍କ କମିଶନର ସାହେବ ତହିଁରେ ଐକ୍ୟ ହେଲେ ନାହିଁ । ତାହାଙ୍କ ବିବେଚନାରେ ଓଡ଼ିଶାରେ ଶିଳ୍ପକାର୍ଯ୍ୟର ଉନ୍ନତି ହେଉଅଛି କାରିଗରମାନେ ଦୁଃଖ ପାଇବା ଅସମ୍ଭବ ଅଟଇ । ଏଥିର ଉଦାହରଣ ସ୍ୱରୂପ ସେ ଦେଖାଇଥିଲେ ଯେ ପୂର୍ବାପେକ୍ଷା ସୂତା ଓ ତମ୍ବା ଖାପର ଇତ୍ୟାଦି ଧାତୁ ଅଧିକ ପରିମାଣରେ ଆମଦାନୀ ହେଉଅଛି । କାରିଗରଙ୍କ କାମ ନ ଲାଗିଲେ ଏ ଦ୍ରବ୍ୟମାନ ଲୋକଙ୍କର ବ୍ୟବହାରରେ ଆସିବାର ନୁହଇ ସୁତରାଂ ଯେସ୍ଥଳେ ଏସବୁ ଦ୍ରବ୍ୟର ଖର୍ଚ୍ଚ ବଢ଼ୁଅଛି ସେସ୍ଥଳେ କାରିଗରମାନେ ପୂର୍ବଠାରୁ ଅଧିକ କାର୍ଯ୍ୟ ପାଉଅଛନ୍ତି ବୋଲିବାକୁ ହେବ ସେମାନଙ୍କର ଦୁରବସ୍ଥା ଘଟିଥିବା କଦାଚ ବିଶ୍ୱାସ ହୋଇ ନ ପାରେ । ପୂର୍ବେ କି ପରିମାଣରେ ଏସବୁ ଦ୍ରବ୍ୟ ଆସୁଥିଲା ଏବଂ ଏବେ କି ପରିମାଣରେ ଆସୁଅଛି ତାହା ନ ଜାଣିଲେ ଏ ଉଦାହରଣର ସାର୍ଥକତା ଆମ୍ଭେମାନେ ସମ୍ପାଦନ କରି ନ ପାରୁଁ ବୋଧ ହୁଅଇ କଷ୍ଟମ ଇଲକାର ତାଲିକାରୁ କମିଶନର ସାହେବ ଆପଣା ମତ ନିଶ୍ଚୟ କରିଥିବେ । ମାତ୍ର ତାହାଙ୍କ ରିପୋର୍ଟରୁ ଆସୁ ନ ଥିବା ସମୟରେ ଏସବୁ ଦ୍ରବ୍ୟ କି ପରିମାଣରେ ଆସୁଥିଲା ତହିଁର ତାଲିକା ଥିଲେ ସବିଶେଷ ଜଣା ପଡ଼ନ୍ତା । ବାସ୍ତବରେ ଯେବେ ଆମଦାନୀ ବଢ଼ିଥାଏ ତେବେ ତାହା ଏଠାରୁ ଅନ୍ୟସ୍ଥାନକୁ ଚାଲାଣ ଯାଉଅଛି କି ନାହିଁ ତହିଁର ଅନୁସନ୍ଧାନ ହେଲେ ଏଠା କାରିଗରଙ୍କର ଉପାୟ ବଢ଼ିଅଛି ଏମନ୍ତ ସିଦ୍ଧାନ୍ତ ହୋଇ ନ ପାରେ । ସହରର ଲୋକେ ଜାଣନ୍ତି ଯେ ବିଲାତିଲୁଗା ଆସିବାରୁ ଦେଶର ତନ୍ତୀମାନେ ନିରୁପାୟ ହୋଇ ରହିଲେ ଓ ଯେବେ ନାଳ ଓ ଚଷ କର୍ମ ଏ ଦେଶରେ ନ ଥାନ୍ତା ତେବେ ଏମାନଙ୍କର ବଞ୍ଚିବାର ଉପାୟ ନ ଥାନ୍ତା । ସୂତା ଆମଦାନୀଦ୍ୱାରା ଏମାନଙ୍କର ଅବସ୍ଥା ଭଲ ହେବାର ଥିଲେ ତନ୍ତୀମାନଙ୍କର ଅବସ୍ଥାର ସୁପରିବର୍ତ୍ତନ ଅବଶ୍ୟ ହୋଇଥାନ୍ତା ମାତ୍ର ସେରୂପ କିଛି ଦେଖିବାରେ ଆସୁ ନାହିଁ । ତନ୍ତୀମାନେ ଶସ୍ତା ସୂତା ପାଇ କେହି କେହି ଲୁଗା ବୁଣିବାର ବ୍ୟବସାୟ ରଖିଅଛନ୍ତି ଓ ଅନେକ ତନ୍ତୀ ବିଲାତି ସୂତା କିଣି ଲୁଗା ବୁଣୁଅଛନ୍ତି ସତ୍ୟ ମାତ୍ର ସେମାନଙ୍କର ପରିଶ୍ରମାନୁସାରେ ମୂଲ୍ୟ ମିଳୁ ନାହିଁ ସୁତରାଂ ଲୁଗା ବିକ୍ରୟ କରୁ କରୁ ସଦା ଅନ୍ନାଭାବରେ କାତର ଅଛନ୍ତି ଓ ଛଛଦନ ଟଣାଟଣି ହୋଇ ଯନ୍ତ୍ର ଦେଖନ୍ତି ଯେ କୌଣସିରୂପେ ଲାଭ ହେଲା ନାହିଁ ତହିଁ ଛାଡ଼ିଦେଉଅଛନ୍ତି । ଏଥିରୁ ଦେଖାଯାଏ ଯେ ସୂତା ବସ୍ତ୍ର ଆମଦାନୀ ହେବାରୁ ତନ୍ତୀଙ୍କର ମଙ୍ଗଳ ହୋଇ ନାହିଁ ବରଂ ଗୋଟିଏ ଅମଙ୍ଗଳ ହୋଇଅଛି କାରଣ ଶସ୍ତାରେ ସୂତା ପାଉ ନ ଥିଲେ ଏମାନେ ଏକାବେଳକେ ଏ ବ୍ୟବସାୟ ଛାଡ଼ିଦେଇ ଅନ୍ୟ ଉପାୟ ଦେଖନ୍ତେ ଲୋଭରେ ପଡ଼ି କ୍ଷତିଗ୍ରସ୍ତ ହୁଅନ୍ତେ ନାହିଁ । ଯେରୂପ ସୂତା ଆମଦାନୀଦ୍ୱାରା ତନ୍ତୀଙ୍କର ଅବସ୍ଥା ଭଲ ହୋଇ ନାହିଁ ସେହିପରି ତମ୍ବା ଖାପର ଇତ୍ୟାଦି ଆସିବାରୁ କଂସାରୀଙ୍କର ଭଲ ହୋଇ ନାହିଁ ଓ ଯେବେ କଂସାରୀଙ୍କ ଅବସ୍ଥା ତନ୍ତୀଙ୍କ ପରି ମନ୍ଦ ନୁହଇ ତେବେ ତହିଁର କାରଣ ବର୍ତ୍ତମାନର ଅଧିକ ଆମଦାନୀ ହେବା ନୁହଇ ମାତ୍ର ଭିନ୍ନ ଦେଶରୁ କଂସା ପିତ୍ତଳ ବାସନ ଆମଦାନୀ ନ ହେବା ଅଟଇ । ଆମ୍ଭେମାନେ ଅନୁସନ୍ଧାନ କରି ଦେଖିଅଛୁଁ ଯେ ତମ୍ବା ଖାପର ଇତ୍ୟାଦି ଆମଦାନୀ କରିବାରେ ଲାଭ ହେଉ ନାହିଁ ଓ ଏହି କାରଣରୁ ଏ ଦେଶର ପ୍ରାଚୀନ ବେପାରୀମାନେ ଏ ବାଣିଜ୍ୟ ଏକାବେଳକେ ରହିତ କରିଅଛନ୍ତି ଅର୍ଥାତ୍ ଏ ଦେଶ ବିକ୍ରୟ ସକାଶେ ଆଣନ୍ତି ନାହାନ୍ତି । ଯାହା ଏଠାରେ ବିକ୍ରୟ ହୁଅଇ ତାହା ଅନେକ ମହାଜନ ଅଳ୍ପାଳ୍ପ ପରିମାଣରେ ଆଣନ୍ତି ମାତ୍ର ସେମାନଙ୍କର ବସ୍ତୁର ଲାଭ ହୁଅଇ ନାହିଁ ଓ ଅନେକ ମହାଜନ ବାଧ୍ୟ ହୋଇ ବିନାଲାଭ ଅଥବା କିଞ୍ଚିତ୍ କ୍ଷତିରେ ବିକ୍ରୟ କରନ୍ତି । ଯେବେ କାରିଗରମାନେ କଂସା ପିତ୍ତଳ ଦ୍ରବ୍ୟ ଗଢ଼ିବାରେ ଲାଭ ପାଉଥାନ୍ତେ ତେବେ ଉକ୍ତ ଧାତୁ ସବୁର ଦର ଊଣା ହୁଅନ୍ତା ନାହିଁ । ଅନ୍ୟାନ୍ୟ କାରିଗରଙ୍କ ସମ୍ପର୍କରେ ମଧ୍ୟ ଏହିରୂପ ବୋଲାଯାଇ ପାରେ । ଫଳତଃ ଏ ପ୍ରଦେଶରେ ବୁଝିବାକୁ ଗଲେ କୃଷିକାରଙ୍କର ଅବସ୍ଥା ଭଲ ଦେଖାଯିବ ମାତ୍ର କାରିଗରଙ୍କ ଅବସ୍ଥା ବଡ଼ ମନ୍ଦ ଅଟଇ । ଅତଏବ ଆମ୍ଭେମାନେ ବିବେଚନା କରୁଁ ଯେ କଲେକ୍ଟରସାହେବ ପ୍ରକୃତ କଥା ଲେଖିଥିଲେ ଓ କମିଶନର ସାହେବ କିଛି ଅନୁସନ୍ଧାନ ନ କରି ଗୋଟିଏ ମନଗଢ଼ା କଥାଦ୍ୱାରା ତହିଁର ଅନ୍ୟଥା ପ୍ରକାଶ କରିବାରୁ କେବଳ ଗବର୍ଣ୍ଣମେଣ୍ଟଙ୍କୁ ଭ୍ରମରେ ପକାଇଲେ ଏମନ୍ତ ନୁହଇ କାରିଗରମାନଙ୍କର ଭାଗ୍ୟକୁ ଗବର୍ଣ୍ଣମେଣ୍ଟ ଯଦବା କୌଣସି ପ୍ରତୀକାର ଚିନ୍ତା କରନ୍ତେ ତହିଁରୁ ସେମାନଙ୍କୁ ବଞ୍ଚିତ କରାଇଲେ । ଗୋଟିଏ ପ୍ରଦେଶର ପ୍ରଧାନ ହାକିମଙ୍କ ପକ୍ଷରେ ଏ ପ୍ରକାର କାର୍ଯ୍ୟ କେମନ୍ତ ଅନିଷ୍ଟକର ତାହା ପାଠକମାନେ ଏଥିରୁ ଅନୁଭବ କରିବେ ।

## ସାପ୍ତାହିକ ସଂବାଦ ।

ଆମ୍ଭେମାନେ ଆନନ୍ଦର ସହିତ ଦେଖିଲୁଁ ଯେ ଗଙ୍ଗାମନ୍ଦିରର ପୁଷ୍କରିଣୀରୁ ଦଳ ଉଠାଇ ଦେବାର ବନ୍ଦୋବସ୍ତ ମାଜିଷ୍ଟ୍ରେଟ ସାହେବ କରି ଦେଉଅଛନ୍ତି । ଏଥିରେ ରୋଗ ଜାତ ହେବାର ଗୋଟିଏ ପ୍ରଧାନ କାରଣ ନିବାରିତ ହେବ ।

କଟକର ନୂତନ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ରେବନ୍ସ ସାହେବ ଏଠାରେ ପହୁଞ୍ଚି ଗତ ବୁଧବାରରୁ କାର୍ଯ୍ୟଭାର ଗ୍ରହଣ କଲେଣି । ରେବନ୍ସ ସାହେବ ଏଠାର ପୁରୁଣାପୁଲିସ କର୍ମଚାରୀ ଅଟନ୍ତି ।

ଗ୍ରାମ୍ସଲି କଲେକ୍ଟର ସାହେବ ପଟିଆ ଦର୍ପଣ ଇତ୍ୟାଦି ସ୍ଥାନରେ ଗସ୍ତ କରିବା ସକାଶେ ଯାଇଅଛନ୍ତି । ଶୁଣାଯାଏ ଏକସପ୍ତାହ ମଧ୍ୟରେ ଫେରି ଆସିବେ ।

ଏଥର କମିଶନର ସାହେବ ଦସମ୍ବର ମାସ ତା ୧୦ ରଖ ସରନ୍ତି ଗଡ଼ଜାତ ଗସ୍ତକୁ ଯାତ୍ରା କରିବେ ବୋଲି ଶୁଣାଯାଏ ଏବର୍ଷ ରାଜାମାନଙ୍କର ଗସ୍ତ କରିବାରେ ଏତେ ହେଳା କାହିଁକି?

ବଙ୍ଗାଲୋରରେ ବସନ୍ତରୋଗର ପ୍ରାଦୁର୍ଭାବ ଅତ୍ୟନ୍ତ ହେବାରୁ ଯୁବରାଜକୁମାର ସେଠାକୁ ଯିବାର ସ୍ଥଗିତ କଲେ । ଯୁବରାଜକୁମାର ତା ୧୫ ରଖରେ ପୁନାରୁ ବମ୍ବେଇକୁ ଯାତ୍ରା କଲେ । ତା୧୭ ରଖ-

Digitized by srujanika@gmail.com

Split by PDF Splitter



ରେ ବମ୍ବେଇରୁ ଜାହାଜରେ ଚଢି ପ୍ରସ୍ଥାନ କରିଥିବେ ମାତ୍ର କେଉଁ ସ୍ଥାନକୁ ଯିବେ ତାହା ପ୍ରକାଶ ପାଇ ନାହିଁ। ବଙ୍ଗାଳେଶ୍ୱର ଉପାଳମ୍ଭ ବଡ ମନ୍ଦ କହିବାକୁ ହେବ।

ପୁରୀରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯଥା;—

୧ ଅମ୍ଭେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଥିଲୁଁ ଯେ ମହାପ୍ରସାଦ ସମ୍ବନ୍ଧୀୟ ହୋଇ ନାହିଁ କେବଳ ଯାବତୀୟ କଙ୍ଗାଳ ଓ ସେଠାର୍ଥୀ ଓ ଗ୍ରାମ୍ୟ ଅନୁଚରମାନେ ସେବନ କରୁଅଛନ୍ତି। ତାହାର ପ୍ରତ୍ୟକ୍ଷ ପ୍ରମାଣ ଦେଖାଗଲା। ଏଠାରେ ଷୋଳଶାସନ ବ୍ରାହ୍ମଣମାନଙ୍କର ଏପରି ପ୍ରଥା ଅଛି ଯେ ସେମାନେ କାର୍ତ୍ତିକମାସ ଶୁକ୍ଳପକ୍ଷ ସପ୍ତମୀଦିନ ଆପଣା ମଧ୍ୟରେ ଚାନ୍ଦା କରି ହଜାର ହାରଣ ଟଙ୍କାର ଖଟଣି କରି ସମସ୍ତେ ଏକତ୍ରେ ମନ୍ଦିରମଧ୍ୟରେ ଭୋଜନ କରନ୍ତି ଏସନ ମହାପ୍ରସାଦ ପାପ୍ତ ଅସମ୍ଭବ ଥିବାରୁ ତାହା ନ ପାଇ ମିଷ୍ଟାନ୍ନ ଓ ଚୁଡାଘସା ଓଗେର କରି ପ୍ରାୟ ପାଞ୍ଚହଜାର ବ୍ରାହ୍ମଣ ଚୌଧୁରୀ ବିଶ୍ୱନାଥ ଦାସଙ୍କ ଗରଦ ନୂତନ କୋଠା ଘୁମସର ମଠରେ ଭୋଜନ କଲେ। ବିଦ୍ୟାସାଗରଙ୍କର ବିଦ୍ୟାସାଗେଶ୍ୱରି ବ୍ୟବସ୍ଥା ଏଥିପକ୍ଷେ ଖଟିଲା ନାହିଁ କି? ଯେତେବେଳେ ସେ ଆପଣା ବ୍ୟବସ୍ଥାକୁ ଆପଣା ଘରେ ଖଟାଇ ପାରି ନାହାନ୍ତି ଅନ୍ୟଠାରେ କିପରି ହୋଇପାରେ।

୨ ଏଥିପକ୍ଷକ ଯାତ୍ରାରେ ପ୍ରାୟ ପଞ୍ଚାଶହଜାର ଉତ୍କଳୀୟ ଓ ଦକ୍ଷିଣୀ ଯାତ୍ରୀ ହୋଇଥିଲେ ମାତ୍ର ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ଓ ମନ୍ଦିର କର୍ମଚାରୀଙ୍କ ବୈଶିଥିଲ୍ୟତା ଓ କର୍ମ ଅପଟୁତା ହେତୁ ଯାତ୍ରିମାନଙ୍କର ଦର୍ଶନ ଓ ଆହାର ପକ୍ଷେ ବିଶେଷ କ୍ଳେଶ ହୋଇଥିଲା। ମାତ୍ର ସ୍ଥାନୀୟ ହାକିମମାନେ ତାହା ଜାଣି ରହିଲେ ନାହିଁ।

ଇଣ୍ଡିଆନ୍ ଡେଲି ନ୍ୟୁଜ୍ ଶୁଣିଅଛନ୍ତି ଯେ ସିମଲା ନଗରର ସ୍ୱାସ୍ଥ୍ୟ ସମ୍ପାଦନ ଉନ୍ନତି କରିବା ଗବର୍ଣ୍ମେଣ୍ଟ ଇଣ୍ଡିଆ ପାଞ୍ଚଲକ୍ଷ ଟଙ୍କା ବ୍ୟୟ କରିବାକୁ ମନସ୍ଥ କରିଅଛନ୍ତି। ବର୍ଷମଧ୍ୟରେ ପ୍ରାୟ ମାସ ସାତ ଗବର୍ଣ୍ମେଣ୍ଟ ଇଣ୍ଡିଆ ସିମଲା ପର୍ବତରେ ଅବସ୍ଥିତି କରନ୍ତି ବୋଲି କି ସେ ସ୍ଥାନର ଏପରି ଭାଗ୍ୟ ହେଲା। ଆଉ କୌଣସି ନଗରର ସ୍ୱାସ୍ଥ୍ୟ ବର୍ଦ୍ଧନ ସକାଶେ ଗବର୍ଣ୍ମେଣ୍ଟ ଏପରି ଟଙ୍କା ଦେବାରତ ଦେଖା ଯାଇ ନାହିଁ।

ଅମେରିକାର ଲୋକମାନେ ସବୁ ବିଷୟରେ ପୃଥିବୀରେ ଶ୍ରେଷ୍ଠତା ଲାଭ କରିବାର ଦେଖାଯାଏ। ଏକ ରେଲ ବାଟରେ ଥିବା ଗୋଟିଏ କାଠର ପୁଲ ଅଗ୍ନି ସଂଯୋଗରେ ପୋଡିଯିବାରୁ ସେହି ସ୍ଥାନରେ ଗୋଟିଏ ଲୁହାର ପୁଲ ନିର୍ମାଣ ହୋଇଅଛି। ଏ ପୁଲଟି ୮୦୦ ଫୁଟ ଲମ୍ବା ଓ ନଦୀଉପରେ ୧୭୫ ଫୁଟ ଉଚ୍ଚରେ ରହିଅଛି। ଚାରିଗରମାନେ ଏହାକୁ ଏଗାର ସପ୍ତାହରେ ନିର୍ମାଣ କରିଥିଲେ!

ବମ୍ବେଇରେ ଯୁବରାଜଙ୍କର ଶୁଭାଗମନ ଉପଲକ୍ଷରେ ଅତିଶୟ ଭିଡ ହେବାରୁ ଏକ ଘୋଡ଼ାଗାଡିର ଭଡା ଦିନକୁ ୫୦ ଟଙ୍କା ହୋଇଥିଲା। ଲୋକମାନଙ୍କର ଦରମାହା ମଧ୍ୟ ଏହିପରି ବଢିଥିଲା। ଦରୋଦାର ଯୁବରାଜଙ୍କ ସ୍ୱର୍ଣ୍ଣ ନିର୍ମିତ ବଗିଚା ସକାଶେ ଜଣେ ଅଷ୍ଟ୍ରେଲିଆ ବାସୀ ଘୋଡମାନ ଦି ୧୫ ନ ଗୋଟି ୫୧୦୦୦ ଟଙ୍କାରେ ନିଯୁକ୍ତ ହୋଇଥିଲା।

ବ୍ଲୋଣ୍ଡିନ ନାମରେ ଜଣେ ଇଂରାଜ ବାଜିକର ଦୂର ଏକ ବର୍ଷ ତଳେ କଲିକତାକୁ ଆସି ଅନେକ ପ୍ରକାର ଚମତ୍କାର ବାଜି ଦେଖାଇଥିଲେ ସମ୍ପ୍ରତି ସମୁଦ୍ର ମଧ୍ୟରେ ଜାହାଜ ଚଳିବା ବେଳେ ମାସ୍ତୁଲ ଉପରେ ଚଢି ନାନାପ୍ରକାର ଖେଳିବା ଓ ଓଲଟିବାକୁ ଦେଖାଇ ଅଛନ୍ତି। ସମୁଦ୍ର ସେସମୟରେ ଗରମ ଥିବାରୁ ଜାହାଜ ଏମନ୍ତ ଟଳଟଳ ହେଉଥିଲା ଯେ ଲୋକେ ସ୍ଥିର ଓ ଛିଡା ହୋଇ ପାରୁ ନ ଥିଲେ ଓ ଜାହାଜର ଗତି ମଧ୍ୟ ଅତ୍ୟନ୍ତ ବେଗ ଥିଲା। ଏ ସମୟରେ ତାହାଙ୍କର ଏରୂପ କାର୍ଯ୍ୟ ଦେଖି ଲୋକେ ବିସ୍ମୟାପନ୍ନ ହେଲେ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ କୋର୍ଟଫିସ ଆଇନ ଶୀଘ୍ର ସଂଶୋଧିତ ହେବ। କେଉଁ ବିଷୟମାନଙ୍କରେ ସଂଶୋଧନ ହେବାର କଳ୍ପନା ହୋଇଅଛି ଅଦ୍ୟାପି ଜଣା ପଡି ନାହିଁ।

ଇଂରେଜର ଅଭିଷ୍ଟଣ୍ଟ ସ୍ମିଥସନ ସାହେବ ଓଡିଆଭାଷାରେ ପରୀକ୍ଷା ଦେଇ ଗବର୍ଣ୍ମେଣ୍ଟରୁ ଏକହଜାର ଟଙ୍କା ପାରିତୋଷିକ ପାଇଅଛନ୍ତି।

## JUST PUBLISHED.

### A PRACTICAL HAND-BOOK

OF THE

### URIYA OR ODIYA LANGUAGE,

BY T. J. MALTBY, Esq., Madras C. S.

The Book is intended to illustrate the Uriya language in the order of its importance, *viz.*, in its colloquial, epistolary, and literary styles, and although primarily intend for foreigners learning Uriya, it is hoped that it will at the same time prove of assistance to Uriyas learning English.

The Book consists of the following parts:—

Part I.—Containing Introduction, the Uriya alphabet clearly explained, and a short grammar of the language.

Part II.—Dialogues in English, Uriya, and Roman upon the subjects of Cultivation, Cutchery, Reading, and Writing, Riding, Shooting, Travelling, and Miscellaneous.

Part III.—Uriya Depositions in English and Romanized Uriya.

Part IV.—Uriya official letters in English and Romanized Uriya.

Part V.—Containing the Niti Kotha, a short collection of Moral Fables in Romanized Uriya, together with English translation; also useful official terms, and the Uriya Numerals.

The whole is made as easy as possible, and the two first parts of the book ( Introduction excepted ) are in English Uriya, and Romanized Uriya, so as to assist the learner as much as possible in mastering the language, and removing any difficulties that he might otherwise meet with.

—o—

Price Bound in full cloth Rs. 5

Postage As. 8

„ For schools and students ordering 6 copies or more at a time. Bound in paper covers @ Rs. 2—8 post free.

Wyman & Co. Publishers

*Hare street Calcutta.*

ମୂଲ୍ୟପ୍ରାପ୍ତି।

| | | | |
|---|---|---|---|
| ବାବୁ ବ୍ରଜକୁମାର ଘୋଷ | | ବକାୟା | ଟ ୨୧ |
| ମୁନସି ଇନାୟତ ହୋସେନ | କେନ୍ଦ୍ରାପଡା | ବକାୟା | ଟ ୪୧ |
| ବାବୁ ମଧୁସୂଦନ ପଟ୍ଟନାୟକ | ମହେଶ୍ୱର | ବକାୟା | ଟ ୧୧୫ |
| ବାବୁ ଭଗତ ମହାନ୍ତି | ଗୋରଥା | „ | ଟ୧୦।୵୰ |
| ବାବୁ ରଘୁନାଥ ଘୋଷ | କଟକ | „ | ଟ୨୧ |

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com